ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୮/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, June 28/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 213 | ମୂଲ୍ୟ ₹୭/-


DSPL-118

ଓଡ଼ିଶା ସରକାର

# ଏକାମ୍ର ପ୍ରକଳ୍ପର ଭୂମିପୂଜନ

## ବୁଧବାର, ୨୮ ଜୁନ ୨୦୨୩, ଦିବା ୧୦ ଘଟିକା, ଭୁବନେଶ୍ୱର



### ଏକାମ୍ର ପ୍ରକଳ୍ପର ବୈଶିଷ୍ଟ୍ୟ

- ଏକାମ୍ର ପ୍ରକଳ୍ପର ସ୍ଥାପତ୍ୟ, ପ୍ରତ୍ନତାତ୍ତ୍ୱିକ ଏବଂ ପ୍ରାଚୀନ ଐତିହ୍ୟର ପୁନରୁଦ୍ଧାର ।
- ଯାନବାହାନ ଯାତାୟତ ସୁବିଧା ପାଇଁ ୧୨–୧୮ ମିଟର ଚଉଡ଼ା ବିଶିଷ୍ଟ ମିଶ୍ରିତ ଟ୍ରାଫିକ ଲେନ୍ ନିର୍ମାଣ ।
- ପଥଚାରୀଙ୍କ ଗମନାଗମନ ପାଇଁ ୪–୧୦ ମିଟର ଚଉଡ଼ା ଚଲାପଥ ନିର୍ମାଣ ।
- ଏକାମ୍ର କ୍ଷେତ୍ରରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପାର୍କିଂ ସୁବିଧା ବାହ୍ୟପାର୍ଶ୍ୱକୁ ସ୍ଥାନାନ୍ତରଣ ।
- ଭକ୍ତ ମାନଙ୍କ ସୁବିଧାଜନକ ସମାଗମ ପାଇଁ ପରସ୍ପର ସଂଯୋଗୀ ଖୋଲା ସ୍ଥାନ ସୃଷ୍ଟି ।
- ତୀର୍ଥଯାତ୍ରୀଙ୍କ ସାମଗ୍ରୀ ରଖିବା ପାଇଁ ୩୦୦ ବର୍ଗ ମିଟର ଜାଗାର ବ୍ୟବସ୍ଥା ।
- ଜରୁରୀକାଳୀନ ସେବା ଏବଂ ସୁବିଧା ନିମନ୍ତେ ୧୬୦୦ ବର୍ଗ ମିଟରର ଏକ ସୂଚନା ଏବଂ ନିୟନ୍ତ୍ରଣ କେନ୍ଦ୍ରର ବିକାଶ ।
- ବିନ୍ଦୁସାଗର ଚାରିପଟେ ପଦଚାରୀଙ୍କ ପରିଭ୍ରମଣ ତଥା ରୀତିନୀତି ନିମନ୍ତେ ଏକ ସ୍ୱତନ୍ତ୍ର ଚଲାପଥ ନିର୍ମାଣ ।

ବିଭିନ୍ନ ଟିଭି ଚ୍ୟାନେଲ / ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏହି ଐତିହାସିକ ଶିଳାନ୍ୟାସର ସିଧା ପ୍ରସାରଣ ଦେଖିବା ପାଇଁ ବହୁ ସଂଖ୍ୟାରେ ଯୋଡ଼ି ହୁଅନ୍ତୁ ।

ୱେବ ପ୍ରସାରଣ ଦେଖିବା ପାଇଁ ଅନୁସରଣ କରନ୍ତୁ

| ୟୁଟ୍ୟୁବ୍ | ଟ୍ୱିଟର | ଫେସବୁକ |
| --- | --- | --- |
| | https://twitter.com/ SLTA_Lingaraj | Shree Lingaraj Temple Office, Bhubaneswar |

OIPR - 34161/13/0028/2324

## ଦୀପାବଳିରେ ନ୍ୟୁୟର୍କ ସ୍କୁଲ ଛୁଟି

**ନ୍ୟୁୟର୍କ,୨୭।୬:** ଏଣିକି ଦୀପାବଳି ଅବସରରେ ନ୍ୟୁୟର୍କରେ ସମସ୍ତ ସ୍କୁଲ ଛୁଟି ହେବା ନେଇ ସୋମବାର ମେୟର ଏରିକ୍ ଆଡାମ୍ସ ଘୋଷଣା କରିଛନ୍ତି। ନ୍ୟୁୟର୍କରେ ବ୍ରୁକ୍‌ଲିନ୍ କୁଇନ୍ସ ହଲିଡେ ବଦଳରେ ଦୀପାବଳି ଛୁଟି ପାଳନ କରାଯିବ। ପ୍ରତିବର୍ଷ ନ୍ୟୁୟର୍କରେ ଅନେକ ଲୋକ ଦୀପାବଳି ପାଳନ କରନ୍ତି। ଏ ନେଇ ଏରିକ୍ ଟୁଇଟରରେ ଏକ ପୋଷ୍ଟ ମଧ୍ୟ ଶେୟାର କରିଛନ୍ତି। ଏ ସମ୍ପର୍କିତ ଆଗତ ବିଲ୍‌ରେ ଗଭର୍ନର କାଥି ହୋଚୁଲ୍ ସହମତି ପ୍ରଦାନ କରି ସ୍ୱାକ୍ଷର କରିବେ ବୋଲି ଆଶା ଥିବା ଏରିକ୍ କହିଛନ୍ତି।

## ନୋବେଲ ବିଜେତା ବୈଜ୍ଞାନିକ ଜନ୍ ଗୁଡ୍‌ଏନଫ୍‌ଙ୍କ ପରଲୋକ

**ୱାଶିଂଟନ୍,୨୭।୬:** ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିବା ଜନ୍ ଗୁଡ୍‌ଏନଫ୍‌ଙ୍କ ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ରବିବାର ଜନ୍‌ଙ୍କ ମୃତ୍ୟୁ ନେଇ ୟୁନିଭର୍ସିଟି ଅଫ୍ ଟେକ୍ସାସ୍ ପକ୍ଷରୁ ସୂଚନା ଦିଆଯାଇଛି। ଲିଥିୟମ୍-ଆୟନ୍ ବ୍ୟାଟେରି ଉଦ୍ଭାବନ କରିବା ନେଇ ଜନ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ରେ ଜନ୍ ଇଞ୍ଜିନିୟରିଂ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଜନ୍ ଅତି ବୁଦ୍ଧିମାନ ବୈଜ୍ଞାନିକ। ତାଙ୍କ ଉଦ୍ଭାବନ ଦ୍ୱାରା ବିଶ୍ୱବାସୀ ଆଜି ଉପକୃତ ବୋଲି ଅଷ୍ଟିନ୍‌ର ୟୁନିଭର୍ସିଟି ଅଫ୍ ଟେକ୍ସାସ୍ ଅଧ୍ୟକ୍ଷ ଜୟ୍ ହାର୍ଟଜେଲ କହିଛନ୍ତି।



## ଦୁର୍ଦ୍ଧାନ୍ତ ଗୁଫ୍ରାନ୍‌ଙ୍କୁ ଏନ୍‌କାଉଣ୍ଟର

**ଲକ୍ଷ୍ନୌ, ୨୭।୬:** ଉତ୍ତର ପ୍ରଦେଶ କୌଶାମ୍ବୀ ଜିଲାରେ ମଙ୍ଗଳବାର ଦୁର୍ଦ୍ଧାନ୍ତ ଅପରାଧୀ ଗୁଫ୍ରାନଙ୍କର ପୋଲିସ ଏନ୍‌କାଉଣ୍ଟରେ ମୃତ୍ୟୁ ଘଟିଛି। ଗୁଫ୍ରାନ୍ ବହୁ ଆପରାଧିକ କାରବାରରେ ଲିପ୍ତ ଥିବାବେଳେ ଏକାଧିକ ହତ୍ୟା ଓ ଡକାୟତି ମାମଲାରେ ପୋଲିସ ତାଙ୍କୁ ୱାଣ୍ଟେଡ୍ ବୋଲି ଘୋଷଣା କରିଥିଲା। ଭୋର ୫ଟାବେଳେ ଉତ୍ତର ପ୍ରଦେଶ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଟିମ୍ କୌଶାମ୍ବୀରେ ସର୍ଚ୍ଚ ଅଭିଯାନ ଆରମ୍ଭ କରିଥିଲା। ତଲାସିବେଳେ ଗୁଫ୍ରାନ୍ ଓ ତାଙ୍କ ଟିମ୍ ପ୍ରଥମେ ପୋଲିସ ଉପରକୁ ଗୁଳି ମାଡ଼ କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିଯୋଗ ହୋଇଥିଲା। ପୋଲିସ ଗୁଳିରେ ଗୁଫ୍ରାନ୍ ଆହତ ହେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।



# ଦେଶରେ ୨ଟି ଆଇନ ଚାଲିବନି

## ୟୁସିସି ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କଲେ ମୋଦି

**ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଭାରତର ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ ପ୍ରଚଳନ କରିବା ହେଉଛି ୟୁନିଫର୍ମ ସିଭିଲ୍ କୋଡ୍ ବା ଏକକ ଦେୱାନୀ ସଂହିତା (ୟୁସିସି)। ନିକଟରେ ୨୧ତମ ଆଇନ କମିଶନ ୟୁସିସି ଉପରେ ବିଭିନ୍ନ ପକ୍ଷ, ଧର୍ମୀୟ ସଂସ୍ଥା ଓ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବା ପରଠୁ ଏହି ପ୍ରସଙ୍ଗରେ ଚର୍ଚ୍ଚା ଜୋର୍ ଧରିଛି। ବିରୋଧୀ ଦଳଗୁଡ଼ିକ ଏହା ଉପରେ ପ୍ରଶ୍ନ ଉଠାଉଥିବାବେଳେ ସେମାନେ ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ କରି ଉସୁକାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି।**

ନୂଆଦିଲ୍ଲୀ,୨୭।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଏକକ ଦେୱାନୀ ସଂହିତା (ୟୁସିସି) ସପକ୍ଷରେ ଦୃଢ଼ ମତ ରଖିଛନ୍ତି। ଡିସେମ୍ବରରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭୋପାଳରେ 'ମେରା ବୁଥ୍ ସବ୍‌ସେ ମଜବୁତ୍' କ୍ୟାମ୍ପେନ୍ ବେଳେ ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରି ମୋଦି



ନରେନ୍ଦ୍ର ମୋଦି

କହିଛନ୍ତି, ଗୋଟିଏ ପରିବାରରେ ଯେପରି ଭିନ୍ନ ଭିନ୍ନ ନିୟମ ଚାଲେନାହିଁ, ସେହିପରି ଦେଶରେ ମଧ୍ୟ ୨ଟି ଆଇନ ଚାଲିପାରିବ ନାହିଁ। ମୁସଲମାନଙ୍କୁ ବୁଝିବାକୁ ପଡ଼ିବ ଯେ, ସେମାନଙ୍କୁ କେଉଁ ରାଜନୈତିକ ଦଳ ଉସୁକାଉଛି ଓ ନିଜ ସ୍ୱାର୍ଥ ପାଇଁ ଧ୍ୱଂସ କରୁଛି। ସମ୍ବିଧାନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ଏକ ସମାନ ନାଗରିକ ସଂହିତା ପ୍ରଣୟନ ଲାଗି ପରାମର୍ଶ ଦେଇଛନ୍ତି। ନିଷିଦ୍ଧ ଘୋଷିତ 'ତିନି ତଲାକ୍' ଇସ୍‌ଲାମ୍‌ର ଅବିଚ୍ଛେଦ୍ୟ ଅଙ୍ଗ କି? ଇଜିପ୍ଟ, ଇଣ୍ଡୋନେସିଆ, କାତାର, ଜୋର୍ଡାନ୍, ସିରିଆ, ବାଂଲାଦେଶ ଓ ପାକିସ୍ତାନ ଭଳି ମୁସଲମାନ ବହୁଳ ଦେଶଗୁଡ଼ିକରେ 'ତିନି ତଲାକ୍' ଦିଆଯାଉ ନାହିଁ। ଇଜିପ୍ଟର ମୋଟ ଜନସଂଖ୍ୟାର ୯୦% ହେଉଛନ୍ତି ସୁନ୍ନି ମୁସଲମାନ। ସେଠାରେ ୮୦-୯୦ ବର୍ଷ ପୂର୍ବେ ଟ୍ରିପଲ୍ ତଲାକ୍ ଉଚ୍ଛେଦ ହୋଇସାରିଛି। ଭାରତରେ ଯେଉଁମାନେ ଏହା ସପକ୍ଷରେ ଓକିଲାତି କରୁଛନ୍ତି, ସେମାନେ ଭୋଟବ୍ୟାଙ୍କ ପାଇଁ ଭୋକିଲା ଅଛନ୍ତି। ସେମାନେ ମୁସଲମାନ ଝିଅମାନଙ୍କ ସହ ଅତି ଅନ୍ୟାୟ କରୁଛନ୍ତି। ମୁଁ ଯେଉଁଠାକୁ ଗଲେ ବି ମୁସଲମାନ ଭଉଣୀ ଓ ଝିଅମାନେ ଭାଜପାକୁ ସମର୍ଥନ କରୁଛନ୍ତି। ଭାଜପାକୁ ଟାର୍ଗେଟ କରୁଥିବା ଲୋକେ ଯଦି ପ୍ରକୃତରେ ମୁସଲମାନଙ୍କ ଶୁଭଚିନ୍ତକ ହୋଇଥାନ୍ତେ, ତେବେ ଏହି ସମ୍ପ୍ରଦାୟର ଅଧିକାଂଶ ପରିବାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଏତେ ପଛାଇ ନ ଥାନ୍ତେ ବୋଲି କଂଗ୍ରେସକୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ୟୁସିସି ମନ୍ତବ୍ୟ ପରେ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଦଳ ଡିଏମ୍‌କେ କହିଛି, ୟୁସିସି ପ୍ରଥମେ ହିନ୍ଦୁଙ୍କଠାରେ ଲାଗୁ ହେବା ଉଚିତ। ଏହା ପରେ ହିନ୍ଦୁମାନେ ମନ୍ଦିରଗୁଡ଼ିକରେ ପ୍ରାର୍ଥନା କରିବାକୁ ଏସ୍‌ସି/ଏସ୍‌ଟିଙ୍କ ସମେତ ସବୁ ଜାତିର ଲୋକଙ୍କୁ ଅନୁମତି ପ୍ରଦାନ କରନ୍ତୁ। ଆମେ ୟୁସିସି ଚାହୁଁନାହୁଁ। କାରଣ ସମ୍ବିଧାନ ସବୁ ଧର୍ମକୁ ସୁରକ୍ଷା ଦେଇଛି ବୋଲି ଡିଏମ୍‌କେ ନେତା ଟିକେଏସ୍ ଏଲାଙ୍ଗୋଭାନ୍ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରଥମେ ଦେଶରେ ଲାଗିରହିଥିବା ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ଓ ବେରୋଜଗାରି ଉପରେ ଉତ୍ତର ଦିଅନ୍ତୁ। ସେ ମଣିପୁର ପ୍ରସଙ୍ଗରେ କିଛି କୁହନ୍ତି ନାହିଁ। ସାରା ରାଜ୍ୟ ଜଳୁଛି। ଏହି ସବୁ ପ୍ରସଙ୍ଗ ଉପରୁ ମୋଦି ଲୋକଙ୍କ ଧ୍ୟାନ ହଟାଉଛନ୍ତି। ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱାଇସି କହିଛନ୍ତି, ମୋଦି ସରକାର ୟୁସିସି ନାମରେ ଦେଶର ବହୁଳବାଦକୁ ଛଡ଼ାଇନେବାକୁ ବସିଛନ୍ତି। ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ବିଜୟ କୁମାର ଚୌଧରୀ କହିଛନ୍ତି, ମୋଦି ସାମ୍ପ୍ରଦାୟିକ ଧ୍ରୁବୀକରଣ ପାଇଁ ୟୁସିସି ଉପରେ ହାତ ମାରୁଛନ୍ତି। ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ୟୁସିସି ହେଉଛି ଭାରତୀୟ ସମ୍ବିଧାନର ଡିରେକ୍ଟିଭ୍ ପ୍ରିନ୍ସିପଲ୍ସର ଏକ ଅଂଶ। ବିରୋଧୀ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଏହାକୁ ବଢ଼ାଇଚଢ଼ାଇ ପ୍ରସଙ୍ଗ କରୁଛନ୍ତି।

# ଖବରଦାତାଙ୍କୁ ଟ୍ରୋଲ୍‌ର ନିନ୍ଦାକଲା ହ୍ୱାଇଟ୍ ହାଉସ୍

ୱାଶିଂଟନ୍,୨୭।୬

ଆମେରିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସଂଖ୍ୟାଲଘୁଙ୍କ ଅଧିକାର ଉପରେ ପ୍ରଶ୍ନ କରିଥିବା ଜଣେ ମହିଳା ଖବରଦାତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରିବା ଗ୍ରହଣୀୟ ନୁହେଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ନିନ୍ଦା କରାଯାଇଛି। ଗତ ସପ୍ତାହରେ ମୋଦି ଆମେରିକା ଗସ୍ତ କରିଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଥିବାବେଳେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲ (ଡବ୍ଲ୍ୟୁଏସ୍‌ଜେ)ର ରିପୋର୍ଟର ସର୍ବିନା ସିଦ୍ଦିକି ମୋଦିଙ୍କୁ ପ୍ରଶ୍ନ କରିଥିଲେ, ଭାରତରେ ସଂଖ୍ୟାଲଘୁମାନଙ୍କ ଅଧିକାରଗୁଡ଼ିକର ସ୍ଥିତି କ'ଣ? ଏଥିରେ ଉନ୍ନତି ଆଣିବା ଏବଂ ଅଭିବ୍ୟକ୍ତି ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଆପଣଙ୍କ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ସର୍ବିନା ପଚାରିଥିଲେ। ମୋଦି କହିଥିଲେ, ଗଣତନ୍ତ୍ର ଓ ମାନବ ଅଧିକାର ଉପରେ ଭାରତର ରେକର୍ଡ ଏବଂ ଆମ ସରକାରର ପ୍ରଦର୍ଶନ ବହୁତ ଭଲ। ଆମ ସରକାର 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ରେ ବିଶ୍ୱାସ କରେ। ଭାରତ ଏକ ଗଣତନ୍ତ୍ର ଏବଂ ବାଇଡେନ୍‌ଙ୍କ ମତରେ ଉଭୟ ଦେଶର ଡିଏନ୍‌ଏରେ ଗଣତନ୍ତ୍ର ରହିଛି। ଗଣତନ୍ତ୍ର ଆମ ଧମନିରେ ପ୍ରବାହିତ ହେଉଛି। ଆମେ ଗଣତନ୍ତ୍ରରେ ବସବାସ କରୁଛୁ। ଆମ ପୂର୍ବପୁରୁଷମାନେ ଏହାକୁ ଲିପିବଦ୍ଧ କରିଛନ୍ତି, ଯାହାକୁ ଆମେ ସମ୍ବିଧାନ ବୋଲି କହୁ। ଅନ୍ୟପକ୍ଷେ ମୋଦିଙ୍କୁ ପ୍ରଶ୍ନ କରିଥିବାରୁ ଏହାର ଦିନକ ପରେ ସର୍ବିନାଙ୍କୁ ଅନ୍‌ଲାଇନରେ ଦୁର୍ବ୍ୟବହାରର ଶିକାର ହେବାକୁ ପଡ଼ିଥିଲା। କେତେଜଣ ୟୁଜର ଏହି ପ୍ରଶ୍ନକୁ 'ଉଦ୍ଦେଶ୍ୟ ପ୍ରଣୋଦିତ' କହି ତାଙ୍କୁ ଜଣେ 'ପାକିସ୍ତାନୀ ଇସ୍‌ଲାମିଷ୍ଟ' ରୂପେ ଅଭିହିତ କରିଥିଲେ।

ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି କାରିନ୍ ଜିନ୍-ପିଏରେ ଏନେଇ କହିଛନ୍ତି, ଆମେ ହ୍ୱାଇଟ୍ ହାଉସ୍‌ରେ ରହିଛୁ। ଏହାର ପ୍ରଶାସନ ଅଧୀନରେ ଆମେ ଗଣମାଧ୍ୟମର ସ୍ୱାଧୀନତା ପ୍ରତି ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ଗତ ସପ୍ତାହରେ ଆମେ ପ୍ରେସ୍ କନ୍‌ଫରେନ୍ସ କରାଇଥିଲୁ। ଜଣେ ଖବରଦାତା ନିଜ କର୍ତ୍ତବ୍ୟ ପାଳନ କରିବାବେଳେ ତାଙ୍କୁ ହଇରାଣ କରିବା ନିନ୍ଦନୀୟ। ଆମେରିକାର ରଣନୈତିକ ଯୋଗାଯୋଗ ପାଇଁ ଜାତୀୟ ସୁରକ୍ଷା ପରିଷଦ କୋ-ଅର୍ଡିନେଟର ଜନ୍ କିର୍ବିଙ୍କୁ ସୋମବାର ଏନେଇ ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କିର୍ବି କହିଥିଲେ, ମହିଳା ଖବରଦାତାଙ୍କୁ ହଇରାଣ କରାଯିବା ବିଷୟରେ ଆମେ ଅବଗତ ଅଛୁ। ଏହା ଗ୍ରହଣୀୟ ନୁହେଁ। କୌଣସି ସ୍ଥାନରେ କୌଣସି ପରିସ୍ଥିତିରେ ଖବରଦାତାମାନଙ୍କୁ ହଇରାଣ କରାଯିବା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ। ଗତ ସପ୍ତାହରେ ରାଜକୀୟ ଗସ୍ତ ବେଳେ ଦର୍ଶାଯାଇଥିବା ଗଣତାନ୍ତ୍ରିକ ସିଦ୍ଧାନ୍ତର ଏହା ପରିପନ୍ଥୀ। ଇତିମଧ୍ୟରେ ସାଉଥ୍ ଏସିଆନ୍ ଜର୍ନାଲିଷ୍ଟ ଆସୋସିଏଶନ୍ (ଏସ୍‌ଏଜେଏ) ମଧ୍ୟ ସର୍ବିନାଙ୍କୁ ସମର୍ଥନ କରିଛି। ପ୍ରେସ୍ ସ୍ୱାଧୀନତା ହେଉଛି ଗଣତନ୍ତ୍ରର ବୈଶିଷ୍ଟ୍ୟ ଏବଂ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନେତୃତ୍ୱ ନେଉଛନ୍ତି। ସର୍ବିନା ତାଙ୍କୁ ପ୍ରଶ୍ନ କରି ନିଜ କର୍ତ୍ତବ୍ୟ ପାଳନ କରିଛନ୍ତି ବୋଲି ଏସ୍‌ଏଜେଏ ପକ୍ଷରୁ ଟୁଇଟ୍ କରାଯାଇଛି।

### ମୋଦିଙ୍କୁ କରିଥିଲେ ପ୍ରଶ୍ନ



ସର୍ବିନା ସିଦ୍ଦିକି

# ଉଡ଼ନ୍ତା ବିମାନରେ ମଳତ୍ୟାଗ କରି ଯାତ୍ରୀ ଗିରଫ

ନୂଆଦିଲ୍ଲୀ,୨୭।୬

ମୁମ୍ବାଇ-ଦିଲ୍ଲୀ ଏୟାର ଇଣ୍ଡିଆ ବିମାନ ଏଆଇସି ୮୬୬ରେ ଗତ ୨୪ ତାରିଖରେ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଉଡ଼ନ୍ତା ବିମାନର ଫ୍ଲୋର୍‌ରେ ମଳତ୍ୟାଗ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ବିମାନରେ ରାମ ସିଂଙ୍କ ସିଟ୍ ନମ୍ବର ୧୭ଏଫ୍ ଥିଲା। ରାମଙ୍କ ଏପ୍ରକାର ବ୍ୟବହାର ପାଇଁ ଅନ୍ୟମାନଙ୍କ ଯାତ୍ରାରେ ବିଭ୍ରାଟ ସୃଷ୍ଟି ହେବା ନେଇ କ୍ୟାବିନ୍ କ୍ରିୟୁ ତାଙ୍କୁ ସତର୍କ କରାଇଥିଲେ। ପାଇଲଟ-ଇନ୍ କମାଣ୍ଡଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ କମ୍ପାନୀକୁ ଏ ସମ୍ପର୍କରେ ତୁରନ୍ତ ସୂଚନା ଦିଆଯାଇଥିଲା। ବିମାନ ଦିଲ୍ଲୀ ଏୟାରପୋର୍ଟରେ ଅବତରଣ କଲାପରେ ବିମାନବନ୍ଦର କର୍ତ୍ତୃପକ୍ଷ ରାମଙ୍କୁ ଅଟକ ରଖି ଥାନାକୁ ନେଇଯାଇଥିଲେ। ରାମଙ୍କ ବିରୋଧରେ ମାମଲା ରୁଜୁ ପରେ ଗିରଫ କରାଯାଇଥିବା ପୋଲିସ କହିଛି। ଗତ ବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ବିମାନରେ ଜଣେ ଯାତ୍ରୀ ନିଶାସକ୍ତ ଅବସ୍ଥାରେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ।

## ୫ ଲୁଟେରାଙ୍କୁ ଧରିବା ପାଇଁ ୧,୬୦୦ ଅଟକ

**ନୂଆଦିଲ୍ଲୀ, ୨୭।୬:** ଦିନଦ୍ୱିପହରେ ପ୍ରଗତି ମଇଦାନର ଜନଗହଳିପୂର୍ଣ୍ଣ ଅଞ୍ଚଳରେ କାର୍ ଅଟକାଇ ୨ ଲକ୍ଷ ଟଙ୍କା ଲୁଟ୍ ଘଟଣାକୁ ନେଇ ଦିଲ୍ଲୀ ପୋଲିସ ତତ୍ପର ହୋଇଉଠିଛି। ଲୁଟ୍‌ରେ ସମ୍ପୃକ୍ତ ୫ ଜଣଙ୍କୁ ଧରିବା ପୂର୍ବରୁ ପୋଲିସ ୧୬୦୦ ଜଣଙ୍କୁ ଅଟକ ରଖିବା ସହ ୨୦୦୦ ଗାଡ଼ି ଜବତ କରିଛି। ଚାନ୍ଦିନୀ ଚୌକରେ ଥିବା ଓମିୟା ଏଣ୍ଟରପ୍ରାଇଜେସ୍‌ର ଡେଲିଭରି ଏଜେଣ୍ଟ ପଟେଲ ସୁଜାନ କୁମାର ଏବଂ ତାଙ୍କ ସହଯୋଗୀ ଜିଗର ପଟେଲ ଶନିବାର କ୍ୟାବରେ ଗୁରୁଗ୍ରାମ ଯାଉଥିଲେ। ନୂଆଦିଲ୍ଲୀରୁ ସରାଇ କାଲେ ଖାନ ଏବଂ ନୋଏଡାକୁ ସଂଯୋଗ କରୁଥିବା କେନାଲରେ ୪ ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇ ସେମାନଙ୍କଠୁ ୨ ଲକ୍ଷ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଗହଳି ରାସ୍ତାରେ କାର୍ ଅଟକାଇ ଟଙ୍କା ଲୁଟ୍ କରାଯିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଥିବାବେଳେ ୟୁଜର୍ସ ଦିଲ୍ଲୀ ପୋଲିସ କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଦିଲ୍ଲୀ ପୋଲିସ ଦାୟିତ୍ୱ ନେଇଥିବା ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ଇସ୍ତଫା ଦାବି କରାଯାଉଛି।

# ହିନ୍ଦୁ ସହିଷ୍ଣୁ ବୋଲି ସେମାନଙ୍କ ପରୀକ୍ଷା ନିଆଯିବ କି

## 'ଆଦିପୁରୁଷ' ପ୍ରଯୋଜକଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

**ଲକ୍ଷ୍ନୌ, ୨୭।୬:** ପାନ୍ ଇଣ୍ଡିଆ ଫିଲ୍ମ 'ଆଦିପୁରୁଷ'କୁ ବ୍ୟାନ୍ କରାଯିବା ନେଇ ଆଲ୍ଲାହାବାଦ ହାଇକୋର୍ଟରେ ଦାଏର ପିଟିଶନର ଶୁଣାଣି ମଙ୍ଗଳବାର ହୋଇଛି। ଫିଲ୍ମର ଡାଇଲଗ୍ ଓ କିଛି ସିନ୍‌କୁ ଅତି ନିମ୍ନ ମାନର ହୋଇଥିବା ଜଷ୍ଟିସ୍ ରାଜେଶ ସିଂ ଚୌହାନ ଏବଂ ଜଷ୍ଟିସ୍ ଶ୍ରୀ ପ୍ରକାଶ ସିଂଙ୍କ ଗଠିତ ଖଣ୍ଡପୀଠ ଶୁଣାଣିକରି କହିଛନ୍ତି। ଫିଲ୍ମର ସହ-ସଂଳାପ ଲେଖକ ମନୋଜ ମୁନ୍ତାଶିର ଶୁକ୍ଲାଙ୍କୁ ଖଣ୍ଡପୀଠ ପକ୍ଷଭୁକ୍ତ କରିଛନ୍ତି। ଏଥିସହ ସପ୍ତାହକ ମଧ୍ୟରେ ଏ ସମ୍ପର୍କରେ ଜଣାଇବା ଲାଗି ମନୋଜଙ୍କୁ ନୋଟିସ ମଧ୍ୟ ଜାରି କରାଯାଇଛି।



ରାମାୟଣକୁ ନେଇ ଲୋକଙ୍କ ମଧ୍ୟରେ ଭକ୍ତି ଭାବନା ରହିଥିବାବେଳେ ଫିଲ୍ମ 'ଆଦିପୁରୁଷ'ର ଡାଇଲଗ୍ ହିନ୍ଦୁ ଧର୍ମୀୟ ଭାବାବେଗକୁ ପ୍ରତିହତ କରିଛି। ହିନ୍ଦୁମାନେ ସହିଷ୍ଣୁ ବୋଲି ସେମାନଙ୍କ ପରୀକ୍ଷା ନିଆଯିବା ଠିକ୍ ବୋଲି କି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଫିଲ୍ମକୁ ସେନ୍‌ସର ବୋର୍ଡ ପ୍ରମାଣପତ୍ର ଦେବା ନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଫିଲ୍ମ ଦେଖି କୌଣସି ବ୍ୟକ୍ତି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ନ ଥିବା ଏକ ବଡ଼ କଥା । ଫିଲ୍ମରେ ଭଗବାନ ହନୁମାନ ଓ ସୀତାଙ୍କୁ ଗୁରୁତର ସହିତ ଚିତ୍ରଣ କରାଯାଇ ନ ଥିବାବେଳେ ଚଳଚ୍ଚିତ୍ରରେ ଏମିତି କିଛି ସିନ୍ ରହିଛି, ଯାହା ଏ କାଟେଗୋରି ବୋଲି ଖଣ୍ଡପୀଠ ଶୁଣାଣିରେ କହିଛନ୍ତି। ଅନ୍ୟପକ୍ଷେ ଫିଲ୍ମର ବ୍ୟାନ୍ ଦାବି କରିଥିବା ଆବେଦନକାରୀ ବୁଦ୍ଧିହୀନ ନୁହନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ଦର୍ଶକଙ୍କୁ ପ୍ରଭାବିତ କରୁଥିବା କିଛି ଡାଇଲଗ୍‌କୁ ଫିଲ୍ମରୁ ହଟାଇ ଦିଆଯାଇଥିବା ଅତିରିକ୍ତ ସଲିସିଟର ଜେନେରାଲ କୋର୍ଟରେ ନିଜ ପକ୍ଷ ରଖି କହିଥିଲେ।

# ପ୍ରତି ୫ ସେକେଣ୍ଡରେ ଫୁଟ୍‌ବଲ ପିଚ୍ ଆକାର ଜଙ୍ଗଲ କ୍ଷୟ

ପ୍ୟାରିସ,୨୭।୬

ବିଶ୍ୱ ପାଇଁ ଜଙ୍ଗଲ କ୍ଷୟ ଏକ ବଡ଼ ବିପଦ। ୨୦୨୨ରେ ନ୍ୟୁଜିଲାଣ୍ଡ ଆକାରର ଚିରହରିତ୍ ଅରଣ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଚାରଣ ଭୂମି ଓ କୃଷି କାର୍ଯ୍ୟ ଯୋଗୁ ଜଙ୍ଗଲର ଆୟତନ କ୍ରମଶଃ କମିବାରେ ଲାଗିଛି। ସାଟେଲାଇଟ୍ ଡେଟା ଅନୁସାରେ ଗଛ କାଟିବା ଏବଂ ବନାଗ୍ନି ଦ୍ୱାରା ପ୍ରତି ୫ ସେକେଣ୍ଡରେ ଫୁଟ୍‌ବଲ୍ ପିଚ୍ ଆକାରର ଜଙ୍ଗଲ କ୍ଷୟ ହୋଇଯାଉଛି। ପୂର୍ବ ଦିନ ତୁଳନାରେ ବର୍ତ୍ତମାନ ୧୦ ଗୁଣା ଜଙ୍ଗଲ ନଷ୍ଟ ହେଉଥିବା ୱାର୍ଲ୍ଡ ରିସୋର୍ସ ଇନ୍‌ଷ୍ଟିଚ୍ୟୁଟ (ଡବ୍ଲ୍ୟୁଆର୍‌ଆଇ) ପକ୍ଷରୁ କୁହାଯାଇଛି।

ଗତବର୍ଷ ଯେଉଁ ପରିମାଣର ଚିରହରିତ୍ ଅରଣ୍ୟ କ୍ଷୟ ହୋଇଥିଲା ସେଥିରୁ ୨.୭ ବିଲିୟନ୍ ଟନ୍ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହୋଇଥିଲା। ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ଭାରତରେ ପ୍ରତିବର୍ଷ ଜୀବାଶ୍ମ ଇନ୍ଧନରୁ ସମାନ ପରିମାଣର ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ମିଶୁଥିବା ଡବ୍ଲ୍ୟୁଆର୍‌ଆଇ ସୂଚନା ଦେଇଛି। ବ୍ରାଜିଲରେ ପ୍ରତିବର୍ଷ ୪୩% ଚିରହରିତ୍ ଅରଣ୍ୟ କ୍ଷୟ ହେଉଥିବାବେଳେ ରିପବ୍ଲିକ୍ ଅଫ୍ କଙ୍ଗୋରେ ୧୩% ଏବଂ ବୋଲିଭିଆରେ ୯% ଜଙ୍ଗଲ କ୍ଷୟ ହେଉଛି।



ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ ବିରୋଧରେ ସଂଗ୍ରାମ ଜାରି ରଖିଥିବାବେଳେ ଜଙ୍ଗଲ କ୍ଷୟ ଏକ ବଡ଼ ସମସ୍ୟା ବୋଲି ଡବ୍ଲ୍ୟୁଆର୍‌ଆଇର ଗ୍ଲୋବାଲ ଫରେଷ୍ଟ ୱାଚ୍ ନିର୍ଦ୍ଦେଶକ ମିକାଇଲା ୱେଇସେ କହିଛନ୍ତି। ୧୯୬୦ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ବାୟୁ ମଣ୍ଡଳରେ ଥିବା ମୋଟ ଅଙ୍ଗାରକାମ୍ଳର ୩୦% ବୃକ୍ଷ ଓ ମାଟି ଗ୍ରହଣ କରିଥାନ୍ତି। ବିଶ୍ୱର ମୋଟ ଜନସଂଖ୍ୟାର ଅଧା ଭାଗ ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଙ୍ଗଲ ଉପରେ ନିର୍ଭରଶୀଳ। ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଆମାଜନ ଜଙ୍ଗଲ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହେଉଥିବାବେଳେ ଏଥିଯୋଗୁ ଖାଲି ଦକ୍ଷିଣ ଆମେରିକା ନୁହେଁ ବରଂ ସାରା ବିଶ୍ୱକୁ କୁପରିଣାମ ଭୋଗିବାକୁ ପଡ଼ିବ। କୋକୋଆ ଉତ୍ପାଦନ ଓ ସୁନା ଖଣି ବଲିଭିଆରେ ଜଙ୍ଗଲ କ୍ଷୟର ମୁଖ୍ୟ କାରଣ। ସେହିପରି ପେରୁ (୩.୯%), ମୋଲୋମ୍ବିଆ (୩୧.%କ), ଲାଓସ୍ (୨.୩%), କାମେରୁନ(୧.୯%)ପପୁଆ ନ୍ୟୁ ଗିନିଆ(୧,୮%) ଏବଂ ମାଲେସିଆରେ (୧.୭%) ଆଦି ଚିରହରିତ୍ ଅରଣ୍ୟ ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି।



# ଅନିଶ୍ଚିତତାରେ ଭାରତ-ପାକିସ୍ତାନ ମ୍ୟାଚ୍

**ଦିନିକିଆ କ୍ରିକେଟ୍ ବିଶ୍ୱକପ୍**

## ଅକ୍ଟୋବର ୧୫ରେ ଖେଳାଯିବାକୁ ଚୂଡ଼ାନ୍ତ କରିଛି ଆଇସିସି

ମୁମ୍ବାଇ, ୨୭।୬(ପି.ଟି.)

ଆସନ୍ତା ଅକ୍ଟୋବର ୫ରୁ ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩ ଆରମ୍ଭ ହେବ। ମଙ୍ଗଳବାର ଏହାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ତେବେ ଅହମ୍ମଦାବାଦରେ ଅକ୍ଟୋବର ୧୫ରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବାକୁ ଇଣ୍ଟରନ୍ୟାଶନାଲ କ୍ରିକେଟ୍ କାଉନସିଲ୍(ଆଇସିସି) ଚୂଡ଼ାନ୍ତ କରିଥିବାବେଳେ ତାହା ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। କାରଣ ପାକିସ୍ତାନ ସୁରକ୍ଷା ଦୃଷ୍ଟିକୋଣରୁ ଭାଜପା ଶାସିତ ରାଜ୍ୟ ଗୁଜରାଟର ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ମ୍ୟାଚ୍ ନ ଖେଳିବାକୁ ଚାହୁଁଛି। ଏନେଇ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଆଇସିସି ନିକଟରେ ଆପତ୍ତି ଉଠାଇ ଭେନ୍ୟୁ ପରିବର୍ତ୍ତନ କରିବାକୁ ଚାହିଁଥିଲା। କିନ୍ତୁ ତାହାକୁ ଆଇସିସି ଅଗ୍ରାହ୍ୟ କରିଦେଇଛି। ସେହିପରି ପାକିସ୍ତାନ ବେଙ୍ଗାଲୁରୁରେ ୨୦ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷ ଏବଂ ଚେନ୍ନାଇରେ ୨୩ ଅକ୍ଟୋବରରେ ଆଫ୍‌ଗାନିସ୍ତାନ ବିପକ୍ଷ ମ୍ୟାଚ୍ ଖେଳିବାକୁ ଆଇସିସି କାର୍ଯ୍ୟସୂଚୀ ପ୍ରକାଶ କରିଛି। କିନ୍ତୁ ଏହି ଦୁଇ ଭେନ୍ୟୁ ପରିବର୍ତ୍ତନ କରିବାକୁ ପାକିସ୍ତାନର ଦାବିକୁ ମଧ୍ୟ ☞ପୃଷ୍ଠା-୨




### ଆଶଙ୍କାରେ ପିସିବି, ଆଇସିସି ଆଶାବାଦୀ

**ନୂଆଦିଲ୍ଲୀ/କରାଚୀ, ୨୭।୬(ପି.ଟି.):** ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନର ଅଂଶଗ୍ରହଣ ଆଶଙ୍କାରେ ରହିଛି। ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ଏମିତି ମତ ପ୍ରକାଶ ପାଇଛି। ପାକିସ୍ତାନ ସରକାରଙ୍କ ପକ୍ଷରୁ କ୍ଲିୟରାନ୍ସ ମିଳିଲେ ହିଁ ଭାରତରେ ହେବାକୁ ଥିବା ବିଶ୍ୱକପ୍‌ରେ ଦଳ ଯୋଗ ଦେଇପାରିବ ବୋଲି ପିସିବି କହିଛି। ତେବେ ବାବର ଆଜମଙ୍କ ନେତୃତ୍ୱାଧୀନ ପାକିସ୍ତାନ ଦଳର ଅଂଶଗ୍ରହଣ ନେଇ ଆଇସିସି ଆଶାବାଦୀ ରହିଛି। ପୂର୍ବରୁ ପିସିବି ପକ୍ଷରୁ ଭେନ୍ୟୁ ପରିବର୍ତ୍ତନ ନେଇ ଆଇସିସିକୁ ଅନୁରୋଧ କରାଯାଇଥିଲା। ଆଫଗାନିସ୍ତାନ ବିପକ୍ଷ ଚେନ୍ନାଇ ମ୍ୟାଚ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ବେଙ୍ଗାଲୁରୁ ମ୍ୟାଚର ଭେନ୍ୟୁ ପରିବର୍ତ୍ତନ ପାଇଁ ଅନୁରୋଧ କରାଯାଇଥିଲା। ଆଇସିସି ଓ ବିସିସିଆଇ ପକ୍ଷରୁ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯିବା ପରେ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଚୁକ୍ତିରେ ପିସିବି ସ୍ୱାକ୍ଷର କରିଥିବା ଆଇସିସି ପକ୍ଷରୁ କୁହାଯାଇଛି। ନିଜ ଦେଶର ଆଇନକୁ ମାନିବା ସହିତ ପାକିସ୍ତାନ ଦଳ ଆଇସିସି ନିୟମ ମଧ୍ୟ ପାଳନ କରିବା ଉଚିତ ବୋଲି ବିବୃତିରେ ଉଲ୍ଲେଖ କରିଛି ଆଇସିସି।

## ୨୯ରେ 'ଇଦ୍-ଉଲ୍-ଜୁହା' ପାଇଁ ଛୁଟି ଘୋଷଣା

**ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର):** ଚଳିତ ଜୁନ୍ ୨୯ ତାରିଖ(ଗୁରୁବାର) 'ଇଦ୍-ଉଲ୍-ଜୁହା' ପର୍ବ ପଡୁଥିବାରୁ ରାଜ୍ୟ ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୁନ୍ ୩୦ (ଶୁକ୍ରବାର) ଦିନଟିକୁ 'ଇଦ୍-ଉଲ୍-ଜୁହା' ନିମନ୍ତେ ଛୁଟି ଘୋଷଣା କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ ବିଜ୍ଞପ୍ତି ଅନୁସାରେ ଜୁନ୍ ୩୦ ତାରିଖ ପରିବର୍ତ୍ତେ ଜୁନ୍ ୨୯ ତାରିଖକୁ 'ଇଦ୍-ଉଲ୍-ଜୁହା' ପର୍ବ ନିମନ୍ତେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପ୍ରାଣୀ ଆଇନ

# କେନ୍ଦ୍ର କହିଲା ଆଇଏଏସ୍ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)

**ନାମ ଉଲ୍ଲେଖ ନାହିଁ**

କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଅଧୀନ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ପକ୍ଷରୁ ସୋମବାର ଓଡ଼ିଶା ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଏକ ଚିଠି ଲେଖାଯାଇ ଓଡ଼ିଶା କ୍ୟାଡରର ଜଣେ ଆଇଏଏସ୍ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କେଉଁ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଚିଠିରେ କାହାରି ନାମ ଦର୍ଶାଯାଇ ନାହିଁ। କିନ୍ତୁ ଗତ ୨୪ ତାରିଖରେ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଭିଯୋଗ ସମ୍ବଳିତ ପେନ୍‌ଡ୍ରାଇଭ ଏବଂ ସିଡି ଆଧାରରେ ଦିଆଯାଇଥିବା ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠିରେ ☞ପୃଷ୍ଠା-୨


File No.104/37/2023-AVD-IA(Pt.3)
Government of India
Ministry of Personnel, Public Grievances and Pensions
Department of Personnel and Training
AVD.IA Section

Room No.270, North Block, New Delhi
Dated, the 26th June 2023

To

The Chief Secretary,
Government of Odisha,
Bhubaneswar-751001.

**Subject:** **Complaint against an IAS officer of Odisha Cadre.**

Sir,

The undersigned is directed to forward herewith a complaint dated 24.06.2023 along with a CD and a pen drive from Smt. Aparajita Sarangi, Hon'ble MP, Bhubaneswar and Sh. Manmohan Samal against **an IAS officer of Odisha Cadre** for action as appropriate.

Encl: As stated.

Yours faithfully

(Rupesh Kumar)
Under Secretary to the Government of India
23094799






**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ଓ ବେରୋଜଗାରିକୁ ନେଇ ଉତ୍ତର ଦିଅନ୍ତୁ। ମଣିପୁର ଜଳୁଥିବାବେଳେ ସେ ମୁହଁ ଖୋଲୁନାହାନ୍ତି। ଏସବୁରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏକକ ଦେୱାନି ସଂହିତା (ୟୁସିସି) କଥା କହୁଛନ୍ତି।

–କେ.ସି. ବେଣୁଗୋପାଳ, କଂଗ୍ରେସ ସାଧାରଣ ସମ୍ପାଦକ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣୀକି ଗୁଣ ଚିହ୍ନେ**
**ଧୂଆଁ ପତରକୁ ମୁଣି ଚିହ୍ନେ**
**ପୁରୁଣା ଚୋରକୁ ଚଉକିଆ ଚିହ୍ନେ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ଧୂଆଁପତ୍ର ସେବନକାରୀ ବା ସେଥିରେ ଅଭ୍ୟସ୍ତ ଥିବା ବ୍ୟକ୍ତି ଧୂଆଁପତ୍ର ରଖାଯାଉଥିବା ମୁଣି ସହ ବେଶ୍ ଭଲଭାବେ ପରିଚିତ ହୋଇଥାନ୍ତି। ସେହିପରି ପୁରୁଣା ଚୋରକୁ କେବଳ ପୋଲିସ ହିଁ ସହଜରେ ଚିହ୍ନି ପାରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗୋଡ଼କୁ ସୁନ୍ଦର ସରୁ ଅଳତା ଲୋ**
**ଗଳାକୁ ସୁନ୍ଦର ମାଳି**
**ହାତକୁ ସୁନ୍ଦର ରତନ ପଦକ**
**କାନକୁ ସୁନ୍ଦର ନୋଳି।**

ଅଳଙ୍କାର ହେଉଛି ନାରୀର ଭୂଷଣ। ନାରୀମାନେ ଗହଣା ପିନ୍ଧି ସଜେଇ ହେବାକୁ ଖୁବ୍ ପସନ୍ଦ କରିଥାନ୍ତି। ଯେବେଠାରୁ ନାରୀର ସୃଷ୍ଟି ସେବେଠାରୁ ସେ ଧାରଣ କରିଆସିଛି ବିଭିନ୍ନ ପ୍ରକାରର ଅଳଙ୍କାର ଓ ରହିଆସିଛି ସେଥିପ୍ରତି ଅଧିକ ଦୁର୍ବଳତା। ନାରୀର ବେଶଭୂଷା ଓ ଅଳଙ୍କାର ବିନ୍ୟାସ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମୌଳିକ ସୁବିଧାରୁ ବଞ୍ଚିତ ନଗଡ଼ା ତୁମୁଣି ଆଦିବାସୀ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

### ସ୍ଥିତି ପରଖିବା ପାଇଁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ,୨୭।୬ (କାର୍ତ୍ତିକ ସାହୁ)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ନିକଟ ତୁମୁଣି ଅଞ୍ଚଳର ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜଳଯୋଗାଣ ଆଦି ମୌଳିକ ସୁବିଧା ନ ମିଳିବା ନେଇ ହାଇକୋର୍ଟରେ ପୁଣି ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟର ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ଯାଜପୁର ଜିଲାପାଳଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସ୍ଥିତି ପରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗକୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୨ ତାରିଖକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ା ନିକଟ ଚିଙ୍ଗୁଡ଼ିପାଳ ପଞ୍ଚାୟତ ତୁମୁଣି ଅଞ୍ଚଳରେ ୨୯ଟି ପରିବାରର ପ୍ରାୟ ୨୮୦ ଜୁଆଙ୍ଗ ସମ୍ପ୍ରଦାୟର ଆଦିବାସୀ ବାସ କରନ୍ତି। ଉକ୍ତ ଗ୍ରାମରେ ସ୍ୱାସ୍ଥ୍ୟସେବା, ରାଶନ ବିତରଣ କେନ୍ଦ୍ର, ସଡ଼କ ପଥ, ଶ୍ରମ କାର୍ଡ, ବିଦ୍ୟାଳୟ ଆଦି ମୌଳିକ ନାଗରିକ ସୁବିଧା ନାହିଁ। ଏପରିକି ଏହି ଲୋକମାନଙ୍କ ନିମନ୍ତେ ଉପଯୁକ୍ତ ଜଳ ଯୋଗାଣ ବ୍ୟବସ୍ଥା ନାହିଁ। ଏହାଦ୍ୱାରା ଅଧିକାଂଶ ଗ୍ରାମବାସୀ ସେମାନଙ୍କ ଗାଁ ଦେଇ ବହିଯାଉଥିବା ଜଳ ସ୍ରୋତ ବା ଚୁଆ ପାଣି ଉପରେ ନିର୍ଭର କରନ୍ତି। ଅପରିଷ୍କାର ଜଳରେ ଶିଶୁଠାରୁ ବୟସ୍କ ଯାଏ ଗାଧୋଇ ହୁଅନ୍ତି। ଗ୍ରୀଷ୍ମ ଋତୁରେ ଝରଣା ଶୁଖିଗଲେ ପରିସ୍ଥିତି ଅଧିକ ଖରାପ ହୁଏ। ଉପଯୁକ୍ତ ରାସ୍ତାର ଅଭାବ ହେତୁ ଗ୍ରାମବାସୀ ନିକଟସ୍ଥ ଡାକ୍ତରଖାନା, ବିଦ୍ୟାଳୟ, ୱାନ ଷ୍ଟପ ସେଣ୍ଟର୍, କାର୍ଯ୍ୟସ୍ଥଳୀ ଇତ୍ୟାଦିରେ ପହଞ୍ଚିବା କଷ୍ଟକର ହୋଇପଡ଼େ। ଏହି ଗ୍ରାମର ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଖରାପ। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ଅଧିକାଂଶ ଗ୍ରାମବାସୀ ଆଧୁନିକ ପଦ୍ଧତି ବଦଳରେ ସେମାନଙ୍କ ପାରମ୍ପରିକ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ। କୌଣସି ମହିଳାଙ୍କ ପ୍ରସବ ଡାକ୍ତରଖାନାରେ ହୁଏ ନାହିଁ। ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ର କାଳିଆପାଣିରେ ରହିଛି ଯାହା ଉକ୍ତ ଗ୍ରାମଠାରୁ ୨୧ କିଲୋମିଟର ଦୂରରେ। ଅଧିକାଂଶ ଗ୍ରାମବାସୀଙ୍କ ଜବ୍ କାର୍ଡ ରହିଛି ହେଲେ ଏଗୁଡ଼ିକ ଗତ ତିନିରୁ ୪ବର୍ଷ ହେବ ଜଣେ ଠିକାଦାରଙ୍କ ନିକଟରେ ଅଛି। ଜବ୍‌କାର୍ଡଧାରୀମାନେ ତାଙ୍କୁ ଜବ୍‌କାର୍ଡ ଫେରାଇବାକୁ କହିଲେ, ତାହା ଫେରସ୍ତ ନ କରି ଓଲଟା ଧମକ ଦେଉଛନ୍ତି। ଆବେଦନକାରୀ ମଣ୍ଟୁ ଦାସ ମୌଳିକ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ସମ୍ପୃକ୍ତ ଅଞ୍ଚଳର ପ୍ରାମାଣିକ ଫଟୋଚିତ୍ର ମଧ୍ୟ ସେ ହାଇକୋର୍ଟଙ୍କ ନିକଟରେ ଅବଗତି ନିମନ୍ତେ ଉପସ୍ଥାପନ କରିଛନ୍ତି। ସେ ଏହି ମାମଲାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ଶାସନ ସଚିବ, ଯାଜପୁର ଜିଲାପାଳ, ଯୁଗ୍ମ ଶ୍ରମ ଆୟୁକ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସୁକିନ୍ଦା ବିଡିଓଙ୍କ ସମେତ ୧୩ ଜଣଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଫ୍ରାଜ୍ ସୁହେଲ୍ ମାମଲା ପରିଚାଳନା କରୁଛନ୍ତି।

# ଭିଜିଲାନ୍ସ ଜାଲରେ ବନାଞ୍ଚଳ ଅଧିକାରୀ

## ବୋଲେରୋ ଗାଡ଼ି ଓ ଘରୁ ମିଳିଲା ୫.୩୯ ଲକ୍ଷ

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ),୨୭।୬



ଗଞ୍ଜାମ ଜିଲା ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ ସୋମବାର ବିଳମ୍ବିତ ରାତିରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ବ୍ରହ୍ମପୁରରୁ ଏକ ବୋଲେରୋ ଗାଡ଼ିରେ ସୋମବାର ରାତିରେ ଦିଗପହଣ୍ଡି ଫେରୁଥିବା ବେଳେ ଭିଜିଲାନ୍ସ ଟିମ୍ ରାସ୍ତାରେ ଅଟକାଇ ତାଙ୍କ ଗାଡ଼ି ଯାଞ୍ଚ କରିଥିଲା। ଗାଡ଼ିରୁ ୧ ଲକ୍ଷ ୫୨ ହଜାର ଟଙ୍କା ମିଳିଥିବା ବେଳେ କେଉଁଠୁ ସେ ଏତେ ଟଙ୍କା ଆଣିଲେ, ସେ ନେଇ ସଠିକ୍ ଉତ୍ତର ଦେଇପାରି ନ ଥିଲେ। ଫଳରେ ସେହି ଟଙ୍କା ଭିଜିଲାନ୍ସ ଟିମ୍ ଜବତ କରିଥିଲା। ପରେ ଦିଗପହଣ୍ଡି ସରକାରୀ ବାସଭବନ, ଅଫିସ ଏବଂ ବ୍ରହ୍ମପୁର ବ୍ୟାଙ୍କ କଲୋନୀ ଭଡ଼ା ଘରେ ଏକ ସଂଗେ ଚଢ଼ାଉ କରାଯାଇଥିଲା। ସେଠାରୁ ୩ ଲକ୍ଷ ୮୭ ହଜାର ୭୫୦ ଟଙ୍କା ଜବତ ହୋଇଛି। ଏପରି ଏଯାବତ ୫ଲକ୍ଷ ୩୯ହଜାର ୭୫୦ ଟଙ୍କା ଜବତ ହୋଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏନେଇ ନଂ ୮/୨୩ ରେ ଏକ ମାମଲା ରୁଜୁ କରାଯାଇ ବନାଞ୍ଚଳ ଅଧିକାରୀ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ବିଭାଗ ତରଫରୁ ସୂଚନା ମିଳିଛି।

# ଟ୍ୟାଙ୍କର-କାର୍ ଧକ୍କା: ଗୋଟିଏ ପରିବାରର ୩ ମୃତ


ଦୁର୍ଘଟଣାଗ୍ରସ୍ତ କାର।


ରବିଙ୍କ ପରିବାର।

**ପଟ୍ଟାଙ୍ଗି, ୨୭।୬(ଶରତ ଧଳ):** ପୁଣି ଦେଖିବାକୁ ମିଳିଛି ବାହାଘରଜନିତ ଦୁର୍ଘଟଣା ଟ୍ରାଜେଡି। ଗଞ୍ଜାମ ଜିଲା ଦିଗପହଣ୍ଡି କନ୍ୟାଯାତ୍ରୀଙ୍କ ଘରବାହୁଡ଼ା ବେଳେ ଗ୍ରାମଠାରୁ ୬କି.ମି. ଦୂରରେ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହେବା ଘଟଣାର ୨୪ ଘଣ୍ଟା ନ ପୂରୁଣୁ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ବାହାଘର ପାଇଁ ଝିଅ ଡାକରା ପାଇଁ ଯାଉଥିବା ବେଳେ ଏକ ଟ୍ୟାଙ୍କର-କାର୍ ମଧ୍ୟରେ ମଙ୍ଗଳବାର ଭୋର ସମୟରେ ଧକ୍କା ହୋଇଛି। ଫଳରେ କାର୍‌ରେ ଥିବା ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରବି ପ୍ରଧାନ, ସ୍ତ୍ରୀ ରଶ୍ମିତା ଓ ୬ବର୍ଷର ଝିଅ ଶୁଭଲକ୍ଷ୍ମୀ। ଖବରରୁ ଜଣାପଡ଼ିଛି, ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମାଳିମାର୍ଲା ଗ୍ରାମର ପିଣ୍ଟୁ ଚୌଧୁରୀଙ୍କ ଭଉଣୀଙ୍କର ବୋରିଗୁମ୍ମାର ବାଙ୍ଗସାହିରେ ବସବାସ କରୁଥିବା ଗୁନେଶ୍ୱର ପ୍ରଧାନଙ୍କ ସହ ମଙ୍ଗଳବାର ବିବାହ ସ୍ଥିର ହୋଇଥିଲା। ବିବାହ ପୂର୍ବରୁ ପରମ୍ପରା ଅନୁଯାୟୀ ଗୁନେଶ୍ୱରଙ୍କ ଭ୍ରାଇଁ ରବି ଜୟପୁରରୁ ସ୍ତ୍ରୀ ରଶ୍ମିତା ଓ ଝିଅ ଶୁଭଲକ୍ଷ୍ମୀଙ୍କୁ ଧରି ଭୋରରୁ ଝିଅ ଡାକରା ପାଇଁ ମାଳିମାର୍ଲା ଗ୍ରାମକୁ କାର (ଓଡି୧୦ପି-୫୯୧୨) ଯୋଗେ ଯାଉଥିଲେ। ମାତ୍ର ଉକ୍ତ ଗ୍ରାମରେ ପହଞ୍ଚିବାକୁ ଆଉ ମାତ୍ର ୫ କି.ମି. ଥିବା ବେଳେ ଶୁଣ୍ଡିପୁଟ୍ଟାରଠାରେ ବିପରୀତ ଦିଗରୁ ଆସୁଥିବା ଟ୍ୟାଙ୍କର (ଓଡି୦୭ଏଡି-୨୫୧୭) ସହ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ କାର ଚଳାଉଥିବା ରବି, ସ୍ତ୍ରୀ ରଶ୍ମିତାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। କାର ପଛରେ ବସିଥିବା ଶୁଭଲକ୍ଷ୍ମୀ ଗୁରୁତର ହୋଇଥିଲେ ମଧ୍ୟ ତାଙ୍କୁ କାର୍ ଭିତରୁ ଉଦ୍ଧାରକରି ଡାକ୍ତରଖାନା ନେବା ପୂର୍ବରୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ପଟ୍ଟାଙ୍ଗି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ମୃତଦେହ ଜବତକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଟ୍ୟାଙ୍କର ଡ୍ରାଇଭର ଦିଲୀପ ବେହେରାଙ୍କୁ ଅଟକ ରଖି ତାଙ୍କୁ ପଚରାଉଚରା କରି ତଦନ୍ତ ଚଳାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ରବି ବୋରିଗୁମ୍ମା ବାଙ୍ଗସାହି ନିବାସୀ ହୋଇଥିଲେ ମଧ୍ୟ ସେ ନିଜ ପରିବାର ସହ ଜୟପୁରର ପୁରୁଣାଗଡ଼ରେ ଘରଭଡା ନେଇ ରହୁଥିଲେ।

# ବେସରକାରୀ ଅଧ୍ୟାପକ - ପୋଲିସ ଧସ୍ତାଧସ୍ତି

## ୧୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ, ୪ରୁ ଅଧିକ ପୋଲିସ ଆହତ

ଭୁବନେଶ୍ୱର,୨୭।୬(ଅଭିଜିତ ଦାସ)

ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆନ୍ଦୋଳନ ବେଳେ ଅଧ୍ୟାପିକା ଅଧ୍ୟାପକ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ଦେଖିବାକୁ ମିଳିଛି। ଧସ୍ତାଧସ୍ତିରେ ଉଭୟ ପକ୍ଷରୁ କେତେଜଣ ଅଧ୍ୟାପିକା ଅଧ୍ୟାପକ ଓ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୋଲିସ ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡ଼କୁ ଆନ୍ଦୋଳନରତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଘଟିଥିଲା।

ସୂଚନା ଅନୁଯାୟୀ, ୨୦୦୮ରୁ ୨୦୧୩ ମସିହା ମଧ୍ୟରେ ପ୍ରତିଷ୍ଠା ହୋଇଥିବା ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ ନିମନ୍ତେ ନୂତନ ଗ୍ରାଣ୍ଟ-ଇନ୍-ଏଡ୍ (ଏଓଇ) ନୀତିକୁ ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି କରିଥିଲା। ଏଥିସହ ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ମଧ୍ୟରେ ପ୍ରତିଷ୍ଠା ହୋଇଥିବା ମହାବିଦ୍ୟାଳୟ ଏବଂ ଏଥିରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ତାଲିକା ମଗାଯାଇଥିଲା। ତେବେ ଏହାକୁ ବିରୋଧ କରିଛି ଅଧ୍ୟାପକ ସଂଘ। ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପ୍ରତିଷ୍ଠା ହୋଇଥିବା ସମସ୍ତ ମହାବିଦ୍ୟାଳୟ ଏବଂ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ତାଲିକା ନେଇ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ଦେବା ସହ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସଂଘ ଦାବି କରିଛି। ଏହି ଦାବି ନେଇ ସଂଘ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚାଲିଥିଲା। ତେବେ ପୋଲିସ ପକ୍ଷରୁ ଜାରି ହୋଇଥିବା ୧୪୪ ଧାରାକୁ କେତେଜଣ ଆନ୍ଦୋଳନକାରୀ ଅମାନ୍ୟ କରି ବିଧାନସଭା ଆଡ଼କୁ ମାଡ଼ିଆସିଥିଲେ। ଏପରିକି ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ୪ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବରୁ ସଂଘ ଅନେକ ଥର ସରକାରଙ୍କ ନିକଟରେ ଦାବି ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳିପାରିନାହିଁ। ବିଭିନ୍ନ କାର୍ଯ୍ୟରେ ସରକାର ଅଧ୍ୟାପକମାନଙ୍କୁ ନିୟୋଜିତ କରୁଥିଲେ ମଧ୍ୟ ପ୍ରାପ୍ୟ ମିଳିପାରୁନାହିଁ। ତେଣୁ ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

## ୯ ଅଧ୍ୟାପକ ଗିରଫ

ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ପୋଲିସ ଓ ବେସରକାରୀ ଅଧ୍ୟାପକ ସଂଘ ମଧ୍ୟରେ ଧସ୍ତାଧସ୍ତିବେଳେ ଉଭୟ ପକ୍ଷରୁ ଅନେକ ଆହତ ହୋଇଛନ୍ତି। ତେବେ ୧୪୪ ଧାରା ଉଲ୍ଲଂଘନ ସହ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ସଂଘ ବିରୋଧରେ କମିଶନରେଟ୍ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆନ୍ଦୋଳନକାରୀ ୯ଜଣ ଅଧ୍ୟାପକଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ୱରଞ୍ଜନ ଦାସ, ସୁଶାନ୍ତ କୁମାର ପରିଡ଼ା, କୃତିବାସ ପ୍ରଧାନ, ରାଜକିଶୋର ପାତ୍ର, ତାପସ କୁମାର ପାତ୍ର, ପ୍ରିୟବ୍ରତ ମହାପାତ୍ର, କରୁଣାକର ନାୟକ, ଅରୁଣ କୁମାର ରାମ ଓ ପ୍ରଦୀପ କୁମାର ମାଝୀ। ଏ ନେଇ ପୋଲିସ ଏକ ମାମଲା (ନଂ. ୪୦୩/୨୦୨୩) ରୁଜୁ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ୪ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିବା ଥାନାଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୨୯ରେ 'ଇଦ୍-ଉଲ୍-ଜୁହା'...

ଛୁଟି ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ଜୁନ୍ ୨୯ରେ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ୍ କୋର୍ଟ (ଏକ୍‌ଜିକ୍ୟୁଟିଭ୍) ବନ୍ଦ ରହିବ।

## କେନ୍ଦ୍ର କହିଲା ଆଇଏଏସ୍...

ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ବିଭିନ୍ନ ଜିଲା ଗସ୍ତ କରି ସାଧାରଣ ସଭା ସହ ପ୍ରକଳ୍ପମାନ ଘୋଷଣା କରୁଥିବା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କୁ ପ୍ରତ୍ୟେକ ଦିନ ବିରୋଧୀ ଟାର୍ଗେଟ କରିବାରେ ଲାଗିଛନ୍ତି। ଜଣେ ଆଇଏଏସ୍ ଅଧିକାରୀ କିପରି ଏତେ ଟଙ୍କା ଖର୍ଚ୍ଚ କରି ସାଧାରଣ ସଭା ସହିତ ସବୁ ପ୍ରକଳ୍ପ ପାଇଁ ଆର୍ଥିକ ଘୋଷଣା କରୁଛନ୍ତି, ତାହା ହେଉଛି ବିରୋଧୀଙ୍କ ମୁଖ୍ୟ ଅଭିଯୋଗ। ରାଜ୍ୟରେ ମନ୍ତ୍ରୀ, ବିଧାୟକମାନେ ଥାଉଥାଉ ଜଣେ ସଚିବ ପାହ୍ୟା ଅଫିସରଙ୍କ ଲାଗି ଯେଉଁଭଳି ସୁରକ୍ଷା ବ୍ୟବସ୍ଥା ସହିତ ଲୋକ ବୁହା ହୋଇ ସଭାର ଆୟୋଜନ ହେଉଛି ତାହାକୁ ନେଇ ସେମାନେ ବାରମ୍ବାର ପ୍ରଶ୍ନ କରୁଛନ୍ତି। ପାଣ୍ଡିଆନଙ୍କ ଏଭଳି କାର୍ଯ୍ୟକ୍ରମକୁ ନେଇ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମିଳିତ ଭାବେ କେନ୍ଦ୍ର କାର୍ମିକ ମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କୁ ଗତ ୨୪ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଭାଜପା ନେତାଦ୍ୱୟଙ୍କ ଅଭିଯୋଗକୁ ଆଧାରକରି ମୁଖ୍ୟ ଶାସନ ସଚିବଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଚିଠି କରାଯାଇଥିବା ଜଣାପଡ଼ିଛି। ଭାଜପାର ଏହି ଦୁଇ ନେତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓଡ଼ିଶାର ଜଣେ ଅଲ୍ ଇଣ୍ଡିଆ ସର୍ଭିସ୍ ଅଫିସର୍ ଏବେ ରାଜନୈତିକ କାର୍ଯ୍ୟକ୍ରମ କରିବା ସହ ବିଭିନ୍ନ ପ୍ରକଳ୍ପର ଘୋଷଣା ସହିତ ସାଧାରଣ ସଭାରେ ରାଜନେତାଙ୍କ ସ୍ୱରରେ ଭାଷଣ ରଖୁଛନ୍ତି। ୨୦୦୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପାଣ୍ଡିଆନ ଏବେ ସବୁଆଡ଼େ ଯିବା ଲାଗି ରାଜ୍ୟ ବିମାନ ଏବଂ ହେଲିକପ୍ଟର ବ୍ୟବହାର କରୁଛନ୍ତି। ଏହା ଭାରତୀୟ ଚାକିରି ସର୍ତ୍ତାବଳୀ ରୁଲ୍ସ, ୧୯୬୮ର ରୁଲ୍ ୫(୧), ରୁଲ୍ ୧୨(୧)ର ଖୋଲା ଉଲ୍ଲଂଘନ। ଏହାର ତୁରନ୍ତ ତଦନ୍ତ କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

ଅନ୍ୟପକ୍ଷରେ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମଧ୍ୟ ପାଣ୍ଡିଆନଙ୍କ ବିରୋଧରେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବଙ୍କୁ ସେ ଚିଠି ପଠାଇଛନ୍ତି। ସର୍ବଭାରତୀୟ କଣ୍ଡକ୍ଟ ରୁଲ୍ସ ଉଲ୍ଲଂଘନ ହେଉଥିବା ସେ ଅଭିଯୋଗ କରିଛନ୍ତି। ସର୍ଭିସ୍ କଣ୍ଡକ୍ଟ ରୁଲ୍ସ ଉଲ୍ଲଂଘନର ଏକାଧିକ ଉଦାହରଣ ମଧ୍ୟ ଦେଇଛନ୍ତି। ଦଳୀୟ ଚିହ୍ନ ସହ ସଚିବଙ୍କ ହୋର୍ଡିଂ ଲାଗିଥିବା ବିଜୟ ଜଣାଇଛନ୍ତି।

## ଅନିଶ୍ଚିତତାରେ ଭାରତ-ପାକିସ୍ତାନ...

ଅଗ୍ରାହ୍ୟ କରିଦିଆଯାଇଛି। ଏସବୁ କାରଣରୁ ପିସିବି ଦିନିକିଆ ବିଶ୍ୱକପ୍‌ରୁ ଓହରିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଦିନିକିଆ ବିଶ୍ୱକପ୍ ଆୟୋଜକ ଦଳ ଭାରତର ଖେଳ କାର୍ଯ୍ୟକ୍ରମ ମଧ୍ୟ ଚୂଡ଼ାନ୍ତ ହୋଇଛି। ଅକ୍ଟୋବର ୮ ତାରିଖରେ ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରୁ ଭାରତ ନିଜର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଚେନ୍ନାଇର ଚେପକ୍‌ରେ ଏହି ମ୍ୟାଚ୍ ଖେଳାଯିବ। ୩ ଦିନ ପରେ ଦିଲ୍ଲୀର ଫିରୋଜ ଶାହ କୋଟଲାରେ ଆଫଗାନିସ୍ତାନକୁ ଭେଟିବ ଘରୋଇ ଦଳ। ସ୍ପିନ୍ ବିଭାଗରେ ଉଭୟ ଦଳ ବେଶ୍ ଶକ୍ତିଶାଳୀ ହୋଇଥିବା ବେଳେ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ ଦେଖିବାକୁ ମିଳିପାରେ। ୧୯ ତାରିଖରେ ବାଂଲାଦେଶକୁ ଭେଟିବ ଭାରତ। ପୁଣେର ବ୍ୟାଟିଂ ସହାୟକ ଟ୍ରାକ୍‌ରେ ଏହି ମ୍ୟାଚ୍‌ଟି ଖେଳାଯିବ। ଏହାର ୩ ଦିନ ମଧ୍ୟରେ ଭାରତୀୟ ଦଳ ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ଧର୍ମଶାଳାରେ ଭେଟିବ। ଆଇସିସି ଟୁର୍ନାମେଣ୍ଟରେ ଭାରତ ବିପକ୍ଷରେ କିୱି ଦଳର ରେକର୍ଡ ଭାରତ ପାଇଁ ସାମାନ୍ୟ ଚିନ୍ତାର ବିଷୟ ରହିପାରେ। ଅକ୍ଟୋବର ୨୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଲକ୍ଷ୍ନୌରେ ଖେଳାଯିବ। ଆଇପିଏଲ୍‌ରେ ଏହି ଭେନ୍ୟୁରେ ରନ୍ ସଂଗ୍ରହ କାଠିକର ପାଠ ହୋଇଥିବା ବେଳେ ଉଭୟ ଦଳ ଏହାକୁ ନଜରରେ ରଖିବେ। କ୍ୱାଲିଫାୟର-୨ରେ ଥିବା ଦଳ ବିପକ୍ଷରେ ଭାରତ ନଭେମ୍ବର୨ରେ ୱାଙ୍ଖେଡେରେ ଖେଳିବ। ନଭେମ୍ବର ୫ରେ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ। ସେହିପରି ବେଙ୍ଗାଲୁରୁରେ ୧୧ ତାରିଖରେ କ୍ୱାଲିଫାୟର-୧ ଦଳ ବିପକ୍ଷରେ ଭାରତ ନିଜର ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ।

କୋଚ୍ ରାହୁଲ ଦ୍ରାବିଡ ଓ ଅଧିନାୟକ ରୋହିତ ଶର୍ମାଙ୍କ ଅଧୀନରେ ଭାରତୀୟ ଦଳ ଏହି ମେଗା ଟୁର୍ନାମେଣ୍ଟରେ ଖେଳିବ। ଉଭୟ ଏ ପର୍ଯ୍ୟନ୍ତ କୌଣସି କରିସ୍ମା ଦେଖାଇବାରେ ସଫଳ ହୋଇ ନ ଥିବା ବେଳେ ୧୨ ବର୍ଷ ଧରି ଆଇସିସି ଟ୍ରଫି ଜିତି ନ ଥିବା ଭାରତ ପାଇଁ ଏହି ଟୁର୍ନାମେଣ୍ଟ ଲିଟ୍‌ମସ ଟେଷ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ। ଶୁକ୍ର ସହ ମଙ୍ଗଳଙ୍କ ସଂଯୋଗ ପରିବାରରେ ବନ୍ଧୁମିଳନ ସଙ୍ଗକୁ ଖୁସୀର ଆସର ଜମିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି। ପାରିବାରିକ, ପ୍ରଶାସନିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**ବୃଷ**
ଆଜି ବୁଧାଦିତ୍ୟ ଯୋଗଙ୍କ ସୁପ୍ରଭାବରୁ ଅର୍ଥଲାଭ ସଙ୍ଗକୁ ସନ୍ତାନମାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ। କିନ୍ତୁ ସହକର୍ମୀଙ୍କ ସହ ମତାନ୍ତର ଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ମନରେ କାଳ କାଟିବେ।

**ମିଥୁନ**
ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ମଧ୍ୟାହ୍ନ ପରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ।

**କର୍କଟ**
ଶୁକ୍ର ପ୍ରଭାବରୁ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ସିଂହ**
ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ପ୍ରେରଣା ଯୋଗାଇବ। ତଥାପି ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ଅସୁବିଧାଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**କନ୍ୟା**
ଆଜି ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦ କ୍ଷେତ୍ରରେ ବିଜୟୀ ହେବେ। ମନର ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟମାନଙ୍କ କାମରେ ନିଜକୁ ମଜ୍ଜାଇ ରଖି ପ୍ରଶଂସିତ ହେବେ। ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଅନ୍ୟମାନଙ୍କୁ ଖୁସିରେ ରଖିବା ସକାଶେ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି।

**ତୁଳା**
ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ସମୟାନ୍ତରେ ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ମିଶ୍ରିତ ଫଳ ଅନୁଭବ କରିବେ।

**ଧନୁ**
ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ସକାଳୁଆ ଯାତ୍ରାରେ ଯେଉଁଥି ସକାଶେ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର**
ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ**
ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣି ଓଲଟା ଫଳ ଭୋଗିବେ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। କେତେକ କାମ ଅଧାରେ ଅଟକି ଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ମୀନ**
ପ୍ରତ୍ୟେକ କାମ ଗତାନୁଗତିକ ରୀତିରେ ଗଡି ଚାଲିଲେ ମଧ୍ୟ ମନ ପ୍ରାୟତଃ ଭଲ ରହିବ ନାହିଁ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ବାହୁଡ଼ାଯାତ୍ରା, ଆଷାଢ଼ ଶୁକ୍ଳ ଦଶମୀ ବୁଧବାର, ଜୁନ୍ ୨୮ ତାରିଖ, ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ବିଦ୍ୟାରମ୍ଭ ପାଇଁ ଶୁଭଦିନ, ଦିବା ଘ.୦୭.୫୨ମି. ଗତେ ଘ.୦୮.୩୨ମି. ମଧ୍ୟେ, ଘ.୧୦.୧୦ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

# ଆଜି ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ

## ୧୨ଟାରେ ପହଣ୍ଡି, ୪ଟାରେ ରଥଟଣା


ବାହୁଡ଼ା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ଥିବା ୩ ରଥରେ ଚାରମାଳ ଲଗାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୭।୬(ଅଜିତ ମହାନ୍ତି)

ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଭାଇଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରାରେ ଆଡ଼ପମଣ୍ଡପ ଅଭିମୁଖେ ଯାତ୍ରା କରି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥିଲେ। ଦାରୁ ବିଗ୍ରହମାନେ ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦି ଆଡ଼ପ ମଣ୍ଡପରୁ କର୍ମବେଦି ଅଭିମୁଖେ ବୁଧବାର ଯାତ୍ରା କରିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁ ଆଡ଼ପ ମଣ୍ଡପରେ ଲୀଳା ସାରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ଥିବାବେଳେ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କୁ ସାଥିରେ ନେଇଯିବା ପାଇଁ ତିନି ରଥ ମଧ୍ୟ ପ୍ରସ୍ତୁତ ରହିଛନ୍ତି। ସେବାୟତମାନେ ଉତ୍କଣ୍ଠାର ସହ ମହାପ୍ରଭୁ ରଥକୁ ବିଜେ କରିବେ ବୋଲି ଚାହିଁ ରହିଛନ୍ତି। ସେହିପରି ଭକ୍ତମାନେ ମଧ୍ୟ ତାଙ୍କର ପ୍ରିୟ କାଳିଆ ସାଆନ୍ତେଙ୍କୁ ରଥରେ ବସାଇ ରଥ ଟାଣି ନେବାକୁ ବ୍ୟାକୁଳ ରହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାହୁଡ଼ା ଯାତ୍ରାର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ବୁଧବାର ସକାଳ ୪ଟାରେ ମଙ୍ଗଳ ଆଳତି, ୪ଟା ୧୫ରେ ମଇଲମ, ୪ଟା ୩୦ରେ ତଡ଼ପ ଲାଗି ଓ ରୋଷ ହୋମ ୪ଟା ୩୦, ଅବକାଶ ୫ଟା, ସୂର୍ଯ୍ୟ ପୂଜା ୫.୧୫, ଦ୍ୱାରପାଳ ପୂଜା ୫.୩୦ ହେବା ସହ ବେଶ ଶେଷ ୫ଟା ୩୦ହେବ। ସେହିପରି ଗୋପାଳ ବଲ୍ଲଭ ଓ ସକାଳ ଧୂପ ସକାଳ ୫ଟା ୪୫ ରୁ ୬ଟା ୪୫ଟା ପର୍ଯ୍ୟନ୍ତ। ମଙ୍ଗଳାର୍ପଣ ପୂର୍ବାହ୍ନ ୧୧ଟା ୪୫, ପରେ ଡୋର ଲାଗି ହୋଇ ମଧ୍ୟାହ୍ନ ୧୨ଟା ପହଣ୍ଡି ଆରମ୍ଭ ହୋଇ ୨.୩୦ରେ ପହଣ୍ଡି ଶେଷ ହେବ। ୨.୩୦ରୁ ୩ ଟା ୩୦ପର୍ଯ୍ୟନ୍ତ ଛେରାପହଁରା, ଚାରମାଳ ଫିଟା, ଘୋଡ଼ା ଲାଗିବ ଅପରାହ୍ନ ୪ଟା। ଘୋଡ଼ା ଲାଗିବା ପରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ। ରଥଟଣା ସରିବା ପରେ ଅନ୍ୟାନ୍ୟ ନୀତି ରଥ ଉପରେ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ନୀତିନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ମହାପ୍ରଭୁଙ୍କ ନୀତି ଆରମ୍ଭ ହେବ ବୋଲି ସେବାୟତମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ପି କେ. ବିଶାଲ ସିଂ କହିଛନ୍ତି, ଶ୍ରୀଗୁଣ୍ଡିଚା ଯାତ୍ରା ପରି ବାହୁଡ଼ା ଯାତ୍ରାରେ ସେହିଭଳି ବ୍ୟବସ୍ଥା ରହିବ। ୧୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଆମ୍ବୁଲାନ୍ସ ଯିବା ପାଇଁ ଗ୍ରୀନ କରିଡର କରାଯିବ। ମହାପ୍ରଭୁଙ୍କ କୃପାରୁ ଶ୍ରୀଗୁଣ୍ଡିଚା ଯାତ୍ରା ପରି ବାହୁଡ଼ା ଯାତ୍ରା ମଧ୍ୟ ଭଲରେ ସମ୍ପନ୍ନ ହେବ। ବାହୁଡ଼ା ଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ରାତି ୧୨ଟାରୁ ଟ୍ରାଫିକ କଟକଣା ଲାଗୁ କରାଯିବ। ପାଣି ସିଞ୍ଚନ କରାଯିବ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସମସ୍ତେ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ନିଅନ୍ତୁ ବୋଲି ଏସ୍‌ପି କହିଛନ୍ତି।

# ମୋଦିଙ୍କ ଅମଳରେ କ୍ଷୀର ୫୦%ରୁ ଊର୍ଦ୍ଧ୍ୱ ମହଙ୍ଗା

ନୂଆଦିଲ୍ଲୀ,୨୭।୬-(କୁଳଦୀପ ସିଂ)

କିଛିମାସ ହେଲା କ୍ଷୀର ଦାମ୍ ବଢ଼ିଚାଲିଥିବାବେଳେ ଉତ୍ପାଦନ ବୃଦ୍ଧି କରି ଏହା ଉପରେ ଲଗାମ ଲଗାଇବା ପାଇଁ ଉଦ୍ୟମ କରାଯିବ ବୋଲି ମଙ୍ଗଳବାର କେନ୍ଦ୍ର ସରକାର କହିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କ୍ଷୀର ଦାମ୍ ହ୍ରାସ ପାଇବ ସେନେଇ ସରକାର କିଛି କହିନାହାନ୍ତି।

ଦେଶରେ କ୍ଷୀର ଦାମ୍ ହୁହୁ ହୋଇ ବଢ଼ୁଥିବା ବିଷୟ କେନ୍ଦ୍ର ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ ଓ ଡେଏରୀ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ସ୍ୱୀକାର କରିଛନ୍ତି। ମୋଦି ସରକାରଙ୍କ ୯ ବର୍ଷ ଶାସନର ଉପଲବ୍ଧି ବତାଇବା ପାଇଁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କ୍ଷୀର ଦାମ୍ ବଢ଼ୁଥିବା କଥା ମୁଁ ମାନୁଛି। କ୍ଷୀର ଉତ୍ପାଦନ ବୃଦ୍ଧି କରି ଏହାର ଦାମ୍‌କୁ ନିୟନ୍ତ୍ରଣ କରାଯିବ।



୨୦୧୪ ମେ'ରେ ମୋଦି ସରକାର କେନ୍ଦ୍ରରେ କ୍ଷମତାସୀନ ହେବାବେଳେ କ୍ଷୀର କେ.ଜି. ୩୮ ଟଙ୍କା ଥିବାବେଳେ ବର୍ତ୍ତମାନ ଏହା ୫୭ ଟଙ୍କାକୁ ବୃଦ୍ଧି ପାଇଛି। ବୃହତ୍ ଦୁଗ୍ଧ ଉତ୍ପାଦନକାରୀ କମ୍ପାନୀ ଅମୂଲ ଓ ମଦର ଡେଏରୀ ଗତବର୍ଷଠାରୁ ଅନେକ ଥର ଦାମ୍ ବଢ଼ାଇସାରିଲେଣି। ରିପୋର୍ଟ ଅନୁସାରେ ମଦର ଡେଏରୀ ୨୦୨୨ ମାର୍ଚ୍ଚରୁ ଡିସେମ୍ବର ମଧ୍ୟରେ କ୍ଷୀର ଦାମ୍ ୧୦ ଟଙ୍କା ବଢ଼ାଇଥିଲା। ଗୋଖାଦ୍ୟ ମହଙ୍ଗା ହେବାରୁ କ୍ଷୀର ଦାମ୍ ବୃଦ୍ଧି ପାଉଥିବା କୁହାଯାଉଛି। ଏନେଇ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି, ଗୋଖାଦ୍ୟ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ସରକାର ଏକ ନୂଆ ଯୋଜନାରେ ସବ୍‌ସିଡି ପ୍ରଦାନ କରୁଛନ୍ତି। କିନ୍ତୁ କ୍ଷୀର ଯୋଗାଣରେ ନିଅଣ୍ଟିଆ ସ୍ଥିତି ସୃଷ୍ଟି ହୋଇନାହିଁ। ଦେଶରେ ପର୍ଯ୍ୟାପ୍ତ ପରିମାଣର ଦୁଗ୍ଧ ପାଉଡର ରହିଛି। କ୍ଷୀର ଯୋଗାଣ ଶୃଙ୍ଖଳ ମଧ୍ୟ ସୁରୁଖୁରୁରେ ଚାଲିଛି। ଗତ ୯ ବର୍ଷ ମଧ୍ୟରେ ଦେଶରେ ଦୁଗ୍ଧ ଉତ୍ପାଦନ ୮୩ ନିୟୁତ ଟନ୍ ବୃଦ୍ଧି ପାଇ ୨୨୧ ନିୟୁତ ଟନ୍‌ରେ ପହଞ୍ଚିଛି। ୨୦୧୪ରେ ମୁଣ୍ଡ ପିଛା କ୍ଷୀର ବ୍ୟବହାର ୩୦୩ ଗ୍ରାମ ଥିବାବେଳେ ୨୦୨୨ରେ ଏହା ୪୪୯ ଗ୍ରାମରେ ପହଞ୍ଚିଲା ବୋଲି କେନ୍ଦ୍ରମନ୍ତ୍ରୀ ରୁପାଲା ସୂଚନା ଦେଇଛନ୍ତି।

## ଜୁଲାଇ ୩ରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

**କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ):** ଆସନ୍ତା ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୮୦ଟି କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରୁ ୧୩୧୧ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟରୁ ୮୯୧୫ ଜଣ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ଜଣାପଡିଛି। ଏନେଇ ବୋର୍ଡ ୱେବ୍‌ସାଇଟ୍‌ରେ www. bseodisha.ac.inରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ରହିଛି। ସ୍କୁଲ କର୍ତ୍ତୃପକ୍ଷ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରି ଛାତ୍ରୀଛାତ୍ରଙ୍କୁ ଦେବେ।

## ଜୁଲାଇ ୩ ଯାଏ ବର୍ଷା ନାହିଁ
### ୧୬ ଜିଲାରେ ନିଅଣ୍ଟିଆ

**ଭୁବନେଶ୍ୱର,୨୭।୬(ଅନିଲ ଦାସ):** ରାଜ୍ୟରେ ମୌସୁମୀଜନିତ ବର୍ଷା ଥମିଯାଇଛି। ଗତ ଦୁଇଦିନ ଧରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଭଲ ବର୍ଷା ହୋଇଥିବା ବେଳେ ଉପକୂଳରେ ନିଅଣ୍ଟିଆ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୭ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟରେ ୧୮୧.୬ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୪୬.୯ ମିଲିମିଟର। ୧୯%ରୁ କମ୍ କିମ୍ବା ବେଶି ବର୍ଷା ହେଲେ ଏହାକୁ ସ୍ୱାଭାବିକ ଧରାଯାଏ। ରାଜ୍ୟକୁ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ୧୬ଟି ଜିଲାରେ ବର୍ଷାଭାବ ଦେଖାଦେଇଛି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ପୁରୀ, ସୁବର୍ଣ୍ଣପୁର। ଏହି ସବୁ ଜିଲାରେ ବର୍ଷା ନ ଥିବାରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆସନ୍ତା ଜୁଲାଇ ୩ ଯାଏ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ଗତ ୨୪ ଘଣ୍ଟାରେ ବାରିପଦାରେ ସର୍ବାଧିକ ୫୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୩, ବାଲେଶ୍ୱର ୨୯.୬, ଝାରସୁଗୁଡ଼ା ୩୮.୬, କେନ୍ଦୁଝର ୨୬.୭, ସମ୍ବଲପୁର ୧୨.୨, ହୀରାକୁଦ ୩୧, ତାଲଚେର ୨୫, ଭବାନୀପାଟଣା ୧୨.୮ ଏବଂ ଟିଟିଲାଗଡ଼ରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଆଜୀବନ ଜେଲ

### ସ୍ତ୍ରୀ ହତ୍ୟା ମାମଲା

ଭୁବନେଶ୍ୱର,୨୭।୬(ସତ୍ୟଜିତ୍ ରାଉତ)

ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ ରାୟଗଡ଼ା ଜିଲା ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ (୭୮)ଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଗତ ଶନିବାର ଏହି ମାମଲାରେ କୋର୍ଟ ଅଭିଯୁକ୍ତ ରାମମୂର୍ତ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ମଙ୍ଗଳବାର ଦଣ୍ଡ ଘୋଷଣା କରିଛନ୍ତି। ଏଥିସହ ଆଇପିସି ଦଫା ୩୦୨ରେ ୫୦ ହଜାର ଓ ଦଫା ୨୦୧ରେ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ତାଙ୍କୁ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦେୟ ଯଥାକ୍ରମେ ଉଭୟ ଦଫା ପାଇଁ ୧ବର୍ଷ ଓ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଭୁବନେଶ୍ୱର ଖାରବେଳନଗର ଥାନାସ୍ଥିତ ଏମ୍‌ଏଲ୍‌ଏ କଲୋନୀର ସରକାରୀ କ୍ୱାର୍ଟର୍ସ 'ଡିଏସ୍ -୧୮/୧'ରେ ସ୍ତ୍ରୀ ଶଶିରେଖାଙ୍କ ସହ ରାମମୂର୍ତ୍ତି ୧୯୯୦ ମସିହାରୁ ରହି ଆସୁଥିଲେ। ତେବେ ବିଭିନ୍ନ ସମୟରେ ସ୍ତ୍ରୀଙ୍କୁ ରାମମୂର୍ତ୍ତି ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ୧୯୯୫ ଅଗଷ୍ଟ ୨୯ ତାରିଖ ସକାଳେ ଗର୍ଭବତୀ ଥିବା ଶଶିରେଖା ନିଦରୁ ବିଳମ୍ବରେ ଉଠିବାରୁ ତାଙ୍କୁ ରାମମୂର୍ତ୍ତି ମାଡ଼ ମାରିଥିଲେ। ଏଥିସହ ଶଶିରେଖାଙ୍କୁ ବାଥରୁମ୍‌ରେ ପୁରାଇ କିରୋସିନି ଢ଼ାଳି ନିଆଁ ଲଗାଇଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଶଶିରେଖା ଆତ୍ମହତ୍ୟା କରିଥିବା ନେଇ ରାମମୂର୍ତ୍ତି ପୋଲିସକୁ ମିଥ୍ୟା ଖବର ଦେଇଥିଲେ। ପୋଲିସ ଶଶିରେଖାଙ୍କ ମୃତଦେହ ଜବତ କରିବା ପରେ ଏକ ଅପମୃତ୍ୟୁ ମାମଲା (ନଂ. ୦୬/୧୯୯୫) ରୁଜୁ କରି ତଦନ୍ତ ଚଳାଇଥିଲା। ରାମମୂର୍ତ୍ତି ଶଶିରେଖାଙ୍କ ମୁଣ୍ଡରେ ଶକ୍ତ ଆଘାତ ଦେବା ସହ ପୋଡ଼ି ହତ୍ୟା କରିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୦/୧୯୯୫) ରୁଜୁ କରି ରାମମୂର୍ତ୍ତିଙ୍କୁ ଗିରଫ କରିଥିଲା। ପରେ ରାମମୂର୍ତ୍ତି ଜାମିନରେ ଆସିଥିବାବେଳେ ଶନିବାରଠାରୁ ଜେଲ ଯାଇଛନ୍ତି। ଏହି ମାମଲାରେ କୋର୍ଟ ୧୧ ଜଣ ସାକ୍ଷୀଙ୍କ ବୟାନ ଏବଂ ୧୫ଟି ଦସ୍ତାବିଜ୍ ଆଧାରରେ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।


ରାମମୂର୍ତ୍ତି ଗମାଙ୍ଗ

ସୂଚନାଯୋଗ୍ୟ, ୧୯୯୦ରେ ରାମମୂର୍ତ୍ତି ଜନତା ଦଳ ପକ୍ଷରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ ଜନତା ଦଳ ଛାଡ଼ି ୨୦୦୦ ମସିହାରେ ଭାଜପା ପକ୍ଷରୁ ନିର୍ବାଚନ ଜିତି ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଥିଲେ।

# ଦୁର୍ଘଟଣା ମୁକାବିଲା ପାଇଁ ଆସିବ ଏସ୍‌ଓପି

ଭୁବନେଶ୍ୱର,୨୭।୬(ଅନିଲ ଦାସ)

ଦିଗପହଣ୍ଡି ବସ୍ ଦୁର୍ଘଟଣା ପରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁଅର(ଏସ୍‌ଓପି) କରିବାକୁ ନିଷ୍ପତ୍ତି ହୋଇଛି। ଦୁର୍ଘଟଣା ପରେ ତ୍ୱରିତ ପଦକ୍ଷେପ ନେବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ବିଭାଗରେ ଥିବା କଲ୍ ସେଣ୍ଟରକୁ ଖବର ଆସିବା ମାତ୍ରେ ଅଳ୍ପ କେଇ ସେକେଣ୍ଡରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜରୁରିକାଳୀନ ସ୍ୱାସ୍ଥ୍ୟ ଟିମ୍ ନିକଟକୁ ଏସ୍‌ଏମ୍‌ଏସ୍ ପହଞ୍ଚିବ। ଏହି ଟିମ୍ ଦୁର୍ଘଟଣା ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ। ଏହାଛଡ଼ା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ପୂର୍ତ୍ତ ବିଭାଗକୁ ନେଇ ଏକ ସ୍ପେଶାଲ ଏକ୍ସପର୍ଟ ଟିମ୍ ଗଠନ କରାଯିବ। ଏହି ଟିମ୍ ଦୁର୍ଘଟଣା ସ୍ଥଳ ଯାଞ୍ଚ କରିବ। ଯାନବାହନଗୁଡ଼ିକର ଫିଟ୍‌ନେସ, ବୀମା ଇତ୍ୟାଦିକୁ 'ବାହନ' ପୋର୍ଟାଲ ସହ ସଂଯୋଗ କରାଯାଇଛି। ରାଜ୍ୟରେ ଥିବା ପ୍ରତ୍ୟେକ ଟୋଲ୍ ଗେଟ୍ ସହ ମଧ୍ୟ ବାହନ ପୋର୍ଟାଲ ସଂଯୋଗ ରହିଛି। କୌଣସି ଗାଡ଼ି ବିନା ବୀମା କିମ୍ବା ଫିଟ୍‌ନେସ୍‌ରେ ଯାତ୍ରା କରୁଥିଲେ ତାହା ତୁରନ୍ତ ବାହନ ପୋର୍ଟାଲକୁ ସୂଚନା ମିଳିବ। ଏ ନେଇ ଆର୍‌ଟିଓମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ କରିବାକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୬(ଅନିଲ ଦାସ)

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁଣିଥରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, କେନ୍ଦୁପତ୍ର ହେଉଛି ଲଘୁବନଜାତ ଦ୍ରବ୍ୟ। ଏହା ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ କର୍ମଚାରୀଙ୍କ ପାଇଁ ଅର୍ଥନୈତିକ ମେରୁଦଣ୍ଡ। ରାଜ୍ୟରେ କେନ୍ଦୁପତ୍ର ତୋଳିବା ଓ ବାନ୍ଧିବା କାର୍ଯ୍ୟରେ ମୁଖ୍ୟତଃ ଅତି ଗରିବ ଆଦିବାସୀ ଓ ମହିଳାମାନେ ନିୟୋଜିତ ଥାଆନ୍ତି। ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ ଆଇନ-୨୦୦୬ ଆଧାରରେ ଆଦିବାସୀମାନେ କେନ୍ଦୁପତ୍ର ସଂଗ୍ରହ କରିଥାନ୍ତି। କେନ୍ଦୁପତ୍ର ଉପରୁ ୧୮ପ୍ରତିଶତ ଜିଏସ୍‌ଟି ଆଦାୟ ହେଉଛି। ଏହା ସିଧାସଳଖ କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ବନ୍ଧାଳିଙ୍କ ଜୀବନଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ତେଣୁ କେନ୍ଦୁପତ୍ର ତୋଳାଳିଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ କରିବାକୁ ନବୀନ ଦାବି ଦୋହରାଇଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ୨୦୨୨ ନଭେମ୍ବର ୨୫ ତାରିଖରେ କେନ୍ଦ୍ରକୁ ଚିଠି ଲେଖି ଜିଏସ୍‌ଟି ଛାଡ଼ ପାଇଁ ଅନୁରୋଧ କରିଥିଲେ। ଏପରି କି ବିଜେଡି ଏମ୍‌ପିମାନେ ମଧ୍ୟ ପାର୍ଲାମେଣ୍ଟରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ପାଇଁ ଦାବି କରି ଆସୁଛନ୍ତି।









"ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିମ୍ବା ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ– ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ। **–ଶ୍ରୀମା**



# ପ୍ରାଣୀ ଆଇନ

ଜୁନ୍ ୭ ତାରିଖରେ ଲାଇଭ୍‌ଷ୍ଟକ ଆଣ୍ଡ୍ ଲାଇଭ୍‌ଷ୍ଟକ ପ୍ରଡକ୍ଟସ୍ (ଇମ୍ପୋର୍ଟେଶନ ଆଣ୍ଡ୍ ଏକ୍ସପୋର୍ଟେଶନ) ବିଲ୍ ବା ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ (ଆମଦାନୀ ଓ ରପ୍ତାନି) ବିଲ୍, ୨୦୨୩ର ଚିଠା କେନ୍ଦ୍ର ସରକାରଙ୍କ ଦ୍ୱାରା ସାର୍ବଜନୀନ କରାଯାଇଥିଲା। ମାତ୍ର ୧୦ ଦିନ ଭିତରେ ଜୁନ୍ ୧୭ ତାରିଖ ସୁଦ୍ଧା ଏହା ଉପରେ ପ୍ରସ୍ତାବ ଓ ଆପତ୍ତି ଦାଖଲ କରିବାକୁ ଜନସାଧାରଣଙ୍କୁ କୁହାଯାଇଥିଲା। ଏହିଭଳି ଆଇନକୁ ପ୍ରସ୍ତୁତ କରିବା ପାଇଁ ସରକାର ତାଙ୍କର ଅନେକ ଅଫିସରଙ୍କୁ ଲଗାଇ ଅନେକ ମାସ ଧରି ପ୍ରସ୍ତୁତ କରିଆସିଥିବେ। ତାହାପରେ, ହଠାତ୍, ୱେବ୍‌ସାଇଟ୍‌ରେ ପକାଇ ମାତ୍ର ୧୦ ଦିନ ଭିତରେ ଜନସାଧାରଣଙ୍କ ମତ ଲୋଡ଼ିଥିଲେ। ଏହିଭଳି କାର୍ଯ୍ୟ ଆଜିର ସରକାର ବାରମ୍ବାର କରିଆସୁଛନ୍ତି। ୧୨୫ ବର୍ଷର ପୁରୁଣା ପ୍ରାଣୀଧନ ଆଇନ ୧୮୯୮ ଏବଂ ପ୍ରାଣୀଧନ ଆମଦାନୀ ଆଇନ (ସଂଶୋଧନ) ୨୦୦୧ର ପୁନଃ ପ୍ରବର୍ତ୍ତନ ବୋଲି ମନେକରାଯାଉଥିବା ଏହି ନୂଆ ବିଲ୍‌ର ଚିଠାକୁ ନେଇ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଯେଉଁମାନେ ପ୍ରାଣୀଧନ ସମ୍ପର୍କରେ କିଛି ଜାଣିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ନୂତନ ଆଇନକୁ ବିରୋଧ କରିଥିଲେ। ପଶୁପ୍ରେମୀ ଏବଂ ପ୍ରାଣୀ ଅଧିକାର ଓ ସୁରକ୍ଷା ପାଇଁ ଲଢୁଥିବା କର୍ମୀ ତଥା ସଙ୍ଗଠନଗୁଡ଼ିକ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଦାବି କରିଥିଲେ। ତେବେ ମତାମତ ଦେବାର ତାରିଖ ଶେଷ ହେବା ପରେ ଜୁନ ୨୦ରେ ସରକାର ଉକ୍ତ ଚିଠାକୁ ପ୍ରତ୍ୟାହାର କରିନେଇଛନ୍ତି ବୋଲି ଜଣାପଡ଼ିଛି। ଆଇନ ପାସ କରି ତାହାକୁ ପ୍ରତ୍ୟାହାର କରିବା ହେଉ କିମ୍ବା ମତାମତ ଲୋଡ଼ି ପ୍ରତ୍ୟାହାର କରିବା ଏହି ସରକାରଙ୍କ ଚରିତ୍ରଗତ ଦୋଷ ହୋଇଗଲାଣି। ଏହି ଆଇନ ଯେ ଭିନ୍ନ ନାମ ଏବଂ ରୂପରେ ପୁନର୍ବାର ଆଗତ ହେବ ନାହିଁ ତାହା କହିବା କଷ୍ଟକର। ଏଭଳି ଆଇନ ଯଦି ଲାଗୁ ହୋଇଥାଆନ୍ତା, ତେବେ ଦେଶୀ ପ୍ରଜାତିର ପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଥାଆନ୍ତା। ଗୋ ସମ୍ପଦ କ୍ଷେତ୍ରରେ ଦେଖାଯାଇଛି ଯେ, ବିଦେଶୀ ପ୍ରଜାତିର ଗାଈ ଆମଦାନୀ ଓ ଏହାର ବ୍ୟାପକ ପାଳନ ଯୋଗୁ ଦେଶୀ ଗାଈ ହଜିବାକୁ ବସିଲାଣି। ଦେଶୀ ଗାଈ ଜାଗାରେ ସଙ୍କର ପ୍ରଜାତିର ଗାଈ ବନ୍ଧାହେଲେଣି। କେବଳ ଗାଈ ନୁହେଁ, ଅନ୍ୟ ଜୀବଜନ୍ତୁଙ୍କ ଜିନ୍ ମଧ୍ୟ ପ୍ରଭାବିତ ହେବା ଲକ୍ଷ୍ୟ କରାଯାଉଛି। ବିଲୁପ୍ତପ୍ରାୟ କିମ୍ବା ଦେଶୀ ପ୍ରଜାତିର ପ୍ରାଣୀଙ୍କୁ ଆମଦାନୀ କିମ୍ବା ରପ୍ତାନି କଲେ ଭାରତର ନିଜସ୍ୱ ପ୍ରାଣୀଧନ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି। ଏହାବ୍ୟତୀତ ଆମଦାନୀ ହେଉଥିବା ପ୍ରାଣୀ ମଧ୍ୟ କ୍ଷତିଗ୍ରସ୍ତ ହେବେ। ଉଦାହରଣ ସ୍ୱରୂପ ଭାରତରେ ଆଫ୍ରିକୀୟ ଚିତା କଥା ବିଚାର କରାଯାଉ। ଏବେ କୁନୋ ଜାତୀୟ ଉଦ୍ୟାନରେ ପ୍ରାୟ ୪ଟି ଚିତା ମରିସାରିଲେଣି।

> **ସରକାର ଏଭଳି ଦୁଷ୍ଟ ଆଇନ କେଉଁ କାରଣରୁ ଆଣିବାକୁ ଚିନ୍ତା କରିଥିଲେ ତାହା ବୁଝିବା କଷ୍ଟକର। ଅନୁମାନ କରାଯାଇପାରେ ଯେ, ବ୍ୟବସାୟିକ ଗୋଷ୍ଠୀଙ୍କର ପ୍ରଭାବରେ ଏଭଳି ନକାରାତ୍ମକ ଆଇନ ସୃଷ୍ଟି କରାଯାଉଛି।**

ପ୍ରାଣୀ ଆମଦାନୀ ଓ ରପ୍ତାନି ମଧ୍ୟ ଜୀବମଣ୍ଡଳରେ ଅସନ୍ତୁଳନ ଆଣିବାର ଅନେକ ଦୃଷ୍ଟାନ୍ତ ଅଛି। ଏଠାରେ ଏକ ବାସ୍ତବ କାହାଣୀକୁ ଉଲ୍ଲେଖ କରାଯାଇପାରେ। ୫୦ କି.ମି. ଚଉଡ଼ା ଏବଂ ୧୦ କି.ମି. ଲମ୍ବ ପ୍ରଶାନ୍ତ ମହାସାଗରୀୟ ଗୁଆମ ଦ୍ୱୀପ ବିଦେଶୀ ଜନ୍ତୁ ଆମଦାନୀ ଯୋଗୁ ନିଜସ୍ୱ ପରିବେଶକୁ ପ୍ରାୟ ଧ୍ୱଂସ କରିଦେଲାଣି। ଗବେଷକମାନଙ୍କ କହିବା ଅନୁଯାୟୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ, କୌଣସି ଏକ ମାଲବାହୀ ପାଣି ଜାହାଜରେ କେତୋଟି ସାପ ଏହି ଦ୍ୱୀପରେ ପହଞ୍ଚିଥିଲେ। ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଏହି ସାପର ବଂଶ ଏବେ ପ୍ରାୟ ୨୦ ଲକ୍ଷରେ ପହଞ୍ଚିଲାଣି। ଫଳସ୍ୱରୂପ, ଗୁଆମ ଦ୍ୱୀପର ପ୍ରାୟ ସବୁ ଚଢ଼େଇ ଆଜି ବିଲୁପ୍ତପ୍ରାୟ ହୋଇଗଲେଣି। କାରଣ ଏହି ସାପ ଗଛ ଚଢ଼ି ଚଢ଼େଇ ବସାରୁ ଅଣ୍ଡା ଖାଇ ଦେଉଛନ୍ତି। ଚଢ଼େଇ ନ ଥିବା ହେତୁ ଗଛର ମଞ୍ଜି କେହି ଖାଇଲେନି ଏବଂ ତାହା ଅନ୍ୟତ୍ର ସ୍ଥାନାନ୍ତର ହୋଇପାରିଲା ନାହିଁ। ଫଳସ୍ୱରୂପ, ଆଜି ଗୁଆମରେ ୯୨% ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି ଏବଂ ସେହି ଦ୍ୱୀପରେ କୌଣସି ଚଢ଼େଇ ଶବ୍ଦ ଶୁଣିବାକୁ ମିଳୁନାହିଁ। ଏଭଳି କ୍ଷତି ଘଟିବା ପଛରେ ବାହାରୁ ଆସିଥିବା ପ୍ରାଣୀ ପ୍ରଜାତିର ପ୍ରଭାବ ଅଛି। ସେହିଭଳି ଜର୍ସି ଗାଈ ମଧ୍ୟ ଭାରତରେ ଦେଶୀ ଗାଈର ପରିବାରକୁ ବିଲୁପ୍ତ ପ୍ରାୟ କରିସାରିଲାଣି। ତେଣୁ ବିଦେଶୀ ଗାଈକୁ ଗୋମାତା କହିବା କେତେଦୂର ଯଥାର୍ଥ ତାହା ଚିନ୍ତା କରିବା ଦରକାର। ଏଭଳି ଆଇନ ଯଦି କେବେ ଆସିଲା, ତେବେ ପ୍ରାଣୀ ନିର୍ଯାତନା ବୃଦ୍ଧି ପାଇବ। ଅନ୍ୟ ଏକ ଦିଗରୁ ବିଚାର କଲେ ପ୍ରାଣୀ ଆମଦାନୀ ଓ ରପ୍ତାନି ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଯଥା, ଜୀବମାନଙ୍କଠାରୁ ସୃଷ୍ଟି ହେଉଥିବା ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ ଏବଂ କୋଭିଡ୍–୧୯ ଭୂତାଣୁ ଭଳି ଆହୁରି ଅନେକ ନୂଆ ରୋଗ ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳକୁ ବ୍ୟାପିବାର ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ତେବେ ସରକାର ଏଭଳି ଦୁଷ୍ଟ ଆଇନ କେଉଁ କାରଣରୁ ଆଣିବାକୁ ଚିନ୍ତା କରିଥିଲେ ତାହା ବୁଝିବା କଷ୍ଟକର। ଅନୁମାନ କରାଯାଇପାରେ ଯେ, ବ୍ୟବସାୟିକ ଗୋଷ୍ଠୀଙ୍କର ପ୍ରଭାବରେ ଏଭଳି ନକାରାତ୍ମକ ଆଇନ ସୃଷ୍ଟି କରାଯାଉଛି।

# ଋଣ ଖିଲାପକାରୀଙ୍କ ସହ ସନ୍ଧି କାହିଁକି



ବୃହସ୍ପତି ସାମଲ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜୁନ ୮, ୨୦୨୨ରେ ଜାରିକରିଥିବା ନୂତନ ନିୟମାବଳୀ ଅନୁଯାୟୀ ବ୍ୟାଙ୍କମାନେ ଏବେ ଅନାଦାୟ ଋଣ ପାଇଁ ଋଣ ଖିଲାପକାରୀଙ୍କ ସହ ଆପୋସ ବୁଝାମଣା ମାଧ୍ୟମରେ ଏକକାଳୀନ ସମାଧାନର ଉପାୟ ସ୍ଥିର କରିପାରିବେ। କିଛି ବ୍ୟାଙ୍କରଙ୍କ କହିବା କଥା ଖିଲାପକାରୀଙ୍କଠାରୁ ଋଣ ଆଦାୟ କରିବା ପାଇଁ ଅଯଥା ସମୟ ନଷ୍ଟ କରିବା, କୋର୍ଟ କଚେରି ଦୌଡ଼ି ଖର୍ଚ୍ଚାନ୍ତ ହେବା ଓ ବୃଥା ମାନବୀୟ ଶକ୍ତିର ଅପଚୟ କରିବା ଅପେକ୍ଷା ଆଶୁ ସମାଧାନ ପାଇଁ ଆପୋସ ବୁଝାମଣା ଅନେକାଂଶରେ ଭଲ। ଏହି ପରିପ୍ରେକ୍ଷୀରେ, ଋଣଗ୍ରାହୀଙ୍କ ବିରୁଦ୍ଧରେ ଚାଲିଥିବା ଆପରାଧିକ ଓ ଆଇନଗତ ମାମଲା ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ବ୍ୟାଙ୍କମାନେ ସତର୍କ ଦୃଷ୍ଟି ରଖିବା ସହ ପ୍ରତ୍ୟେକ ଇଚ୍ଛାକୃତ ଖିଲାପକାରୀଙ୍କ ଋଣର ଆପୋସ ସମାଧାନ ପାଇଁ ବ୍ୟାଙ୍କିଂ ବୋର୍ଡର ଅନୁମୋଦନ ହାସଲ କରିବା ଜରୁରୀ ବୋଲି ଆରବିଆଇ ସତର୍କ କରାଇଛି। କିନ୍ତୁ, ଆଶ୍ଚର୍ଯ୍ୟର କଥା ହେଉଛି ୨୦୧୪ରୁ ଯୋଗ୍ୟ କର୍ମଚାରୀ କିମ୍ବା ଅଧିକାରୀଙ୍କୁ ବ୍ୟାଙ୍କିଂ ବୋର୍ଡର ନିର୍ଦ୍ଦେଶକ ପଦରେ ନିଯୁକ୍ତି ନ ଦେଇ, ଭାରତ ସରକାର ଶାସକ ଦଳର ରାଜନୈତିକ ସମର୍ଥକମାନଙ୍କୁ ଏହି ପଦବୀରେ ଥଇଥାନ କରିଛନ୍ତି। ତେଣୁ ଅଧିକାରୀ ଓ କର୍ମଚାରୀଙ୍କ ଭଳି ଉତ୍ତରଦାୟିତ୍ୱ ନ ଥିବା ରାଜନୈତିକ ସମର୍ଥକଙ୍କୁ ନେଇ ଅନାଦାୟ ଋଣର ଆପୋସ ସମାଧାନ ଉପରେ ବ୍ୟାଙ୍କିଙ୍ଗ ବୋର୍ଡ ନିଷ୍ପତ୍ତିର ସ୍ୱଚ୍ଛତା ସନ୍ଦେହ ଘେରରେ ରହିବା ସ୍ୱାଭାବିକ।

ସଂକ୍ଷେପରେ କହିବାକୁ ଗଲେ, କୌଣସି ଋଣର ସୁଧ, କିସ୍ତି କିମ୍ବା ମୂଳଧନର ପରିଶୋଧ ୯୦ ଦିନରୁ ଅଧିକ ବିଳମ୍ବିତ ହେଲେ ତାକୁ ଅନାଦାୟ ଋଣ ବା ଇଂଲିଶରେ ନନ୍–ପରଫରମିଂ ଆସେଟ (ଏନ୍‌ପିଏ) କିମ୍ବା ବ୍ୟାଡ ଲୋନ କୁହାଯାଏ। ଭାରତରେ ଅନାଦାୟ ଋଣ ମୋଟ ଋଣର ପ୍ରାୟ ୧୦ ପ୍ରତିଶତ। ପରିବର୍ତ୍ତିତ ଓ ଅଚିହ୍ନା ସମ୍ପତ୍ତିକୁ ମିଶାଇଲେ ଏହା ୧୫ରୁ ୨୦ ପ୍ରତିଶତ ହେବ। ଅନାଦାୟ ଋଣ ବୃଦ୍ଧିର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ଅସମ୍ବନ୍ଧିତ ବ୍ୟବସାୟରେ ପାଣ୍ଠିର ବିବିଧୀକରଣ, ନୈତିକତା, କଠିନ ପରିଶ୍ରମ ଓ ତତ୍ପରତାର ଅଭାବ, ବ୍ୟବସାୟିକ ବାତାବରଣ ଓ ନିୟମାବଳୀରେ ଆକସ୍ମିକ ପରିବର୍ତ୍ତନ ଯୋଗୁ କ୍ଷତି, ଆଞ୍ଚଳିକ, ଜାତୀୟ ଅଥବା ଅନ୍ତର୍ଜାତୀୟ ଅର୍ଥନୈତିକ ସଙ୍କଟ, ସାଧାରଣ ଅର୍ଥନୈତିକ ଅଥବା ନିର୍ଦ୍ଦିଷ୍ଟ ଔଦ୍ୟୋଗିକ ଅଞ୍ଚଳରେ ମାନ୍ଦାବସ୍ଥା, ଔଦ୍ୟୋଗିକ କୁଶାସନ ଓ କୁପରିଚାଳନା, ନିର୍ଦ୍ଦିଷ୍ଟ ଔଦ୍ୟୋଗିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ, ରାଜନୈତିକ, ସାଂସ୍କୃତିକ ତଥା ପରିବେଶଜନିତ କାରଣରୁ ଭୂମି ଅଧିଗ୍ରହଣରେ ଅହେତୁକ ବିଳମ୍ବତା, ଋଣ ପ୍ରଦାନରେ ସ୍ୱଚ୍ଛତାର ଅଭାବ ଏବଂ ବନ୍ୟା, ବାତ୍ୟା, ମହାମାରୀ, ଭୂମିକମ୍ପ ତଥା ସୁନାମି ଭଳି ଦୈବ ଦୁର୍ବିପାକ ଆଦି ପ୍ରମୁଖ। ଅନାଦାୟ ଋଣ ବ୍ୟାଙ୍କର ନେଟ୍ ଲାଭକୁ ପ୍ରଭାବିତ କରୁଥିବାରୁ ବ୍ୟାଙ୍କମାନେ ବାଧ୍ୟବାଧକତାରେ ଚାପରେ ରହି ଲାଭାନ୍ତରର ସୁପରିଚାଳନା ପାଇଁ ଋଣ ସୁଧ ହାର ବୃଦ୍ଧି କରନ୍ତି ଏବଂ ଭଲ ଭଲ ପ୍ରୋଜେକ୍ଟରୁ ନିମ୍ନମାନର ପ୍ରୋଜେକ୍ଟ ଆଡକୁ ପାଣ୍ଠି ସଞ୍ଚାଳିତ କରିନିଅନ୍ତି। ଫଳରେ, ବୃହତ୍ତର ଜାତୀୟ ଅର୍ଥନୀତି ବାଧାପ୍ରାପ୍ତ ହୁଏ। ପୁଞ୍ଜିନିବେଶ ଅଟକିଯିବା ହେତୁ ବେରୋଜଗାରୀ ପ୍ରୋତ୍ସାହିତ ହେବାର ସମ୍ଭାବନା ବଢ଼ିଯାଏ। ଦିନକୁ ଦିନ ଅନାଦାୟ ଋଣର ମାତ୍ରା ବୃଦ୍ଧି ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଖରାପ ଅବସ୍ଥାର ସମ୍ମୁଖୀନ ହୁଅନ୍ତି। ଫଳରେ, ସେମାନଙ୍କର ଅଂଶୀଦାରମାନଙ୍କୁ ଅର୍ଥାତ୍ ପରୋକ୍ଷରେ ଭାରତ ସରକାରଙ୍କୁ କମ୍ ଲାଭାଂଶ ପ୍ରଦାନ କରିଥାନ୍ତି; ଯାହା ସିଧାସଳଖ ସାମାଜିକ ତଥା ଭିତ୍ତିଭୂମି ଅନ୍ତର୍ନିର୍ମାଣ ଯୋଜନାଗୁଡିକର ଉନ୍ନତିରେ ବାଧା ସୃଷ୍ଟି କରି ସର୍ବୋପରି ରାଜନୈତିକ ଗତିବିଧିକୁ ମଧ୍ୟ ପ୍ରଭାବିତ କରିଥାଏ। ଅଧିକନ୍ତୁ, ଏହି ଅନାଦାୟ ଋଣ ପାଇଁ ବଢ଼ି ବଢ଼ି ଯାଉଥିବା ଆପରାଧିକ ଓ ଆଇନଗତ ମାମଲା ଯୋଗୁ ବିଚାରାଳୟଗୁଡ଼ିକ ଚାପରେ ରହିବାକୁ ବାଧ୍ୟ ହୁଅନ୍ତି; ଯାହା ସାଧାରଣ ଜନତା ପାଇଁ ନ୍ୟାୟିକ ପ୍ରକ୍ରିୟାକୁ ଶିଥିଳ କରେ।



ଆରବିଆଇର ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୧ – ୨୦୨୨ ସୁଦ୍ଧା ଗତ ଛଅ ବର୍ଷ ମଧ୍ୟରେ ଭାରତର ରାଷ୍ଟ୍ରାୟତ୍ତ ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଯଥାକ୍ରମେ ୮,୧୬,୪୨୧ କୋଟି ଓ ୧୧,୧୭,୮୮୩ କୋଟି, ଅର୍ଥାତ୍ ମୋଟ ୧୯,୩୪,୩୦୪ କୋଟି ଟଙ୍କାର ଅନାଦାୟ ଋଣ ଖାରଜ କରିଛନ୍ତି। ଏଥି ମଧ୍ୟରୁ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ନେଇଥିବା ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ସଂଖ୍ୟା ୩୦ ଜୁନ ୨୦୨୨ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୧୨୪୩୮ ଥିବାବେଳେ, ଘରୋଇ ବ୍ୟାଙ୍କରେ ୨୪୪୭; ଯାହା ୩୦ ଜୁନ ୨୦୧୭ରେ ଯଥାକ୍ରମେ ୮୦୪୫ ଓ ୧୬୧୬ ଥିଲା। ଅର୍ଥାତ୍, ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟୁଛି; ଯାହା ଭାରତୀୟ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ। ୧୫ ଡିସେମ୍ବର ୨୦୨୨ ସୁଦ୍ଧା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିଜୟ ମାଲ୍ୟା, ନୀରବ ମୋଦି, ମେହୁଲ ଚୋକ୍ସୀ ଭଳି ଇଚ୍ଛାକୃତ ଖିଲାପକାରୀଙ୍କଠାରୁ ୧୯୩୧୨.୨୦ କୋଟି ଟଙ୍କାର ସମ୍ପତ୍ତି ଜବତ କରି ୧୫୧୧୩ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟର୍ପଣ କରିଛନ୍ତି। ସେହି ତୁଳନାରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଏହି ସମୟ ଭିତରେ ଖାରଜ କରିଥିବା ଋଣରୁ ମାତ୍ର ୧୩୨୦୩୬ କୋଟି ଟଙ୍କା ଆଦାୟ କରିପାରିଛନ୍ତି। ଅତଏବ, ବିଗତ ଛଅ ବର୍ଷ ମଧ୍ୟରେ ଖାରଜ ହୋଇଥିବା ମୋଟ ୧୯,୩୪,୩୦୪ କୋଟି ଟଙ୍କାର ଅନାଦାୟ ଋଣରୁ ମାତ୍ର ୧,୪୭,୧୪୯ କୋଟି ଟଙ୍କା (୭.୬୦%) ଅସୁଲି ହୋଇପାରିଛି, ଯାହା ନୈରାଶ୍ୟଜନକ। ଯାହା ଉପଲବ୍ଧି ହୁଏ, ଋଣ ଖିଲାପକାରୀଙ୍କ ବିରୁଦ୍ଧରେ ନିଆଯାଉଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସେଭଳି ଉତ୍ସାହପ୍ରଦ ନୁହେଁ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆପୋସ ବୁଝାମଣା ଭିତ୍ତିରେ ନିର୍ଦ୍ଧାରିତ ଋଣ ରାଶି ପଇଠ ହେଲା ପରେ ସୁଧ ଏବଂ ମୂଳଧନ ବାବଦକୁ ଖିଲାପକାରୀ ଯେଉଁ ରିହାତି ପାଇଲେ, ତାହା ଖାରଜ ହେବ ନା ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଦିଆଯିବ ? ଯଦି ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଦିଆଯାଏ, ତେବେ ସେହି ପରିମାଣ ଅର୍ଥର ବୋଝ କିଏ ବହନ କରିବ – ନିର୍ଦ୍ଦିଷ୍ଟ ବ୍ୟାଙ୍କ, କେନ୍ଦ୍ର ସରକାର ନା ସାଧାରଣ ଟିକସଦାତା ? ସ୍ପଷ୍ଟ ଉତ୍ତର ରଖି ଏତିକି କହିହେବ ଯେ ଏହି ଅନାଦାୟ ରିହାତିର ବୋଝ ସିଧାସଳଖ ସାଧାରଣ ନାଗରିକ ଓ ଟିକସଦାତାଙ୍କ ଉପରେ ପଡ଼ିବା ସ୍ୱାଭାବିକ। ୩୧ ମାର୍ଚ୍ଚ ୨୦୧୪ ସୁଦ୍ଧା ଭାରତର ମୋଟ ଋଣ ପରିମାଣ ୫୫.୮୭ ଲକ୍ଷ କୋଟି ଥିଲା ବେଳେ ଗତ ୯ ବର୍ଷ ମଧ୍ୟରେ ଅର୍ଥାତ ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା ୯୯.୪୪ ଲକ୍ଷ କୋଟି ବଢ଼ି ଆଜିର ଦିନରେ ଭାରତ ସରକାରଙ୍କ ମୋଟ ଋଣର ପରିମାଣ ୧୫୫.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅତଏବ, ଏହି ସମୟ ମଧ୍ୟରେ ଭାରତରେ ମୁଣ୍ଡ ପିଛା ଋଣ ଭାର ୨.୫୩ ଗୁଣ ବୃଦ୍ଧି ହୋଇ ୪୩୧୨୪ ରୁ ୧,୦୯,୩୭୩ ଟଙ୍କା ହୋଇଛି । ଅର୍ଥନୀତିର ଜଟିଳ ଅଙ୍କ ଜାଣି ନ ଥିବା ଭାରତର ଜଣେ ସାଧାରଣ ନାଗରିକ ଅଯଥାରେ ୧,୦୯,୩୭୩ ଟଙ୍କା ଋଣର ବୋଝ ମୁଣ୍ଡେଇ ସମୟ କାଟୁଛି। ତା'ବାଦ, ବୋଝ ଉପରେ ନଳିତା ବିଡ଼ା ଭଳି ଅନାଦାୟ ଋଣର ଦାଉ। ଗରିବ, ଖଟିଖିଆ ସାଧାରଣ ମଣିଷଟିଏ ବଞ୍ଚିବ କେମିତି? ଆଇଏମ୍‌ଏଫ୍ ୨୦୨୨ର ରିପୋର୍ଟ ମୁତାବକ ଭାରତର ମୋଟ ଘରୋଇ ଉତ୍ପାଦର ୮୩ ପ୍ରତିଶତ ଋଣ। ଆପୋସ ବୁଝାମଣାରେ ଖିଲାପକାରୀଙ୍କୁ ରିହାତି ପ୍ରଦାନ ସହ ଅନାଦାୟ ଋଣର ଏକକାଳୀନ ହିସାବନିକାଶ ପରୋକ୍ଷରେ ଦେଶର ଋଣ ବୃଦ୍ଧିରେ ସହାୟକ ହେବ, ଯାହା ସିଧାସଳଖ ଭାବେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ନାଗରିକଙ୍କୁ ପ୍ରଭାବିତ କରିବ।

**ସାଧାରଣ ସମ୍ପାଦକ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି, ଭୁବନେଶ୍ୱର**
**ମୋ. : ୯୪୩୭୦୨୨୬୬୯**

# ବିକଳ୍ପ ବାଟ ସନ୍ଧାନରେ



ଶୁଭନାରାୟଣ ଶତପଥୀ

ବାତାନୁକୂଳିତ କହିଲେ ସାଧାରଣତଃ ଏୟାର କଣ୍ଡିଶନିଂ ବା ଏସିର ବ୍ୟବହାର ବୋଲି ଆମେ ବୁଝିଥାଉ। ତେବେ ଏହି ଏସିର ବ୍ୟବହାର ଗ୍ରୀଷ୍ମମାସଗୁଡିକରେ ଅଧିକ ଦେଖିବାକୁ ମିଳିଥାଏ। ଅନେକ ବ୍ୟକ୍ତି ଏହାକୁ ବର୍ଷସାରା ବ୍ୟବହାର କରିଥାନ୍ତି। ପ୍ରକୃତି ସହିତ ଜଡିତ ହୋଇ ଋତୁକାଳୀନ ପାଗ ସହିତ ନିଜକୁ ଖାପଖୁଆଇ ମଣିଷ ଚଳିବା ଉଚିତ। ପାଗର ପରିବର୍ତ୍ତନରେ ପ୍ରକୃତିକୁ ସହଯୋଗ କରି ପ୍ରକୃତିର ଉପାଦାନଗୁଡିକ ସହିତ ଚଳିଲେ ଜୀବନ ଦୀର୍ଘ ଓ ସୁସ୍ଥ ହୋଇଥାଏ। କିନ୍ତୁ ବଢୁଥିବା ତାପମାତ୍ରାରେ ଅତିଷ୍ଠ ହୋଇ ବିଭିନ୍ନ ବର୍ଗର ପରିବାର, ବ୍ୟକ୍ତିବିଶେଷ, ଗୋଷ୍ଠୀ, ସରକାରୀ ଓ ବେସରକାରୀ ସଂସ୍ଥା ଆବଶ୍ୟକତା ଅନୁସାରେ ଅଫିସ, କଳକାରଖାନା, ପରିବହନ ସେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରଗୁଡିକୁ ବାତାନୁକୂଳିତ କରୁଛନ୍ତି। ପ୍ରକାରାନ୍ତରେ ଏହି ସୁବିଧା ମଧ୍ୟ ପରିବେଶକୁ ଅଧିକ ପ୍ରଦୂଷିତ ଓ ଅସୁରକ୍ଷିତ କରିବାରେ ଲାଗିଛି।

କିଛିଲୋକ ଏସି ବ୍ୟବହାର କରି ପରିବେଶକୁ ଦୂଷିତ ଓ ଉଷ୍ମ କରିବାକୁ ଚାହୁଁ ନ ଥିବା ପରିପ୍ରେକ୍ଷୀରେ ଯେତେବେଳେ ସେମାନଙ୍କ ଘରଚାରିପାଖରେ ବସବାସ କରୁଥିବା ପରିବାରସମୂହ ଏସି ବ୍ୟବହାର କରନ୍ତି ସେତେବେଳେ ସେହି ଏସିଗୁଡିକରୁ ନିର୍ଗତ ଉତ୍ତାପ ଓ ଅଙ୍ଗାରକାମ୍ଳ ଗ୍ୟାସର ପ୍ରାଦୁର୍ଭାବ ସହ୍ୟ କରି ନ ପାରି ବାଧ୍ୟବାଧକତାରେ ସେହି ଲୋକମାନେ ତାଙ୍କ ଘରେ ଏସି ଲଗାଇଥାନ୍ତି । ସେହି ସମାନ ଉଦ୍ଦେଶ୍ୟ ନେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଛାତ ଉପରେ ଘର ତୋଳିଥାନ୍ତି କିଛିଲୋକ। କାରଣ ତଳଘରଟିରେ ଗରମ ଅନୁଭୂତ ହେବନାହିଁ। କିନ୍ତୁ ଏବର୍ଷର ଗ୍ରୀଷ୍ମପ୍ରବାହ ଏହାକୁ ଭୁଲ ପ୍ରମାଣିତ କରୁଥିବାର ଅନୁଭବ କରୁଛେ ଆମେ। ତେବେ ଅନ୍ୟ ଏକ ଘଟଣା। ମାଧ ମହାନ୍ତି ଭାରି ଶୟନ ଓ ବିଳାସବ୍ୟସନ ପ୍ରିୟ ବ୍ୟକ୍ତି। ଗରମ ଅସହ୍ୟ ହେବାରୁ ଘରଣୀଙ୍କ ଦାବି ଅନୁସାରେ ଗତବର୍ଷ ଘରକୁ ଏସିଟେ ଆଣିଲେ। ଏସିଟା ଲାଗିଯିବା ପରେ ଏବେ ମାଧଙ୍କ ସ୍ଥାନ ସାମାଜିକ ଓ ଆର୍ଥିକ ସ୍ତରରେ ଟିକେ ଉଚ୍ଚା ହୋଇଛି ବା ଧନୀ ବ୍ୟକ୍ତିଙ୍କ ସମକକ୍ଷ ହୋଇଛି ବୋଲି ତାଙ୍କର ମତ। ଶୟନରେ ଆନନ୍ଦ, ଅତିଥିଙ୍କ ପସନ୍ଦ, ଘରଣୀଙ୍କୁ ସନ୍ତୁଷ୍ଟ, ମୋର ଏହି ଉନ୍ନତ ଚଳଣି ପାଇଁ ଗୌରବାନ୍ୱିତ ବୋଲି କୁହନ୍ତି ମାଧ ମହାନ୍ତି। ଇଏ ଗୋଟିଏ ଚିନ୍ତାଧାରାର ମଣିଷ। ଏହାର ବିପରୀତ ଚିନ୍ତାକୁ ନେଇ ବଞ୍ଚୁଥିବା ମଣିଷ ହେଉଛନ୍ତି ସାଧୁ କାହାଳ। ଘର ଚାରିପାଖ, ବଗିଚାରେ ଗଛ ଲଗାଇ ପ୍ରାକୃତିକ ପରିବେଶରେ ବଞ୍ଚୁଥିବା ବ୍ୟକ୍ତିତ୍ୱ। ଏହି ଗ୍ରୀଷ୍ମ ମାସରେ ଘରର ପଙ୍ଖାଟି ଖରାପ ହୋଇଗଲା। ସାଧୁବାବୁ ମେକାନିକ୍‌କୁ ଘରକୁ ଡାକି ଡାକି ନୟାନ୍ତ, ମେକାନିକ ଦେଖାନାହିଁ। ଶେଷରେ ପଙ୍ଖାନେଇ ବଜାରକୁ ଗଲେ ସଜାଡିବାକୁ। ଜଣେ ମେକାନିକ୍ ଦେଖି କହିଲେ, ଏ ପଙ୍ଖାର ମୋଟର କାମ ହେବ। ସମୟ ଲାଗିବ। ସାଧୁବାବୁ ଗୁହାରି କରିବାରୁ ସେ କହିଲେ, ମୁଁ ଆପଣଙ୍କ ମୋଟର କାମ କରି କେତେ ରୋଜଗାର କରିବି? ନିରୁତ୍ସାହଜନକ ଉତ୍ତର ଶୁଣି ସାଧୁବାବୁ ପଙ୍ଖାଟିକୁ ଅନ୍ୟ ଏକ ମେକାନିକ୍ ନିକଟକୁ ନେବାରୁ ସେ କହିଲେ, ମୋର ଚାରିଜଣ ମେକାନିକ୍ ଏସି କାମରେ ଦିନରାତି ବ୍ୟସ୍ତ। ପଙ୍ଖା, କୁଲର ସଜାଡିବାକୁ ସମୟ କାହିଁ ? ଖରାଦିନଟା ଯାଉ। ବିଚରା ସାଧୁବାବୁ ପଙ୍ଖାଟିକୁ ଧରି ଘରକୁ ଫେରିଲେ। ବାଟରେ ଏକ ଚା' ଦୋକାନୀ ପଚାରିଲା, ଭାଇ ଏ ପଙ୍ଖା ନେଇ ସଜାଡିବାକୁ ଯାଇଥିଲ କି? ସାଧୁବାବୁ ହଁ କହିଲେ। ଚା' ଦୋକାନୀଟି କହିଲା ଭାଇ ଆଉ କ'ଣ ଏ ପଙ୍ଖା ଯୁଗ ଅଛି ? ଏବେ ସବୁ ଏସି ବ୍ୟବହାର ହେଲାଣି ପରା। ତୁମେ ଏସିଟେ ନେଇ ଆସୁନ। ଯୁଗ ସହ ତାଳ ଦେଇ ଚାଲିବାକୁ ପଡିବନା। ସାଧୁବାବୁ ନିଶ୍ଚିତ ହୋଇଗଲେ ଯେ ରୋଜଗାର ଓ ଗ୍ରୀଷ୍ମକାଳରେ ଆବଶ୍ୟକତା ହେଉଛି ଏସି। ଅର୍ଥ ଯାଉ ପଛକେ ଥଣ୍ଡାପବନ ଓ ସମ୍ମାନ ମିଳୁ। ସାଧୁବାବୁ ଜାଣନ୍ତି, ଏବେ ଯେଉଁମାନେ ଏସି ବ୍ୟବହାର କରୁଛନ୍ତି ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ତାଙ୍କ ଜୀବନକାଳରେ ଭୂମିରେ ଚାରାଗଛଟିଏ ଲଗାଇ ନ ଥିବେ କି ପ୍ରକୃତିକୁ କେବେ ନିଜର କରି ନ ଥିବେ।



ଏକ ରିପୋର୍ଟରୁ ଜଣାଯାଏ ଯେ ଭାରତୀୟ ଗ୍ରାହକଙ୍କ ପରିବର୍ତ୍ତିତ ଜୀବନଶୈଳୀ, ଏକକ ପରିବାର ସଂଖ୍ୟାରେ ଅହେତୁକ ବୃଦ୍ଧି, ଏକକ ଜୀବନଶୈଳୀ, କର୍ମସଂସ୍ଥାନରେ ପରିବର୍ତ୍ତନ ବା ପଦୋନ୍ନତି ଏକ ସୁବିଧାପୂର୍ଣ୍ଣ ପରିବେଶକୁ ଖୋଜେ, ଯେଉଁଠି ସୁଲଭ ଓ ସ୍ୱାଚ୍ଛନ୍ଦ୍ୟ ଦ୍ରବ୍ୟର ଗ୍ରହଣୀୟତା ବଢେ ଓ ସମୟ, କଷ୍ଟ ହ୍ରାସ ପାଇଥାଏ। ଏହି କାରଣରୁ ଭାରତୀୟ ବଜାରରେ ଏସି ହୋଇଛି ଦ୍ରୁତ ଅଭିବୃଦ୍ଧିଶୀଳ ପଣ୍ୟ। ୨୦୨୨ର ଏସି ବଜାର ଆକଳନ ମୂଲ୍ୟ ୨୫୫.୩୧ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨୦୨୮ ସୁଦ୍ଧା ୩୯୯.୮୮ ବିଲିୟନ ଡଲାରରେ ପହଞ୍ଚିବାର ପରିକଳ୍ପନା କରାଯାଇଛି, ଯାହାର ବାର୍ଷିକ ଚକ୍ରବୃଦ୍ଧି ଅଭିବୃଦ୍ଧି ହାର ୭.୮ ଶତକଡା। ସେହିପରି ଆନ୍ତର୍ଜାତିକ ଶକ୍ତି ସଂସ୍ଥା ରିପୋର୍ଟ ଅନୁସାରେ ୨୦୧୬ ରେ ପରିବାରସ୍ତରରେ ଏସିର ବ୍ୟବହାର ୩୦ ଶତକଡାରୁ ୨୦୫୦ ବେଳକୁ ୬୦ ଶତକଡାରେ ପହଞ୍ଚିବ। ଏହା ଅର୍ଥନୀତି ପାଇଁ ଶୁଭଙ୍କର ହୋଇପାରେ, କିନ୍ତୁ ପରିବେଶ ପ୍ରତି ଅଧିକ ବିପଦ।

ଏସିରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ, କ୍ଲୋରୋଫ୍ଲୋର କାର୍ବନ ଓଜୋନ ସ୍ତର କ୍ଷୟର ଏକ କାରଣ। ସହରଗୁଡିକରେ ଏ ସ୍ଥିତି ଅଧିକ ଉତ୍କଟ। ତେବେ ଗାଁଗଣ୍ଡାରେ ଏସିର ବହୁଳ ବ୍ୟବହାର ମଧ୍ୟ ହେଲାଣି। ଭାରତୀୟଙ୍କ ଦୃଷ୍ଟିରେ ଏହି ବିଳାସ ସାମଗ୍ରୀ ଏବେ ଆବଶ୍ୟକତା ପାଲଟିବାରେ ଲାଗିଛି। ତେବେ ଆର୍ଥିକ ମାନଦଣ୍ଡରେ ଉନ୍ନତି ଅର୍ଥ ନୁହେଁ ଅଧିକ ବିଳାସବ୍ୟସନ ପ୍ରିୟ ହେବା। ବରଂ ପରିବେଶକୁ ଶୀତଳ କରିବାକୁ ପ୍ରାକୃତିକ ଓ ଚିରସ୍ଥାୟୀ ଉପାୟ ଅବଲମ୍ବନ କରିବାକୁ ପଡିବ। ଅଦ୍ୟାବଧି ଏସିର ବ୍ୟବହାରକୁ ନେଇ କୌଣସି ନୀତିଗତ କଟକଣା ନ ଥିବାରୁ ପ୍ରତ୍ୟେକ ଏସି ବ୍ୟବହାରକାରୀଙ୍କଠାରେ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେବାର ଉତ୍ତରଦାୟିତ୍ୱ ପ୍ରାୟତଃ ଦେଖିବାକୁ ମିଳୁନି। ବେଳହୁଁ ଏଥିପ୍ରତି ସଭିଏଁ ଯତ୍ନବାନ ହେବା ଜରୁରୀ। ମାଧବାବୁ ବନାମ ସାଧୁବାବୁରେ କାହାର ସଂଖ୍ୟା ଆଗକୁ କେତେ ବଢିବ ତାହା ସମସ୍ତଙ୍କୁ ଜଣା, ଖାଲି ଅପେକ୍ଷା ଏକ ସୁସ୍ଥ ସମାଜକୁ ନା ଏକ ବିପର୍ଯ୍ୟୟପୂର୍ଣ୍ଣ ପରିବେଶକୁ?

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## ଏଇ ଭାରତରେ

ମାଞ୍ଜାପାଇ ବ୍ୟାଗ ନାଁ ଶୁଣିଛନ୍ତି କି? ଏମିତି ଏକପ୍ରକାର ସୂତାବ୍ୟାଗ ପରିବେଶ ପ୍ରଦୂଷଣ ରୋକିବାରେ ମୁଖ୍ୟ ଭୂମିକା ନେଉଛି। ଏହି ବ୍ୟାଗ୍‌ର ରଙ୍ଗ ହଳଦିଆ। ଆଇଏଏସ୍ ଅଧିକାରୀ ସୁପ୍ରିୟା ସାହୁ ଏହାର ବ୍ୟବହାରକୁ ବ୍ୟାପକ କରିବାକୁ ଲାଗିପଡ଼ିଛନ୍ତି। ସୁପ୍ରିୟା ଏବେ ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ। ମାଞ୍ଜାପାଇ ବ୍ୟାଗ୍ ବହୁ ପୂର୍ବରୁ ଲୋକେ ବ୍ୟବହାର କରୁଥିଲେ। ଏହାକୁ ଲୋକପ୍ରିୟ କରିବା ଲାଗି ସୁପ୍ରିୟା ଓ ତାଙ୍କ ଟିମ୍ ମାଞ୍ଜାପାଇ ବ୍ୟାଗ ଅଭିଯାନ ଆରମ୍ଭ କରିଛନ୍ତି। ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକରୁ ଲୋକମାନଙ୍କୁ ଦୂରେଇ ନେବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। କେବଳ ଏତିକି ନୁହେଁ, ସୁପ୍ରିୟା ଏବଂ ତାଙ୍କ ଟିମ୍ ଗତ ୧୨ ମାସରେ ୧,୭୦୦ ଟନ୍ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରିସାରିଲେଣି। ସୁପ୍ରିୟା ମୁଖ୍ୟତଃ ସ୍କୁଲ ପିଲାମାନଙ୍କୁ ନେଇ ଏହି କାମ କରୁଛନ୍ତି ଓ ସେମାନଙ୍କ ଦ୍ୱାରା ୩୦୦୦ ଇକୋ କ୍ଲବ୍ ବି ଗଠନ କରିସାରିଛନ୍ତି। ଏହି ବ୍ୟାଗ୍‌କୁ ଏବେ ସେ ସବୁ ଜିଲାର ପଞ୍ଚାୟତ ଓ ଗାଁ ସ୍ତରରେ ପହଞ୍ଚାଇବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୮

- ବିଶିଷ୍ଟ ସାମ୍ବାଦିକ 'ମେନଷ୍ଟ୍ରିମ' ପତ୍ରିକାର ପ୍ରତିଷ୍ଠାତା ତଥା ପ୍ରସାର ଭାରତୀ ବୋର୍ଡର ପ୍ରଥମ ଅଧ୍ୟକ୍ଷ ନିଖିଲ ଚକ୍ରବର୍ତ୍ତୀଙ୍କ ୮୪ ବର୍ଷ ବୟସରେ ଦେହାନ୍ତ।
- ସିକିମ୍‌ର ପୂର୍ବତନ ରାଜ୍ୟପାଳ ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ହୋମି କେ.ଏଚ୍. ଡାଲିଆର ଖାଁଙ୍କ ୮୧ ବର୍ଷ ବୟସରେ ପରଲୋକ।
- ଉତ୍ତରାଞ୍ଚଳ ତୁର୍କୀରେ ଭୟଙ୍କର ଭୂମିକମ୍ପ ଘଟି ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।
- ପାକିସ୍ତାନରେ ଏକ ଆଣବିକ ଶକ୍ତିକେନ୍ଦ୍ର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇଦେବା ନିମନ୍ତେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ରୁଷର ପ୍ରତ୍ୟାଖ୍ୟାନ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | | | | 4 | 8 | | 1 |
| | | | | | | | 4 | |
| | | | | 5 | 6 | | | 3 |
| | | 5 | 1 | | | | | 4 |
| 4 | 1 | | | | | | 3 | |
| | | 6 | | | | | | |
| 8 | | | 6 | | 1 | | | |
| | | | | | 7 | 9 | | |
| | | 3 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 1 | 7 | 4 | 5 | 6 | 9 |
| 1 | 7 | 6 | 9 | 3 | 5 | 8 | 4 | 2 |
| 4 | 5 | 9 | 6 | 8 | 2 | 3 | 7 | 1 |
| 7 | 9 | 5 | 3 | 2 | 6 | 1 | 8 | 4 |
| 3 | 2 | 4 | 8 | 5 | 1 | 6 | 9 | 7 |
| 6 | 8 | 1 | 7 | 4 | 9 | 2 | 3 | 5 |
| 9 | 4 | 3 | 5 | 1 | 8 | 7 | 2 | 6 |
| 2 | 1 | 8 | 4 | 6 | 7 | 9 | 5 | 3 |
| 5 | 6 | 7 | 2 | 9 | 3 | 4 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାକିସ୍ତାନ ପ୍ରତିରକ୍ଷା ଜୋନ୍ ବଢ଼ାଇବା ଭାରତ ପାଇଁ ଚିନ୍ତାଜନକ

ମହାଶୟ,

ଚଳିତ ବର୍ଷ ଉଭୟେ ଚାଇନା ଓ ପାକିସ୍ତାନ ସେମାନଙ୍କର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇ ଦେଇଛନ୍ତି। ଏହା ନିଶ୍ଚିତ ଭାରତ ପାଇଁ ଚିନ୍ତାଜନକ। ଚାଇନା ପ୍ରତିବର୍ଷ ଭାରତ ପ୍ରତିରକ୍ଷା ଖର୍ଚ୍ଚ ତୁଳନାରେ ୩ ଗୁଣ ବଢ଼ାଉଛି। ସାମରିକ ଶକ୍ତିରେ ବଳୀୟାନ ହୋଇ ସାରା ବିଶ୍ୱରେ ବିସ୍ତାରବାଦ ନୀତି ପ୍ରୟୋଗରେ ଚାଇନା ଲାଗି ପଡ଼ିଛି। ସାମ୍ରାଜ୍ୟବାଦ ପିପାସୁ ନିଶା ଚାଇନା ରାଷ୍ଟ୍ରପତିଙ୍କୁ ପାଗଳ କରିଛି। ଚାଇନା ପକ୍ଷେ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ବଡ଼ କଥା ନୁହେଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା, ବର୍ତ୍ତମାନ ପାକିସ୍ତାନର ଅର୍ଥନୈତିକ ସ୍ଥିତି ଅତ୍ୟନ୍ତ ସଙ୍ଗିନ। ଏହି ପରିସ୍ଥିତିରେ ପାକିସ୍ତାନ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ବିସ୍ମୟଜନକ ମନେହୁଏ। ଭାରତ ଉପରେ ପ୍ରତିଶୋଧନେବାକୁ ପାକିସ୍ତାନ ତା'ର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଉଛି, ଏଥିରେ ମଥ୍ୟା ନାହିଁ। ଯଦି ପାକିସ୍ତାନ ସେତିକି ଅର୍ଥ ଦେଶର ଭୋକିଲା ଲୋକଙ୍କ ପାଇଁ ଖର୍ଚ୍ଚ କରନ୍ତା, ଦେଶବାସୀ ଏହି ଦୁର୍ଦ୍ଦିନରୁ ରକ୍ଷା ପାଇପାରନ୍ତେ। ଦେଶବାସୀଙ୍କୁ ଭୋକ ଉପାସରେ ରଖି ନିଜର ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ଆଦୌ ଠିକ୍ ନୁହେଁ। ଭାରତ ପାକିସ୍ତାନର ପ୍ରତିରକ୍ଷା ଖର୍ଚ୍ଚ ପ୍ରତି ସତର୍କ ରହୁ।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ବଦନେ ତବ ନାମ
ଧରି ଯଦି କରେ ଅପମାନ,
ସେ ରସନା ଲଭୁ ମୋର
ସକଳ ରସର ଅବସାନ।

(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର ସୁପ୍ରିମୋ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ସୋମବାର ୨ଦିନିଆ ମହାରାଷ୍ଟ୍ର ଗସ୍ତରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଏକ ବିଶାଳ ଶୋଭାଯାତ୍ରା ସହ ମହାରାଷ୍ଟ୍ରର ଶୋଲାପୁର ଅଭିମୁଖେ ଯାଉଥିବା ଜଣାପଡ଼ିଛି। ଉମରଗା ଦେଇ ଯାଉଥିବା ସମୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ଏସ୍‌ର ମନ୍ତ୍ରୀ,ଏମ୍‌ପି, ବିଧାୟକ,ଏମ୍‌ଏଲ୍‌ସି ପ୍ରମୁଖ ସାମିଲ ଅଛନ୍ତି।

# ୩ ହଜାର ଯୁବତୀ ଯୁବକଙ୍କୁ ମିଳିବ ଶିକ୍ଷାଦାନ ତାଲିମ

## 'ଥିଙ୍କ୍ ଜୋନ୍' ସହ 'ମୋ କଲେଜ'ର ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୭।୬(ଅନୁରାଧା ମହାରଣା)

'ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ' ଏବଂ 'ଥିଙ୍କ୍ ଜୋନ୍' ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଥିଙ୍କ୍ ଜୋନ୍ ଫେଲୋଶିପ୍ ପ୍ରୋଗ୍ରାମ ନାମରେ ଏହି କାର୍ଯ୍ୟକ୍ରମ ଚାଲିବ। ମଙ୍ଗଳବାର 'ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଥିଙ୍କ୍ ଜୋନ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଫେଲୋଶିପ୍ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ କଲେଜରୁ ୩ହଜାର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୮ରୁ ୨୬ ବର୍ଷ ବୟସର ଛାତ୍ରୀଛାତ୍ର କିମ୍ବା ସ୍ନାତକ ବା ସ୍ନାତକୋତ୍ତର ସାରିଥିବା ଯୁବତୀ ଯୁବକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ଗ୍ରାମାଞ୍ଚଳ, ଅର୍ଦ୍ଧସହରାଞ୍ଚଳ, ବିଶେଷ ସୁବିଧା ନ ଥିବା ସହରାଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ନିଜ ଅଞ୍ଚଳରେ ପିଲାଙ୍କୁ କିଭଳି ଗୁଣାତ୍ମକ ଶିକ୍ଷା ଦେଇପାରିବେ ତାହା ଉପରେ ପ୍ରଶିକ୍ଷଣ ଦିଆଯିବ। ପିଲାମାନେ ତାଲିମ ନେବା ପରେ ନିଜ ଅଞ୍ଚଳର ପ୍ରାୟ ୧୫ହଜାର କୁନି ପିଲାଙ୍କୁ ଭାଷା ଓ ଗଣିତ ପାଠ ପଢ଼ାଇବେ। କାର୍ଯ୍ୟକ୍ରମରେ ଯୋଗାଯୋଗ, ଡିଜିଟାଲ୍ ଦକ୍ଷତା ସହ ସୋସିଆଲ୍ ମିଡିଆର ବ୍ୟବହାର, ଅଣୁ ଉଦ୍ୟୋଗ, ଶ୍ରେଣୀଗୃହ ପରିଚାଳନା, ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ, ଇଂଲିଶ ଓ ଗଣିତ ପାଠ ଶିଖାଇବା, ନେତୃତ୍ୱ ନେବା, ଖେଳକୁଦ ମାଧ୍ୟମରେ କୁନି ପିଲାଙ୍କୁ ଶିକ୍ଷା ଦେବାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯିବ। କଟକ, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଜିଲାର ସମସ୍ତ କଲେଜରେ ଏହି କାର୍ଯ୍ୟକ୍ରମ ହେବ। ଛାତ୍ରୀଛାତ୍ରଙ୍କୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ପ୍ରଶିକ୍ଷଣ ମିଳିବ। ମୋଟ୍ ୧୨୦ ଘଣ୍ଟା ସେମାନେ ଏହି ପ୍ରଶିକ୍ଷଣରେ ବିତାଇବେ। ମାଗଣାରେ ପ୍ରଶିକ୍ଷଣ ପ୍ରଦାନ ସହ ପ୍ରମାଣପତ୍ର ଦିଆଯିବ। ଏପରିକି ପିଲାଙ୍କୁ ପଢ଼ାଇବା ପାଇଁ ଯୁବତୀ ଯୁବକଙ୍କୁ ଆର୍ଥିକ ସହାୟତା ମିଳିବ। ଏହି ଏମ୍‌ଓୟୁ ସମ୍ପର୍କରେ 'ମୋ କଲେଜ' ଅଧ୍ୟକ୍ଷ ଦାସନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ବୈଷୟିକ ଶିକ୍ଷାର ଗୁରୁତ୍ୱ ସବୁଠୁ ଅଧିକ ରହିଛି। ଛାତ୍ରୀଛାତ୍ରମାନେ ଏକ୍ଷେତ୍ରରେ ଅଧିକରୁ ଅଧିକ ଦକ୍ଷ ହେବା ଦରକାର। ଏସମ୍ପର୍କରେ ଥିଙ୍କ୍ ଜୋନ୍‌ର ପ୍ରତିଷ୍ଠାତା ଆଚାର୍ଯ୍ୟ କହିଲେ, ଏହି ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ନିଜର ଭବିଷ୍ୟତ ଗଠନ ଦିଗରେ ସହଯୋଗ କରିବ।

ସୂଚନା ଥାଉ କି, ବର୍ତ୍ତମାନ ସୁଦ୍ଧା ଥିଙ୍କ୍ ଜୋନ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ପ୍ରାୟ ୬ହଜାର ଯୁବତୀଯୁବକଙ୍କୁ ପ୍ରଶିକ୍ଷିତ କରିସାରିଛି। ଏମାନଙ୍କ ମଧ୍ୟରୁ ୪୨୧୪ ଛାତ୍ରୀଛାତ୍ର ଫେଲୋଶିପ୍ ପୂରଣ କରି ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ବର୍ତ୍ତମାନ ଏହାର କାର୍ଯ୍ୟକ୍ରମ ଭଦ୍ରକ, କଟକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଖୋର୍ଦ୍ଧା ଜିଲାରେ ଚାଲୁଛି।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଥିଙ୍କ୍ ଜୋନ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ଆଚାର୍ଯ୍ୟ।

# ପ୍ରକାଶ ପାଇଲା ଓଜେଏସ୍ ପ୍ରିଲିମିନାରି ଲିଖିତ ପରୀକ୍ଷାଫଳ

**କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ):** ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ନ୍ୟାୟିକ ସେବା(ଓଜେଏସ୍)୨୦୨୨ ପ୍ରିଲିମିନାରି ଲିଖିତ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ୯୯୪ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫୬୨ ଜଣ ମହିଳା ଅଛନ୍ତି। ଏହି ପରୀକ୍ଷା ଗତମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଓଜେଏସ୍ ମେନ୍ ପରୀକ୍ଷା ଦେବେ। ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ପରୀକ୍ଷାର୍ଥୀଙ୍କ ରୋଲ ନମ୍ବର ଓପିଏସ୍‌ସି ୱେବ୍‌ସାଇଟ୍ www.opsc.gov.inରେ ଉପଲବ୍ଧ ରହିଛି।

# ଡ୍ରାଇଭର ଗିରଫ, ମାଲିକ ଫେରାର

## ଦିଗପହଣ୍ଡି ବସ୍ ଦୁର୍ଘଟଣା

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ)/ଦିଗପହଣ୍ଡି (ଅଶେଷ ନାଥ ମିଶ୍ର),୨୭।୬

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଖେମୁଣ୍ଡି କଲେଜ ଛକରେ ରବିବାର ବିଳମ୍ବିତ ରାତିରେ ଓଏସ୍‌ଆରଟିସି ବସ ଧକ୍କାରେ ଘରୋଇ ମିନିବସ୍ ଚୁରମାର ହୋଇଯାଇଥିଲା। ବାହାଘର ପରେ ଝିଅ ବିଦା କରି ମିନିବସ୍‌ରେ ଆସୁଥିବା ୧୧ କନ୍ୟାଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଓଏସ୍‌ଆରଟିସି ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏଭଳି ହୃଦୟ ବିଦାରକ ଦୁର୍ଘଟଣା ଘଟିଥିଲା ବୋଲି ଜଣାପଡିଛି। ଗାଡ଼ି ଚଳାଇବା ବେଳେ ଓଏସଆରଟିସି ବସ୍ ଚାଳକଙ୍କ ଆଖି ବନ୍ଦ ହୋଇଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଘଟଣା ପରେ ଭୁବନେଶ୍ୱର ଚାଲିଯାଇଥିବା ଓଏସ୍‌ଆରଟିସି ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ କଟକ ବଡମ୍ବା ଥାନା ଗୋପାଳପୁରର ମାନସ ପ୍ରଧାନ।


# THE BALANGIR DISTRICT CENTRAL CO-OPERATIVE BANK LIMITED, BALANGIR
# ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର

## FORM - A

### CONSOLIDATED BALANCE SHEET OF THE BALANGIR DISTRICT CENTRAL CO-OPERATIVE BANK LTD., BALANGIR
### Balance Sheet as on 31st March 2023

(Amount in Rs.)

| Particulars | Schedule | As on 31.03.2023 (Current Year) | As on 31.03.2022 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | 2,152,651,148.55 | 1,571,092,196.30 |
| Reserves and Surplus | 2 | 731,696,321.76 | 714,249,806.48 |
| Deposits | 3 | 8,449,227,807.66 | 8,271,987,057.67 |
| Borrowings | 4 | 9,855,509,490.00 | 8,606,751,557.00 |
| Other liabilities and provisions | 5 | 2,868,035,530.13 | 2,547,665,227.99 |
| **Total** | | **24,057,120,298.10** | **21,711,745,845.44** |
| | | | |
| **Assets** | | | |
| Cash and balances with Reserve Bank of India | 6 | 19,540,358.00 | 25,443,279.00 |
| Balance with banks and money at call and short notice | 7 | 513,227,876.38 | 404,624,212.82 |
| Investments | 8 | 2,348,473,949.89 | 2,251,440,561.89 |
| Advances | 9 | 19,785,609,884.77 | 17,678,024,607.73 |
| Fixed Assets | 10 | 21,989,011.65 | 26,807,146.78 |
| Other Assets | 11 | 1,368,279,217.41 | 1,325,406,037.22 |
| **Total** | | **24,057,120,298.10** | **21,711,745,845.44** |
| Contingent liabilities | 12 | | |
| Bills for collection | | | |

## FORM - B

### CONSOLIDATED PROFIT AND LOSS ACCOUNT OF THE BALANGIR DISTRICT CENTRAL CO-OPERATIVE BANK LTD., BALANGIR
### PROFIT AND LOSS ACCOUNT FOR THE YEAR ENDED MARCH 31ST 2023

| Sl.No. | Particulars | Schedule | As on 31.03.2023 (Current Year) | As on 31.03.2022 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 1,393,915,819.48 | 1,376,167,751.13 |
| | Other Income | 14 | 14,899,484.38 | 2,352,230.29 |
| | Total | | **1,408,815,303.86** | **1,378,519,981.42** |
| II. | Expenditure | | | |
| | Interest expended | 15 | 957,365,088.05 | 874,020,782.65 |
| | Operating expenses | 16 | 187,300,742.33 | 222,274,685.84 |
| | Provisions and contingencies | | 246,702,958.20 | 265,365,400.00 |
| | **Total** | | **1,391,368,788.58** | **1,361,660,868.49** |
| III. | Profit/Loss | | | |
| | Net profit/loss(-) for the year | | 17,446,515.28 | 16,859,112.93 |
| | Profit/loss(-) brought forward | | | |
| | Total | | **17,446,515.28** | **16,859,112.93** |
| IV. | Appropriations | | | |
| | Transfer to statutory reserves | | | 59,623,293.00 |
| | Transfer to other reserves | | | 59,623,290.86 |
| | Transfer to Government/ proposed dividend | | | |
| | Balance carried over to balance sheet | | | |
| | Total | | | **119,246,583.86** |

| | | | | | |
|---|---|---|---|---|---|
| Sd./- Sri S.K. Nanda Manager, Accounts | Sd./- Sri H.C. Das Chief Executive Officer | Sd./- Smt. P.B. Patra Director | Sd./- Smt. D.M. Sahu Director | Sd./- Sri S.R. Mishra President | Sd./- For K.C.Samal & Co. Chartered Accountants |

## INDEPENDENT AUDITOR'S REPORT

**To**
**The Members,**
**The Balangir District Central Co-Operative Bank Ltd.,**
**Balangir**

**Ref: Appointment Letter No.185 Acct./Audit-2022-23 dated: 20.04.2023 of the BDCC Bank Ltd., Balangir and Order No. 3015/VI (4)06/2023/Audit-2, Dated: 20.04.2023 of The Directorate of Co-operative Audit, Odisha, Bhubaneswar.**

**Report on the Financial Statements as a Statutory Auditor:-**

1. We have audited the accompanying financial statements of The Balangir District Central Co-Operative Bank Ltd., Balangir as at 31st March 2023 which comprise the Balance Sheet at 31st March 2023 and Statement of Profit and Loss for the year then ended, and a summary of significant accounting policies and other explanatory information.

**Management's Responsibility for the Financial Statements**

2. Management is responsible for the preparation of these financial statements in accordance with the Odisha Co-operative Societies Act, 1962, Odisha Cooperative Societies Rules, 1965, Banking Regulation Act, 1949 and generally accepted accounting principles in India so far as applicable to the Bank. This responsibility includes the design, implementation and maintenance of internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility**

3. Our responsibility is to express an opinion on these financial statements based on our audit. We conducted our audit in accordance with the standards on Auditing issued by the Institute of Chartered Accountants of India. Those standards require that we comply with ethical requirements and plan and perform the audit to obtain reasonable assurance about whether statements are free from material misstatement.
4. An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risks of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances, but not for the purpose of expressing an opinion on effectiveness of the entity's internal control. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements.
5. We believe that the audit evidence we have obtained is sufficient and appropriate to provide a basis for our audit opinion.

**Opinion**

6. In our opinion, as shown by books of the Bank, and to the best of our information and according to the explanations given to us, the financial statements together with the notes thereon give the information required by the Banking Regulation Act, 1949 as well as the Odisha Co-operative Societies Act, 1962, Odisha Cooperative Societies Rules, 1965, and other guidelines issued for the Bank, in the manner so required and give a true and fair view in conformity with the accounting principles generally accepted in India:
   i) In the case of the Balance Sheet, of the state of affairs of the Bank as at 31st March 2023 and
   ii) In the case of the Statement of the profit and loss account of the profit of the Bank for the year ended on that date.

**Report on Other Legal and Regulatory Requirements**

7. The Balance Sheet and Profit and Loss Account have been drawn up as per section 29 of the Banking Regulation Act, 1949 read with provisions of the Odisha Co-operative Societies Act, 1962, Odisha Cooperative Societies Rules, 1965.
8. **On the basis of the audit procedure indicated above and as required by the Section 31 of the Banking Regulation Act, 1949 (as applicable to District and Central Cooperative Banks) we report that:**
   a) We have obtained all the information and explanations which to the best of our knowledge and belief, were necessary for the purposes of our audit and have found them to be satisfactory.
   b) The transactions of the Bank, which have come to our notice, have been within the powers of the Bank.
   c) In our Opinion, proper books of account as required by Law have been kept by the Bank so far, as appears from our examination of those books.
   d) The Balance Sheet and Profit & Loss Account dealt with by this report are in agreement with the books of account and are drawn up in conformity with the law.

**For K C Samal & Co.**
**Chartered Accountants**
**Firm Reg. No.310060E**

**Place: Balangir**
**Date: 23/06/2023**

**L. Samal. B.Com. (H), FCA**
**(Partner, Membership No.62718)**
**(UDIN-23062718BGRFYG9666)**



# SAMBALPUR UNIVERSITY
**PRIVATE EXAMINATION CELL**
**Jyoti Vihar - 768019, Odisha**

Letter No. 604/PEC Dt.27.6.23

**Admission open for UG and PG courses from date 01.07.2023**

Online Applications are invited for Admission-cum-Examination into PG and UG courses under Private Examination Cell of Sambalpur University.

**UG Course :** BA/B.Com. (Hons.)

**PG Courses :** PG in Commerce, Economics, Education, English, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.

**Last date of Online submission of application: 16th August 2023**

Candidates are advised to visit Website of Private Examination Cell, Sambalpur University (pec.suniv.ac.in) for details information of admission procedure.

**Sd./- Director, Private Examination Cell, S.U.**



## ବିଜ୍ଞପ୍ତି
## ବାହାନଗା ବଜାର (ବାଲେଶ୍ୱର)ର
## ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ

ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି-ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।

ସ୍ଥାନ
**ଆକାଡେମିକ ବ୍ଲକ (କମିଟି ରୁମ),**
**AIIMS, ଭୁବନେଶ୍ୱର**

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

**139**
ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

ଶ୍ରୀ ଦିଗମ୍ବର ପାଢ଼ି, ସହାୟକ କାର୍ମିକ ଅଧିକାରୀ
ମୋବାଇଲ-8455887604

ଶ୍ରୀ ବିଶ୍ୱନାଥ ପାଢ଼ି, ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-8455885967

ଶ୍ରୀ ବି.ତପନ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885040

ଶ୍ରୀ ବିକାଶ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885041

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: 0674-2534027
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: 8455885999
ଏବଂ ଖୋର୍ଦ୍ଧା ରୋଡ଼ଠାରେ ସହାୟତା: 8455887999

ଭାରତୀୟ ରେଳ

D-9/23

## ଏସ୍‌ବିଆଇ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପ୍ରତିଯୋଗିତା

କର୍ଲାମୁଣ୍ଡା,(ପ୍ରଦୀପ ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଭୋଇପଡା ପ୍ରାଥମିକ ବିଦ୍ୟାଳୟଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ଲାମୁଣ୍ଡା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଚିତାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ ପ୍ରସାଦ ହିଆଲ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାମ ଦେବ କଣ୍ଡ, ସହଶିକ୍ଷକ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୩୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଧରଣୀପଡା ରିଞ୍ଜା ପ୍ରାଥମିକ ବିଦ୍ୟାଳୟରେ ମଧ ଚିତାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

**ସଂକ୍ଷେପରେ**

## ସାଇ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

**ନୂଆପଡ଼ା,୨୭।୬(ମକାରୁ ବେମାଲ):** ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ବଲୋଦା ଛକଠାରେ ଥିବା ସାଇ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ସୋମବାର ରାତି ପ୍ରାୟ ୧୦ଟାରେ ୩ଜଣ ଯୁବକ ଆସି ମନ୍ଦିର ପାହାଚ ଉପରେ ଚଢି ମନ୍ଦିର ଭିତରେ ଥିବା ହୁଣ୍ଡି ଭାଙ୍ଗି ଚୋରି କରି ନେଇଛନ୍ତି। ୩ଜଣ ଚୋରଙ୍କ ଫଟୋ ଛକରେ ଲାଗିଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ଜୋଙ୍କ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମନ୍ଦିରରୁ କେତେ କଣ ଚୋରି ହୋଇଛି, ସ୍ପଷ୍ଟ ଜଣା ପଡିନାହିଁ। ତଦନ୍ତ ପରେ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ଜମି ହୁଡାରୁ ଚାଷୀଙ୍କ ମୃତଦେହ ଜବତ

**ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ପାବଲି ଗ୍ରାମର ଘେନୁମୁଣ୍ଡା ବଡ଼ବନ୍ଧ ନିକଟ ଏକ ଚାଷଜମି ହୁଡାରୁ ଜଣେ ଚାଷୀଙ୍କ ମୃତଦେହୁ ମଙ୍ଗଳବାର ସକାଳେ ସ୍ଥାନୀୟ ପୋଲିସ ଜବତ କରିଛି। ମୃତ ଚାଷୀ ହେଲେ ପାବଲୀ ଗ୍ରାମର ଗୋକୁଳ ମାଝି (୫୦)। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ଜଣାପଡି ନାହିଁ। ଖବର ପାଇ ଜୟପାଟଣା ଥାନାଧିକାରୀ ବାସୁଦେବ ଛତ୍ରିଆଙ୍କ ସମେତ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## କୋଭିଡ୍‌ରେ ମୃତ ପରିବାରଙ୍କୁ ସହାୟତା ମିଳିନାହିଁ



**ଖଡ଼ିଆଳ,୨୭।୬(ସୁଜିତ୍ ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ବେନ୍ଦ୍ରାବାହାଲ ଗ୍ରାମର ଚନ୍ଦ୍ରଚୁଡ ଶବର ୨୦।୦୯।୨୦୨୦ରେ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଦାବି କରୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କ କୋଭିଡ୍ ସହାୟତା ମିଳନାହିଁ। ବିଧବା ସ୍ତ୍ରୀ ସହ ତାଙ୍କ ନାବାଳିକା ୨ ଝିଅକୁ ନେଇ ଜୀବନ ନିର୍ବାହ କରିବା କଷ୍ଟ ହୋଇପଡିଛି। ବଡ ଝିଅ ଚୁମକି ଗାଁ ସ୍କୁଲରେ ୮ମ ଏବଂ ସାନ ଝିଅ ଅର୍ଚ୍ଚିତା ୬ଷ୍ଠ ଶ୍ରେଣୀ ପଢୁଛନ୍ତି। ଚନ୍ଦ୍ରଚୁଡଙ୍କ ସ୍ତ୍ରୀ ଗୁଣମତି ବିଧବା ଭତ୍ତା ପାଉଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୋଭିଡ୍ ଜନିତ ମୃତ୍ୟୁର ସହାୟତା ମିଳି ନ ଥିବା ଅଭିଯୋଗ କରିଛନ୍ତି। ଦୁଇ ଜଣ ନାବାଳିକା ଝିଅର ଉଚ୍ଚ ଶିକ୍ଷା ନେଇ ପରିବାର ଚିନ୍ତିତ ରହିଛନ୍ତି। ଉକ୍ତ ଘଟଣା ତଦନ୍ତ କରି ସହାୟତା ପ୍ରଦାନ ପାଇଁ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

# ନୂତନ ପାକ୍ସ ପଞ୍ଜୀକରଣ ପାଇଁ ଏଆରସିଏସ୍‌ଙ୍କୁ ଦାବିପତ୍ର

ନୂଆପଡ଼ା,୨୭।୬(ମକାରୁ ବେମାଲ)

ନୂଆପଡା ଜିଲା ସିନାପାଲି ବ୍ଲକ ମଖାପଦର ଓ ଝିଙ୍ଗଝର ଗାଁଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ ପାଇଁ ପ୍ରସ୍ତାବ ହୋଇ ନୂତନ କମିଟି ଗଠନ ହୋଇଛି। ହେଲେ ଏଆରସିଏସ କାର୍ଯ୍ୟାଳୟ କର୍ମଚାରୀଙ୍କ ଅବହେଳେ ଯୋଗୁ ହୋଇ ପାରିନାହିଁ। ଶୀଘ୍ର ପଞ୍ଜୀକରଣ ପାଇଁ ଏଆରସିଏସ ନୂଆପଡା କୁମ୍ୱାର ବାସ୍କେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ସରକାରଙ୍କ ପତ୍ର ସଂଖ୍ୟା–୨୮୪୯/୨୦୨୨ ଡିସେମ୍ବର ୧୦ରେ ଆରସିଏସ ଓଡିଶା ୨୮୬୯/୨୦୨୨ ଡିସେମ୍ବର ୧୫ ଡିଆରସିଏସ କଳାହାଣ୍ଡି ଡିଭିଜନ ଭବାନୀପାଟଣାଙ୍କ ନିର୍ଦ୍ଦେଶ ଅନୁସାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତିଗୁଡିକ ଗଠନ କରାଗଲା। ସେଥି ମଧ୍ୟରୁ ନୂଆପଡା ଜିଲାରେ ୪୦ଟି ନୂତନ ସମବାୟ ସମିତି ଗଠନ କରିବା ପାଇଁ ପ୍ରସ୍ତାବ ଦିଆଗଲା। ସେଥିରେ ମଖାପଦର ଗାଁଠାରେ ଗୋଟିଏ ପ୍ରାଥମିକ କୃଷି ସମବାୟ ସମିତି ଓ କୁସୁମଜୋର, ଝାରବନ୍ଧ ଓ ସିଙ୍ଗଝର ୩ଟି ପଞ୍ଚାୟତକୁ



ଏଆରସିଏସକୁ ଦାବିପତ୍ର ଦେବା ପାଇଁ ଆସିଥିବା ଚାଷୀ।

ନେଇ ସିଙ୍ଗଝରଠାରେ ଏକ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ନୂଆପଡା ଉପଜିଲାପାଳ, ସିନାପାଲି ତହସିଲଦାର, ଅତିରିକ୍ତ ତହସିଲଦାର, ଏଆରସିଏସ ନୂଆପଡା, ଭାରପ୍ରାପ୍ତ ଥାନାଧିକାରୀ, ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଓ ଅଞ୍ଚଳର ଚାଷୀମାନଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ମଖାପଦର ଓ ସିଙ୍ଗଝରଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗଠନ ପାଇଁ ପ୍ରସ୍ତାବ ହେଲା। ଅଧିକାରୀଙ୍କ ଉପସ୍ଥିତିରେ ସିଙ୍ଗଝରଠାରେ ୨୦୨୩ ମାର୍ଚ୍ଚ ୨୧ରେ ଓ ମଖାପଦରଠାରେ ୨୦୨୩ ଏପ୍ରିଲ ୧୪ରେ କମିଟି ଗଠନ କରାଯାଇଥିଲା। ଜିଲାରେ ୪୦ଟି ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରିବା ତାଲିକାରେ ମଖାପଦର ଓ ସିଙ୍ଗଝର ଗାଁର ନାମ ରହିଛି। ସମବାୟ ସମିତି କମିଟି ଓ ଚାଷୀମାନେ ପଞ୍ଜୀକରଣ ପାଇଁ ଏଆରସିଏସଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏଯାଏଁ ହୋଇନାହିଁ। ପତ୍ର ସଂଖ୍ୟା–୮୯୧/୨୦୨୩ ମେ ୧୮ରେ ଉପଜଲାପାଳ ମଖାପଦର ଓ ସିଙ୍ଗଝର ସମବାୟ ସମିତିକୁ ପଞ୍ଜୀକୃତ କରିବା ପାଇଁ ଏଆରସିଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନୂତନ ସମବାୟ ସମିତି ଗଠନ ତାଲକାରେ ନ ଥିବା କୁସୁମଜୋରକୁ ପଞ୍ଜୀକୃତ କରିଛନ୍ତି। ମଖାପଦର ଓ ସିଙ୍ଗଝର ପଞ୍ଜୀକୃତ ହୋଇନାହିଁ। ଏଠାରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରାଗଲେ, ଅଞ୍ଚଳର ଚାଷୀମାନେ ପାକ୍ସ ମାଧ୍ୟମରେ ମିଳୁଥିବା ସୁବିଧା ସୁଯୋଗ ପାଇ ଚାଷ କାର୍ଯ୍ୟରେ ଲଗାଇ ଲାଭବାନ ହୋଇ ପାରିବେ। ଏ ସଂକ୍ରାନ୍ତରେ ଏଆରସିଏସ ବାସ୍କେଙ୍କୁ ପଚାରିବାରୁ ଆମେ ଏ ବିଷୟରେ ଡିଆରସିଏସ ଭୁବନେଶ୍ୱରଙ୍କୁ ଜଣାଇବୁ। ଜିଲାରେ ଟାର୍ଗେଟ ଅନୁପାତରେ ନୂତନ ସମବାୟ ସମିତି ଗଠନ ହୋଇ ସାରିଛି। ତାଠୁ ଅଧିକ ହେବା ପାଇଁ ଚେଷ୍ଟା କରିବୁ ବୋଲି କହିଥିଲେ। ଏହି ଦୁଇଟି ନୂତନ ପ୍ରାଥମିକ କୃଷି ସମବାୟ ସମିତିକୁ ଶୀଘ୍ର ପଞ୍ଜୀକରଣ ପାଇଁ ଚନ୍ଦ୍ରମଣି ନାଗ, ଦିଲୀପ ନିଆଲ, ବଲୁ ଖାନ, ଭୁତନାଥ ମାଝି, କ୍ଷିରସିନ୍ଧୁ ତାଣ୍ଡି, କ୍ଷମାନିଧି ମାଝି, ମହାଦେବ ତାଣ୍ଡି, ରାମେଶ ଚନ୍ଦ୍ର ନାଏକ, ଧରମସିଂ ବୈଠାରୁ, ଶଶି ଭୂଷଣ ନାଗେଶ, ଲକ୍ଷ୍ମୀକାନ୍ତ ବୈଠାରୁ ପ୍ରମୁଖ ଦାବି କରିଛନ୍ତି।

## ମୁକ୍ତା ଯୋଜନାର ରାଜ୍ୟ ଆଡ୍‌ଭାଇଜରଙ୍କ କେସିଙ୍ଗା ଗସ୍ତ



ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

କେସିଙ୍ଗା,୨୭।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିକୁ ମୁକ୍ତା ଯୋଜନାର ରାଜ୍ୟ ଆଡ୍‌ଭାଇଜର ରାଜଶ୍ରୀ ମହାନ୍ତି ମଙ୍ଗଳବାର ଗସ୍ତ କରିଥିଲେ। ମୁକ୍ତା ଯୋଜନାରେ କେସିଙ୍ଗା ଏନଏସିରେ ନିର୍ମାଣ ହୋଇଥିବା ମିନିଷ୍ଟାଡିୟମ, ଭେଣ୍ଡିଙ୍ଗ ଯୋନ, ମିଶନ ଶକ୍ତି କ୍ୟାଫ, ଅମ୍ବାଜି ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନ, ବଗାଡ଼ସ୍ଥିତ ମିଶନଶକ୍ତି ଗୃହ ପରିଦର୍ଶନ କରିଥିଲେ। ପରିଶେଷରେ ଏନଏସିର ସଦ ଭାବନା ସଭା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ବୈଠକରେ ଅଧକ୍ଷ ନୃପରାଜ ଯାଦବ, ନିର୍ବାହୀ ଅଧିକାରିଣୀ କିରଣ ବେହେରା, ଉପାଧ୍ୟାକ୍ଷ୍ୟା ସରସତୀ ସାହାଙ୍କ ସମେତ ମୁକ୍ତା ଯୋଜନା ଦ୍ୱାରା ମହିଳା ଗ୍ରୁପର ମହିଳା ବୃନ୍ଦମାନେ ଯୋଗଦେଇଥିଲେ। ମୁକ୍ତା ଯୋଜନା ରାଜ୍ୟ ଆଡ୍‌ଭାଇଜର ମହାନ୍ତି କେସିଙ୍ଗା ଏନଏସିର ମୁକ୍ତା ଯୋଜନାର ସମ୍ପୂର୍ଣ୍ଣ ସମୀକ୍ଷା କରିଥିଲେ।

## ଜିଲାପାଳ, ଆରସିସିଏଫ୍‌ଙ୍କୁ ଦାବିପତ୍ର

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାର ୨୦୦୮ରେ ୫୦ଟି ସ୍ଥାନରେ ଏସଏସଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଗଠନ କରିବା ପାଇଁ ଘୋଷଣା କରିଥିଲେ ମଧ ଏହା ଅଦ୍ୟାବିଧି କାର୍ଯ୍ୟକାରୀ ହୋଇନାହିଁ। ଇତି ମଧରେ ଗତ କିଛି ଦିନ ତଳେ ଶିମିଳିପାଲରେ ଶିକାରୀଙ୍କ ଗୁଳିରେ ବନପାଳ ଓ ବନରକ୍ଷୀଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଓଡିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ଉଦବେଗ୍ ପ୍ରକାଶ ପାଇଛି। ରାଜ୍ୟ ସଂଘର ଆହ୍ୱାନକ୍ରମେ ମଙ୍ଗଳବାର କଳାହାଣ୍ଡି ଜିଲାରେ ୫ଦଫା ଦାବି ନେଇ ଓଡିଶା ଅଣଗେଜେଟେଡ୍ ବନକର୍ମଚାରୀ ସଂଘ ପକ୍ଷରୁ ଓଡିଶା ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଓ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରସିସିଏଫ୍ ଭବାନୀପାଟଣା ସର୍କଲ ଅଶ୍ୱିନୀ କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୮ ତାରିଖ ସୁଦ୍ଧା ଦାବିଗୁଡିକ ସମାଧାନ ନ ହେଲେ ୧୦ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ଉପସଭାପତି ଭବାନୀଶଙ୍କର ପରିଛାଙ୍କ ନେତୃତ୍ୱରେ ଜିଲାପାଳ ଓ ଆରସିସିଏଫ୍‌ଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବହୁଭାଷୀ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ଖଡ଼ିଆଳ,୨୭।୬(ସୁଜିତ୍ ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ୩ ଦିନ ଧରି ଚାଲିଥିବା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ୩୦ବର୍ଷ ପୂର୍ତ୍ତିକୁ ନେଇ ଅନୁଷ୍ଠିତ ବହୁଭାଷୀ ନାଟକ ପ୍ରତିଯୋଗିତା ସହ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବହୁଭାଷୀ ନାଟକ ପ୍ରତିଯୋଗିତାରେ ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ସ୍କୁଲ ଏବଂ ଅନୁଷ୍ଠାନ ଭାଗ ନେଇଥିଲେ। ସିନିୟର ବର୍ଗରେ କୋମନା ନାଟ୍ୟ ସଂସଦର ଅଭିନୀତ ନାଟକ 'କେନ କରବା ଉଦ୍ଧାର' ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ନାଟ୍ୟକାର ମାୟାଧର ସରାଫ ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ସ୍କୁଲସ୍ତର ନେଇ ନାଟକ ପ୍ରତିଯୋଗିତାରେ ଖଡ଼ିଆଳ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ନାଟକ 'ଉକିଆ' ଶ୍ରେଷ୍ଠ ନାଟକ ଏବଂ ଏହି ନିର୍ଦ୍ଦେଶିକା ସୁଜାତା ପାଣିଗ୍ରାହୀ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ପୁରସ୍କୃତ ହୋଇଛନ୍ତି। ପଲସଦା ସେବାଶ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ନାଟକ 'ବଏଠା ହୁଲା' ଦ୍ୱିତୀୟ ଶ୍ରେଷ୍ଠ ନାଟକ ଏବଂ ଖଡ଼ିଆଳ ରାଜା ଏଟି ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅଭିନୀତ ନାଟକ 'ରାମ ନାମ ସତ୍ୟ ହେ' ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ଅଭିନେତା ଭାବେ ଖଡ଼ିଆଳ ରାଜା ଏଟି ହାଇସ୍କୁଲ ରୋଶନ ପଣ୍ଡା ଏବଂ ଅଭିନେତା ଭାବେ ଆରାଧ୍ୟା ଖମାରୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରଦୀପ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**'କେନ କରବା ଉଦ୍ଧାର' ଶ୍ରେଷ୍ଠ ନାଟକ**

କୁମାର ସିଂଙ୍କୁ ପୁରସ୍କୃତ କରାଯାଇଥିଲ। ସିନିୟର ବର୍ଗରେ ଶ୍ରେଷ୍ଠ ଅଭିନେତା ଭାବେ କୋମନା ନାଟ୍ୟ ସଂସଦ ରାଜେନ୍ଦ୍ର କୁମାର ସାହୁ ଏବଂ ଖଡ଼ିଆଳ ଶବରପଡ଼ା ଠାକୁରାଣୀ କ୍ଲବ ଅଭିନେତ୍ରୀ ଭାବେ ନିବେଦିତାଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ପରମେଶ୍ୱର ମୁଣ୍ଡ ଏବଂ ସମ୍ମାନିତ ଅଥିତି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇଥିଲେ। ଖଡ଼ିଆଳ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ମାଟି। ଓଡ଼ିଶାରେ ନାଟ୍ୟ ଆନ୍ଦୋଳନ ଖଡ଼ିଆଳରୁ ହିଁ ଆରମ୍ଭ ହୋଇଥିଲା ଯାହା ୧୮୮୫ରେ ତତ୍କାଳୀନ ରାଜା ବୀର ବିକ୍ରମ ସିଂ ଦେଓଙ୍କ ଦ୍ୱାରା ବିରବିକ୍ରମ ଥିଏଟର ମୁଖ ସାକ୍ଷୀ ରୂପେ ଆଜି ବି ଦଣ୍ଡାୟମାନ। ଏଣୁ ଏହାକୁ ଉଜ୍ଜୀବିତ କରିବା ପାଇଁ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଏହିପରି ନାଟକର ଆୟୋଜନ କରିବା ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ଚାଲିଥିବା ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୁକେଶ ପଟ୍ଟନାୟକ, ଅଶୋକ ବାରିକ, ଆଦିତ୍ୟ ପାଣିଗ୍ରାହୀ, ଗଙ୍ଗାଧର ମହାନ୍ତି, ଭୋଦେବ ସାହୁ, ବିମଳ ସିଂ ଦଳପତି, ରାଜକପୁର ବାରିକ, ଆଲୋକ ରଥ, ବବୁ ବାହାନ ବର୍ମା, ଅଶୋକ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ବିକ୍ଷୋଭ

ନୂଆପଡ଼ା,୨୭।୬(ମକାରୁ ବେମାଲ)

ନୂଆପଡା ଜିଲାକୁ ଟିପିଡବ୍ଲୁଓଡିଏଲ ବିଦ୍ୟୁତ୍ ଦାୟିତ୍ୱ ନେଲା ଦିନଠାରୁ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଓ ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଜିଲା କଂଗ୍ରେସ ପକ୍ଷରୁ ଉପଖଣ୍ଡ ବିଦ୍ୟୁତ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ମୋତିଲାଲ ଦାସ ଓ ଲିଗାଲ ସେଲ ସଭାପତି ବରଗଡ ସନ୍ତୋଷ ସତପଥୀ ଯୋଗଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶକ୍ତି ବିଭାଗଙ୍କ ଉଦ୍ଦେଶ୍ୟରେ ଉପଖଣ୍ଡ ବିଦ୍ୟୁତ ଅଧିକାରୀ ଅବିନାଶ ବିଶ୍ୱାଳଙ୍କ ଜରିଆରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଅଘୋଷିତ ବିଦ୍ୟୁତ କାଟ ତୁରନ୍ତ ବନ୍ଦ କରାଯାଉ, ହିତାଧିକାରୀଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ କରାଯାଉ, ଅହେତୁକ ବିଦ୍ୟୁତ ଦର ବୃଦ୍ଧିକୁ କମ କରାଯାଉ ବୋଲି ଆଦି ଦାବି କରାଯାଇଛି। ସରକାର ଏହି ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ କଂଗ୍ରେସ କମିଟି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି କୁହାଯାଇଛି। ବିକ୍ଷୋଭରେ ଅଭୟ ଯୋଶୀ, ଦେବଦତ୍ତ ଦିକ୍ଷୀତ, ଭୀଷ୍ମ ସୁନାନୀ, ତାଜରାଜ ଶବର, ଚୁନୁଲାଲ ଶବର, କୌଶିକ ସାହୁ, ନରେନ୍ଦ୍ର ନାଗ, ଛଗନ ପଟେଲ, ଗୋବିନ୍ଦ ସିଂ ଠାକୁର, ଭୀମ ଯାଦବ, ମୁରଲି ବାଗ, ରାଜେଶ ପଣ୍ଡା, ଦୀପକ ସାହୁ ସଦାନନ୍ଦ ସାହୁ ପ୍ରମୁଖ ସାମିଲଥିଲେ।

## ସିପିଆଇଏମ୍‌ର ପ୍ରତିବାଦ, ବିକ୍ଷୋଭ




ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଏମ୍.ରାମପୁର,୨୭।୬ (ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ମ. ରାମପୁରଠାରେ ସିପିଆଇଏମ୍ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଦ୍ୱାରା ହେଉଥିବା ଅବ୍ୟବସ୍ଥା ନେଇ ପ୍ରତିବାଦ ଓ ବିକ୍ଷୋଭ କରାଯାଇଛି। ସ୍ଥାନୀୟ ତହସିଲଦାର କାର୍ଯ୍ୟାଳୟ ଯାଇ ତହସିଲଦାର ଜ୍ୟୋତ୍ସ୍ନା ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଦ୍ୟୁତ୍ କାର୍ଯ୍ୟାଳୟ ଯାଇ ବିକ୍ଷୋଭ ପ୍ରଦର୍ଶନ କରି ବିଭାଗୀୟ ଯନ୍ତ୍ରି ଜେ.ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅହେତୁକ ଘନ ଘନ ବିଦ୍ୟୁତ୍ କାଟ ବନ୍ଦ କରି ନିରବିଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ, ମାସିକ ଦୁଇଶହ ୟୁନିଟ ବିଦ୍ୟୁତ୍ ଦେୟ ଛାଡ କରିବା, ଜୋରଜୁଲମ କରି ବଦ୍ୟୁତ୍ ଦେୟ ଆଦାୟ ବନ୍ଦ କରିବା ଆଦି ଦାବି କରାଯାଇଛି। ପ୍ରତିବାଦ, ବିକ୍ଷୋଭରେ ଦଳୀୟ କର୍ମକର୍ତ୍ତା ସତ୍ୟଜିତ ଚଟର୍ଜି, ଦେବଜୀତ ଚଟର୍ଜି, ଗଙ୍ଗାଧର ପ୍ରହରାଜ, ବନିତା ରାଉତ, ଚମରା ବଗର୍ତ୍ତି, ବିଶ୍ୱମ୍ଭର ଡୁଙ୍ଗରି, ଭଗବାନ ମାଝି ପ୍ରମୁଖ ସାମିଲ ହୋଇଥିଲେ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଧାରଣା

ଭବାନୀପାଟଣା,୨୭।୬ (ଉତ୍ତମ କୁମାର ଦାଶ)

**ଜିଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ**

ସରକାର ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଅଣଦେଖା କରୁଥିବା ନେଇ ମଙ୍ଗଳବାର ୬ ଦଫା ଦାବି ନେଇ କଳାହାଣ୍ଡି ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି ଜିଲାର ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ପରେ ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ୧୦୮କର୍ମଚାରୀଙ୍କୁ ନିୟମିତ କରାଯାଉ, ନଚେତ ସ୍ୱତନ୍ତ୍ର ପ୍ୟାକେଜ ୮ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିଙ୍କୁ ୩୦ ହଜାର, ଚାଳକଙ୍କୁ ୨୫ହଜାର, ସହାୟକଙ୍କୁ ୨୦ ହଜାର ଓ ଏଡଭାନ୍ସ ଲାଇଫ୍ ସର୍ପୋଟ ଇଏମଟିଙ୍କୁ ୩୫ ହଜାର ଟଙ୍କା ଦିଆଯିବାର ଅନୁମତି ହେଉ, ବାର୍ଷିକ ଦରମା ବୃଦ୍ଧି ନିଶ୍ଚିତ କରାଯାଉ, ୧୦୮ ଆମ୍ବୁଲାନ୍ସ କାର୍ଯ୍ୟରତ କର୍ମଚାରୀଙ୍କୁ ଲୋକମାନଙ୍କ ଆକ୍ରମଣର ଶିକାର ହେଲେ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୋଷୀମାନଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, କୌଣସି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ୧୦୮ ଆମ୍ବୁଲାନ୍ସ ସଂଘ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିଆଯାଉ, ପ୍ରତ୍ୟେକ ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ କର୍ମଚାରୀମାନଙ୍କ ପାଇଁ ରହିବା ଓ ଶୌଚାଳୟର ବ୍ୟବସ୍ଥା କରାଯାଉ, ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକ୍ରମଣ୍ୟ ହେଲେ ୧୦ ଲକ୍ଷ ପ୍ରଦାନ କରାଯାଉ ଆଦି ଉଲ୍ଲେଖ କରାଯାଉଛି। ସେହିପରି ଏହାର ଏକକୀତା ନକଲ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ଶୁଭ୍ରେ ମେହେର, ଉପସଭାପତି ଗଣେଶ୍ୱର କେତକୀ, ସମ୍ପାଦକ ଗଜିନ୍ଦ୍ର ନାଏକ, ସହସମ୍ପାଦକ ବିଶମ୍ବର ତେଜୀ, କୋଷାଧକ୍ଷ ଭୁଙ୍ଗରାଜ ବେହେରା, ଜିମୁତ ପ୍ରଧାନୀ, ଉମାକାନ୍ତ ସିଂହ, ସରୋଜ ନିଆଲ ପ୍ରମୁଖ ସାମିଲ ହୋଇଥିଲେ।



ଜିଲାପାଳଙ୍କ ଅଫିସ ଆଗରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଧାରଣା।

# ମୂର୍ଚ୍ଛନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ଭବାନୀପାଟଣା,୨୭।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ସଂସ୍କୃତି ଭବନଠାରେ ୨ ଦିନ ଧରି ଚାଲିଥିବା ମୂର୍ଚ୍ଛନା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ସଂସଦ ସଭାପତି କୈଳାସ ରାଉତଙ୍କ ଅଧକ୍ଷତାରେ ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟକ ତଥା ପୂର୍ବତନ ଜିଲାପାଳ ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପରେଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗାଳ୍ପିକ ସହଦେବ ସାହୁ, ସାହିତ୍ୟିକ ପ୍ରତାପ କିଶୋର ମୁଣ୍ଡ, ସରୋଜ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅଧିବେଶନରେ ସଂସଦ ସଭାପତି କୈଳାସ ଚନ୍ଦ୍ର ରାଉତଙ୍କ ଗଳ୍ପ ସଂକଳନ 'ଶୂନ୍ୟ ଆକକାଶର ପକ୍ଷୀ' ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକର ସମୀକ୍ଷା କରିଥିଲେ ଅଧାପକ ବଙ୍କିମ ଚନ୍ଦ୍ର ମୁଣ୍ଡ। ସଂସଦ ସଭ୍ୟ ବ୍ରଜକିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନର ସଂସଦ ଉପଦେଷ୍ଟା ଉଦ୍ଧବ ଚରଣ ସାହୁ ଅଧକ୍ଷତା କରିଥିଲେ। ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ମନ୍ତ୍ରୀ




ଅତିଥିମନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାସବିହାରୀ ବେହେରା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ସୁନିତୀ ମୁଣ୍ଡ, ଅଧାପକ ତପନ କୁମାର ରଥ, ଅର୍ଜୁନ ପୃଷ୍ଟି ଓ କବି ସୁଧୀର ମେହେର ପ୍ରମୁଖ ଯୋଗଦେଇଥିଲେ। ସଂସଦ ସଭ୍ୟ ତରଙ୍ଗ ଚଣ୍ଡିଙ୍କ ଗଳ୍ପ ସଂକଳନ 'ଗହକି' ଉନ୍ମୋଚନ ହୋଇଥିଲା। ଏହି ଗଳ୍ପ ସଂକଳନର ସମୀକ୍ଷା କରିଥିଲେ କବି ସୁଧୀର ମେହେର। ନବଘନ ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିବସରେ ସଂସଦ ସଭାପତି ଅଜୟ ଦାସଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର କଳାହାଣ୍ଡି ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ବଲ୍ଲଭ ରାଉତ, ଗବେଷକ ଉମାଶଙ୍କର କର, ଡ଼. ପ୍ରଶାନ୍ତ କୁମାର ସ୍ୱାଇଁ, ଅଧାପକ ପରମେଶର ମୁଣ୍ଡ ଓ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ମହାନ୍ତି ଓ କବି ବିରଞ୍ଚି ନାରାୟଣ ମୁଣ୍ଡ ଯୋଗଦେଇଥିଲେ। ସଭାପତି ସମ୍ପାଦକୀୟ ବିବରଣି ପାଠ କରିଥିଲେ। ଏହି ଅଧିବେଶନରେ ସଂସଦ ସଭ୍ୟ କବି ନବଘନ ସାହୁଙ୍କ କବିତା ସଙ୍କଳନ 'ମୁଦିତ ନୟନ' ଉନ୍ମୋଚନ ହୋଇଥିଲା। ଏହି ପୁସ୍ତକର ସମୀକ୍ଷା କରିଥିଲେ କବି ବିରଞ୍ଚି ନାରାୟଣ ମୁଣ୍ଡ। ଶେଷରେ ସଂସଦ ସଭ୍ୟ ନିରଞ୍ଜନ ସାହାଣୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ସଂସଦର ଉପସଭାପତି ତଥା କବି ସୁଧୀର ମେହେର। ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପାଳ ଜଗନ୍ନାଥ ମହାନ୍ତି, କବି ଅଖିଳ କୁମାର ସ୍ୱାଇଁ, ମୁଖ୍ୟବକ୍ତା ମନୋରଞ୍ଜନ ମହାନ୍ତି, ପ୍ରିୟ ମଞ୍ଜରୀ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସର୍ଣ୍ଣଲତା ଦାସ, କବି ସତ୍ୟନାରାୟଣ ରାଜପୁତ ପ୍ରମୁଖ ଯୋଗଦେଇଥିଲେ। କବିତାପାଠ ସଂଯୋଜନା କରିଥିଲେ ସଂସଦ ସଭ୍ୟ କବି ପ୍ରେମ ଲାଲ ବାଗ, ଭାଗୀରଥି ସାଗର ଓ ନବଘନ ସାହୁ। କବିତା ପାଠୋତ୍ସବରେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୮୦ଜଣ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ କବି ଅଖିଳ ସାଇଁ, ଡିଳେଶ୍ୱର ରଣା, ରାମପୁରରୁ କବି ପଦ୍ମଲୋଚନ ମିଶ୍ର, କବି ହେମନ୍ତ ସାହୁ ଓ ବହୁ କବି କବୟତ୍ରୀ ଯୋଗଦେଇଥିଲେ। ବ୍ରଜ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆବର୍ଷ ପୂର୍ବରୁ ନୃସିଂହନାଥ ପୀଠ କାମ ଶେଷ କର

ବରଗଡ଼/ସୋହେଲା/ପଦ୍ମପୁର/ପାଇକମାଳ, ୨୭ା୬ (ପ୍ରେମାନନ୍ଦ ଖମାରୀ, ଅଶ୍ୱିନୀ ପାତ୍ର, ପ୍ରଦୀପ୍ତ ଦାଶ, ବଡ଼ ଶତପଥୀ)



୫-ଟି ସଚିବ ଗଙ୍ଗାଧର ମେହେର ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣର ସମୀକ୍ଷା କରୁଛନ୍ତି ।

ଦୁଇଦିନିଆ ବରଗଡ଼ ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ ପାଣ୍ଡିଆନ ନିଜ କାର୍ଯ୍ୟକ୍ରମ ଶେଷ କରି ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଭୁବନେଶ୍ୱର ଫେରି ଯାଇଛନ୍ତି। ସେ ତାଙ୍କ ଏହି ଗସ୍ତରେ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଛାତ୍ରୀଛାତ୍ର ତଥା ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ଆଲୋଚନା କରିଥିବାବେଳେ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ନିର୍ମାଣ ଅଗ୍ରଗତିର ସମୀକ୍ଷା କରିଥିଲେ। ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ବରଗଡ଼ ବ୍ଲକ ଅନ୍ତର୍ଗତ ଗିରସୁଲ, ଜୀରାନଦୀ ନିକଟକୁ ଯାଇ ସେଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରି ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନୃସିଂହନାଥ ପୀଠ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହିତ ନୂଆବର୍ଷ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ କାର୍ଯ୍ୟ ଭଲଭାବେ କରିବାକୁ ପରାମର୍ଶ ଦେବା ସହିତ ଆବଶ୍ୟକ ହେଲେ ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟରେ ମଧ୍ୟ ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ସୋହେଲା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପାଣ୍ଡିଆନ ଶିଶୁ ଓ ମାତୃ ମଙ୍ଗଳ କେନ୍ଦ୍ରର ନୂତନ କୋଠାର କାର୍ଯ୍ୟ ସମୀକ୍ଷା କରିଥିଲେ। ସେହିପରି ସୋହେଲାର ଦୁର୍ଗା ମନ୍ଦିର ପରିଦର୍ଶନ କରିବା ସହିତ ବୀରେନ ବାବାଙ୍କ ସାଧନା କୁଟୀର ପରିଦର୍ଶନ କରିଥିଲେ। ସୋହେଲା ବ୍ଲକର ହଲଦୀପାଲିରେ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟାଙ୍କୁ ଭେଟି ସମସ୍ୟା

## ୫-ଟି ସଚିବଙ୍କ ନିର୍ଦ୍ଦେଶ

ଶୁଣିବା ସହିତ ସେଠାରେ ଉପସ୍ଥିତ ଲୋକଙ୍କଠାରୁ ସେ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଇ ଯଥାଶୀଘ୍ର ସେଗୁଡ଼ିକର ସମାଧାନ କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ। ଚାଷୀମାନଙ୍କ ସମସ୍ୟାର ସମାଧାନ ଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ମିଶନ ଶକ୍ତିର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରି ମା'ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଉନ୍ନତ କରିବା ତଥା ଏଥିପାଇଁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିବା ଋଣ ସହାୟତାର ସଦ୍‌ବିନିଯୋଗ ପାଇଁ ପାଣ୍ଡିଆନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ କହିଥିଲେ।

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କୁରୁମକେଲଠାରେ ନୂତନଭାବେ ବସତି ସ୍ଥାପନ କରିଥିବା କଲୋନୀ ପରିଦର୍ଶନ କରି ସେଠାରେ ରହୁଥିବା ଲୋକଙ୍କୁ ସେମାନଙ୍କ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏଠାରେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଭେଟି ସେମାନଙ୍କ ସହିତ ଆଲୋଚନା କରିଥିଲେ। ପାଇକମାଳ ବ୍ଲକର ୫-ଟି ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ ସମୟରେ ସ୍ମାର୍ଟ ଶ୍ରେଣୀଗୃହରେ ପାଠ ପଢ଼ି ଜୀବନରେ କଠିନ ପରିଶ୍ରମ ବଳରେ ଲକ୍ଷ୍ୟ ହାସଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାର ପ୍ରତ୍ୟେକ ମହାବିଦ୍ୟାଳୟ ମଧ୍ୟ ଅତିଶୀଘ୍ର ୫-ଟିରେ ରୂପାନ୍ତରିତ ହେବ ବୋଲି ସେ ସୂଚନା ଦେଇଥିଲେ । ପାଇକମାଳ କସ୍ତୁରବା ଗାନ୍ଧି ମାତୃ ନିକେତନ ପରିଦର୍ଶନ କରି ପାର୍ବତୀ ଗିରିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ସହିତ ଅନାଥାଶ୍ରମର ସମସ୍ୟା ଉପରେ ସେ ପଚାରି ବୁଝିଥିଲେ। ପରେ ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବୁଦ୍ଧିଜୀବି, ନାଗରିକ ପ୍ରମୁଖଙ୍କୁ ନେଇ ଅନୁଷ୍ଠିତ ସମାବେଶରେ ପାଣ୍ଡିଆନ ଯୋଗ ଦେଇଥିଲେ। ସେଠାରେ ପଦ୍ମପୁରର ବହୁମୁଖୀ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ସେ ମିଶନ ଶକ୍ତି କାଫେ, ଅନ୍ୱେଷା ହଷ୍ଟେଲ ପରିଦର୍ଶନ କରିବା ସହିତ ପଦ୍ମପୁରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ଗ୍ରହଣ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

## ସଂକ୍ଷେପରେ

### ଉଲବା, ସାଲେପାଲି ଗ୍ରାମକୁ ଜଳସେଚନ ପ୍ରକଳ୍ପରେ ସାମିଲ ଦାବି

**ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉଲବା ଏବଂ ସାଲେପାଲି ଗ୍ରାମକୁ ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପରେ ସାମିଲ କରିବାକୁ ଦାବି ହୋଇଛି। ମଙ୍ଗଳବାର ସକାଳେ ୫-ଟି ସଚିବ ଭି.କେ ପାଣ୍ଡିଆନ ଉକ୍ତ ପ୍ରକଳ୍ପ ନିର୍ମାଣର ଅଗ୍ରଗତି ସମୀକ୍ଷା କରିବାକୁ ଯାଇଥିବାବେଳେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ସମେତ ଗ୍ରାମବାସୀ ତାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହି ଗ୍ରାମଗୁଡ଼ିକ ପ୍ରକଳ୍ପରୁ କାହିଁକି ବାଦ୍ ପଡୁଛି, ତାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ସହିତ କିଭଳି ଏହି ଗ୍ରାମଗୁଡ଼ିକ ପ୍ରକଳ୍ପରେ ସାମିଲ ହୋଇପାରିବ, ସେ ନେଇ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ପାଣ୍ଡିଆନ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି

**ପଦ୍ମପୁର, ୨୭ା୬(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ରିକ୍ରିଏସନ ସେଣ୍ଟରରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଏବିସିଡିର ସଭାପତି ଅନିଲ ବେହେରାଙ୍କ ଅଧକ୍ଷତାରେ ଅଗାମୀ ନୂଆଁଖାଇ ଭେଟ୍‌ଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅନୁଷ୍ଠାନର ନୂଆଁଖାଇ ଭେଟ୍‌ଘାଟ ଉତ୍ସବ ୨୫ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାରୁ ଜୁଲାଇରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଜୁଲାଇ ମାସରେ ବନ ସପ୍ତାହ ଅବସରରେ ବୃକ୍ଷରୋପଣ, ସଚେତନତା ସଭା ଓ ରାଲି, ମାଗଣା ସ୍ୱାସ୍ୟ ସେବା ଶିବିର, କ୍ରୀଡା ପ୍ରତିଯୋଗିତା, ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା, ୨୫ ବର୍ଷରେ ଅନୁଷ୍ଠାନ ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସ୍ମରଣିକା ପ୍ରକାଶ, ଏ ଅନୁଷ୍ଠାନର ବହୁ ପୁରାତନ ସଭ୍ୟଙ୍କୁ ନେଇ ବନ୍ଧୁ ମିଳନ ପର୍ବ ଆଦି ବିଶେଷ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ପାରମ୍ପରିକଭାବେ ଶ୍ରେଷ୍ଠ ଚାଷୀ ଓ ଏ ଅଞ୍ଚଳ ପାଇଁ ଗୌରବ ଆଣିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା, ବ୍ୟଙ୍ଗ କବି ଆସର, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶିକ୍ଷାବିତ୍, ଗଣମାଧମ ପ୍ରତିନିଧଙ୍କୁ ନିମନ୍ତ୍ରଣ କରି ଭେଟ୍‌ଘାଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସମ୍ପାଦକ ରଘୁନାଥ ପୁରୀ ବିବରଣୀ ପାଠ କରିଥିଲେ।

### ବଢ଼ିଲା ପରିବା ଦର, ୧୦୦ଛୁଇଁଲା ଟମାଟୋ

**ପଦ୍ମପୁର, ୨୭ା୬(ପ୍ରଦୀପ୍ତ ଦାଶ):** ମୌସୁମୀର ପ୍ରବେଶ ସହିତ ହାଟ ବଜାରରେ ପନିପରିବା ଦର ବଢ଼ିବାରେ ଲାଗିଛି। ନିଜ ରାଜଜ ସହ ପଡୋଶୀ ରାଜ୍ୟରେ ବର୍ଷା ବିପ୍ରାତ ପରିବା ବଜାରକୁ ମହଙ୍ଗା କରିଦେଇଛି। ଗତ ଦୁଇଦିନ ତଳେ ୪୦/୫୦ ଟଙ୍କା ଥିବା ଟମାଟୋ ମଙ୍ଗଳବାର ୧୦୦ ଛୁଇଁଛି। ଗତ ୧୫ ଦିନରେ ଅଦା ଓ ରସୁଣ ଯେଉଁ ଭାବରେ ବୃଦ୍ଧି ପାଇଛି ଖାଉଟି କଲବଲ ହେଉଛନ୍ତି। ବଜାରରେ କେବଳ ଆଳୁ, ପିଆଜ ଦର ସ୍ଥିର ଥିବା ବେଳେ ସଜନା କେଜି ପ୍ରତି ଶହେରୁ ୧୨୦, ପୋଟଳ ୬୦, ଝୁଡୁଙ୍ଗ ୮୦, କଲରା ୮୦, ବାଇଗଣ ୪୦ରୁ ୫୦, କଞ୍ଚା ଲଙ୍କା ୧୫୦, ଜହ୍ନି କିଲୋ ପ୍ରତି ୬୦ଟଙ୍କା ଦରରେ ବିକ୍ରି ହେଉଛି । ଅପରପକ୍ଷରେ ଲଗାଣ ବର୍ଷାରେ ପରିବହନ ସମସ୍ୟା ସୃଷ୍ଟି ହେଉଥିବାରୁ ଏହି ଦର ବୃଦ୍ଧି ପାଇଥିବା କେତେକ ବ୍ୟବସାୟୀ କହିଛନ୍ତି। ସେହିପରି ମହାରାଷ୍ଟ୍ରର ନାସିକ ଓ ମଧପ୍ରଦେଶରେ ଟମାଟୋ ଉତ୍ପାଦନ ବନ୍ଦ ହୋଇଯାଇଛି। ଏବେ କେବଳ ବାଙ୍ଗାଲୁରୁରୁ ଟମାଟୋ ଆମଦାନୀ ହେଉଥିବାରୁ ଦର ବୃଦ୍ଧି ପାଇଛି ବୋଲି ବ୍ୟବସାୟୀମାନେ କହିଛନ୍ତି ।

# ଜିଲାପାଳଙ୍କୁ ବିଏସ୍‌ପିର ୪ଦଫା ଦାବିପତ୍ର

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)



ଅତିରିକ୍ତ ଜିଲାପାଳଙ୍କୁ ବିଏସ୍‌ପି କାର୍ଯ୍ୟକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଖଲିଆପାଲି ଗ୍ରାମର ଦଳିତ ନାବାଳକ ଗୁଣନିଧି ବାଘ ହତ୍ୟା ମାମଲାର ତାତି ବରଗଡ଼ରେ ପହଞ୍ଚିଛି। ମଙ୍ଗଳବାର ବରଗଡ଼ ଜିଲା ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ ଉକ୍ତ ହତ୍ୟା ମାମଲା ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) କୃତିବାସ ରାଉତ ଦାବିପତ୍ର ଗ୍ରହଣ କରିଥିଲେ ।

ସ୍ମାରକପତ୍ରରେ ୪ଦଫା ଦାବିକରାଯାଇଛି। ଗୁଣନିଧି ବାଘ ହତ୍ୟା ମାମଲାର ବିଚାର ବିଭାଗୀୟ ତଦନ୍ତ, ପୀଡ଼ିତ ପରିବାର ଲୋକଙ୍କୁ ୫୦ଲକ୍ଷ କ୍ଷତିପୂରଣ, ପରିବାରର ଜଣଙ୍କୁ ସରକାରୀ ଚାକିରି

## ଗୁଣନିଧି ବାଘ ହତ୍ୟା ମାମଲା

ଏବଂ ଆଇନ ଅନୁଯାୟୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦଳ ଦାବି କରିଛି। ବିଏସ୍‌ପିର ଜିଲା ସଭାପତି ଜୟରାମ ବାଘଙ୍କ ନେତୃତ୍ୱରେ ଜିଲା ପ୍ରଭାରୀ ଟଙ୍କଧର କଣ୍ଟା, ଅଜୟ କୁମ୍ଭାର, ଦେବ କୁମାର, ସରୋଜ କୁମ୍ଭାର, ସୁବୋଧ ବାଘ, ରଞ୍ଜନ ସେଠ, ନୃପ ମେହେର, ଥବିର ବିଶି, ମୁକେଶ କୁମ୍ଭାର, ମନୋଜ କୁମ୍ଭାର ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଯାଇଥିଲେ। ପ୍ରକାଶଥାଉକି, ଗତ ୧୭ତାରିଖ ସନ୍ଧ୍ୟାରେ କେତେକ ବ୍ୟକ୍ତି ଜାତିଆଣ ଭାବ ରଖି ଗୁଣନିଧିଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି।

# ଚଳିତବର୍ଷରୁ ବିକାଶରେ ପି.ଜି ପାଠ୍ୟକ୍ରମ

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ସ୍ନାତକୋତ୍ତର(ପି.ଜି) ଶିକ୍ଷା ଆରମ୍ଭ ହୋଇଛି । ଚଳିତ ଶିକ୍ଷାବର୍ଷ(୨୦୨୩-୨୪)ରେ ଏଠାରେ ୧୬ସିଟ୍ ରହିଥିବାବେଳେ ଛାତ୍ରୀଛାତ୍ର ଏଠାରେ ରସାୟନ ବିଜ୍ଞାନ, ବାଣିଜ୍ୟ ଏବଂ ଇଂରାଜୀ ବିଷୟରେ ପି.ଜି ଶିକ୍ଷା ଅଧ୍ୟୟନ କରି ପାରିବେ ଏବଂ ଏହା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରଭୁକ୍ତ ଅଟେ ବୋଲି ବିକାଶ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରେ ଏମ.ବି.ଏ ଡିଗ୍ରୀ(୬୦ସିଟ୍) ବିଶିଷ୍ଟ ଖୋଲିବା ପାଇଁ ଏ.ଆଇ.ସି.ଟି.ଇ, ନୂଆଦିଲ୍ଲୀର ଅନୁମୋଦନ ମିଳିଛି ଏବଂ ଏହି କୋର୍ସଟି ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପରିସରଭୁକ୍ତ ବୋଲି ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସ ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ସୂଚନା ଦେଇଛନ୍ତି। ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି ଯେ, ପି.ଜିର ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତି କରାଯିବ । ଏହା ସହିତ ପ୍ରତିଯୋଗିତାମୂଳକ ଚାକିରି ପାଇଁ ଉପଯୋଗୀ ହୋଇ ପାରୁଥିବା ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା କରାଯିବ । ନୂତନ ଶିକ୍ଷା ବ୍ୟବସ୍ଥାକୁ ଆଧାର କରି ଇଣ୍ଟର୍ନସିପ୍ ଏବଂ ପ୍ଲେସମେଣ୍ଟକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି । ନୂତନ ଶିକ୍ଷା ପାଠ୍ୟକ୍ରମ ଖୋଲିଥିବା ଯୋଗୁ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଏବଂ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି ।

# ୨୪ଦିନ ବିତିଲା, ମିଳିନି ଧାନବିକ୍ରି ପ୍ରାପ୍ୟ

ଭେଡ଼େନ, ୨୭ା୬ (ସୁଦନ ମହାକୁର)

ଚାଷୀ ଯେପରି ଅଣ୍ଡରେଟରର ଶିକାର ନ ହୋଇ ସୁରୁଖୁରୁରେ ଧାନ ବିକ୍ରି କରିବ ସରକାର ତାହାର ବ୍ୟବସ୍ଥା କରିଛନ୍ତି। ସେହିପରି ଚାଷୀଙ୍କୁ ପି-ପାସ (ପ୍ୟାଡ଼ି ପ୍ରୋକ୍ୟୁରମେଣ୍ଟ ସିଷ୍ଟମ )ରେ ଡ଼ାଇରେକ୍ଟ ଫଣ୍ଡ ଟ୍ରାନ୍ସଫର (ଡ଼ିବିଟି)ଜରିଆରେ ପ୍ରାପ୍ୟ ରାଶି ୨୪ରୁ ୭୨ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ଏ କ୍ଷେତ୍ରରେ ଚାଷୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ଅତାବିରା ବ୍ଲକ ଡ଼ାଲବି ଗ୍ରାମର ଦେବଦତ ପଣ୍ଡାଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ସେ ଜୁନ ୪ରେ ୧୩୦ କୁଇଣ୍ଟାଲ ଧାନ ସଂକ୍ରିଡ଼ା ପାକ୍ସ ଅର୍ନ୍ତଗତ ଖୁଣ୍ଟୁଲିପାଲି ମଣ୍ଡିରେ ବିକ୍ରି କରିଥିଲେ। ୨୪ ଦିନ ବିତି ଯାଇଥିଲେ ବି ଏଯାଏ ଚାଷୀ ତାଙ୍କ ପ୍ରାପ୍ୟ ପାଇନାହାନ୍ତି। ଏ ନେଇ ସେ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

# ମୃତ୍ୟୁ ପରେ ଚକ୍ଷୁଦାନ



ସ୍ୱର୍ଗତ ଚିତ୍ତରଞ୍ଜନ ଦାଶ ।

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଇଥାନଲ ପ୍ଲାଣ୍ଟରେ ମାନବ ସମ୍ବଳ(ଏଚଆର) ଅଧିକାରୀଭାବେ କାର୍ଯ୍ୟରତ ଚିତ୍ତରଞ୍ଜନ ଦାଶ(୩୮)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ସ୍ୱର୍ଗତ ଦାଶଙ୍କ ପରିବାର ଲୋକେ ମଙ୍ଗଳବାର ଚକ୍ଷୁଦାନ କରିଛନ୍ତି। ପରିବାର ଲୋକଙ୍କ ଏଭଳି ମହନୀୟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ସ୍ୱର୍ଗତ ଦାଶ ସୋମବାର କାର୍ ଯୋଗେ ସମ୍ବଲପୁର ଫେରୁଥିବା ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ପୋଲିସ ମୃତଦେହକୁ ବରଗଡ଼ ବ୍ୟବଚ୍ଛେଦ କେନ୍ଦ୍ରକୁ ଆଣିଥିଲା । ସେଠାକୁ ସମ୍ବଳ ଅନୁଷ୍ଠାନର ରାମଦାଶ ପଣ୍ଡା, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, ନିଷ୍ଠା ପରିବାରର ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ପହଞ୍ଚିଥିଲେ । ପରିବାର ଲୋକଙ୍କ ସହମତିକ୍ରମେ ଦୃଷ୍ଟିଦାନ ଚକ୍ଷୁବ୍ୟାଙ୍କର କର୍ମଚାରୀ ପ୍ରଭାସିନୀ ସ୍ୱାନ ସ୍ୱର୍ଗତ ଦାଶଙ୍କ ଚକ୍ଷୁରୁ କାର୍ଣ୍ଣିଆକୁ ସୁରକ୍ଷିତଭାବେ ସଂଗ୍ରହ କରିଥିଲେ।

# ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ କଂଗ୍ରେସର ଧାରଣା



ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ କଂଗ୍ରେସର ଧାରଣା ।

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ବିଦ୍ୟୁତ ବିଭ୍ରାଟ ଚରମସୀମାରେ ପହଞ୍ଚିଛି। ଫଳରେ ଜିଲାରେ ଜନ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ବରଗଡ଼ ଗାନ୍ଧିଛକରେ ଧାରଣା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ସ୍ଥାନୀୟ ବିଦ୍ୟୁତ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ପର୍ଯ୍ୟବେକ୍ଷକଭାବେ ଯୋଗଦାନ କରିଥିଲେ। ଟାଟା ପାୱାର ରାଜ୍ୟରେ ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରେ ଲୋକଙ୍କୁ ଠିକ୍‌ଭାବେ ବିଦ୍ୟୁତ ସେବା ମିଳୁ ନଥିବା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ। ଜିଲାରେ ଦେଖାଯାଇଥିବା ବିଦ୍ୟୁତ ସମସ୍ୟାର ତୁରନ୍ତ ସମାଧାନ କରା ନଗଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ନିପନ ଦାଶ, ଯୁଗଳ ପ୍ରସାଦ ସିଂ, ସରୋଜ ଷଡ଼ଙ୍ଗୀ, ସରୋଜ ମହାପାତ୍ର, ପ୍ରତାପ ନାୟକ, ଅଭିଷେକ ସେଟ୍, ଦିପକ ରାଏଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ସାମିଲ ଥିଲେ।

# ଜିଲା ଓକିଲ ସଂଘର ଦାବି: ଜୀରାନଦୀରେ ଆନିକଟ୍ ହେଉ

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଦେଇ ଯାଇଥିବା ଜୀରାନଦୀରେ ଆନିକଟ୍ ନିର୍ମାଣ କରିବାକୁ ଜିଲା ଓକିଲ ସଂଘ ଦାବି କରିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଜୀରାନଦୀରେ ଆନିକଟ୍ ନିର୍ମାଣ ଜନସାଧାରଣଙ୍କ ଏକ ଦୀର୍ଘଦିନର ଦାବି। ଏଠାରେ ଆନିକଟ୍ ନିର୍ମାଣ ହେଲେ ଜଳ ସଂରକ୍ଷଣ ହେବା ସହିତ ପାନୀୟଜଳ ସମସ୍ୟା ଦୂର ହୋଇପାରିବ। ସେହିପରି ବରଗଡ଼ରେ ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା, ଯଥାଶୀଘ୍ର ଅତିରିକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତ କମିଶନର ନିଯୁକ୍ତ କରି ଚକବନ୍ଦୀ କୋର୍ଟକୁ ଯଥାଶୀଘ୍ର ଖୋଲାଯିବାକୁ ଓକିଲ ସଂଘ ପକ୍ଷରୁ ୫-ଟି ସଚିବଙ୍କଠାରେ ଦାବି କରାଯାଇଥିଲା। ଏହା ସହିତ ଓକିଲ ସଂଘରେ ଏକ ଲାଇବ୍ରେରୀ ହଲ ଏବଂ ସଭାଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଅନୁଦାନ ଯୋଗାଇ ଦେବା ପାଇଁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ବରଗଡ଼ ଗାନ୍ଧିଛକରୁ ଲେଙ୍ଗୁ ମିଶ୍ର ଛକ ନୂତନ ଜୀରାବ୍ରିଜ ପର୍ଯ୍ୟନ୍ତ ଜବରଦଖଲ ହଟାଇ ପ୍ରଶସ୍ତୀକରଣ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି । ଦାବିପତ୍ର ପ୍ରଦାନ ସମୟରେ ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ଉପସଭାପତି ସୁଶିଲ କୁମାର ଶତପଥି, ସମ୍ପାଦକ ଉତ୍ତର କୁମାର ସାହୁ, ଯୁଗ୍ମ ସମ୍ପାଦକ ଶୁକଦେବ ସାହୁ, କାର୍ଯ୍ୟକାରୀ ସମ୍ପାଦକ ନିଧୁବନ ବିହାରୀ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଶାସ୍ତ୍ର ବିଶାରଦଙ୍କ ପରଲୋକ

**ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ):** ପଶ୍ଚିମ ଓଡ଼ିଶାରେ ଆର୍ଯ୍ୟ ବିଦ୍ୱାନ ପଣ୍ଡିତ ବିଶିକେଶନ ଶାସ୍ତ୍ରୀଙ୍କ ସୋମବାର ପରଲୋକ ହୋଇଛି। ସେ ପ୍ରଗାଢ଼ ବାଗ୍ମୀ ଏବଂ ବୈଦିକ ଶାସ୍ତ୍ର ବିଶାରଦ ଥିଲେ। ତାଙ୍କ ପରଲୋକରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଙ୍ଗଠନ ମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ର, ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ଉପସଭାପତି କୃଷ୍ଣଦେବ ଶାସ୍ତ୍ରୀ, କୋଷାଧ୍ୟକ୍ଷ ରମେଶ ଭୋଇ, ରାଜକୁମାର ବରାଡ଼, ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ଶିଶୁମାନେ ଉନ୍ମୋଚନ କଲେ ପତ୍ରିକା

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)



ଶିଶୁମାନେ ସୁବର୍ଣ୍ଣଦୀପ ପତ୍ରିକା ଉନ୍ମୋଚନ କରୁଛନ୍ତି ।

ବରଗଡ଼ ସହରସ୍ଥିତ ଗୋବିନ୍ଦପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଯୁଗପୋଯୋଗୀ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପର ରଜ ସଂଖ୍ୟା ଉନ୍ମୋଚିତ ହୋଇଛି। ବିଦ୍ୟାଳୟର ଶିଶୁମାନେ ଉକ୍ତ ପତ୍ରିକାର ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ତ୍ତିକ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ସୁବର୍ଣ୍ଣଦୀପ ପାଠକ ସମ୍ମାନ ପ୍ରଦାନ କରିଥିଲେ। ଜିଲା ଲେଖିକା ପରିଷଦର ସମ୍ପାଦିକା ତପସ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସାଗରିକା ପାଣିଗ୍ରାହୀ, ମିନତୀ ଦାଶ, ନମିତା ଦାଶ ପ୍ରମୁଖ ଉପସ୍ଥିତ ରହି ଶିଶୁ ସାହିତ୍ୟ ମାଧ୍ୟମରେ ହିଁ ଶିଶୁଙ୍କ ସୃଜନ ଶକ୍ତି ବୃଦ୍ଧି ପାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପତ୍ରିକାର ସମ୍ପାଦକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉପନ୍ୟାସ ଗ୍ରନ୍ଥ ଉନ୍ମୋଚନ ସମାରୋହ

ବରଗଡ଼,୨୭ା୬(ପ୍ରେମାନନ୍ଦ ଖମାରୀ)



ଅତିଥିମାନେ ଉପନ୍ୟାସ ଗ୍ରନ୍ଥ ଉନ୍ମୋଚନ କରୁଛନ୍ତି ।

ବରଗଡ଼ ସହରସ୍ଥିତ ଗାନ୍ଧୀ ପାଠାଗାର ପରିସରରେ ଉପନ୍ୟାସ ଗ୍ରନ୍ଥ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ କବି ତଥା ଗାଳ୍ପିକ ରୋହିତ ଦାଶଙ୍କ ୨ଟି ଉପନ୍ୟାସ 'କବିତା ପାଇଁ ଗଳ୍ପଟିଏ' ଏବଂ 'ଯୋଗୀ ଯୋଗେଶ୍ୱର' ଉନ୍ମୋଚିତ ହୋଇଥିଲା । ଡ. ଉମେଶ ମହାପାତ୍ର ଏବଂ ଡ. ଅଶୋକ ମହାପାତ୍ର ସମୀକ୍ଷା କରି ଉପନ୍ୟାସର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି କବି ରାଧାମୋହନ ତ୍ରିପାଠୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ତରଣୀସେନ ବୁଧିଆ ଉଭୟ ପୁସ୍ତକର ପାଠକୀୟ ମତ ରଖିଥିଲେ। ଅଶୋକ ପଶାୟତ ସ୍ୱାଗତ ଭାଷଣ ଦେଇଥିବାବେଳେ ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ପରିଚୟ ପ୍ରଦାନ କରିଥିଲେ। ଗାଳ୍ପିକ ଟେକଚାନ୍ଦ ଦୁଆନ ସଭାକାର୍ଯ୍ୟ ପରିଚାଳନା ସହିତ ଉଭୟ ଉପନ୍ୟାସର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଔପନ୍ୟାସିକ ଦାଶଙ୍କ ସ୍ତ୍ରୀ ଜିତାରାଣୀ ଲେଖକଙ୍କ ଜୀବନଶୈଳୀ ଉପରେ ବକ୍ତବ୍ୟ ରଖିଥିଲେ। ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ସୃଷ୍ଟି ଫାଉଣ୍ଡେଶନର ଅଧ୍ୟକ୍ଷା ଜିତାରାଣୀ ଦାଶ, ଡ. ଭଗବତୀ କର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁସ୍ତକର ମୁଦ୍ରଣରେ ସହଯୋଗ କରିଥିବା ଯୋଗୁ ଲିଜା ସ୍ୱାଇଁଙ୍କୁ ପ୍ରଥମ ପୁସ୍ତକଟି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସେହିପରି ଅତିବଡ଼ି ସମ୍ମାନପ୍ରାପ୍ତ କବି ଶ୍ରୀନିବାସ ଉଦଗାତା, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ବାଳ ପୁରସ୍କାରପ୍ରାପ୍ତ ଡ. ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୃଷ୍ଟି ଫାଉଣ୍ଡେଶନ ତରଫରୁ କବି ଦାମୋଦର ସାହୁ, ପଞ୍ଚାନନ ବାରିକ, କିସନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦେଶୀ ବାରିକ, ଦୁଃଖିସେବକ ସାହୁ, ତେଜରୁ ବାରିକଙ୍କ ସହିତ ବହୁ କବି, ସାହିତ୍ୟିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ବ୍ରିଜଛାତରୁ ଗଳୁଛି ପାଣି: ଅଞ୍ଚଳବାସୀ, ଯାତ୍ରୀ ଭୋଗୁଛନ୍ତି ଦୁର୍ଦ୍ଦଶା



**ରାଉରକେଲା,୨୭।୬(ବିପ୍ଳବ ରଞ୍ଜନ ଦାଶ):** ଜାତୀୟ ରାଜପଥ ବିଭାଗ ତରଫରୁ ୨୦୧୬-୧୭ ଆର୍ଥିକ ବର୍ଷରେ ବୀରମିତ୍ରପୁର-ଲହୁଣୀପଡା ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ନିର୍ମାଣ ସମୟରେ ରାଉରକେଲା ଏସଟିଆ-ଟିସିଆଇ ବାଇପାସ ରାସ୍ତାରେ ଜାତୀୟ ରାଜପଥ ପକ୍ଷରୁ ବ୍ରିଜ ନିର୍ମାଣ କରାଗଲା। ବ୍ରିଜରେ ଜମି ରହୁଥିବା ପାଣି ନିଷ୍କାଷନ ପାଇଁ ରାସ୍ତା ଉଭୟ ପାର୍ଶ୍ୱ କାନ୍ଥରେ ସ୍ୱଟ ବା ରନ୍ଧ୍ରମାନ କରାଗଲା। ମାତ୍ର ପରିତାପର ବିଷୟ ଟିସିଆଇ ବ୍ରିଜ ପାର୍ଶ୍ୱ ଗୋଟିଏ ସ୍ଥାନରେ କାନ୍ଥ ପରିବର୍ତ୍ତେ ବିଭାଗ ପକ୍ଷରୁ ବ୍ରିଜ ରାସ୍ତାରେ ଜମିତ ପାଣି ନିଷ୍କାଷନ ନିମନ୍ତେ ସିଧାସଳଖ ରାସ୍ତାରେ ଏକ ବିଶାଳ ରନ୍ଧ୍ର କରିଦିଆଯାଇଛି। ଫଳରେ ରନ୍ଧ୍ର ଦେଇ ସିଧାସଳଖ ରାସ୍ତାରେ ମଇଳା ପାଣି କାନ୍ଥ ମାଧମରେ ନିଷ୍କାଷିତ ନ ହୋଇ ସିଧାସଳଖ ବ୍ରିଜଛାତ ମଧରୁ ଗଳୁଛି। ଯାତ୍ରୀମାନେ ଟିସିଆଇ ବାଇପାସ ରାସ୍ତାରେ ବ୍ରିଜତଳସ୍ଥ ଫାଟକ ଦେଇ ଯାତାୟାତ କରୁଥିବା ବେଳେ ବ୍ରିଜଛାତରୁ ନିସୃତ ପାଣି ଯାତ୍ରୀମାନଙ୍କ ଉପରେ ପଡୁଛି। ଏଥିସହ ନିସୃତ ପାଣି ଟିସିଆଇ ବିଶ୍ୱକର୍ମା ବିହାରକୁ ପଶୁଛି। ଗୋଟିଏ ପଟେ ଜାତୀୟ ରାଜପଥ ନିର୍ମାଣ ନାଁରେ ବିଶ୍ୱକର୍ମା ବିହାର ଡ୍ରେନଜକୁ ପୋତି ଦିଆଗଲା। ଅନ୍ୟପଟେ ବ୍ରିଜରାସ୍ତାରେ ପାଣି ନିଷ୍କାସନ ନିମନ୍ତେ କାନ୍ଥ ପାର୍ଶ୍ୱରେ ପାଣି ନିଷ୍କାସନ ସ୍ୱଟ ନ ବସାଇ ସିଧାସଳଖ ରାସ୍ତା ଉପରେ ରନ୍ଧ୍ର କରି ଦିଆଗଲା। ଫଳରେ ସ୍ଥାନୀୟ ଅଞ୍ଚଳ ଲୋକ ଓ ଯାତ୍ରୀମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି ବୋଲି ଟିସିଆଇ ଓ ବିଶ୍ୱକର୍ମା ବିହାର ବସ୍ତି ବାସିନ୍ଦାମାନେ କହିଛନ୍ତି। ଏନେଇ ରାଉରକେଲା ଧବଳେଶ୍ୱର କଲୋନି ସ୍ଥିତ ଜାତୀୟ ରାଜପଥ ନିରୀକ୍ଷଣ ବିଭାଗରେ ନିୟୋଜିତ ଜନୈକ କର୍ମଚାରୀ ନିଜର ନାଁକୁ ଗୁପ୍ତ ରଖି ଦର୍ଶାଇଛନ୍ତି ଯେ,ଏସଟିଆଇ ବ୍ରିଜ ଉପରୁ ପାଣି ନିଷ୍କାସନ ନିମନ୍ତେ ବହୁ ସ୍ୱଟ ମାନ ତିଆରି ହୋଇଛି। ଯଦି ଲୋକଙ୍କ ସମସ୍ୟା ହେଉଛି ତେବେ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉଲ୍ଲେଖ କରିଛନ୍ତି।

### ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ପକ୍ଷରୁ ଡିଏଫଓଙ୍କୁ ସ୍ମାରକପତ୍ର

**ରାଉରକେଲା,୨୭।୬(ସଙ୍ଗୀତା ଜେନା):** ୫ଦଫା ଦାବିରେ ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ସୁନ୍ଦରଗଡ଼ ଶାଖା ପକ୍ଷରୁ ଜିଲାର ରାଉରକେଲା, ବଣେଇ, ସୁନ୍ଦରଗଡ଼ ଡିଏଫଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ଦାବି ଜୁଲାଇ ୮ ତାରିଖ ପୂର୍ବରୁ ପୂରଣ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଜୁଲାଇ ୧୦ ତାରିଖ ସାମୂହିକ ଛୁଟିରେ ସଂଘ ଯିବ ବୋଲି ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ କ୍ରମରେ ମଙ୍ଗଳବାର ଅପରାହ୍ନରେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କୁ ସଂଘର ଜିଲା ସଭାପତି ମିତ୍ରଭାନୁ ପଟେଲ, ସମ୍ପାଦକ ବିନୋଦ ପଟ୍ଟନାୟକ ପ୍ରମୁଖ ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ଅଲିଅଳ ବେହେରା, ରାଜେଶ ଜ୍ୟୋତି, ସଂଗ୍ରାମ ବାରିକ, ଗୋପାଳ ଓରାମ, ଦୋଳଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ମାରକପତ୍ର ଜଙ୍ଗଲ, ପରିବେଶ ଏବଂ ପାଣିପାଗ ପରିବର୍ତ୍ତନ ବିଭାଗକୁ ଡିଏଫଓଙ୍କ ଜରିଆରେ ପ୍ରଦାନ କରାଯାଇଛି।

# ନାହିଁ ନାହିଁରେ ଚାଲିଛି ଯୁଗ୍ମ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟ

**ରାଉରକେଲା,୨୭।୬(ସଙ୍ଗୀତା ଜେନା)**



ଉଦିତନଗର ସ୍ଥିତ କାର୍ଯ୍ୟାଳୟ।

- ୩ ଜିଲାର ବିଭିନ୍ନ କଳକାରଖାନା ଓ ଅନ୍ୟାନ୍ୟ ଶ୍ରମିକ ନିର୍ଭର କରୁଛନ୍ତି କାର୍ଯ୍ୟାଳୟ ଉପରେ
- ହିତାଧିକାରୀଙ୍କ ପାଇଁ ନାହିଁ ପ୍ରତୀକ୍ଷାଳୟ
- କର୍ମଚାରୀ ଅଭାବରୁ ଅନେକ ଅଫିସ ପ୍ରକୋଷ୍ଠ ରହୁଛି ବନ୍ଦ

ନାହିଁ ନାହିଁରେ ଚାଲିଛି ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟ। ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଅଞ୍ଚଳରେ ଚାଲୁଥିବା ବିଭିନ୍ନ କଳକାରଖାନାର ଶ୍ରମିକଙ୍କ ସମେତ ସମ୍ପୃକ୍ତ ଜିଲାରେ ଥିବା ନିର୍ମାଣ ଶ୍ରମିକ, ଅସଙ୍ଗଠିତ ଶ୍ରମିକ, ଦାଦନ ଶ୍ରମିକ, ବାଳ ଶ୍ରମିକ ଆଦିଙ୍କୁ ପରିଚାଳନା କରୁଥିବା ରାଉରକେଲା ଉଦିତନଗରରେ ଅବସ୍ଥିତ ଯୁଗ୍ମ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟ ବିଭିନ୍ନ ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହୋଇଛି। ୩ଟି ଜିଲାର ବିଭିନ୍ନ ଶ୍ରେଣୀର ଶ୍ରମିକଙ୍କୁ ସୁବିଧା ଯୋଗାଇବାକୁ କର୍ମଚାରୀ ଅଭାବ ରହିଛି। ହିତାଧିକାରୀଙ୍କ ପାଇଁ ପ୍ରତୀକ୍ଷାଳୟ ନାହିଁ। ଠିକା କର୍ମଚାରୀଙ୍କ ଭରସାରେ କାର୍ଯ୍ୟାଳୟ ଚାଲିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶ୍ରମିକଙ୍କ ସୁବିଧା ପାଇଁ ପ୍ରତୀକ୍ଷାଳୟ ନ ଥିବାବେଳେ କାର୍ଯ୍ୟାଳୟ ଉପରେ ନିର୍ମାଣ ହୋଇଥିବା କୋଠାରେ ତାଲା ଝୁଲୁଛି। ସିଟୁ ସୁନ୍ଦରଗଡ଼ ଜିଲା ସମ୍ପାଦକ ରାଜକିଶୋର ପ୍ରଧାନଙ୍କ କହିବା ଅନୁଯାୟୀ, ୯୦ ଦଶକରେ ଏଥିରେ ୬୪ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ସେତେବେଳେ ଶ୍ରମ ବିଭାଗର କାର୍ଯ୍ୟଚାପ କମ ଥିଲା। ହେଲେ ସମ୍ପ୍ରତି ଲକ୍ଷ ଲକ୍ଷ ଶ୍ରମିକଙ୍କ କାମ ଚାପ ଥିବାବେଳେ କର୍ମଚାରୀ ସଂଖ୍ୟା ୧୨ରେ ପହଞ୍ଚିଛି। ମୃତ୍ୟୁକାଳୀନ ସୁବିଧା ଓ ଅନ୍ୟାନ୍ୟ କଲ୍ୟାଣକାରୀ କାର୍ଯ୍ୟ ପାଇଁ କର୍ମଚାରୀ ଅଭାବ ଏକ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଅଧିକାଂଶ ପ୍ରକୋଷ୍ଠ ବନ୍ଦ ରହୁଛି କର୍ମଚାରୀ ଅଭାବରୁ। ସେହିପରି କଂଗ୍ରେସର ପୂର୍ବତନ ଡିସିସି ସଭାପତି




ଦିଗାମ୍ବର ମହାନ୍ତି    ରାଜକିଶୋର ପ୍ରଧାନ

ବିରେନ ସେନାପତି କହିଛନ୍ତି,ଶିଳ୍ପ ସମୃଦ୍ଧ ରାଉରକେଲା ଓ ଅନ୍ୟ ଅଞ୍ଚଳରେ ଶ୍ରମ ଆଇନ ଉଲଂଘନ ହେଉଥିବାବେଳେ ଏହାର ଯାଞ୍ଚ କରାଯାଉନାହିଁ। ଫଳରେ ଶିଳ୍ପ ସତ୍ତ୍ୱାଧିକାରୀମାନଙ୍କ ମନୋମୁଖୀ କାର୍ଯ୍ୟ ବୃଦ୍ଧି ପାଉଛି। ଶ୍ରମମନ୍ତ୍ରୀ ଖୋଦ ରାଉରକେଲାରୁ ବିଧାୟକ ନିର୍ବାଚିତ ହୋଇଥିବା ସ୍ଥଳେ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ। ସେହିପରି ହିନ୍ଦମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗାମ୍ବର ମହାନ୍ତି କହିଛନ୍ତି, ଜିଲା ଗୁଡ଼ିକରେ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ରହିଛନ୍ତି। ତେବେ ସେମାନଙ୍କର ସମସ୍ତ ସୁବିଧା ପାଇଁ ଆଖିଦୃଶିଆ ବ୍ୟବସ୍ଥା ନାହିଁ। କାର୍ଯ୍ୟାଳୟରେ ୪ର୍ଥଶ୍ରେଣୀର କର୍ମଚାରୀ ମଧ୍ୟ ଠିକାରେ ନିଯୁକ୍ତି ପାଇଛନ୍ତି। ତେଣୁ ଅନେକ ସମୟରେ ଶ୍ରମିକ ଓ ପରିଜନମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଯୁଗ୍ମ ଶ୍ରମ ଆୟୁକ୍ତ (ଜେଏଲସି) ପ୍ରଣବ ଜେନାଙ୍କୁ ପଚରାଯିବାରୁ ସେ କହିଛନ୍ତି, ହିତାଧିକାରୀଙ୍କ ପ୍ରତୀକ୍ଷା କରିବା ଲାଗି ଅସ୍ଥାୟୀ ପ୍ରକୋଷ୍ଠ କରାଯାଇଛି। ଏହା ବ୍ୟତୀତ ବସିବା ବ୍ୟବସ୍ଥା କରାଯାଇଛି। ସରକାର ଯେତିକି ସୁବିଧା ଦେଉଛନ୍ତି, ସେଥିରେ କାମ ଜାରି ରହିଛି। ୨୦୧୭ ମସିହାରେ କାର୍ଯ୍ୟାଳୟ ଉପର ମହଲାରେ ନିର୍ମାଣ ହୋଇଥିବା ନୂତନ କୋଠା ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇନାହିଁ। ଏଥିରେ ଆନୁସଙ୍ଗିକ ଚୌକି ଓ ଅନ୍ୟାନ୍ୟ ବ୍ୟବସ୍ଥା ନାହିଁ। ଏହା ପାଇଁ ବିଭାଗକୁ ବରାଦ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଏଥିରେ ସମ୍ମିଳନୀ କକ୍ଷରୁ ଆରମ୍ଭ କରି ସମସ୍ତ ବ୍ୟବସ୍ଥା କରାଯିବ। ପୂର୍ବର ସମସ୍ତ କାର୍ଯ୍ୟ ଅଫଲାଇନରେ ହେଉଥିଲା। ହେଲେ ଏବେ ସମସ୍ତ କାର୍ଯ୍ୟ ଅନଲାଇନ ସରକାର କରିଛନ୍ତି। ଏତିକି କର୍ମଚାରୀରେ କାମ ହେଉଛି। ଅତିଶୀଘ୍ର ନୂତନ ନିଯୁକ୍ତି ହେବାର ଅଛି। ଯାହାଦ୍ୱାରା କାର୍ଯ୍ୟପ୍ରଣାଳୀ ସୁଗମ ହେବ ବୋଲି ଆଶା କରାଯାଉଛି।

## ଦାରୁଦିଅଁଙ୍କ ସନ୍ଧ୍ୟା ଦର୍ଶନ ପାଇଁ ସହରବାସୀଙ୍କ ଭିଡ଼



**ରାଉରକେଲା,୨୭।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ଝିପି ଝିପି ବର୍ଷା ସତ୍ତ୍ୱେ ମାଉସୀ ମା'ମନ୍ଦିର ବିରାଜିତ ଶ୍ରୀଜିଉଙ୍କ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲଗିଥିଲା। ସହରର ୫୪ଟି ସ୍ଥାନରେ ରଥଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହେଉଥିଲା। ସହରର ପ୍ଲାଣ୍ଟସାଇଡ,ଉଦିତ ନଗର,ଛେଣ୍ଡ,ସେକ୍ଟର-୩, ସେକ୍ଟର-୨୧,ପାନପୋଷ, ହନୁମାନବାଟିକା, ଅହିରାବନ୍ଧ, ରେଲୱେକଲୋନୀ,ସେକ୍ଟର-୧୮,ଆମ୍ବାଗାନ,ସେକ୍ଟର-୭,ସେକ୍ଟର-୫ରେ ଶ୍ରୀଜୀଉଙ୍କ ଦିବ୍ୟଦର୍ଶନ ଲାଭ କରିଛନ୍ତି। ମଙ୍ଗଳବାର ସହରର ବିଭିନ୍ନ ମାଉସୀ ମା' ମନ୍ଦିରରେ ବିରାଜିତ ଚତୁର୍ଦ୍ଧାମୁର୍ତ୍ତୀଙ୍କ ନିମନ୍ତେ ଦିବ୍ୟଆଳତୀ ଚାମର ଆୟୋଜିତ ହୋଇଥିଲା। ସକ୍ଟର-୫ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପଦ୍ମବେଶ ଭକ୍ତଙ୍କୁ ବେଶ ଆକର୍ଷିତ କରିଥିଲା।

# ଆବାସ ହିତାଧିକାରୀ ଉପଜିଲାପାଳଙ୍କ ନିକଟରେ ଫେରାଦ

**ରାଉରକେଲା, ୨୭।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ପଦମପୁର ଗାଁର ହେମ ଖାଡିଆ ନାମକ ଜନୈକ ବୃଦ୍ଧା ଫେରାଦ ହୋଇଛନ୍ତି। ବୃଦ୍ଧାଙ୍କ ଅଭିଯୋଗ ମୁତାବକ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ତାଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ମିଳିଛି। ମାତ୍ର ମହିଳାଙ୍କ ନିଜସ୍ୱ ରୟତି ପ୍ଲଟ ଖାତା ନଂ. ୬୬ ଏବଂ ପ୍ଲଟ ନମ୍ବର ୧୪୧ରେ କିଛି ଲୋକ ଜବରଦଖଲ କରିଛନ୍ତି। ଜବରଦଖଲକାରୀଙ୍କୁ ହଟାଇବା ନେଇ କହିଲେ ମାଡପିଟ କରୁଛନ୍ତି। ଏନେଇ ୨ଥର କୁଆଁରମୁଣ୍ଡା ଫାଣ୍ଡିରେ ମଧ୍ୟ ଅଭିଯୋଗ କରିଛନ୍ତି। ଜବରଦଖଲକାରୀମାନେ କାହାରି କଥା ଶୁଣୁ ନାହାନ୍ତି। ଏଣୁ କରି କୁଆଁରମୁଣ୍ଡା



ଉପଜିଲାପାଳଙ୍କ ଅଫିସକୁ ଫେରାଦ ହେବାକୁ ଆସିଛନ୍ତି ମହିଳା। ଫଟୋ -ବିବେକ)

### ରାଜସ୍ୱ ବିଭାଗ ଜମି ମାପଚୁପ୍ କରୁ ନାହିଁ

ରାଜସ୍ୱ ବିଭାଗରେ ଜମି ମାପଚୁପ୍ ନେଇ ଜଣାଇଥିଲେ। ମାତ୍ର ରାଜସ୍ୱ ବିଭାଗ ପକ୍ଷରୁ ଜମି ମାପଚୁପ କରାଯାଉନାହିଁ। ଫଳରେ ସରକାର ଦେଇଥିବା ଆବାସ କାର୍ଯ୍ୟାଦେଶ ଅନୁସାରେ ଆବାସ ନିର୍ମାଣ କାର୍ଯ୍ୟ କରିପାରୁନାହିଁ ବୋଲି ବୃଦ୍ଧା ଜଣକ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ରାଉରକେଲା ଉପଜିଲାପାଳ କୁଆଁରମୁଣ୍ଡା ତହସିଲଦାରଙ୍କୁ ତୁରନ୍ତ ହେମ ଖାଡିଆଙ୍କର ଖାତା ନଂ.୬୬ ଅନ୍ତର୍ଭୁକ୍ତ ପ୍ଲଟ ନମ୍ବର-୧୪୧ର ମାପଚୁପ କରିବାକୁ ମଙ୍ଗଳବାର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ଯୋଗଗୁରୁ ସବିତା ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଉରକେଲା, ୨୭।୬(ସଙ୍ଗୀତା ଜେନା)**

ସେକ୍ଟର ୭ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଆୟୋଜିତ ଏକ ଉତ୍ସବରେ ବିଶିଷ୍ଟ ଯୋଗଗୁରୁ ସବିତା ମହାପାତ୍ରଙ୍କୁ କମ୍ୟୁନିଟି ସେଣ୍ଟର ପରିଚାଳନା କମିଟି ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସବିତା ଜଣେ ଆଦର୍ଶ ଶିକ୍ଷୟିତ୍ରୀ ରୂପେ ଦୀର୍ଘ ବର୍ଷ ଶିକ୍ଷାଦାନ କରିବା ପରେ ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଜଣେ ସୁଦକ୍ଷ ଯୋଗଗୁରୁ ରୂପେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହାପାତ୍ର ଗତ ୧୭ ବର୍ଷ ଧରି ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ଯୋଗ ସହ ଜଡିତ ରହି ପତଞ୍ଜଳି ଯୋଗ ସମିତିରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ସେକ୍ଟର ୭ କମ୍ୟୁନିଟି ସେଣ୍ଟର ସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର ଓ ସମ୍ପାଦକ ସମୀର ଦାସ ଏହି ଉତ୍ସବରେ ମହାପାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମୀର ସେନାପତି, ଧ୍ରୁବ ସାହୁ, କଳାକାର ନାୟକ, ସମରଜିତ ନାୟକ, କମଳ ସେଠି, ଦିଲ୍ଲୀପ ସିଂହ, ରାମାକାନ୍ତ ରାଉତରାୟ, କମଳା ବାରିକ, ସନାତନ ନନ୍ଦ ଉପସ୍ଥିତ ଥିଲେ। ଯୋଗସମିତିର ୬୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ



ଜଣେ ମହିଳା ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୨୭।୬(ବିପ୍ଳବରଞ୍ଜନ ଦାଶ)**

ଆରଏସ୍‌ପିର ହଟ୍ ଷ୍ଟ୍ରିପ ମଲ୍-୧ରେ ନିୟୋଜିତ ୧୯ ଠିକା ଶ୍ରମିକଙ୍କୁ ସେମାନଙ୍କ ଉଦାହରଣୀୟ ପ୍ରୟାସ ପାଇଁ ଜୁନ୍ ୧୭ରେ ବିଭାଗର ସିଜିଏମଙ୍କ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ଏଚଏସ୍‌ଏମ୍-୧, ସିଆର୍‌ଏମ୍,ଏସ୍‌ଏସ୍‌ଏମ୍, ପାଇପ ପ୍ଲାଣ୍ଟ ଏବଂ ରୋଲ ସପ ବିଭାଗର ସିଜିଏମ ସୁବ୍ରତ କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚଏସ୍‌ଏମ୍ ବିଭାଗର ଜିଏମ୍ ଇନଚାର୍ଜ କେ. ସମଜଦାର, ବିଭିନ୍ନ ବିଭାଗର ମୁଖ୍ୟ ବି. ଆର କୁମାର, ପି ପ୍ରଣୟ, ପି ଟୁଡୁ ଓ ଏନ୍ ମହାଲିକ ଉପସ୍ଥିତ ଥିଲେ। ସୁବ୍ରତ କୁମାର ତାଙ୍କ ବକ୍ତବ୍ୟରେ ଠିକା ଶ୍ରମିକଙ୍କ ଉଲ୍ଲେଖନୀୟ ଉଦ୍ୟମ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ, ଯାହା ମିଲରେ ଉତ୍ପାଦନକୁ ଶୀଘ୍ର ପୂରଣରେ ସହାୟକ ହୋଇଥିଲା। ଠିକା ଶ୍ରମିକଙ୍କୁ ହଟ୍ ଷ୍ଟ୍ରିପ ମଲ-୧ ସଫଳ ପ୍ରତିଷ୍ଠାପନରେ ମହତ୍ୱପୂର୍ଣ୍ଣ ଯୋଗଦାନର ସ୍ୱୀକୃତି ସ୍ୱରୂପ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକୁ ନିପୁଣ ପ୍ରଚେଷ୍ଟା ମାଧ୍ୟମରେ ୫ଟି ସିଫ୍ଟ ମଧ୍ୟରେ ସମ୍ପୂର୍ଣ୍ଣ କରା ଯାଇଥିଲା। ଏହି ପ୍ରୟାସ ଯୋଗୁଁ ୪ଟି ସିଫ୍ଟର ଉତ୍ପାଦନ ବୃଦ୍ଧି ପାଇଥିଲା। କାର୍ଯ୍ୟକ୍ରମକୁ ଏଚଏସ୍‌ଏମ୍-୧ ବିଭାଗର ଏଜିଏମ୍ ଅଜୟ ପୂଜାରୀ ସଂଯୋଜନା କରିଥିଲେ। ବିଭାଗର ଏଜିଏମ୍ ଏମ୍. ପି ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ




ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ରଙ୍କ ସମେତ କର୍ମକର୍ତ୍ତା। (ଫଟୋ- ବିବେକ)

**ରାଉରକେଲା,୨୭।୬(ସଙ୍ଗୀତା ଜେନା)**

ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ କରିବା, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ କରିବା ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧିକୁ ବନ୍ଦ କରିବା ଦାବି କରିଛି କଂଗ୍ରେସ। ମଙ୍ଗଳବାର ରାଉରକେଲାରେ ଉଦିତନଗରସ୍ଥିତ ବିଦ୍ୟୁତଖଣ୍ଡ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଉରକେଲା ଡିସିସି ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଏକ ସ୍ମାରକପତ୍ର ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପିସିସି ପର୍ଯ୍ୟବେକ୍ଷକ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଡିସିସି ସଭାପତି ରବି ରାୟ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ସବୀର ହୁସେନ, ରାଜେଶ ଟପ୍ପୋ, ପ୍ରଭାତୀ ମିଶ୍ର, ରଶ୍ମୀ ରଞ୍ଜନ ପାଢ଼ୀ, କୈଳାସ ସାହୁ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିଆରସିଂ, ଭାସ୍କର ଖିଲାର, ଶିବୁ ଦୀପଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସ୍ନାୟୁରୋଗ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୨୭।୬(ସଙ୍ଗୀତା ଜେନା)**

କ୍ରମାଗତ ଭାବେ ଲୋକମାନଙ୍କ ମଧ୍ୟରେ ସ୍ନାୟୁ ରୋଗ ବୃଦ୍ଧି ପାଇବାରେ ଲାଗିଛି। ଏହାର ନିରାକରଣ ପାଇଁ ରାଉରକେଲା ସିଭିଲଟାଉନଶିପଠାରେ ସିରେଜିମ ସଂସ୍ଥା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ନାୟୁଜନିତ ରୋଗର କାରଣ, ନିରାକରଣ ଓ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦକ୍ଷିଣ କୋରିଆରୁ ଆସିଥିବା ସ୍ନାୟୁ ବିଶେଷଜ୍ଞ ମି. କାଇନ ଆଲୋଚନାରେ ଭାଗନେଇଥିଲେ। ଅତ୍ୟଧିକ ମେଦବୃଦ୍ଧି ଓ ମେରୁଦଣ୍ଡରେ ବିକାର ଆସିଲେ ସ୍ନାୟୁବିକ ଦୁର୍ବଳତା ବୃଦ୍ଧି ପାଇଥାଏ ବୋଲି ଆଲୋଚନା କରାଯାଇଥିଲା। ଏହି ଅବସରରେ ସମାଜସେବୀ ନିତେଶ କୁମାର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଦକ୍ଷିଣ କୋରିଆରୁ ଆସିଥିବା ସ୍ନାୟୁ ବିଶେଷଜ୍ଞ ମି. କାଇନଙ୍କ ସହ ଅନ୍ୟମାନେ।

## ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସାହାଯ୍ୟ କରୁଛନ୍ତି ବିଶ୍ୱଜିତ

**ରାଉରକେଲା,୨୭।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ସମାଜସେବୀ ବିଶ୍ୱଜିତ ମଲ୍ଲିକ ଏବଂ ତାଙ୍କର ସହକର୍ମୀମାନେ ମିଶି ସହରରେ ଥିବା ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସାହାଯ୍ୟ କରିବା ନେଇ ପାଦ କାଢିଛନ୍ତି। ବିଶ୍ୱଜିତ ଓ ତାଙ୍କ ଟିମ ସହରର ବୃଦ୍ଧାଶ୍ରମରେ ତଥା କୁଷ୍ଠାଶ୍ରମରେ ଥିବା ବୃଦ୍ଧାବୃଦ୍ଧମାନଙ୍କ ସହ ସେମାନଙ୍କ ସୁବିଧାଅସୁବିଧା ବିଷୟରେ ଆଲୋଚନା କରି ସେମାନଙ୍କର ସୁବିଧା ନିମନ୍ତେ ପ୍ରଚେଷ୍ଟା ଚଳାଇଛନ୍ତି। ସମାଜସେବୀ ବିଶ୍ୱଜିତ ଓ ତାଙ୍କ ଦଳର ଏହିଭଳି ମହତ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରୁଛନ୍ତି। ତେବେ ସୋମବାର ବିଶ୍ୱଜିତ ଓ ତାଙ୍କର ଦଳ ସହରର କୁଷ୍ଠାଶ୍ରମରେ ପହଞ୍ଚି ବୃଦ୍ଧାବୃଦ୍ଧମାନଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।



ବିଶ୍ୱଜିତ ଜଣେ ବୃଦ୍ଧାଙ୍କୁ ଖାଦ୍ୟ ପ୍ରଦାନ କରୁଛନ୍ତି।

# ସହରାଞ୍ଚଳର ୧୩୭ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ କୋଠା

**ରାଉରକେଲା, ୨୭।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଚାଲିଛି ସହରର ୧୦ହଜାର ୩୩୫ ଶିଶୁଙ୍କ ଭବିଷ୍ୟତ ଗଠନ। ବିଭାଗ ମାଧମରେ ସହରର ମା' ଓ ଶିଶୁଙ୍କ ଅପପୃଷ୍ଟି ହ୍ରାସ ସହ ଶିଶୁଙ୍କ ବୌଦ୍ଧିକ ବିକାଶ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ବିଭାଗର ନିଜସ୍ୱ କେନ୍ଦ୍ର କେବଳ ମାତ୍ର ୨୨ଟି ଅଛି। ରାଉରକେଲାରେ ମୋଟ୍ ୧୬୦ ଅଙ୍ଗନୱାଡି କେନ୍ଦ୍ର ରହିଛି। ସହରର ୧୩୭ଟି ଅଙ୍ଗନୱାଡି କେନ୍ଦ୍ର ଭଡାଘରେ ଓ କମ୍ୟୁନିଟି ସେଣ୍ଟରମାନଙ୍କରେ ଚାଲିଛି। ୧୧୧ଟି କେନ୍ଦ୍ର ଭଡାଘରେ, ୨୬ଟି କେନ୍ଦ୍ର କମ୍ୟୁନିଟି ସେଣ୍ଟରରେ ଚାଲିଛି। ଦୀର୍ଘବର୍ଷ ହୋଇଗଲାଣି ୧୩୭ଟି କେନ୍ଦ୍ର




ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନାମଫଳକ।

ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ୮୦ଭାଗ କେନ୍ଦ୍ରରେ ଶୌଚାଳୟ ବ୍ୟବସ୍ଥା ନାହିଁ କି ବିଦ୍ୟୁତ୍ ବ୍ୟବସ୍ଥା ମଧ ନାହିଁ। ୫୦ଭାଗ କେନ୍ଦ୍ରରେ ରହିଛି ପାନୀୟ ଜଳ ସମସ୍ୟା। ୧୫୯ଅଙ୍ଗନୱାଡି କର୍ମୀ ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିନରେ ରହି ପ୍ରତ୍ୟକ୍ଷ ଭାବରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କରୁଥିବା ବିଭାଗ ପକ୍ଷରୁ ଦର୍ଶାଯାଉଛି। ମାତ୍ର ବିଭାଗର ଏଭଳି ଆକଳନ କେବଳ ଫାଇଲ୍ ମଧରେ ସୀମିତ ରହିଯାଉଛି। ଅସଜଡା ଭିତ୍ତିଭୂମିରେ କୁନି ପିଲାଙ୍କର ସର୍ବାଙ୍ଗୀନ ବିକାଶ କେବଳ ଫାଇଲରେ ସୀମିତ ବୋଲି କୁହାଯାଉଛି।

### ୧୧୧ଟି ଭଡ଼ାଘରେ ଓ ୨୬ କମ୍ୟୁନିଟି କେନ୍ଦ୍ରରେ ଚାଲିଛି

ପ୍ରାପ୍ତ ସୂଚନା ମୁତାବକ ବିଭାଗର ନିଜସ୍ୱ କେନ୍ଦ୍ର ୨୩। ସେଥିମଧ୍ୟରୁ ବିଧାୟକ ପାଣ୍ଠିରୁ ୧୦, ତ୍ରୟୋଦଶ ଅନୁଦାନ ପାଣ୍ଠିରୁ ୬, ବିଆରଜିଏଫ୍ ଅନୁଦାନରୁ ୫ କେନ୍ଦ୍ର ସମ୍ପୂର୍ଣ୍ଣ ସମନ୍ୱିତ ଶିଶୁ ବିକାଶ ବିଭାଗକୁ ହସ୍ତାନ୍ତର ହୋଇଛି। ଆର୍‌ଏମସି ପକ୍ଷରୁ ୩୨ଟି ନୂତନ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ଚାଲିଥିବାବେଳେ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ହେଲାଣି ସରିବାର ନାଁ ଧରୁନାହିଁ। ୧୪ଟି ଉନ୍ନତ ଧରଣ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୨୦୧୭-୧୮ଆର୍ଥିକ ବର୍ଷରେ ରାଉରକେଲା ଆଇଟିଡିଏକୁ ଅନୁଦାନ ଆସିଥିଲେ ହେଁ, କେନ୍ଦ୍ର ଗୁଡିକର ନିର୍ମାଣ ନିମିତ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସମସ୍ୟା ହେତୁ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେବାରୁ ଅନୁଦାନ ରାଶି ଫେରିଗଲା। ତେବେ ଏହିଭଳି ସ୍ଥିତିରେ ରାଉରକେଲା ସହରାଞ୍ଚଳର କୋମଳମତୀ ଶିଶୁଙ୍କର ଭବିଷ୍ୟତ କେତେ ଉଜ୍ୱଳ ତାହା ସହଜରେ ଅନୁମେୟ। ଏନେଇ ରାଉରକେଲା ସିଡିପିଓ ଦର୍ଶନୀ ଏକ୍କାଙ୍କୁ ପଚାରିବାରୁ ସେ କହିଲେ, ସହରର ୧୩୭ଟି କେନ୍ଦ୍ର ନବନିର୍ମାଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇସାରିଛୁ। ଏ ବିଷୟରେ ଆଉ କିଛି କହିପାରିବି ନାହିଁ ବୋଲି କହି ନିରୁତ୍ତର ରହିଥିଲେ। ଏନେଇ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ୩୨ନୂତନ ଅଙ୍ଗନୱାଡି କେନ୍ଦ୍ର ଆର୍‌ଏମ୍‌ସି ପକ୍ଷରୁ ନିର୍ମାଣଧିନ ଚାଲିଛି। ଅନ୍ୟ କେନ୍ଦ୍ରଗୁଡିକର ନିର୍ମାଣ କାର୍ଯ୍ୟଧାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ହାତରେ ନ୍ୟସ୍ତ ଥିବାର ଦର୍ଶାଇଥିଲେ।

## ସଂକ୍ଷେପରେ

### ଦୋକାନ ତାଲାଭାଙ୍ଗି ଚୋରି

**ନାକଟିଦେଉଳ,୨୭।୬(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ବଳମ ଗ୍ରାମର ଏକ ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ୬ଟି ମୋବାଇଲ ସମେତ ନଗଦ ୨୫୦୦ଟଙ୍କା ଚୋରିକରି ନେଇଛନ୍ତି। ମଙ୍ଗଳବାର ସକାଳୁ ଦୋକାନ ମାଲିକ ବାଦଲ କୁମାର ନାଏକ ଏହା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ୬ ମୋବାଇଲ ହ୍ୟାଣ୍ଡସେଟର ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ସେ କହିଛନ୍ତି। କିସିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୨୦୨ ବୋତଲ କଫ୍ ସିରପ ଜବତ, ଜଣେ ଗିରଫ

**ସମ୍ବଲପୁର,୨୭।୬ (ଶୁଭାଶିଷ ପାଢୀ):** ସମ୍ବଲପୁର ଅବକାରୀ ଟିମ୍ ମଙ୍ଗଳବାର ଚଢାଉ କରି ୨୦୨ ବୋତଲ କଫ ସିରପ ଜବତ କରିବା ସହ ଅଭିଯୁକ୍ତ ଧନୁପାଲି ଥାନା



ମୋତିଝରନର ପ୍ରଦୀପ ତାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ କେସ୍ ନଂ.୬୨/୨୩ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ପ୍ରଦାପ ଧନୁପାଲି ଥାନା ବୁଆପଡାକୁ କଫ ସିରପ ବିକ୍ରି କରିବାକୁ ନେଉଥିଲେ। ଏହି ସମୟରେ ଅବକାରୀ ଟିମ ସୂଚନା ପାଇ ଚଢାଉ କରିଥିଲା । ଯାଞ୍ଚ କରିବା ପରେ ପ୍ରଦୀପଙ୍କ ନିକଟରୁ କଫ ସିରପ ଜବତ ହୋଇଥିଲା ।

### ୪୨ କେଜି ଗଞ୍ଜେଇ ସହ ଗାଡ଼ି ଜବତ

**ସମ୍ବଲପୁର, ୨୭।୬(ଶୁଭାଶିଷ ପାଢୀ):** ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ଶାସନ ଟୋଲ ପ୍ଲାଜାରେ ଯାଞ୍ଚ କରୁଥିବା ସମୟରେ ଏକ ବୋଲେରୋ (ଓଡି୦୭ ସି-୪୦୯୮) ସହ ଏହା ଭିତରେ ଥିବା ୪୨ କେଜି ଗଞ୍ଜେଇ ଜବତ କରିଛି। ଘଟଣାରେ ବିହାର ଭୋଜପୁରର ସଞ୍ଜୟ କୁମାର ସିଂ (୩୭), ବିହାର ରୋହତ ଜିଲା ବିକ୍ରମଗଞ୍ଜର ଅଟଲ ବିହାରୀ ପାଣ୍ଡେ (୨୭)ଙ୍କୁ ଗିରଫ କରାଯାଇଛି। ଜବତ ସାମଗ୍ରୀ ମୂଲ୍ୟ ୯ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଅବକାରୀ ଅଧିକାରୀ ରାଜେନ୍ଦ୍ର ଭୋତ୍ରା କହିଛନ୍ତି, ବିଭାଗ ପକ୍ଷରୁ ଶାସନ ଟୋଲପ୍ଲାଜାରେ ଗାଡି ଗୁଡିକୁ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଉକ୍ତ ବୋଲେରୋ ଉପରେ ସନ୍ଦେହ ହେବାରୁ ଯାଞ୍ଚ କରି ଗଞ୍ଜେଇ ଜବତ କରାଯାଇଥିଲା। ଆଗକୁ ଏଭଳି ଚଢାଉ ଜାରି ରହିବ ।

### ପଣ୍ଡିତ ସୁରେନ୍ଦ୍ର ନାୟକଙ୍କ ଦେହାନ୍ତ

**ପଡିଆବାହାଲ,୨୭।୬(ରାଧାମୋହନ ଷଡ଼ଙ୍ଗୀ):** ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ଗ୍ରାମର ମୂଳ ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ସୁରେନ୍ଦ୍ର ପ୍ରସାଦ ନାୟକଙ୍କ ସୋମବାର ରାତିରେ ତାଙ୍କ ପୁଅଙ୍କ ସମ୍ବଲପୁରସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। କର୍ମକାଣ୍ଡି ପଣ୍ଡିତ ଭାବରେ ସେ ଜଣାଶୁଣା ଥିଲେ। ପରିଣତ ବୟସରେ ବି ତାଙ୍କ ଶ୍ଳୋକ ଆଦି ପୂଜାକର୍ମ ଶ୍ରୋତାଙ୍କୁ ବିମୋହିତ କରୁଥିଲା। ସମ୍ବଲପୁର ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ବଟୁରାମ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ପୈତୃକ ଗ୍ରାମ ଖଲିଆପାଲିରେ ଶୋକର ଛାୟା ଖେଳିଯାଇଛି।

### ଗଳ୍ପ ସଂକଳନ 'କାହାଣୀ ମହାଭାରତ' ଉନ୍ମୋଚିତ

ପଡିଆବାହାଲ,୨୭।୬(ରାଧାମୋହନ ଷଡ଼ଙ୍ଗୀ): ଝୁଝୁମୁରା ବ୍ଲକ ନୂଆ ବରଙ୍ଗାମାଲର ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଗଳ୍ପ ସଂକଳନ 'କାହାଣୀ ମହାଭାରତ' ଭୁବନେଶ୍ୱର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କରକମଳରେ ସୋମବାର ଉନ୍ମୋଚିତ ହୋଇଯାଇଛି। ପୂର୍ବରୁ ଗାଳ୍ପିକଙ୍କ କାହାଣୀ ରତ୍ନମାଳା ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି। ଡ. ପଣ୍ଡା ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, କବି, ଲେଖକ, ଗାଳ୍ପିକ, ପ୍ରାବନ୍ଧିକ ଅଟନ୍ତି। ତାଙ୍କର ଅନେକ ଗଳ୍ପ, କବିତା, ପ୍ରବନ୍ଧ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ସୂଚନାଯୋଗ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ କଳା ସଂସ୍କୃତିର ବିକାଶ, ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ 'ରାଜ୍ୟସ୍ତରୀୟ ବାଣୀ ରତ୍ନ ସମ୍ମାନ-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଛି।

# ଗର୍ଭବତୀ, ଦିବ୍ୟାଙ୍ଗଙ୍କ ପାଇଁ ଯତ୍ନବାନ ହୁଅ: ଜିଲାପାଳ



ବୈଠକରେ ଜିଲାପାଳଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ।

## ମୌସୁମୀ ବର୍ଷା ପାଇଁ ଜରୁରୀ ବୈଠକ

**ସମ୍ବଲପୁର,୨୭।୬ (ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲାରେ ୩ଦିନ ହେଲା ବର୍ଷା ଜାରି ରହିଛି। ତଳିଆ ଅଞ୍ଚଳରେ ପାଣି ପ୍ରବେଶ କରିବା ସହ କେତେକ ସ୍ଥାନରେ ରାସ୍ତାଘାଟ ଧୋଇଯାଇ ନଷ୍ଟ ହେବାର ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଓ ବ୍ଲକ ସ୍ତରର ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଅଳିଆ, ଆବର୍ଜନା ଉଠାଇବା, ଡ୍ରେନ୍‌ଗୁଡିକୁ ତୁରନ୍ତ ସଫା କରିବା, ତଳିଅଞ୍ଚଳରେ ଥିବା କଲଭର୍ଟ ଓ ଛୋଟ ବ୍ରିଜ୍ ଯାଞ୍ଚ କରି ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଅଧିକାରୀମାନେ ୱାର୍ଡ ପରିଦର୍ଶନ କରି ପରିମଳ ବ୍ୟବସ୍ଥା ଦେଖିବା ସହ ଲୋକଙ୍କ ସହ ଆଲୋଚନା କରିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ।

ପ୍ରତି ଦଶଦିନରେ ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରିବେ। ମୁକୁଳା ଡ୍ରେନ୍ ତୁରନ୍ତ ବନ୍ଦ ସହ ରାସ୍ତାରେ ପଡିଥିବା ଅଦରକାରୀ ଜିନିଷ ହଟାଇବାକୁ ତାଗିଦ କରିଥିଲେ। କୌଣସି ଜାଗାରେ ଯେଭଳି ପାଣି ନ ଜମିବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ପ୍ରଭାବିତ ଅଞ୍ଚଳରେ ଔଷଧ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ମହଜୁଦ ରଖିବା, ତୁରନ୍ତ ରିଲିଫ ସାମଗ୍ରୀ ପହଞ୍ଚାଇବା, ଗର୍ଭବତୀ, ଶାରୀରିକ ଓ ମାନସିକ ଭିନ୍ନକ୍ଷମ, ଛୋଟ ପିଲା ଏବଂ ମହିଳାଙ୍କ ପାଇଁ ବିଶେଷ ଯତ୍ନବାନ ହେବାକୁ କହିଥିଲେ। ବର୍ଷାରେ କୁଚିଣ୍ଡା, ରେଢ଼ାଖୋଲ, ବାମରା, ଜମନକିରା, ନାକଟିଦେଉଳ, ଝୁଝୁମୁରା ଆଦି ଅଞ୍ଚଳ ପ୍ରଭାବିତ ହେଇଥିଲା। ଏହି ଅଞ୍ଚଳ ସହ ଅନ୍ୟ ସ୍ଥାନରେ ସମସ୍ୟା ଦେଖାଦେଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ବନ୍ୟା ବାତ୍ୟା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ୧ ଜୁଲାଇରୁ କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ମହାନଗର ନିଗମ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ଜିଲା ଜରୁରୀକାଳିନ ଅଧିକାରୀ ଆଦିତ୍ୟ ପଣ୍ଡା, ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି, ବିଡ଼ିଓ ରେଢ଼ାଖୋଲ ମନୋଜ ମେହେର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଜମନକିରା ବିଡ଼ିଓ ପ୍ରସନ୍ନ କୁମାର ପଟେଲ, କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସା, ସହକାରୀ ଅଗ୍ନିଶମ ଅଧିକାରୀ ଅରୁଣ ଟପ୍ପଙ୍କ ସମେତ ବିଭିନ୍ନ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।



ମଙ୍ଗଳବାର ସମ୍ବଲପୁର ବ୍ରହ୍ମପୁରା ଠାକୁରଙ୍କ ରାଜରାଜେଶ୍ୱର ବେଶ।

## ବିପର୍ଯ୍ୟୟ ମୁକାବିଲା ପାଇଁ କମ୍ପାନୀ ପ୍ରସ୍ତୁତ: ସିଇଓ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ସମ୍ବଲପୁର,୨୭।୬ (ଶୁଭାଶିଷ ପାଢୀ)**

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ବିପର୍ଯ୍ୟୟ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବଣ୍ଟନ ଭିତ୍ତିଭୂମି ନବୀକରଣ କରିବା ସହ ଗ୍ରାହକଙ୍କୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କମ୍ପାନୀର ଲକ୍ଷ୍ୟ। ହେଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅପ୍ରତ୍ୟାଶିତ ଆହ୍ୱାନ ରହିଥାଏ। ଆମର ବିତରଣ ଭିତ୍ତିଭୂମି ଭାଙ୍ଗିଯାଏ। ତେବେ ଶୀଘ୍ର ବିଦ୍ୟୁତ୍ ଯୋଗାଣକୁ ପୁନ ସ୍ଥାପିତ କରିବା ପାଇଁ କମ୍ପାନୀ ସମସ୍ତ ପ୍ରସ୍ତୁତି କରିଛି। କଲ୍ ସେଣ୍ଟରକୁ ପ୍ରତିଦିନ ସର୍ବାଧିକ କଲ୍ ଗ୍ରହଣ କରିବାକୁ ନବୀକରଣ କରାଯାଇଛି। ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଏଭଳି ସେବା ଜାରି ରହିବ ବୋଲି ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ ଗଜାନନ କାଲେ କହିଛନ୍ତି।

ସେ ଆହୁରି କହିଥିଲେ, ୭୦୦୦ ଗ୍ରାଉଣ୍ଡ ଷ୍ଟାଫ୍ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ସୁପରଭାଇଜର, ଇଲେକ୍ଟ୍ରିସିଆନ ଓ ହେଲପର ଅଛନ୍ତି। ଉକ୍ତ ଟିମ୍ ମୁଖ୍ୟ କାର୍ଯ୍ୟାଳୟ ସହିତ ନିରବଚ୍ଛିନ୍ନ ଭାବେ ଯୋଗାଯୋଗରେ ରହିଛନ୍ତି। ସମସ୍ତ ୫ ଗୋଟି ସର୍କଲ ମୁଖ୍ୟାଳୟ ସେଟଲାଇଟ ଫୋନ୍ ମାଧ୍ୟମରେ ସଂଯୁକ୍ତ ହୋଇଛି। ଉଚ୍ଚତାରେ କାମ କରିବା ପାଇଁ ଭୂମିରେ ମ୍ୟାନ୍ ଲିଫ୍ଟର୍ ମଧ୍ୟ ନିୟୋଜିତ କରାଯାଇଛି। ପ୍ରାୟ ୩୦୦୦ ନୂତନ ପୋଲ ମଧ୍ୟ ନିର୍ମାଣ କରାଯାଇଛି। ମେଡିକାଲକୁ ସିଧାସଳଖ ଫିଡର୍ ଅଧୀନରେ ରଖାଯାଇଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ସର୍କଲ୍ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁନରୁଦ୍ଧାର ଅପରେଶନ୍ ଓ ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଜିଲା ପ୍ରଶାସନ ଓ ଜରୁରୀକାଳିନ ସେବା ପାଇଁ ଜିଲା ନିୟନ୍ତ୍ରଣ କକ୍ଷ ସହିତ ଯୋଗାଯୋଗ କରିବାକୁ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ବାଣିଜ୍ୟମୁଖ୍ୟ ସୁନିଲ କୁମାର ଶର୍ମା, ବିତ୍ତବିଭାଗ ମୁଖ୍ୟ ସତିଶ କୁମାର ମଞ୍ଚାସୀନ ଥିଲେ।

## ଲୁଟ୍ ଘଟଣା: ୪ ଗିରଫ, ୯୪ ହଜାର ଜବତ

**ସମ୍ବଲପୁର,୨୭।୬ (ଶୁଭାଶିଷ ପାଢୀ)**

ସମ୍ବଲପୁର ଧନୁପାଲି ଥାନା ଜିଲା ସ୍କୁଲ ଛକରୁ ଅଣ୍ଡା ବ୍ୟବସାୟୀ ବିକାଶ ବିଶିଙ୍କଠାରୁ ଦେଢଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ ଗିରଫ ସହ ୯୪ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା କୁମ୍ଭାରପଡାର ମହମ୍ମଦ ୟାସିନ (୨୩), ମୟାବଗିଚାର ମହମ୍ମଦ କୁର୍ବାନ ଅଲି (୧୯), ସୁନାପାଲିର ସାୟମ ନିସାର (୨୨) ଓ ହୀରାକୁଦ କଲୋନୀର ଗଣେଶ ବରର୍ଡି (୧୯)। ଏମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ବାଇକ୍ (ଓଡି୧୫ଟି-୬୧୫୫), ୪ ମୋବାଇଲ, ଗୋଟିଏ ଛୁରି ସହ ବିକାଶଙ୍କ ଆଧାର କାର୍ଡ, ପ୍ୟାନ କାର୍ଡ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସୋନପୁର ଉଲୁଣ୍ଡାର କୁକୁଡା ଫାର୍ମରୁ ବିକାଶ କୁକୁଡା ନେଇ ସୋମବାର ସମ୍ବଲପୁର ଆସିଥିଲେ। ଜିଲା ସ୍କୁଲ ଛକ ଅଣ୍ଡାଦୋକାନରେ ଗାଡିରୁ ଅଣ୍ଡା ଖାଲି କରିଥିଲେ। ଦୋକାନୀମାନଙ୍କଠାରୁ ସେ ଦେଢଲକ୍ଷ ଟଙ୍କା ଅସୁଲି କରିଥିଲେ। ଶୌଚ ପାଇଁ ସେ ନିକଟସ୍ଥ ଶୌଚାଳୟକୁ ଯାଉଥିବା ସମୟରେ ଦୁର୍ବୃତ୍ତମାନେ ଛୁରି ଦେଖାଇ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଡିପିଓ ପ୍ରଦୀପ ସାହୁ, ଧନୁପାଲି ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ, ଏସ୍‌ଆଇ ଡି ଭୁଏ, ଏସ୍‌ଆଇ ଟିବି କତୁଆଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା।



ଗିରଫ ଅଭିଯୁକ୍ତମାନେ।

## ଖବରଦାତାଙ୍କ ସମସ୍ୟା ସମାଧାନ ଦାବି

**ସମ୍ବଲପୁର, ୨୭।୬(ଶୁଭାଶିଷ ପାଢୀ)**

ଓଡ଼ିଶାରେ କାର୍ଯ୍ୟରତ ଖବରଦାତାମାନଙ୍କ ସମସ୍ୟାର ସମାଧାନ ନେଇ ସମ୍ବଲପୁର ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟ ସାମ୍ବାଦିକ ସଂଘର ରାଧେଶ୍ୟାମ ପଣ୍ଡା, ଗଗନ ଶର୍ମା, ହରି ଶଙ୍କର ମିଶ୍ର, ଗଜେନ୍ଦ୍ର ଭୋଇ, ରାଜା ପାଲ, ବସନ୍ତ ସ୍ୱାଇଁ, ଦାମୋଦର ପାଣ୍ଡେ, ରୋହିତାଶ୍ ସାହୁ, ଦୀପକ ପଟେଲ, ସୂର୍ଯ୍ୟ ପାଣିଗ୍ରାହୀ, ଲିପନ ନାୟକ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ । ଆଗକୁ ମଧ୍ୟ ସରକାରଙ୍କ ପାଖରେ ଖବରଦାତାମାନଙ୍କ ସମସ୍ୟା ସମାଧାନ ପାଇଁ ସଂଗ୍ରାମ ଜାରି ରହିବ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ ।

## ଜୁଲାଇ ୧ରୁ ରେଙ୍ଗାଲି ଷ୍ଟେଶନରେ ସମ୍ବଲପୁର–ଜାମ୍ମୁତାୱି ଏକ୍ସପ୍ରେସର ରହଣି

**ସମ୍ବଲପୁର,୨୭।୬(ବି.ଶଙ୍କର)**

ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ସମ୍ବଲପୁର-ଜମ୍ମୁତାୱି ଏକ୍ସପ୍ରେସ (୧୮୩୦୯/୧୮୩୧୦) ଜୁଲାଇ ୧ରୁ ରେଙ୍ଗାଲି ଷ୍ଟେଶନରେ ପରୀକ୍ଷାମୂଳକ ଭାବେ ରହଣି କରିବ । ଏ ସମ୍ପର୍କରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସୂଚିତ କରାଯାଇଛି। ଟ୍ରେନ ସଂଖ୍ୟା ୧୮୩୦୯ ସମ୍ବଲପୁର-ଜାମ୍ମୁ ତାୱି ଏକ୍ସପ୍ରେସ ରେଙ୍ଗାଲି ଷ୍ଟେଶନରେ ପୂର୍ବାହ୍ନ ୧୧ଟା ୨୩ ମିନିଟରେ ପହଞ୍ଚିବ ଓ ପୂର୍ବାହ୍ନ ୧୧.୨୫ ମିନିଟରେ ଛାଡ଼ିବ। ରେଙ୍ଗାଲି ଷ୍ଟେଶନରେ ମାତ୍ର ଦୁଇ ମିନିଟ ରହିବ । ସେହିପରି ପ୍ରତ୍ୟାବର୍ତ୍ତନ ଦିଗରେ ଟ୍ରେନ ସଂଖ୍ୟା ୧୮୩୧୦ ଜାମ୍ମୁ ତାୱି-ସମ୍ବଲପୁର ଏକ୍ସପ୍ରେସ ଅପରାହ୍ନ ୩ଟା ୩୮ ମିନିଟରେ ରେଙ୍ଗାଲି ଷ୍ଟେଶନରେ ପହଞ୍ଚିବ ଏବଂ ୩ଟା ୪୦ମିନିଟରେ ପ୍ରସ୍ଥାନ କରିବ।

## ବିଦ୍ୟୁତ୍ ବିଭ୍ରାଟ: ଜିଲା କଂଗ୍ରେସର ବିକ୍ଷୋଭ

**ସମ୍ବଲପୁର,୨୭।୬ (ଶୁଭାଶିଷ ପାଢୀ)**

କେବଳ ସମ୍ବଲପୁର ଜିଲା ନୁହେଁ, ସମଗ୍ର ରାଜ୍ୟରେ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ଖରା, ବର୍ଷା, ଶୀତ ସବୁ ସମୟରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ସାମାନ୍ୟ ଝଡବତାସ ହେଲେ ଲାଇନ କାଟିଦିଆଯାଉଛି। ମରାମତି ନାମରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବନ୍ଦ କରିଦିଆଯାଉଛି। ରାଜ୍ୟ ସରକାର ସବୁ ଜାଣି ଚୁପ ରହୁଛନ୍ତି ବୋଲି ମଙ୍ଗଳବାର ଅଇଁଠାପାଲିସ୍ଥିତ ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ଅଫିସ ସମ୍ମୁଖରେ ଜିଲା କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ କରି ସରକାର ଉପରେ ବର୍ଷିଛନ୍ତି।

ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲି ଖାନଙ୍କ ନେତୃତ୍ୱରେ ଜିଲାର ୯ ବ୍ଲକର କର୍ମକର୍ତ୍ତା ସାମିଲ ହୋଇଥିଲେ। ସେମାନେ ଏକ ରାଲିରେ ଯାଇ ଅଇଁଠାପାଲିସ୍ଥିତ ଏସ୍‌ଇ ଅଫିସ ଘେରାଉ କରିଥିଲେ। ହେଲେ ଅଫିସକୁ ତାଲା ପକାଇ ପୋଲିସ ସୁରକ୍ଷା ବଳୟରେ ରଖିଥିଲା। କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ବାହୀ ଯନ୍ତ୍ରୀ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ବିଦ୍ୟୁତ୍ କାଟ ବନ୍ଦ କରାଯାଇ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନ, ବିଦ୍ୟୁତ୍ ଦର ହ୍ରାସ, ପ୍ରତି ମାସର ଏକ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟୁତ୍ ବିଲ ସଂଗ୍ରହ, ବକେୟା ବିଦ୍ୟୁତ ବିଲ୍ ସଂଗ୍ରହ ସମୟରେ ଗ୍ରାହକଙ୍କ ଉପରେ ଜୁଲମ ବନ୍ଦ କରିବା, ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ଖର୍ଚ୍ଚ ହୋଇଥିବା ୧୫ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରିବା ଆଦି ଅନ୍ୟତମ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବାସ ବିଶ୍ୱାଳ, ଗୋବିନ୍ଦ ମିଶ୍ର, ସୁରେଶ ପ୍ରଧାନ, ପ୍ଲାବନ ବହିଦାର, ଆଶୁତୋଷ ସ୍ୱାଇଁ, ରତ୍ନାକର ରାଉତ, ଗିରିଶ ପୃଷେଟ, ଭୂବନ ବିଶ୍ୱାଳ, ରବି ରାଉତ, ଅଶୋକ ପୁରୋହିତ, ସୁଧୀର ପଣ୍ଡା, ମୋହନ ସାଙ୍କ ସମେତ ବିଭିନ୍ନ ବ୍ଲକର କର୍ମୀମାନେ ଯୋଗ ଦେଇଥିଲେ।



ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ରେଢ଼ାଖୋଲରେ ଭାଜପାର ଜନସମ୍ପର୍କ ଅଭିଯାନ

**ରେଢ଼ାଖୋଲ,୨୭।୬ (ଅଚ୍ୟୁତାନନ୍ଦ ପୁରୋହିତ)**

କେନ୍ଦ୍ର ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ମଙ୍ଗଳବାର ରେଢାଖୋଲ ଭାଜପା ପକ୍ଷରୁ ମହା ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରେଢ଼ାଖୋଲ ଏନ୍‌ଏସିର ଶିବଶଙ୍କର ପଡ଼ା, କେନ୍ଦୁକଟା ଓ ଝରାପରା ଗ୍ରାମରେ ଭାଜପା ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, କାଉନସିଲର ରଶ୍ମିରଞ୍ଜନ ଭଞ୍ଜ, ପ୍ରମୋଦ ନାଗ ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ୯ ବର୍ଷର ଶାସନରେ ଜନହିତକର ଯୋଜନା ବିଷୟରେ ଆଲୋଚନା କରିଥିଲେ।



ଲୋକଙ୍କ ସହ ଆଲୋଚନା କରୁଛନ୍ତି ଭାଜପା କର୍ମକର୍ତ୍ତା।

## 'ହିନ୍ଦୀ ଭାଷା ଆମକୁ ଏକତ୍ର କରେ'

### ରାଜଭାଷା ନିୟୋଜନ କମିଟିର ବୈଠକ

**ସମ୍ବଲପୁର,୨୭।୬(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ନଗର ରାଜଭାଷା ନିୟୋଜନ କମିଟି ବୈଠକ ମଙ୍ଗଳବାର ଜାଗୃତି ବିହାରସ୍ଥିତ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳାନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ଅଧ୍ୟକ୍ଷତା କରି କହିଥିଲେ, ହିନ୍ଦୀ ଭାଷା ଆମକୁ ଏକତ୍ର କରେ। ତେଣୁ ଆମେ ସମସ୍ତେ ହିନ୍ଦୀ ଭାଷାର ପ୍ରଚାରପ୍ରସାରରେ ସହଯୋଗ କରିବା ଉଚିତ। ହିନ୍ଦୀ ପ୍ରତି ଆଗ୍ରହ ପ୍ରକାଶ କରିବା ଗର୍ବର ବିଷୟ। ସଂପ୍ରତି କେତେକ କାର୍ଯ୍ୟାଳୟରେ ହିନ୍ଦୀ ପ୍ରୟୋଗ ଉନ୍ନତ ହେବାରେ ଲାଗିଛି। ତେଣୁ ସେମାନେ ମଧ୍ୟ ପୁରସ୍କୃତ ହେଉଛନ୍ତି। ଆମେ ସେମାନଙ୍କଠାରୁ ପ୍ରେରଣା ଗ୍ରହଣ କରିବା ଉଚିତ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜଭାଷା ସାଧାରଣ ପରିଚାଳକ ଶ୍ରୀକୃଷ୍ଣ ମୁରାରୀ ପ୍ରସାଦ ଅଧ୍ୟକ୍ଷ ଓ ଉପସ୍ଥିତ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସର୍କଲ ମୁଖ୍ୟ ଅଜିତ କୁମାର ମେହେର, କାନାଡା ବ୍ୟାଙ୍କର ସହକାରୀ ଜେନେରାଲ ମ୍ୟାନେଜର ସୁସମିତା ମିଶ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସସ୍ମିତା ମିଶ୍ର, ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ସୁନୀଲ କଚ୍ଛାପ ଯୋଗ ଦେଇଥିଲେ । ରାଜଭାଷା ସହକାରୀ ନିର୍ଦ୍ଦେଶକ ଦେବ ପ୍ରକାଶ, କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୧ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ଷଡଙ୍ଗୀ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାରପ୍ରସାର ବିଷୟରେ ମତ ଉପସ୍ଥାପନ କରଇଥିଲେ। ଏହି ଅବସରରେ ସମ୍ବଲପୁରର ଇନ-ହାଉସ୍ ମାଗାଜିନ ସମ୍ବଲପ୍ରଭାର ଏକାଦଶ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜଭାଷା ଶୀର୍ଷକ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା।




ଅତିଥିମାନେ ସମ୍ବଲପ୍ରଭାର ଏକାଦଶ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

# ଲୋୟର ସୁକ୍‌ତେଲ ଡ୍ୟାମରେ ପଶିଲା ପ୍ରଥମ ବର୍ଷାପାଣି

ବଲାଙ୍ଗୀର,୨୭।୬ (ବୀରେନ୍ଦ୍ର କୁମାର ଖଙ୍କର)

ଦୁଇ ଦଶନ୍ଧି ପୂର୍ବରୁ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଅନେକ ବାଧାବିଘ୍ନ ଏବଂ ଅନିଶ୍ଚିତତା ପରେ ପ୍ରକଳ୍ପ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ଦୁଇ ଦଶନ୍ଧି ପରେ ମଙ୍ଗଳବାର ସୁକ୍‌ତେଲ ନଦୀରେ ଆସିଥିବା ପ୍ରଥମ ବର୍ଷା ପାଣି ଡ୍ୟାମ୍ ଭିତରକୁ ପଶିଛି। ମିଳିଥିବା ସୂଚନା ମୁତାବକ ମଙ୍ଗଳବାର ରାତି ସୁଦ୍ଧା ଡ୍ୟାମ ଭିତରେ ୧୮୧ ଆରଏଲ୍ ପର୍ଯ୍ୟନ୍ତ ପାଣି ଭର୍ତ୍ତି ହୋଇଛି। ଲୋୟର ସୁକ୍‌ତେଲ ଡ୍ୟାମରେ ପ୍ରଥମ ବର୍ଷା ପାଣି ଅଟକିବା ଦୃଶ୍ୟ ଦେଖିବାକୁ ଆଜି ଆଖପାଖ ଗାଁ ଲୋକଙ୍କ ଭିଡ ଦେଖାଯାଇଥିଲା। ସୁକ୍‌ତେଲ ନଦୀରେ ପ୍ରବାହିତ ପ୍ରଥମ ବର୍ଷାଜଳ ଜଳଭଣ୍ଡାରରେ ଅଟକିବା ଖବର ପ୍ରଚାରିତ ପରେ ବିଭିନ୍ନ ମହଲରେ ଏନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା। ବଲାଙ୍ଗୀର ସହରରେ ଦୁଇ ଦଶନ୍ଧିର ଅପେକ୍ଷା ପରେ ସୁକ୍‌ତେଲ ଡ୍ୟାମ ସମ୍ପୂର୍ଣ୍ଣ ହେବାକୁ ଯାଉଛି ଓ ଏହା ଜିଲ୍ଲାକୁ ବିକାଶ ପଥରେ ନେବ ବୋଲି ଆଲୋଚନା ହୋଇଛି। ଅନ୍ୟପଟେ ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଅନେକ ଗାଁରୁ ଏଯାଏ ଲୋକଙ୍କୁ ସମ୍ପୂର୍ଣ୍ଣ ବିସ୍ଥାପନ କରାଯାଇ ନ ଥିବାରୁ ସ୍ଥିତି କ'ଣ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ମଧ୍ୟରେ ଛନକା ପଶିଛି। ଏବେ ଅଳ୍ପ ବର୍ଷା ହୋଇଥିବାରୁ କୌଣସି ଗାଁ ବୁଡିନାହିଁ।


ଲୋୟର ସୁକ୍‌ତେଲ ଡ୍ୟାମରେ ପ୍ରଥମ ବର୍ଷା ଜଳ ଅଟକିଛି।

■୧୮୧ ଆର୍.ଏଲ୍ ସ୍ତରରେ ରହିଛି ପାଣି
■ଅଧିକ ଜଳ ଆସିଲେ ଖୋଲାଯିବ ଅଣ୍ଡର ସ୍ଲୁଇସ୍

ଅଧିକ ବର୍ଷା ହେଲେ ନଦୀ କୂଳ ଗାଁଗୁଡିକ ବୁଡିଯିବ। ଏଣୁ ଲୋକଙ୍କୁ ବିସ୍ଥାପିତ କରିବା ଏବେ ସବୁଠୁ ବଡ କାମ ହେବ। ଏନେଇ ପ୍ରଶାସନ ଜୋରସୋର ଲାଗିଛନ୍ତି ମଧ୍ୟ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ହେବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ପ୍ରଥମ ବର୍ଷା ଜଳ ସୁକ୍‌ତେଲ ଜଳଭଣ୍ଡାରରେ ଆସି ଅଟକିବାକୁ ନେଇ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ସୁନୀଲ ରାଉତଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଦୁଇଦିନର ବର୍ଷା ପରେ ସୁକ୍‌ତେଲ ନଦୀରେ ଆସିଥିବା ବର୍ଷାପାଣି ଡ୍ୟାମରେ ଅଟକିଛି। ଏବେ ୧୮୧ ଆରଏଲ୍ ପର୍ଯ୍ୟନ୍ତ ପାଣି ରହିଛି। ଅଧିକ ପାଣି ଜମାହେଲେ ତୁରନ୍ତ ଅଣ୍ଡର ସ୍ଲୁଇସ୍ ଖୋଲାଯିବ ଏବଂ ପାଣିକୁ ଛାଡି ଦିଆଯିବ। ଡ୍ୟାମରେ ଏବେ ସୁରକ୍ଷିତ ସ୍ତରରେ ପାଣି ରହିବ। ଅଧିକ ପାଣି ହେଲେ ତୁରନ୍ତ ଅଣ୍ଡର ସ୍ଲୁଇସ୍‌ରେ ଖୋଲି ଦିଆଯିବ ଓ ପାଣିକୁ ନିଷ୍କାସନ ବ୍ୟବସ୍ଥା ରହିଛି। ତେଣୁ କୌଣସି ପ୍ରକାର ଆଶଙ୍କା ବା ଚିନ୍ତାଜନକ ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପ୍ରଥମ ବର୍ଷା ଜଳକୁ ମଧ୍ୟ ଛାଡି ଦିଆଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତ୍ କହିଛନ୍ତି। ୨୦୦୧ ମସିହା ନଭେମ୍ବର ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ଡ୍ୟାମ୍‌ର ଶିଳାନ୍ୟାସ କରିଥିଲେ। ସ୍ଥାନୀୟ ଲୋକଙ୍କ ଜୋରଦାର ଆନ୍ଦୋଳନ ଯୋଗୁ ବାରମ୍ବାର ନିର୍ମାଣ କାମ ଅଟକି ଥିଲା। ତେବେ ବହୁ ବିଳମ୍ବରେ ଆରମ୍ଭ ହୋଇଥିବା ଡ୍ୟାମ ନିର୍ମାଣ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଡ୍ରଗ୍ସ ନିରାକରଣ ଦିବସ ପାଳିତ

ନୂଆପଡା,୨୭।୬(ମକାରୁ ବେମାଲ)

ନୂଆପଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ଡ୍ରଗ୍ସ ନିରାକରଣ ଓ ଅବୈଧ ପରିବହନ ଦିବସ ପାଳିତ ହୋଇଯାଇଛି। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ଅବକାରୀ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ଖରିଆର ରୋଡଠାରେ ମଧ୍ୟ ଅନ୍ତର୍ଜାତୀୟ ଡ୍ରଗ୍ସ ନିରାକରଣ ଓ ଅବୈଧ ପରିବହନ ଦିବସ ପାଳିତ ହୋଇଯାଇଛି। ଏହି ସମୟରେ ଇନ୍‌ସପେକ୍ଟର ହିରାବତି ଥାଟି, ଏସ୍‌ଆଇ ସଞ୍ଜିବ ବେହେରା, ଓଆଇସି ଗୁପ୍ତେଶ୍ୱର ପଟେଲ, ସରୋଜ କଟା, ସୌମ୍ୟକାନ୍ତ ହୋତା, ରାମଚନ୍ଦ୍ର ଜାନି, ଗିରେନ୍ଦ୍ର କଟା, ଭଗବାନ ବାଗ, କ୍ଷେତ୍ରମଣି ବାଗ, ଧନରାଜ ଦଣ୍ଡସେନା, ଅଶ୍ୱିତୋଷ ନାଏକ, ପୁରୋହିତ ବନଛୋର, ଦୀପା ତିୱାରୀ, ପ୍ରମିଳା କୈବର୍ତ୍ତ, ରାତା ଶବର, ନୀଳମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
1st Corrigendum Notice
No.O-276: 1st Corrigendum Notice to Bid Identification No. PMGSY-Online-BLGR-01/2023-24 dated 26.05.2023:- Winch & Derrick, Tremie pipe with conical hopper (150 mm to 300 mm dia) are required for Long Span Bridge Works of Well Foundation & Pile Foundation only.
* All other terms and condition remain unchanged.
Sd./- Chief Construction Engineer, Rural Works Circle, Bolangir
OIPR-25118/11/0012/2324

# ହତ୍ୟାକାରିଣୀଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମୁତନକୁଡ ଭେଜିପଦର ଗ୍ରାମରେ ୨୦୧୯ରେ ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କୁ ପଥରରେ ଆକ୍ରମଣ କରି ହତ୍ୟା କରିବା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ଦୌରା ଜଜ୍ ଦିପ୍ତୀ ରଞ୍ଜନ କାନୁନ୍‌ଗୋ ୧୧ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ହତ୍ୟାକାରୀଣୀ ଗାବୁଲି ମାଝି (୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୪୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୧ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ବିଶ୍ୱନାଥପୁର ଥାନା ଅର୍ନ୍ତଗତ ମୁତନକୁଡ ଭେଜିପଦର ଗ୍ରାମରେ ୨୦୧୯ ଏପ୍ରିଲ ୩ ତାରିଖ ସନ୍ଧ୍ୟାରେ ଡାକରୀ ମାଝି (୪୦) ସେହି ଗ୍ରାମର ଗାବୁଲି ମାଝି ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଏହି ସମୟରେ ଗାବୁଲି ପାଖରେ ପଡିଥିବା ଏକ ପଥରରେ ଡାକରୀଙ୍କ ମୁଣ୍ଡରେ ଆଘାତ କରିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଡାକରୀଙ୍କ ସ୍ୱାମୀ ସବନା ମାଝି ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୪/୧୯) ରୁଜୁ କରି ତଦନ୍ତ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ନିର୍ଦ୍ଦର୍ଶନୀ ରଥ ପରିଚାଳନା କରିଥିଲେ।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କୋକସରା,୨୭।୬(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ସାମିଲ ନୂତନ ହିତାଧିକାରୀଙ୍କୁ ସୋମବାର ଭତ୍ତା ବଣ୍ଟନ କରାଯାଇଛି। ଗୋଟୋମୁଣ୍ଡା, ସାନପୋ ଡୁଡୁକାଠେଙ୍ଗା, ମହିମା ଓ ଟେମରା ପଞ୍ଚାୟତଠାରେ ୨୪୩ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୋଷଧି ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଗୋଟୋମୁଣ୍ଡା ସରପଞ୍ଚ ପଦ୍ମିନୀ ପୂଝାରୀ, ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରି, ସରପଞ୍ଚ ହରିପ୍ରିୟା ନାଗ, ସରପଞ୍ଚ ଇଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ସରପଞ୍ଚ କ୍ଷିତିରାମ ପାତ୍ର, ନାଏବ ସରପଞ୍ଚମାନେ, ପଞ୍ଚାୟତ କର୍ମଚାରୀ ସମସ୍ତ ୱାର୍ଡ଼ ସଭ୍ୟସଭ୍ୟା ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋକସରାର ୨୨ ପଞ୍ଚାୟତରେ ଆଜି ଶେଷ ପର୍ଯ୍ୟାୟରେ ୧୧୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ମଧୁବାବୁ ପେନସନ ଯୋଜନାରେ ସାମିଲ ହେବା ପରେ ହିତାଧିକାରୀମାନେ ବ୍ଲକ ପ୍ରଶାସନ, ବିଧାୟକ ଓ ବ୍ଲକ ଉପାଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ।

ପୂର୍ବତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. 20/ET/SBP/ENGG/2023-24, ତା.21.06.2023

(୧) ଟେଣ୍ଡର ସଂ.: 14-eT-SDENC-SBP-23

| | |
|---|---|
| କାର୍ଯ୍ୟର ବିବରଣୀ: | 30.06.2024ରେ ଶେଷ ହେଉଥିବା ଅବଧି ପାଇଁ ଏଡିଇଏନ୍/ସେଟେଲମେଣ୍ଟ/ସମ୍ବଲପୁର ଅନ୍ତର୍ଗତ ସମ୍ବଲପୁର ରେଲୱେ ସେଟେଲମେଣ୍ଟର ଡିଆରଏମ୍ କାର୍ଯ୍ୟାଳୟ ପରିସର ସହିତ ସେକ୍ଟର ଏ, ବି, ସି, ଡି ଏବଂ ରେଳନଗରରେ ଉଦ୍ୟାନ କାର୍ଯ୍ୟ ସମ୍ପାଦନ। |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ଟ.49,40,000/- |
| EMD: | ଟ.98,800/- |
| କାର୍ଯ୍ୟ ସମାପ୍ତିର ଅବଧି : | ଅବଧି ସମାପ୍ତି 30.06.2024 |

(୨) ଟେଣ୍ଡର ସଂ.: 15-eT-SDENC-SBP-23

| | |
|---|---|
| କାର୍ଯ୍ୟର ବିବରଣୀ: | ଏକ ବର୍ଷ ଅବଧି ପାଇଁ ସମ୍ବଲପୁର ଡିଭିଜନ ମଧ୍ୟରେ ଏବଂ ବାହାରକୁ ବିଭିନ୍ନ ସ୍ଥାନକୁ ଟ୍ରାକ ସମ୍ବନ୍ଧୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ P.Way ମ୍ୟାଟେରିଆଲର ଟ୍ରାନ୍ସପୋର୍ଟେସନ ଏବଂ ହୀରାକୁଦ ଠାରେ ଏଡିଇଏନ୍/ବିଆରଜିଏ ଅନ୍ତର୍ଗତ ଏସଏସଇ (P.Way) ଷ୍ଟୋର/ସମ୍ବଲପୁର ଫାର୍ମର ଟ୍ରକସ୍ ଏବଂ ଟ୍ରେଲର୍ସ ଷ୍ଟୋରରେ P.Way ମ୍ୟାଟେରିଆଲ ଏବଂ ଫିଟିଙ୍ଗ ଅନଲୋଡିଙ୍ଗ। |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ଟ.1,00,02,592/- |
| EMD: | ଟ.2,00,100/- |
| କାର୍ଯ୍ୟ ସମାପ୍ତିର ଅବଧି : | 12 (ବାର) ମାସ |

(୩) ଟେଣ୍ଡର ସଂ.: 16-eT-SDENC-SBP-23

| | |
|---|---|
| କାର୍ଯ୍ୟର ବିବରଣୀ: | ସମ୍ବଲପୁର ଡିଭିଜନର ଏଡିଇଏନ୍/ସେଟେଲମେଣ୍ଟ/ଏସବିପି କ୍ଷେତ୍ରାଧିକାର ଅଧୀନରେ କ୍ୟାକ ଆଣ୍ଡ ଜିଲ ସ୍କୁଲ ବାସଗୃହ ବିଲ୍ଡିଂ ଏବଂ ସେଡ୍‌ରେ କ୍ଷତିଗ୍ରସ୍ତ ହୋଇଥିବା କବାଟ, ଝରକା ଏବଂ ଟାଇଲର ମରାମତି। |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ଟ.1,71,30,530/- |
| EMD: | ଟ.2,35,700/- |
| କାର୍ଯ୍ୟ ସମାପ୍ତିର ଅବଧି : | 08 (ଆଠ) ମାସ |

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.17.07.2023 ରିଖ 1500 ଘଟିକାରେ। (ସମସ୍ତ କ୍ର.ନଂ. ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟରହେଡରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ସମ୍ବଲପୁର
PR-298/O/23-24

ODISHA PUBLIC SERVICE COMMISSION
CUTTACK
NOTICE
No. 5116 /P.S.C., Dt.26.6.23
No.D-73:- It is for information of all concerned that due to unavoidable circumstances, the written examination of Odisha Municipal Administrative Services- 2021 pursuant to Advt. No.06 of 2022-23, re-scheduled to be held on 02.07.2023 vide this Office Notice No. 4822/PSC, dt-05.06.2023 is hereby **postponed to 13.08.2023 (Sunday).** The detailed programme of the said examination shall be notified later.
2. The candidates are advised to visit the website of the Commission at **http://opsc.gov.in** regularly for further information in this regard.
OIPR-12002/11/0048/2324 **Sd./- Secretary**

OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA
AAYAKAR BHAWAN, RAJASWA VIHAR, BHUBANESWAR-751007
Telephone No.0674-2589466,
e-mail id- bhubaneswar.dcit.hq.admin@incometax.gov.in
No. Pr.CCIT/Infra/Office Space/2023-24 Dated: 26.06.2023
INVITES SEALED TENDER FROM REPUTED ORIGINAL OWNER OF THE BUILDING OR THE PERSON HAVING VALID POWER OF ATTORNEY FOR HIRING OF OFFICE ACCOMMODATION ON LEASE/RENT BASIS
Sealed bids are invited from reputed original owner of the building or the person having valid power of attorney for hiring of office accommodation on lease/rent basis for office premises for Income Tax Department at Bhubaneswar.
The eligibility criteria, terms & conditions and other particulars etc. as laid down in the Tender Documents may be obtained from the Deputy Commissioner of Income Tax (Hqrs.) (Admn.), O/o the Principal Chief Commissioner of Income Tax, Odisha, 1st Floor, Aayakar Bhawan, Rajaswa Vihar, Bhubaneswar-751007 from 27.06.2023 to 21.07.2023 (between 11.30 AM and 01.30 PM). Alternatively, the same can be downloaded from the website of the Income Tax Department i.e. www.incometaxindia.gov.in. The sealed quotations should reach this office latest by 21st July, 2023 (17.30 Hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.
Sd./- DCIT (Hqrs.) (Admn. & Vig.)
Office of the Pr. CCIT, Odisha, Bhubaneswar

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1065 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.3245/RE/OSIC Dt.26.06.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge in Branch Office, OSIC, Cuttack".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0037/2324

See Career Appointment on every Wednesday & Saturday

# ସାହାଜଖୋଲ ସଂରକ୍ଷିତ ଜଙ୍ଗଲରୁ ମକା ମାଫିଆଙ୍କୁ ଉଚ୍ଛେଦ କର


ବନ ସୁରକ୍ଷା ସମିତି ସଦସ୍ୟମାନେ ଉମରକୋଟ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବା ପାଇଁ ଆସିଛନ୍ତି।

## ବନ ସୁରକ୍ଷା ମହାସଂଘ ପୋଲିସ ପ୍ରଶାସନର ଦ୍ୱାରସ୍ଥ

କୋକସରା,୨୭।୬
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ଧର୍ମଗଡ ରେଞ୍ଜ ସାହାଜଖୋଲ ଜଙ୍ଗଲରେ ଆମପାଣି ଓ ବେହେରା ଫରେଷ୍ଟ ସେକ୍ସନ ଅଞ୍ଚଳରେ ପୁଣି ମକାଚାଷ ପାଇଁ ମକା ମାଫିଆମାନେ ଜଙ୍ଗଲ ସଫା କରି ପ୍ରସ୍ତୁତି ଚାଲିଥିବା ନେଇ ଜଙ୍ଗଲ ସୁରକ୍ଷା ମହାସଂଘ ଅଭିଯୋଗ କରିଛି। ମକା ମାଫିଆଙ୍କୁ ଉଚ୍ଛେଦ ପାଇଁ ମଙ୍ଗଳବାର ସାହାଜଖୋଲ ବନ ସୁରକ୍ଷା ମହାସଂଘ ପକ୍ଷରୁ ନେତୃବୃନ୍ଦ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଉମରକୋଟ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନା ଯେ, ଜଙ୍ଗଲ ବିଭାଗ ଓ ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ୨୦୨୧ରେ ବେହେରା ଫରେଷ୍ଟ ସେକ୍ସନ ଅଧୀନ ଗୋଟୋମୁଣ୍ଡା ବିଟ ଜଙ୍ଗଲ ସୀମାରେ ଥିବା ଡୁମେରପାଣି, ଭଟାପାଣି ଅଞ୍ଚଳରେ ନବରଙ୍ଗପୁର ଜିଲାର ଆଦିବାସୀ ଜନଜାତିମାନେ ଉମରକୋଟ ଅଞ୍ଚଳର କିଛି ମକା ମାଫିଆଙ୍କ ସଲାସୁତ୍ରରେ ଅନାଧିକୃତ ଭାବେ ସଂରକ୍ଷିତ ଜଙ୍ଗଲ ସଫା କରି ମକାଚାଷ କରୁଥିଲେ। ଜଙ୍ଗଲ ବିଭାଗ ଓ ଭିଏସଏସ କମିଟି ପକ୍ଷରୁ ବିରୋଧ କରିବା ସହ ଜଙ୍ଗଲରୁ ଜନଜାତିଙ୍କୁ ବିତାଡିତ କରାଯାଇଥିଲା। ଏହି ଘଟଣାକୁ ନେଇ ସେହି ସମୟରେ ଅନାଧିକୃତ ଭାବେ ମକାଚାଷ କରୁଥିବା ଆଦିବାସୀମାନେ ଭିଏସଏସ କମିଟି ଉପରେ ଅଭିଯୋଗ ଆଣିଥିଲେ। ଏ ନେଇ ଉଭୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୋକସରା ବ୍ଲକରେ ଗତ ତା.୬।୭।୨୧ରିଖରେ ଶାନ୍ତି କମିଟି ଗଠନ କରିବା ସହ ୬ ମାସ ମଧ୍ୟରେ କଳାହାଣ୍ଡି ସୀମା ସଂରକ୍ଷିତ ଜଙ୍ଗଲରେ ରହୁଥିବା ଆଦିବାସୀଙ୍କୁ ଅନ୍ୟତ୍ର ଥଇଥାନ ସହ ସ୍ଥାନାନ୍ତର କରାଯିବା ନେଇ ଚୁକ୍ତି ହୋଇଥିଲା। ଘଟଣାର ୨ ବର୍ଷ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ସାହାଜଖୋଲ ବନ ସୁରକ୍ଷା ମହାସଂଘ ଧର୍ମଗଡ ବନାଞ୍ଚଳ ସଭାପତି ଭୁଜବଳ ସୋରି, ଉପ ସଭାପତି କ୍ଷେତ୍ର ମାଝି, ସମ୍ପାଦକ ତ୍ରିଲୋଚନ ମାଝି, କୋଷାଧ୍ୟକ୍ଷ ନିରଞ୍ଜନ ବାଗ, ସୁଭାଷ ଖର୍ସେଲ, ଭଜମନ ନାଏକ, ପରୀକ୍ଷିତ ବେଶ୍ରା, ଜଙ୍ଗଲ ସୁରକ୍ଷା ନାରିନେତ୍ରୀ ହେମାଙ୍ଗିନି ହଂସ ଓ ଅନ୍ୟ ସଦସ୍ୟମାନେ ଉମରକୋଟ ଏସ୍‌ଡିପିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା 9937/IND-II-PH-1159 ତାରିଖ: 26.06.2023
No.CAD-1062
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ବେଦାନ୍ତ ଲିମିଟେଡ୍ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ପିପଳିମାଳ, ଧଉରାମୁଣ୍ଡା, କୁରାଲୋଇ, ବେଲପାହାଡ଼, ବଞ୍ଜାରି, ବର୍ତ୍ତାପ ଗ୍ରାମରେ ୯୬୫.୫୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କୁରାଲୋଇ-ଏ ଉତ୍ତର କୋଇଲା କ୍ଷେତ୍ର ଖୋଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍ କରିବା ପାଇଁ** ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୧.୦୮.୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ପିପଳିମାଳ ମୌଜା (ଖାତା ନଂ. ୨୦୫(ଅଜ), ପ୍ଲଟ୍ ନଂ.- ୧(ପି), ଅଞ୍ଚଳ- ୨.୫୦ ଏକର, କିସମ- ପତିତ)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା ।**
୨) ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା ।**
୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା ।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଝାରସୁଗୁଡ଼ା ।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **www.ospcboard.org**ରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
OSPCB-PH-MISC-0051-2023/3/2023 OIPR-08012/11/0042/2324 **ସ୍ୱା./- ସଦସ୍ୟ ସଚିବ**

ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, ଭୁବନେଶ୍ୱର
(ମକଦ୍ଦମା ନଂ. ଓଏ ୪/୨୦୧୩)
(ଦେବୋତ୍ତର ଆଇନର ଧାରା ୪୧ ମତେ)
ପୂଜାପଣ୍ଡା ସେବାୟତ ସମିତି .................... ଦରଖାସ୍ତକାରୀ
(ବନାମ)
ହିନ୍ଦୁ ସର୍ବସାଧାରଣ ଓ ଅନ୍ୟମାନେ ....................ଅପରପକ୍ଷ
ବିଜ୍ଞାପନ
ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ ପୂଜାପଣ୍ଡା ସେବାୟତ ସମିତି, ଲିଙ୍ଗରାଜ ମହାପ୍ରଭୁ, ତରଫ ସେକ୍ରେଟାରୀ ଶ୍ରୀ ଶଚିକାନ୍ତ ପୂଜାପଣ୍ଡା, ବ-୬୮ ର୍ଷ, ପିତା- ୰ଲୋକନାଥ ପୂଜାପଣ୍ଡା, ବାସସ୍ଥାନ- ରାମାୟଣି ଦେବୀ ସାହି, ପୋ- ଭୁବନେଶ୍ୱର-୨, ଥାନା- ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା ଦରଖାସ୍ତକାରୀ ହୋଇ ଅନନ୍ତ ବାସୁଦେବ ମନ୍ଦିରର ଅବ୍ୟବସ୍ଥା ଓ ଅନୈତିକ ପ୍ରସାଦ ବିକ୍ରି ଏବଂ ବିବାଦୀୟ ବୃତ୍ତିରେ ରୋଷଘର ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଉପରୋକ୍ତ ମକଦ୍ଦମା, କାର୍ଯ୍ୟନିର୍ବାହୀ ଅଧିକାରୀ, ଲିଙ୍ଗରାଜ ମହାପ୍ରଭୁ, ଭୁବନେଶ୍ୱର, ସୁପରିଣ୍ଟେଣ୍ଡେଣ୍ଟ ପ୍ରତ୍ନତତ୍ତ୍ୱ ବିଭାଗ, ଭାରତ ସରକାର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ମ୍ୟୁନିସିପାଲ କମିଶନର, ମହାସୁଆର ନିଯୋଗ (ବ୍ରାହ୍ମଣ ନିଯୋଗ), ସଭାପତି ଲିଙ୍ଗରାଜ ମନ୍ଦିରଙ୍କୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଦାଏର କରିଅଛନ୍ତି ଏବଂ ଏଥିରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଅଭିମନ୍ୟୁ ମହାନ୍ତି, ବ-୪୭ର୍ଷ, ପି- ୰ଭରତ ମହାନ୍ତି, ସା- ପଳାଶୁଣି, ପୋ/ଥା- ନିଆଳି, ଜି- କଟକଙ୍କୁ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରିଅଛନ୍ତି । ଏଥିରେ ଯଦି ଅନ୍ୟ କାହାର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଆସନ୍ତା ତା୨୯।୦୭।୨୦୨୩ରିଖ ଦିବା ଘ୧୦ଟିକା ୩୦ ମିନିଟ ସମୟେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ମକଦ୍ଦମା ବିଚାର କରାଯିବ ।
ସ୍ୱା./- ଅତିରିକ୍ତ ଦେବୋତ୍ତର କମିଶନର, ଭୁବନେଶ୍ୱର

OFFICE OF THE SUPERINTENDING ENGINEER
GOVERNMENT OF ODISHA "e" Procurement Notice
E-Mail I.D.-eepwdcuttack2@gmail.com , Tel./ Fax No.(0671)-2973399
No.B-391:
e-Procurement Notice for Building work
Bid Identification No. S.E. CTC(R&B)-II-11 of 2023-24

| | | |
|---|---|---|
| 1. | Name of the work | : 01 No. of Building Work |
| 2. | Estimated cost | : Rs.81,33,602/- (Civil + EI+PH) |
| 3. | Period of completion | : 6 (Six) Calendar Months |
| 4. | Date & time of sale & receipt of bid document | : From 28.06.2023 to 5 PM of 12.07.2023 |
| 5. | Last date / time of receipt of bids | : 5 PM of 12.07.2023 |
| 6. | Date & time of Opening of bids | : 11 AM of 13.07.2023 |
| 7. | Name and address of the Officer Inviting Bid | : Superintending Engineer, Cuttack (R&B) Division-II, Cuttack |

Further details can be seen from the e-procurement portal http://www.tendersorissa.gov.in
Any addendum/ corrigendum/ cancellation of tender can also be seen in the said website;
Sd./- Superintending Engineer
Cuttack (R&B) Division No.II
OIPR-34137/11/0011/2324

# ସାର ଗୋଦାମରେ ଚଢ଼ାଉ, ନକଲି ସନ୍ଦେହ

**ବରପାଲି,୨୭।୬(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ ତୁଲଣ୍ଡି ଗ୍ରାମର ଏକ ସାର ଗୋଦାମରେ ମଙ୍ଗଳବାର କୃଷି ବିଭାଗର ଏକ ଟିମ୍ ଚଢ଼ାଉ କରିଛନ୍ତି। ଚଢ଼ାଉରେ ସେଠାରୁ ୯୦ବସ୍ତା ପଟାସ୍(ଏମଓପି) ସାର, ଖାଲି ବସ୍ତା, ଲୁଣ ବସ୍ତା ଆଦି ଜବତ ହୋଇଛି। ଜବତ ସାରକୁ ବରପାଲି ଏଫସିଆଇ ଗୋଦାମରେ ରଖାଯାଇଛି। ଜବତ ସାର ନମୁନାକୁ ପରୀକ୍ଷା ପାଇଁ ପଠାଯିବ ବୋଲି କୃଷି ବିଭାଗ ଅଧିକାରୀମାନେ କହିଛନ୍ତି। ବରପାଲି ଥାନ କାଇଁଶିର ନିକଟରେ ଏକ ସାର ବୋଝେଇ ପିକଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଠାକୁ ଏକ ଟ୍ରାକ୍ଟର ପହଞ୍ଚି ପିକ୍‌ଅପ୍ ଭ୍ୟାନରେ ରହିଥିବା ସାରକୁ ନେଉଥିଲା। ସ୍ଥାନୀୟ କେତେଜଣ ଲୋକେ ସେହି ଟ୍ରାକ୍ଟରର ପିଛା କରିଥିଲେ ଏବଂ ଟ୍ରାକ୍ଟରଟି ତୁଲଣ୍ଡି ଗ୍ରାମର ଏକ ସାର ଗୋଦାମକୁ ଯାଇଥିଲା। ତେବେ ସାର ଚାଲାଣର ଗତିବିଧିକୁ ଦେଖି ଲୋକେ ସନ୍ଦେହ କରିଥିଲେ ଏବଂ ବରପାଲି କୃଷି ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହାପରେ କୃଷି ବିଭାଗର ଏକ ଟିମ୍ ସେଠାରେ ପହଞ୍ଚି ତନାଘନା କରିଥିଲା। ତେବେ ସେମାନେ ପହଞ୍ଚିବା ପୂର୍ବରୁ ସେଠାରେ କେତୋଟି ବସ୍ତାରେ ନିଆଁ ଲଗାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ସେହି ଗୋଦାମରେ ନକଲି ସାର ବିକ୍ରି ହେଉଥିବା ଅନୁମାନ କରାଯାଉଛି। ବରପାଲି କୃଷି ଅଧିକାରୀ ଧିରେନ ଭୋଇ, ଫର୍ଟିଲାଇଜର ଇନ୍ସପେକ୍ଟର ଇତୁସ୍ମିତା ଦେବତା ପ୍ରମୁଖ ପୋଲିସ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



କୃଷି କର୍ମଚାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଆଇନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାନକୀ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଉଲସିଙ୍ଗାଠାରେ ମୌଳିକ କର୍ତ୍ତବ୍ୟ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକମ ହୋଇଥିଲା। ଜାତୀୟ ସଙ୍ଗୀତ ଓ ପତାକାକୁ ସମ୍ମାନ ଦେବା, ବନ୍ୟଜନ୍ତୁ ଏବଂ ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବା, ସଂସ୍କୃତି ଓ କଳାର ସୁରକ୍ଷା, ଦେଶର ଅଖଣ୍ଡତା, ଏକତା ଓ ସାର୍ବଭୌମତ୍ୱ ବଜାୟ ରଖିବା, ଭାଇଚାରା, ଶାନ୍ତି ଓ ସମନ୍ୱୟ ରକ୍ଷା କରି ଚଳିବା ଇତ୍ୟାଦି ଉପରେ ବୁଝାଯାଇଥିଲା। ଜାନକୀ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମେହେର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ବିକ୍ଷୋଭ



**ବୌଦ୍ଧ,୨୭।୬(ଅଜିତ କୁମାର ବାରିକ)**

ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ଗୁଣାତ୍ମକ ବିଦ୍ୟୁତ ଯୋଗାଣ, ଅହେତୁକ ବିଦ୍ୟୁତ ଦରବୃଦ୍ଧି ବନ୍ଦ କରିବା ଦାବିରେ ମଙ୍ଗଳବାର ଦିନ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ବୌଦ୍ଧ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ଦାବିପତ୍ର ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଏବଂ ଗ୍ରୀଡକୋ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। କଂଗ୍ରେସ ଦଳର ରାଜ୍ୟ ସାଧାରଣ ସଂପାଦକ ପଦ୍ମାକର ଗୁରୁ, ବରିଷ୍ଠ ନେତା ସୁଧୀର କର୍ଣ୍ଣ, ଜିଲା ମୁଖପାତ୍ର ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର, ଉଦୟ ନାଥ ଶର୍ମା,ଗଣେଷ ଅଗ୍ରୱାଲା,ମହିଳା ଜିଲା ସଂଯୋଜିକା ମମତା ପଣ୍ଡା,ସମରେନ୍ଦ୍ର ମହାକୁଳ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**1st Corrigendum Notice**

**No.O-276:** 1st Corrigendum Notice to Bid Identification No. PMGSY-Online-BLGR-01/2023-24 dated 26.05.2023:- Winch & Derrick, Tremie pipe with conical hopper (150 mm to 300 mm dia) are required for Long Span Bridge Works of Well Foundation & Pile Foundation only.
* All other terms and condition remain unchanged.

**Sd./- Chief Construction Engineer, Rural Works Circle, Bolangir**
**OIPR-25118/11/0012/2324**

# ହୋଇନି ସମାଧାନ, ଗଣ୍ଡଗୋଳ ଆଶଙ୍କା

**ଅମରପାଲି,୨୭।୬(ପୀତାମ୍ବର ସାହୁ)**

## ଖଣ୍ଡହତାରେ ରଥ ରଖିବାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

- ଯାତ୍ରା ବେଳେ ପୋଲିସ ମୁତୟନ ଦାବି
- ପୋଲସ ସଜାଗ ରହିଛ: ଥାନା ଅଧିକାରୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଥାନା ଅଧୀନ ଖଣ୍ଡହତା ଗ୍ରାମରେ ରଥଯାତ୍ରା ଦିନ ରଥ ରଖିବାକୁ ନେଇ ଦୁଇ ସାହି ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷର କୌଣସି ସମାଧାନ ହୋଇ ପାରିନାହିଁ। ଫଳରେ ବୁଧବାର ଦିନ ହେବାକୁ ଥିବା ବାହୁଡା ଯାତ୍ରା ସମୟରେ ଗଣ୍ଡଗୋଳ ହେବାର ଆଶଙ୍କା କରାଯାଉଛି। ତେଣୁ ଗ୍ରାମବାସୀ ବାହୁଡା ଯାତ୍ରା ସମୟରେ ଗ୍ରାମରେ ପୋଲିସ ମୁତୟନ କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ଖଣ୍ଡହତାରେ କାହିଁ କେଉଁ କାଳରୁ ଗଡଭିତର ଓ ବାହାରିପଡାରେ ଭିନ୍ନ ଭିନ୍ନ ମନ୍ଦିର ପକ୍ଷରୁ ରଥଯାତ୍ରା ହୋଇଆସୁଛି। ରଥଯାତ୍ରା ସମୟରେ ଉଭୟ ମନ୍ଦିରରୁ ଶ୍ରୀଜୀଉଙ୍କୁ ପହଣ୍ଡି କରି ରଥାରୁଢ କରାଯିବା ପରେ ଗ୍ରାମର ଛକ ପର୍ଯ୍ୟନ୍ତ ରଥ ଟାଣିଥାନ୍ତି। ଚଳିତବର୍ଷ ଗ୍ରାମରେ ଜବରଦଖଲ ଉଚ୍ଛେଦ ଯୋଗୁ ଛକ ଅଞ୍ଚଳ ଓସାରିଆ ହୋଇଛି। ଏବର୍ଷ ଉଭୟ ସାହି ଯଥା ସମୟରେ ପହଣ୍ଡି କରି ରଥ ମଧ୍ୟ ଟାଣିଥିଲେ। ମାତ୍ର ରଥ ରଖିବାକୁ କେନ୍ଦ୍ର କରି ଉଭୟ ସାହି ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବିବାଦ ବଢିଯିବାରୁ ଟେକାପଥର ମାଡ ହୋଇଥିଲା। ଏନେଇ ସୁବଳୟା ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ଗ୍ରାମର ଉଭୟ ସାହିର ଲୋକଙ୍କ ସହିତ ଆଲୋଚନା କରିଥିଲେ। ତେବେ ବିବାଦ ଏତେ ବଢିଥିଲା ଯେ, ପୋଲିସ ଉପସ୍ଥିତିରେ ପଥର ମାଡ ହୋଇଥିଲା। ଏଥିରେ ଉଭୟ ସାହିର କେତେଜଣ ଲୋକ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ପରେ ସୁବଳୟା ଥାନାରେ ଉପଜିଲାପାଳ ଅଶୋକ ଭୋଇ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା,ଏସଡିପିଓ ଡୋଳାମଣି ଭୋଇ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏବଂ ଗ୍ରାମର ଉଭୟ ସାହିର ଲୋକଙ୍କୁ ନେଇ ଶାନ୍ତି କମିଟି ଗଠନ କରି ଆଲୋଚନା କରିଥିଲେ। ଉଭୟ ସାହିର ଲୋକେ ସମସ୍ୟାର ସମାଧାନ ପାଇଁ ରଥକୁ ପଛକୁ ନେବାକୁ ରାଜି ହୋଇଥିଲେ। କିନ୍ତୁ ପରେ ପୁଣି ଉଭୟ ସାହିର ଲୋକେ ନିଜ ନିଜ ଜିଦ ରେ ଅଟଳ ରହିଥିଲେ। ଫଳରେ ଏନେଇ କୌଣସି ସମାଧାନ ହୋଇ ପାରି ନ ଥିଲା । ଉଭୟ ସାହିର ରଥ ମୁହାଁମୁହିଁ ହୋଇ ରହିଥିଲା। ଏନେଇ ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କୁ ପଚାରିବାରେ ଖଣ୍ଡହତାରେ ବାହୁଡା ଯାତ୍ରା ସମୟରେ ପୋଲିସ ମୁତୟନ କରାଯିବ। ଉଭୟ ସାହି ଅଲଗା ଅଲଗା ସମୟରେ ରଥ ଟାଣିବେ। ଯେଭଳି ଗଣ୍ଡଗୋଳ ନ ହେବ ସେନେଇ ଆମେ ନଜର ରଖିଛୁ । ଉଭୟ ସାହିର ଲୋକଙ୍କୁ ଥାନାକୁ ଆଲୋଚନା ପାଇଁ ଡାକିଛୁ ବୋଲି ପ୍ରକାଶ କରିଛନ୍ତି।

**ପୂର୍ବତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 20/ET/SBP/ENGG/2023-24, ତା.21.06.2023

(୧) ଟେଣ୍ଡର ସଂ.: 14-eT-SDENC-SBP-23
କାର୍ଯ୍ୟର ବିବରଣୀ: 30.06.2024ରେ ଶେଷ ହେଉଥିବା ଅବଧି ପାଇଁ ଏଡିଇଏନ/ସେଟେଲମେଣ୍ଟ/ସମ୍ବଲପୁର ଅନ୍ତର୍ଗତ ସମ୍ବଲପୁର ରେଲୱେ ସେଟେଲମେଣ୍ଟର ଡିଆରଏମ୍ କାର୍ଯ୍ୟାଳୟ ପରିସର ସହିତ ସେକ୍ଟର ଏ, ବି, ସି, ଡି ଏବଂ ରେଳନଗରରେ ଉଦ୍ୟାନ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.49,40,000/-
EMD:ଟ.98,800/-
କାର୍ଯ୍ୟ ସମାପ୍ତିର ଅବଧି : ଅବଧି ସମାପ୍ତି 30.06.2024

(୨) ଟେଣ୍ଡର ସଂ.: 15-eT-SDENC-SBP-23
କାର୍ଯ୍ୟର ବିବରଣୀ: ଏକ ବର୍ଷ ଅବଧି ପାଇଁ ସମ୍ବଲପୁର ଡିଭିଜନ ମଧ୍ୟରେ ଏବଂ ବାହାରକୁ ବିଭିନ୍ନ ସ୍ଥାନକୁ ଟ୍ରାକ ସମ୍ବନ୍ଧୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ P.Way ମ୍ୟାଟେରିଆଲର ଟ୍ରାନ୍ସପୋର୍ଟେସନ ଏବଂ ହୀରାକୁଦ ଠାରେ ଏଡିଇଏନ/ବିଆରଜିଏ ଅନ୍ତର୍ଗତ ଏସଏସଇ (P.Way) ଷ୍ଟୋର/ସମ୍ବଲପୁର ଫାର୍ମର ଟ୍ରକସ୍ ଏବଂ ଟ୍ରେଲର୍ସ ଷ୍ଟୋରରେ P.Way ମ୍ୟାଟେରିଆଲ ଏବଂ ଫିଟିଙ୍ଗ ଅନଲୋଡିଙ୍ଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1,00,02,592/-
EMD:ଟ.2,00,100/-
କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

(୩) ଟେଣ୍ଡର ସଂ.: 16-eT-SDENC-SBP-23
କାର୍ଯ୍ୟର ବିବରଣୀ: ସମ୍ବଲପୁର ଡିଭିଜନର ଏଡିଇଏନ/ସେଟେଲମେଣ୍ଟ/ଏସବିପି କ୍ଷେତ୍ରାଧିକାର ଅଧିନରେ ଜ୍ୟାକ ଆଣ୍ଡ ଜିଲ ସ୍କୁଲ ବାସଗୃହ ବିଲ୍ଡିଂ ଏବଂ ସେଡ୍‌ରେ କ୍ଷତିଗ୍ରସ୍ତ ହୋଇଥିବା କବାଟ, ଝରକା ଏବଂ ଚାଳର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1,71,30,530/-
EMD:ଟ.2,35,700/-
କାର୍ଯ୍ୟ ସମାପ୍ତିର ଅବଧି : 08 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.17.07.2023 ରିଖ 1500 ଘଟିକାରେ। (ସମସ୍ତ କ୍ର.ନଂ. ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ),
ସମ୍ବଲପୁର
PR-298/O/23-24

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5116 /P.S.C., Dt.26.6.23**

**No.D-73:-** It is for information of all concerned that due to unavoidable circumstances, the written examination of Odisha Municipal Administrative Services- 2021 pursuant to Advt. No.06 of 2022-23, re-scheduled to be held on 02.07.2023 vide this Office Notice No. 4822/PSC, dt-05.06.2023 is hereby **postponed to 13.08.2023 (Sunday).** The detailed programme of the said examination shall be notified later.
2. The candidates are advised to visit the website of the Commission at **http://opsc.gov.in** regularly for further information in this regard.

OIPR-12002/11/0048/2324 **Sd./- Secretary**

**The Odisha Small Industries Corporation Ltd.**
**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1065 **OSIC GST No. 21AAACO2101M1Z1**

**TENDER CALL NOTICE**

**Tender Notice No.3245/RE/OSIC** **Dt.26.06.2023**
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge in Branch Office, OSIC, Cuttack".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
**GENERAL MANAGER(O)**
OIPR-14073/11/0037/2324

**OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA**
**AAYAKAR BHAWAN, RAJASWA VIHAR, BHUBANESWAR-751007**
**Telephone No.0674-2589466,**
**e-mail id- bhubaneswar.dcit.hq.admin@incometax.gov.in**

No. Pr.CCIT/Infra/Office Space/2023-24 Dated: 26.06.2023

**INVITES SEALED TENDER FROM REPUTED ORIGINAL OWNER OF THE BUILDING OR THE PERSON HAVING VALID POWER OF ATTORNEY FOR HIRING OF OFFICE ACCOMMODATION ON LEASE/RENT BASIS**

Sealed bids are invited from reputed original owner of the building or the person having valid power of attorney for hiring of office accommodation on lease/rent basis for office premises for Income Tax Department at Bhubaneswar.

The eligibility criteria, terms & conditions and other particulars etc. as laid down in the Tender Documents may be obtained from the Deputy Commissioner of Income Tax (Hqrs.) (Admn.), O/o the Principal Chief Commissioner of Income Tax, Odisha, 1st Floor, Aayakar Bhawan, Rajaswa Vihar, Bhubaneswar-751007 from 27.06.2023 to 21.07.2023 (between 11.30 AM and 01.30 PM). Alternatively, the same can be downloaded from the website of the Income Tax Department i.e. www.incometaxindia.gov.in. The sealed quotations should reach this office latest by 21st July, 2023 (17.30 Hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.

**Sd./- DCIT (Hqrs.) (Admn. & Vig.)**
**Office of the Pr. CCIT, Odisha, Bhubaneswar**

See Career Appointment on every Wednesday & Saturday

# ମହିଳାମାନେ ଆତ୍ମନିର୍ଭରଶୀଳ ହେଲେ ସମାଜର ଆର୍ଥିକ ମେରୁଦଣ୍ଡ ହେବ ସୁଦୃଢ



ବ୍ୟାଙ୍କ ଋଣ ସଚେତନତା କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

**ଡୁଙ୍ଗୁରିପାଲି,୨୭।୬(ଦୀନବନ୍ଧୁ ସୁନା)**

## ମିଶନ ଶକ୍ତିର ବ୍ୟାଙ୍କ ଋଣ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର କଲ୍ୟାଣମଣ୍ଡପ ପରିସରରେ ମିଶନ ଶକ୍ତି ଓ ମହିଳା ଏସଏଚଜିର ଜିଲାପରିଷଦ ଜୋନସ୍ତରୀୟ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି ସଂଯୋଜକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ,ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ପୂଜାରୀ ତାଙ୍କ ବକ୍ତବ୍ୟରେ ମହିଳାମାନେ ଆତ୍ମନିର୍ଭରଶୀଳ ହେଲେ ସମାଜର ଆର୍ଥିକ ମେରୁଦଣ୍ଡ ସୁଦୃଢ ହୋଇପାରିବ ବୋଲି ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦ, ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସିଡିପିଓ ଜୟନ୍ତୀ ଗଡତିଆ, ସାମାଜିକ କର୍ମୀ ଉମେଶ ପୂଜାରୀ, ରାମପୁର ସରପଞ୍ଚ ମନୋଜ କୁମାର ପୁରୋହିତ ଯୋଗ ଦେଇଥିଲେ। ରାଜ୍ୟ ସରକାର ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଯୋଗାଇ ଦେଇଥିବା ବେଳେ ବିଭିନ୍ନ ବ୍ୟାଙ୍କ ଶାଖାରୁ ଆସିଥିବା ବ୍ୟାଙ୍କ ଅଧିକାରୀମାନେ ଏହାର ସୁବିଧା ନେବା ପାଇଁ ମତ ରଖିଥିଲେ। ଗତବର୍ଷ ଡୁଙ୍ଗୁରିପାଲି ବ୍ଲକ ଋଣ ପ୍ରଦାନ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରି ରାଜ୍ୟ ସରକାରଙ୍କଠାରୁ ପୁରସ୍କୃତ ହୋଇଥିବାରୁ ଚଳିତବର୍ଷ ମଧ୍ୟ ଋଣ ନେଇ ଆତ୍ମନିର୍ଭରଶୀଳ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରପି, ଏମବିସି, ବ୍ୟାଙ୍କ ମିତ୍ର ଉପସ୍ଥିତ ରହିଥିଲେ। ରାମପୁର ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ସଂଗ୍ରାମ ସାହୁ, ଗଜବନ୍ଧ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଉପସ୍ଥିତ ରହି ଋଣର ସଦ୍ ଉପଯୋଗ ଉପରେ ଆଲୋଚନା କରିଥିଲେ। ବ୍ଲକ ବିପିସି ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 9937/IND-II-PH-1159 ତାରିଖ: 26.06.2023
No.CAD-1062

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ବେଦାନ୍ତ ଲିମିଟେଡ୍ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ପିପଲିମାଳ, ଧଉରାମୁଣ୍ଡା, କୁରାଲୋଇ, ବେଲପାହାଡ଼, ବଞ୍ଜାରି, ବର୍ଡାପ ଗ୍ରାମରେ ୯୬୫.୫୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କୁରାଲୋଇ-ଏ ଉତ୍ତର କୋଇଲା କ୍ଷେତ୍ର ଖୋଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍ କରିବା ପାଇଁ** ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୧.୦୮.୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ପିପଲିମାଳ ମୌଜା (ଖାତା ନଂ. ୨୦୫(ଅଜ), ପ୍ଲଟ୍ ନଂ.- ୧(ପି), ଅଞ୍ଚଳ- ୨.୫୦ ଏକର, କିସମ- ପତିତ)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା ।**
୨) ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା ।**
୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା ।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଝାରସୁଗୁଡ଼ା ।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OSPCB-PH-MISC-0051-2023/3/2023 OIPR-08012/11/0042/2324 **ସ୍ୱା./- ସଦସ୍ୟ ସଚିବ**

**ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, ଭୁବନେଶ୍ୱର**
**(ମକଦ୍ଦମା ନଂ. ଓଏ ୪/୨୦୧୩)**
**(ଦେବୋତ୍ତର ଆଇନର ଧାରା ୪୧ ମତେ)**
**ପୂଜାପଣ୍ଡା ସେବାୟତ ସମିତି** .................... ଦରଖାସ୍ତକାରୀ
(ବନାମ)
**ହିନ୍ଦୁ ସର୍ବସାଧାରଣ ଓ ଅନ୍ୟମାନେ** ....................ଅପରପକ୍ଷ

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ ପୂଜାପଣ୍ଡା ସେବାୟତ ସମିତି, ଲିଙ୍ଗରାଜ ମହାପ୍ରଭୁ, ତରଫ ସେକ୍ରେଟାରୀ ଶ୍ରୀ ଶଚ୍ଚିକାନ୍ତ ପୂଜାପଣ୍ଡା, ବ-୬୮ ର୍ଷ, ପିତା- ୰ଲୋକନାଥ ପୂଜାପଣ୍ଡା, ବାସସ୍ଥାନ- ରାମାୟଣି ଦେବୀ ସାହି, ପୋ- ଭୁବନେଶ୍ୱର-୨, ଥାନା- ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା ଦରଖାସ୍ତକାରୀ ହୋଇ ଅନନ୍ତ ବାସୁଦେବ ମନ୍ଦିରର ଅବ୍ୟବସ୍ଥା ଓ ଅନୈତିକ ପ୍ରସାଦ ବିକ୍ରି ଏବଂ ବିବାଦୀୟ ବୃତ୍ତିରେ ରୋଷଘର ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଉପରୋକ୍ତ ମକଦ୍ଦମା, କାର୍ଯ୍ୟନିର୍ବାହୀ ଅଧିକାରୀ, ଲିଙ୍ଗରାଜ ମହାପ୍ରଭୁ, ଭୁବନେଶ୍ୱର, ସୁପରିଣ୍ଟେଣ୍ଡେଣ୍ଟ ପ୍ରତ୍ନତତ୍ତ୍ୱ ବିଭାଗ, ଭାରତ ସରକାର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ମ୍ୟୁନିସିପାଲ କମିଶନର, ମହାସୁଆର ନିଯୋଗ (ବ୍ରାହ୍ମଣ ନିଯୋଗ), ସଭାପତି ଲିଙ୍ଗରାଜ ମନ୍ଦିରଙ୍କୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଦାଏର କରିଅଛନ୍ତି ଏବଂ ଏଥିରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଅଭିମନ୍ୟୁ ମହାନ୍ତି, ବ-୪୭ର୍ଷ, ପି- ୰ଭରତ ମହାନ୍ତି, ସା- ପଳାଶୁଣି, ପୋ/ଥା- ନିଆଳି, ଜି- କଟକଙ୍କୁ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରିଅଛନ୍ତି । ଏଥିରେ ଯଦି ଅନ୍ୟ କାହାର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଆସନ୍ତା ତା୨୯।୦୭।୨୦୨୩ରିଖ ଦିବା ଘ୧୦ଟିକା ୩୦ ମିନିଟ ସମୟେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ମକଦ୍ଦମା ବିଚାର କରାଯିବ ।

**ସ୍ୱା./- ଅତିରିକ୍ତ ଦେବୋତ୍ତର କମିଶନର, ଭୁବନେଶ୍ୱର**

**OFFICE OF THE SUPERINTENDING ENGINEER**
**GOVERNMENT OF ODISHA "e" Procurement Notice**
**E-Mail I.D.-eepwdcuttack2@gmail.com , Tel./ Fax No.(0671)-2973399**
**e-Procurement Notice for Building work**
**Bid Identification No. S.E. CTC(R&B)-II-11 of 2023-24**
No.B-391:

| | | |
|---|---|---|
| 1. | Name of the work | 01 No. of Building Work |
| 2. | Estimated cost | Rs.81,33,602/- (Civil + EI+PH) |
| 3. | Period of completion | 6 (Six) Calendar Months |
| 4. | Date & time of sale & receipt of bid document | From 28.06.2023 to 5 PM of 12.07.2023 |
| 5. | Last date / time of receipt of bids | 5 PM of 12.07.2023 |
| 6. | Date & time of Opening of bids | 11 AM of 13.07.2023 |
| 7. | Name and address of the Officer Inviting Bid | Superintending Engineer, Cuttack (R&B) Division-II, Cuttack |

Further details can be seen from the e-procurement portal http://www.tendersorissa.gov.in
Any addendum/ corrigendum/ cancellation of tender can also be seen in the said website;

**Sd./- Superintending Engineer**
**Cuttack (R&B) Division No.II**
**OIPR-34137/11/0011/2324**

**ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ**

କୁଚିଣ୍ଡା,(ବିରଞ୍ଚି ଦର୍ଶା): ଝାରସୁଗୁଡ଼ାରରୁ କୁଚିଣ୍ଡା ଦେଇ ତିଲେଇବଣି ପଟକୁ ଯାଇଥିବା ୪୯ଜତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। କୁଚିଣ୍ଡାର ସଇଡା ଭେଡେନ ନଦୀ ଉପରେ ନିର୍ମିତ ହୋଇଥିବା ନୂତନ ସେତୁର ଉଭୟ ପାର୍ଶ୍ୱରେ ପିଚୁ ଦବିଯାଇ ବଡ ବଡ ଖାଲ ସୃଷ୍ଟି ହୋଇଛି। ବର୍ଷା ଦିନରେ ପ୍ରତ୍ୟହ ଶହ ଶହ ସଂଖ୍ୟକ ଯାନବାହନ ଚଳାଚଳ ଯୋଗୁ ରୋଡ ଦବିଯାଇ ଏଭଳି ଖାଲ ହୋଇଛି। ଖାଲରେ ପାଣି ଭର୍ତ୍ତିହୋଇ ଦୁର୍ଘଟଣା ଘଟୁଛି । ତେଣୁ ଜାତୀୟ ରାଜପଥ ବିଭାଗ ତୁରନ୍ତ ଏହାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ଗମ୍ଭାରୀପଙ୍କ କେନାଲ ପୋଲ ବିପଦସଙ୍କୁଳ

ପଡିଆବାହାଲ, ୨୭।୬
(ରାଧାମୋହନ ଷଡ଼ଙ୍ଗୀ)

ଝୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ ଗମ୍ଭାରିପଙ୍କ ଗ୍ରାମର ମୁଖ୍ୟ ରାସ୍ତା ଉପରେ ଥିବା କେନାଲ ପୋଲ ବିପଦସଙ୍କୁଳ ହୋଇପଡିଛି। ଶାସନ କେନାଲର ଏହି ଶାଖା ପରମାଣପୁରରୁ ବାହାରି ଗ୍ରାମ ମଧ୍ୟଦେଇ ବହିଯାଇଛି। ଦୀର୍ଘଦିନ ତଳେ ତିଆରି ହୋଇଥିବା ଏହି କେନାଲ ପୋଲ ଗ୍ରାମକୁ ମୁଖ୍ୟ ରାସ୍ତା ସହ ଯୋଡି ରଖିଛି। ହେଲେ ବର୍ତ୍ତମାନ ଏହି ପୋଲର ଅବସ୍ଥା ଶୋଚନୀୟ। ରକ୍ଷଣାବେକ୍ଷଣ ଅଭାବରୁ ଭୁଶୁଡିବାକୁ ବସିଲାଣି। ପୋଲରେ ବ୍ୟବହୃତ ପଥର, ଲୁହାଛଡ଼ ମୁକୁଳା ହୋଇ ଜଳ ଜଳ ଦିଶିଲାଣି। ଏହା ସତ୍ତ୍ୱେ ବିକଳ୍ପ ନ ଥିବାରୁ ଲୋକେ ଏହା ଉପରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମବାସୀ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିବା କହିଛନ୍ତି। ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଭାଙ୍ଗିଯାଇଥିବା କେନାଲ ପୋଲ।

# ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୨୭।୬
(ସତ୍ୟଜିତ୍ ରାଉତ)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିଲେ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ନବରଙ୍ଗପୁରର କୋଟିପତି ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କୁ ରାଜ୍ୟ ସରକାର ମଙ୍ଗଳବାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଅପାରଗତା ଓ ଦୁର୍ନୀତି ପାଇଁ ପ୍ରଶାନ୍ତଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଅବଲମ୍ବନ ସ୍ୱରୂପ ରାଜ୍ୟ ସରକାର ୨୦୧୯ରୁ ୧୮୮ ଜଣ ଅଧିକାରୀଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ଏପରିକି ଘରୁ ନଗଦ ୩.୦୨ କୋଟି ଟଙ୍କା ମିଳିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଚଢ଼ାଉରେ ପ୍ରଶାନ୍ତଙ୍କ ଠାରୁ ୫କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା, ଯାହା ତାଙ୍କ ଆୟଠାରୁ ୫୦୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରାଯାଇ ପ୍ରଶାନ୍ତଙ୍କୁ ଶନିବାର ଗିରଫ କରାଯାଇ ଜେଲ ପଠାଯାଇଛି। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

# ମୌସୁମୀ ବର୍ଷା ପରେ ତଳିରୁଆ ଆରମ୍ଭ


ଧାନତଳି ରୋଇବା ପାଇଁ ଜମି ପ୍ରସ୍ତୁତ।

**କୁଚିଣ୍ଡା,୨୭।୬(ବିରଞ୍ଚି ଦର୍ଶା):** ବର୍ଷା ଅଭାବରୁ ଚଳିତ ବର୍ଷ ଚାଷ କାମ ଆରମ୍ଭ ହୋଇପାରି ନ ଥିଲା। ହେଲେ ୪/୫ଦିନ ହେଲା ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଚାଷୀ ମନରେ ଖୁସିର ଚମକ ଦେଖିବାକୁ ମିଳିଛି। ରୁଆ ବେଉଷଣ ସମୟରେ ବର୍ଷା ଆସିବା ଯୋଗୁ ତଳିପକା ଆରମ୍ଭ ହୋଇଛି। ଯେଉଁଠାରେ ଚାଷୀଙ୍କ ପାଣି ପାଇଁ ନିଜସ୍ୱ ବ୍ୟବସ୍ଥା ଅଛି ସେମାନେ ଜୁନ ଆରମ୍ଭରୁ ତଳି ପକାଇ ଏବେ ରୁଆ କାମ ଆରମ୍ଭ କଲେଣି। କୁଚିଣ୍ଡା ବ୍ଲକ କୁରୁରାବୁଆଁ ପଞ୍ଚାୟତ କିରାଶାସନ ଗ୍ରାମର ଅଗ୍ରଣୀ ଚାଷୀ କିରଣ କୁମାର ମହାପାତ୍ର ଓ ରିଙ୍କୁ ମହାପାତ୍ର ବୁଧବାର ତଳି ରୁଆ କାମ ଆରମ୍ଭ କରିଛନ୍ତି। ଏହି ଚାଷୀ ଦ୍ୱୟ ନିକଟସ୍ଥ ନଈରୁ ଉଠାଜଳସେଚନ ମାଧ୍ୟମରେ ପାଣି ମଡାଇ ଖରିଫ ଓ ରବି ଚାଷ କରିଥାନ୍ତି। ମୌସୁମୀ ଆସି ନ ଥିଲେ ବି ଉଠାଜଳସେଚନ ମାଧ୍ୟମରେ ବୁଧବାରଠାରୁ ତଳି ରୁଆ କରିବାକୁ ପୂର୍ବ ଯୋଜନା ରହିଥିଲା ବୋଲି ଚାଷୀ କିରଣ କହିଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**1st Corrigendum Notice**

**No.O-276:** 1st Corrigendum Notice to Bid Identification No. PMGSY-Online-BLGR-01/2023-24 dated 26.05.2023:- Winch & Derrick, Tremie pipe with conical hopper (150 mm to 300 mm dia) are required for Long Span Bridge Works of Well Foundation & Pile Foundation only.
* All other terms and condition remain unchanged.

**Sd./- Chief Construction Engineer, Rural Works Circle, Bolangir**
OIPR-25118/11/0012/2324


# ଖବରଦାତାଙ୍କ ୧୧ ଦଫା ଦାବି

ଦେବଗଡ଼,୨୭।୬(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସାମ୍ବାଦିକ ସଂଘ(ଷ୍ଟେଟ୍ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ)ଙ୍କ ପ୍ରସ୍ତାବ ଅନୁଯାୟୀ ଓ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଏସୟୁଜେ ଜିଲା ୟୁନିଟ୍ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ଶାଖା ଖବରଦାତାମାନେ କଲେକ୍ଟୋରେଟ ପହଞ୍ଚି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ସାକ୍ଷାତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଏସୟୁଜେ ରାଜ୍ୟ ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, ଜିଲା ସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ଜିଲା ସମ୍ପାଦକ ରାକେଶ କୁମାର ଦାଶଙ୍କ ସହ ଟିକେଶ୍ୱର ଗୁରୁ, ମାନସ ରଞ୍ଜନ ଦ୍ୱିବେଦୀ, ଶିବାଶିଷ ଝାଙ୍କର, ଅରୂପାନନ୍ଦ ନାୟକ ଓ କାହ୍ନା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ପଡ଼ୋଶୀ ମହାରାଷ୍ଟ୍ର ଓ ଛତିଶଗଡ଼ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସାମ୍ବାଦିକ ସୁରକ୍ଷା ଆଇନ୍ ଭଳି ଓଡ଼ିଶାରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ, ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ମିଳୁଥିବା ୨ ଲକ୍ଷ ଟଙ୍କାର ବୀମାରାଶିକୁ ୧୦ ଲକ୍ଷ ଟଙ୍କା ବୃଦ୍ଧି କରିବା ସହ ସମସ୍ତ ଚିକିତ୍ସା ଖର୍ଚ୍ଚ ବୀମାରାଶିରୁ ଭରଣା କରିବା, ଅନ୍ୟୁନ ୧୫ ବର୍ଷ କାର୍ଯ୍ୟ କରି କୌଣସି କାରଣରୁ ରୋଗାଗ୍ରସ୍ତ, ଦୁର୍ଘଟଣାଗ୍ରସ୍ତ କିମ୍ବା ବାର୍ଦ୍ଧକ୍ୟ ଜନିତ ଅକର୍ମଣ୍ୟ ହୋଇଥିବା ଖବରଦାତାଙ୍କୁ ସାମ୍ବାଦିକ କଲ୍ୟାଣ ଯୋଜନାରେ ଆଜୀବନ ସାମିଲ ରଖିବା, ଅସମୟରେ ପ୍ରାଣ ହାରୁଥିବା ଖବରଦାତାଙ୍କ ପରିବାରକୁ ସରକାରଙ୍କ ତରଫରୁ ମିଳୁଥିବା ୪ ଲକ୍ଷ ଟଙ୍କାର ସହାୟତା ରାଶିକୁ ଅନ୍ୟୁନ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଆଦି ବିଭିନ୍ନ ଦାବି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।


ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଛି।

# ଅଣଗେଜେଟେଡ ବନସେବା ସଂଘର ସ୍ମାରକପତ୍ର


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୨୭।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଅଣଗେଜେଟେଡ ବନ ସେବା ସଂଘ ପକ୍ଷରୁ ସ୍ପେସିଆଲ ଷ୍ଟ୍ରାଇକିଂ ଫୋର୍ସ (ଏସ୍ଏସ୍ଏଫ୍) ଗଠନ ସମେତ ୫ଦଫା ଦାବିରେ ମଙ୍ଗଳବାର ଜିଲାପାଳ, ବନଖଣ୍ଡ ଅଧିକାରୀ (ଟେରିଟୋରିଆଲ) ଓ ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବାବେଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବନଖଣ୍ଡ ଅଧିକାରୀଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଣ ଗେଜେଟେଡ ବନ ସେବା ସଂଘ, ଦେବଗଡ଼ ଜୋନ ସଭାପତି ଭୀମସେନ ଶତପଥୀ ଓ ସମ୍ପାଦକ ଦେବରାଜ ପ୍ରଧାନଙ୍କ ନେତୃତ୍ୱରେ ସଂଘ ଉପସଭାପତି ନବୀନ ଚନ୍ଦ୍ର ବରିହା, ସହସମ୍ପାଦକ ଭୋଳେଶ୍ୱର ସାହୁ ଓ ରାଜ୍ୟ ସଂଘ ସଦସ୍ୟ ଅଶୋକ କୁମାର ପାଣ୍ଡାଙ୍କ ସମେତ ବହୁ ସଦସ୍ୟ ବନଖଣ୍ଡ ଅଧିକାରୀ (ଉଭୟ ଟେରିଟୋରିଆଲ ଓ କେନ୍ଦୁପତ୍ର )ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଜୁଲାଇ ୮ ମଧ୍ୟରେ ଦାବି ପୂରଣ ନ ହେଲେ ସମୂହ ଛୁଟି ସହିତ ୧୦ରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଚେତାବନୀ ଦେଇଛନ୍ତି। ସ୍ପେସିଆଲ ଷ୍ଟ୍ରାଇକିଂ ଫୋର୍ସ (ଏସ୍ଏସ୍ଏଫ୍)ଗଠନ, ବନ ବିଭାଗ କ୍ଷେତ୍ର କର୍ମଚାରୀଙ୍କ ନିମନ୍ତେ ସ୍ୱତନ୍ତ୍ର କଲ୍ୟାଣ ଅନୁଦାନ (ସ୍ପେସିଆଲ ୱେଲଫେୟାର ଫଣ୍ଡ), ବନ ବିଭାଗ (ଟେରିଟୋରିଆଲ, କେନ୍ଦୁପତ୍ର ଏବଂ ବନ୍ୟଜନ୍ତୁ)ର ସମନ୍ୱିତ ବନାଞ୍ଚଳ, ବନ ବିଭାଗର ବିଟ, ସେକ୍ସନ ଓ ବନାଞ୍ଚଳର ସମୀକ୍ଷା, ପୁନଃ ଗଠନ ଏବଂ ସଂଖ୍ୟା ବୃଦ୍ଧି, ତେଲଙ୍ଗାନା ମଡେଲ ଅନୁଯାୟୀ ମୃତକ ବନ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଅନୁକମ୍ପାମୂଳକ ସହାୟତା ରାଶିର ବ୍ୟବସ୍ଥା ଆଦି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

# ଜରୁରୀକାଳିନ ପରିସ୍ଥିତିକୁ ନେଇ ଆଲୋଚନାଚକ୍ର

ନାକଟିଦେଉଳ,୨୭।୬(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରଠାରେ ମଙ୍ଗଳବାର ସମ୍ବଲପୁରର ହରି ଫାଉଣ୍ଡେଶନ ପକ୍ଷରୁ ବିଗତ ବର୍ଷରେ ଭାରତ ବର୍ଷରେ ହୋଇଥିବା ଜରୁରୀକାଳିନ ପରିସ୍ଥିତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜରୁରୀକାଳିନ ପରିସ୍ଥିତି ସମୟରେ ଯେଉଁ ସଂଗ୍ରାମୀମାନେ ଜେଲ ଯାଇଥିଲେ ସେମାନଙ୍କର ସ୍ମୃତି ଚାରଣ କରାଯାଇଥିଲା। ୧୯୭୫-୭୬ ମସିହାରେ ଦେଶରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ଜରୁରୀକାଳିନ ପରିସ୍ଥିତି ଉପୁଜିଥିଲା। ଏହି ଦିନକୁ ମନେ ପକାଇବା ପାଇଁ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିବା କୁହାଯାଇଥିଲା। ଭାଜପା କାର୍ଯ୍ୟକର୍ତ୍ତା କୁମାରେଶ ସ୍ୱାଇଁ, ଦେବାର୍ଚ୍ଚନ ସାହୁ, ହରିହର ସାହୁ, ରବିନ୍ଦ୍ର ଧଳ, ଅଶୋକ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କୁମାରେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ଆଲୋଚନାଚକ୍ରରେ ଭାଗ ନେଇଥିବା କର୍ମକର୍ତ୍ତା।


**ପୂର୍ବତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 20/ET/SBP/ENGG/2023-24, ତା.21.06.2023

(୧) ଟେଣ୍ଡର ସଂ.: 14-eT-SDENC-SBP-23

**କାର୍ଯ୍ୟର ବିବରଣୀ:** 30.06.2024ରେ ଶେଷ ହେଉଥିବା ଅବଧି ପାଇଁ ଏଡିଇଏନ/ସେଟେଲମେଣ୍ଟ/ସମ୍ବଲପୁର ଅନ୍ତର୍ଗତ ସମ୍ବଲପୁର ରେଲୱେ ସେଟେଲମେଣ୍ଟର ଡିଆରଏମ୍ କାର୍ଯ୍ୟାଳୟ ପରିସର ସହିତ ସେକ୍ଟର ଏ, ବି, ସି, ଡି ଏବଂ ରେଳନଗରରେ ଉଦ୍ୟାନ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.49,40,000/-
EMD: ଟ.98,800/-
କାର୍ଯ୍ୟ ସମାପ୍ତିର ଅବଧି : ଅବଧି ସମାପ୍ତି 30.06.2024

(୨) ଟେଣ୍ଡର ସଂ.: 15-eT-SDENC-SBP-23

**କାର୍ଯ୍ୟର ବିବରଣୀ:** ଏକ ବର୍ଷ ଅବଧି ପାଇଁ ସମ୍ବଲପୁର ଡିଭିଜନ ମଧ୍ୟରେ ଏବଂ ବାହାରକୁ ବିଭିନ୍ନ ସ୍ଥାନକୁ ଟ୍ରାକ ସମ୍ବନ୍ଧୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ P.Way ମ୍ୟାଟେରିଆଲର ଟ୍ରାନ୍ସପୋର୍ଟେସନ ଏବଂ ହୀରାକୁଦ ଠାରେ ଏଡିଇଏନ/ବିଆରଜିଏ ଅନ୍ତର୍ଗତ ଏସଏସଇ (P.Way) ଷ୍ଟୋର/ସମ୍ବଲପୁର ଫାର୍ମର ଟ୍ରକସ୍ ଏବଂ ଟ୍ରେଲର୍ସ ଷ୍ଟୋରରେ P.Way ମ୍ୟାଟେରିଆଲ ଏବଂ ଫିଟିଙ୍ଗ ଅନଲୋଡିଙ୍ଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1,00,02,592/-
EMD: ଟ.2,00,100/-
କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

(୩) ଟେଣ୍ଡର ସଂ.: 16-eT-SDENC-SBP-23

**କାର୍ଯ୍ୟର ବିବରଣୀ:** ସମ୍ବଲପୁର ଡିଭିଜନର ଏଡିଇଏନ/ସେଟେଲମେଣ୍ଟ/ଏସବିପି କ୍ଷେତ୍ରାଧିକାର ଅଧିନରେ କ୍ୟାକ ଆଣ୍ଡ ଜିଲ ସ୍କୁଲ ବାସଗୃହ ବିଲ୍ଡିଂ ଏବଂ ସେଡ୍‌ରେ କ୍ଷତିଗ୍ରସ୍ତ ହୋଇଥିବା କବାଟ, ଝରକା ଏବଂ ତାଙ୍କର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1,71,30,530/-
EMD: ଟ.2,35,700/-
କାର୍ଯ୍ୟ ସମାପ୍ତିର ଅବଧି : 08 (ଆଠ) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**
ତା.17.07.2023 ରିଖ 1500 ଘଟିକାରେ। (ସମସ୍ତ କ୍ର.ନଂ. ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ : http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ସମ୍ବଲପୁର
PR-298/O/23-24



**ODISHA PUBLIC SERVICE COMMISSION CUTTACK**
**NOTICE**
**No. 5116 /P.S.C., Dt.26.6.23**

**No.D-73:-** It is for information of all concerned that due to unavoidable circumstances, the written examination of Odisha Municipal Administrative Services- 2021 pursuant to Advt. No.06 of 2022-23, re-scheduled to be held on 02.07.2023 vide this Office Notice No. 4822/PSC, dt-05.06.2023 is hereby **postponed to 13.08.2023 (Sunday).** The detailed programme of the said examination shall be notified later.

2. The candidates are advised to visit the website of the Commission at **http://opsc.gov.in** regularly for further information in this regard.

OIPR-12002/11/0048/2324 **Sd./- Secretary**



**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1065 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.3245/RE/OSIC** **Dt.26.06.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge in Branch Office, OSIC, Cuttack".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0037/2324



See Career Appointment on every Wednesday & Saturday



**OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA**
**AAYAKAR BHAWAN, RAJASWA VIHAR, BHUBANESWAR-751007**
**Telephone No.0674-2589466,**
**e-mail id- bhubaneswar.dcit.hq.admin@incometax.gov.in**

No. Pr.CCIT/Infra/Office Space/2023-24 Dated: 26.06.2023

**INVITES SEALED TENDER FROM REPUTED ORIGINAL OWNER OF THE BUILDING OR THE PERSON HAVING VALID POWER OF ATTORNEY FOR HIRING OF OFFICE ACCOMMODATION ON LEASE/RENT BASIS**

Sealed bids are invited from reputed original owner of the building or the person having valid power of attorney for hiring of office accommodation on lease/rent basis for office premises for Income Tax Department at Bhubaneswar.

The eligibility criteria, terms & conditions and other particulars etc. as laid down in the Tender Documents may be obtained from the Deputy Commissioner of Income Tax (Hqrs.) (Admn.), O/o the Principal Chief Commissioner of Income Tax, Odisha, 1st Floor, Aayakar Bhawan, Rajaswa Vihar, Bhubaneswar-751007 from 27.06.2023 to 21.07.2023 (between 11.30 AM and 01.30 PM). Alternatively, the same can be downloaded from the website of the Income Tax Department i.e. www.incometaxindia.gov.in. The sealed quotations should reach this office latest by 21st July, 2023 (17.30 Hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.

**Sd./- DCIT (Hqrs.) (Admn. & Vig.)**
**Office of the Pr. CCIT, Odisha, Bhubaneswar**



**ସହକାରୀ ଦେବୋତ୍ତର କମିଶନରଙ୍କ ଅଦାଲତ, ଭୁବନେଶ୍ୱର**
**(ମକଦ୍ଦମା ନଂ. ଓଏ ୪/୨୦୧୩)**
**(ଦେବୋତ୍ତର ଆଇନର ଧାରା ୪୧ ମତେ)**
**ପୂଜାପଣ୍ଡା ସେବାୟତ ସମିତି ..................... ଦରଖାସ୍ତକାରୀ**
(ବନାମ)
**ହିନ୍ଦୁ ସର୍ବସାଧାରଣ ଓ ଅନ୍ୟମାନେ .....................ଅପରପକ୍ଷ**

**ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ ପୂଜାପଣ୍ଡା ସେବାୟତ ସମିତି, ଲିଙ୍ଗରାଜ ମହାପ୍ରଭୁ, ତରଫ ସେକ୍ରେଟାରୀ ଶ୍ରୀ ଶକ୍ତିକାନ୍ତ ପୂଜାପଣ୍ଡା, ବ-୬୮ ର୍ଷ, ପିତା- ୰ଲୋକନାଥ ପୂଜାପଣ୍ଡା, ବାସସ୍ଥାନ- ରାମାୟଣି ଦେବୀ ସାହି, ପୋ- ଭୁବନେଶ୍ୱର-୨, ଥାନା- ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା ଦରଖାସ୍ତକାରୀ ହୋଇ ଅନନ୍ତ ବାସୁଦେବ ମନ୍ଦିରର ଅବ୍ୟବସ୍ଥା ଓ ଅନୈତିକ ପ୍ରସାଦ ବିକ୍ରି ଏବଂ ବିବାଦୀୟ ବୃତ୍ତିରେ ରୋଷଘର ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଉପରୋକ୍ତ ମକଦ୍ଦମା, କାର୍ଯ୍ୟନିର୍ବାହୀ ଅଧିକାରୀ, ଲିଙ୍ଗରାଜ ମହାପ୍ରଭୁ, ଭୁବନେଶ୍ୱର, ସୁପରିଣ୍ଟେଣ୍ଡେଣ୍ଟ ପ୍ରତ୍ନତତ୍ତ୍ୱ ବିଭାଗ, ଭାରତ ସରକାର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ମ୍ୟୁନିସିପାଲ କମିଶନର, ମହାସୁଆର ନିଯୋଗ (ବ୍ରାହ୍ମଣ ନିଯୋଗ), ସଭାପତି ଲିଙ୍ଗରାଜ ମନ୍ଦିରଙ୍କୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଦାଏର କରିଅଛନ୍ତି ଏବଂ ଏଥିରେ ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଅଭିମନ୍ୟୁ ମହାନ୍ତି, ବ-୪୭ର୍ଷ, ପି- ୰ଭରତ ମହାନ୍ତି, ସା- ପଳାଶୁଣି, ପୋ/ଥା- ନିଆଳି, ଜି- କଟକଙ୍କୁ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରିଅଛନ୍ତି । ଏଥିରେ ଯଦି ଅନ୍ୟ କାହାର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଆସନ୍ତା ତା୨୯।୦୭।୨୦୨୩ରିଖ ଦିବା ଘ୧୦ଟିକା ୩୦ ମିନିଟ ସମୟେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ମକଦ୍ଦମା ବିଚାର କରାଯିବ ।

**ସ୍ୱା./- ଅତିରିକ୍ତ ଦେବୋତ୍ତର କମିଶନର, ଭୁବନେଶ୍ୱର**



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 9937/IND-II-PH-1159 ତାରିଖ: 26.06.2023
No.CAD-1062

**ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ବେଦାନ୍ତ ଲିମିଟେଡ୍ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ପିପଲିମାଳ, ଧଉରାମୁଣ୍ଡା, କୁରାଲୋଇ, ବେଲପାହାଡ଼, ବଞ୍ଜାରି, ବର୍ତ୍ତାପ ଗ୍ରାମରେ ୯୬୫.୫୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କୁରାଲୋଇ-ଏ ଉତ୍ତର କୋଇଲା କ୍ଷେତ୍ର ଖୋଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍ କରିବା ପାଇଁ** ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୧.୦୮.୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଅନ୍ତର୍ଗତ ପିପଲିମାଳ ମୌଜା (ଖାତା ନଂ. ୨୦୫(ଅଜ), ପ୍ଲଟ୍ ନଂ.- ୧(ପି), ଅଞ୍ଚଳ- ୨.୫୦ ଏକର, କିସମ- ପତିତ)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା ।**
୨) ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା ।**
୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା ।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଝାରସୁଗୁଡ଼ା ।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OSPCB-PH-MISC-0051-2023/3/2023 OIPR-08012/11/0042/2324 **ସ୍ୱା./- ସଦସ୍ୟ ସଚିବ**



**OFFICE OF THE SUPERINTENDING ENGINEER**
GOVERNMENT OF ODISHA **"e" Procurement Notice**
E-Mail I.D.-eepwdcuttack2@gmail.com , Tel./ Fax No.(0671)-2973399
No.B-391:

**e-Procurement Notice for Building work**
**Bid Identification No. S.E. CTC(R&B)-II-11 of 2023-24**

| | | |
|---|---|---|
| 1. | Name of the work | : 01 No. of Building Work |
| 2. | Estimated cost | : Rs.81,33,602/- (Civil + EI+PH) |
| 3. | Period of completion | : 6 (Six) Calendar Months |
| 4. | Date & time of sale & receipt of bid document | : From 28.06.2023 to 5 PM of 12.07.2023 |
| 5. | Last date / time of receipt of bids | : 5 PM of 12.07.2023 |
| 6. | Date & time of Opening of bids | : 11 AM of 13.07.2023 |
| 7. | Name and address of the Officer Inviting Bid | : Superintending Engineer, Cuttack (R&B) Division-II, Cuttack |

Further details can be seen from the e-procurement portal http://www.tendersorissa.gov.in
Any addendum/ corrigendum/ cancellation of tender can also be seen in the said website;

**Sd./- Superintending Engineer**
**Cuttack (R&B) Division No.II**
OIPR-34137/11/0011/2324

# ସଅଳ ମୁଗଚାଷ



ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨–୩, ଆଇପିଏମ୍ ୦୨–୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହିତ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ବିଷ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ।

# କୁକୁଡ଼ା ଘର ଯତ୍ନ

କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ । ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ । କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ । ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ ରୁ ୧୪ ଦିନ ବୟସର ବ୍ରଏଲର୍ କୁକୁଡ଼ାମାନଙ୍କୁ ଦିଅନ୍ତୁ । କୁକୁଡ଼ା ଘରର ଲିଟର / ତୃଣଶଯ୍ୟାକୁ ଓଦା ହେବାକୁ ଦିଅନ୍ତୁ ନାହିଁ ଏବଂ ପ୍ରତି ୩–୪ ଦିନ ବ୍ୟବଧାନରେ ଏହାକୁ ବଦଳାନ୍ତୁ ।



# ଆଖୁ କିଆରିରୁ ଜଳ ନିଷ୍କାସନ

ଆଖୁ କିଆରିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪–୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।



# ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତି



ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ୧ ହେକ୍ଟର ଜମି ପାଇଁ ୨୫ ଡେସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ୨ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ବ୍ୟବଧାନରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ଛିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦–୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫–୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦–୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ। ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ ୨, ୪–ଡି ସୋଡିୟମ୍ ସଲ୍‌ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷକରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ (ଫୁଲ ହେବା ପୂର୍ବରୁ) ସିଧା ସଳଖ ହଳ ଦ୍ୱାରା ମାଟିରେ ମିଶାଇଦିଅନ୍ତୁ। ଏହା ଧଣିଚା ବୁଣାର ୬ ରୁ ୭ ସପ୍ତାହ ବେଳକୁ କରାଯାଏ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟରଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

## ଜୁଲାଇ ମାସର କୃଷି ସୂଚନା

**ଚିନାବାଦାମ :** ମଞ୍ଜିକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୩ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ୧ ସପ୍ତାହ ପୂର୍ବରୁ ଫିମ୍ପିନାଶକ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ। ୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୋସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

**ସୂର୍ଯ୍ୟମୁଖୀ ଓ ରାଶି :** ସୂର୍ଯ୍ୟମୁଖୀ ବିହନକୁ ଫିମ୍ପିନାଶକ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ । ରାଶି ଗଛ ସଂଖ୍ୟା ଅଧିକ ଥିଲେ ୨ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦–୨୧ ଦିନରେ କୋଡ଼ାଖୋସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

**ଗୋପାଳନ :** ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ । ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ । ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ । ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ । ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ ।

**ମାଛଚାଷ :** ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲା ପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ । ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଛଡ଼ାଯାଏ ।

**ମନେରଖନ୍ତୁ :** ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ଣରେ ସିଞ୍ଚନ କରନ୍ତୁ । ପରାଶ୍ରୟୀ ପୋକମାନଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା
କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର– ୩

# ଫଳଚାଷ ସମୟରେ...

ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ,ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ । କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ନଷ୍ଟ କରିଦିଅନ୍ତୁ । ଫଳ ବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫାସୁତୁରା ରଖନ୍ତୁ। ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ । ଦରକାର ଅନୁଯାୟୀ ଫଳ ଗଛରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟକୁ ପ୍ରଲେପ ଦିଅନ୍ତୁ । ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



# ଅଣଧାନ ଫସଲ ଚାଷ

ଧାନ ବଦଳରେ ଅଣଧାନ ଫସଲ ଯଥା ମକା–ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣୀ ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗ ,ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳ ମାଟିରେ ଚୂନ,କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା– ମୁଗ ,ବିରି, ହରଡ଼,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ।

# ପନିପରିବା ଚାଷ



ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ତଳି ପ୍ରସ୍ତୁତି – ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ତଳି ପଟି ତିଆରି କରନ୍ତୁ । ୨ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ । ତଳି ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ତଳି ପଟିରେ ୨–୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ । ତା'ପରେ ପ୍ରତି ତଳି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ୍‌ଡିସି ୨ ଗ୍ରାମ୍/୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ । ମଞ୍ଜି ବୁଣିବା ପରେ ଛଣ ବା ନଡ଼ା ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନାହିଁ। ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ଛଣ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ । ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନକରି ଜମିରେ ଲଗାନ୍ତୁ। ୧ ଏକର ବାଇଗଣ ଓ ଲଙ୍କାମରିଚ ଚାଷ ପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ । ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ। ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୧ କି.ଗ୍ରା. ଆବଶ୍ୟକ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗା ସରିଥିଲେ କୋଡ଼ାଖୁସା କରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ । ବର୍ଷାଦିନେ ଉଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସା କରି ସାର ଦେଇ ହୁଡ଼ା ଟେକନ୍ତୁ । ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ ।

# ପ୍ରାଣୀଙ୍କ ରୋଗ ଓ ପ୍ରତିକାର

(ଶେଷ ଭାଗ)

**ବଜବଜିଆ ରୋଗ :** ଏହି ରୋଗ କ୍ଲଷ୍ଟିଡିୟମ୍ ଚଉଭିଆଇ ନାମକ ଜୀବାଣୁ ଦ୍ୱାରା ହୋଇଥାଏ। ୪ମାସରୁ ୨ବର୍ଷର ଉତ୍ତମ ସ୍ୱାସ୍ଥ୍ୟବାନ୍ ବାଛୁରୀ ବା ଗୋରୁଙ୍କଠାରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଦେଇଥାଏ । ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହୋଇ ଅଙ୍ଗାରକାମ୍ଳଯୁକ୍ତ ପରିବେଶ ପାକସ୍ଥଳୀରେ ସୃଷ୍ଟିହେବା, ଅତ୍ୟଧିକ ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ଅଭାବ ଯୋଗୁ ଏହି ରୋଗ ସହଜରେ ହୁଏ । ବାଛୁରୀର ଶାରୀରିକ ଉତ୍ତାପ ବୃଦ୍ଧି ୧୦୩ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ଉର୍ଦ୍ଧ୍ୱରେ ରହେ। ବାଛୁରୀର କ୍ଷୁଧା ସହ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ଅଂଶ କିମ୍ବା ପଛଗୋଡ଼ର ଚଟୁଆ ଅଂଶ ଖୁବ୍‌ଶୀଘ୍ର ଫୁଲିଯାଏ । ଏହି ଫୁଲାରେ ଗ୍ୟାସ୍ ସୃଷ୍ଟି ଯୋଗୁ ଏହାକୁ ହାତରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ ଏବଂ ଶେଷରେ ବାଛୁରୀ ୨୪–୨୮ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରେ। ରୋଗ ଆରମ୍ଭରେ ଚିକିତ୍ସା କଲେ ବାଛୁରୀ ବଞ୍ଚିବାର ଆଶା ଅଧିକ ଥାଏ । ଆଣ୍ଟିବାଓଟିକ୍ସ ଯଥା – ଅକ୍ସଟେଟ୍ରା ସାଇକ୍ଲିନ୍, କ୍ଲୋରେଫେନିକଲ, କ୍ଲାଇଣ୍ଡୋ ମାଇସନ୍, କୋଟ୍ରିମାଜିନ, ଫର୍ଟିଫାଏଡ୍ ପ୍ରୋକେନ, ପେନ୍‌ସିଲିନ୍ (ଏଫ୍‌ପିପି)୨୦–୪୦ଲକ୍ଷ ଏକକ, ଅସ୍କିଭେଟ୍, ପାମ (ପ୍ରୋକେନ୍ ପେନ୍‌ସିଲିନ୍ ସରାଭାଇ) ଭେଟକ୍ଲକ୍ସ ଫର୍ଟ ଆଦି ଇଞ୍ଜେକ୍‌ଶନ ସହ ଆଭିଲ, ଷ୍ଟିରଏଡ୍ ଔଷଧର ସାହାଯ୍ୟ ନିଆଗଲେ ରୋଗ ଶୀଘ୍ର ଭଲ ହୁଏ । ଅତ୍ୟଧିକ ଫୁଲା ପଡ଼ିଥିବା ମାଂସ ଭିତରେ ଘା' ସୃଷ୍ଟି ହେଲେ, ଏହି ସ୍ଥାନରୁ ସମସ୍ତ ଗ୍ୟାସ୍ ଓ ପାଣିଅଂଶ ବାହାରକରି ପ୍ରତିଦିନ ଡ୍ରେସିଂ କରିବା ଦରକାର । ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଅଳ୍ପ ବୟସ୍କ ୬ମାସରୁ ଉର୍ଦ୍ଧ୍ୱ ଏବଂ ୩ ବର୍ଷରୁ କମ୍ ଥିବା ସମସ୍ତ ବାଛୁରୀ ଓ ଗୋରୁଙ୍କୁ ବଜବଜିଆ ବା ବି.କ୍ୱିଭ୍ ଟିକା ଦେବା ଦରକାର ।

**ଫାଟୁଆ ରୋଗ :** ଏହା ଏକ ଭୂତାଣୁଜନିତ ସଂକ୍ରାମକ ରୋଗ ଏବଂ ସମସ୍ତ ଖୁରାଯୁକ୍ତ ପ୍ରାଣୀ ଯଥା–ଗୋରୁ, ମଇଁଷି, ଛେଳି, ମେଣ୍ଢା ଓ ଘୁଷୁରିଠାରେ ଦେଖାଦେଇଥାଏ । ରୋଗାକ୍ରାନ୍ତ ପ୍ରାଣୀଙ୍କ ଦେହର ଫୋଟକା, ପାଟିର ଲାଳ, ଦୁଗ୍ଧ ଓ ପରିସ୍ରାରେ ଏହି ରୋଗର ଭୂତାଣୁ ସାଧାରଣତଃ ଦେଖାଯାଆନ୍ତି । ଉକ୍ତ ରୋଗ ସାଧାରଣତଃ ପ୍ରାଣୀମାନଙ୍କ ଗୋଡ଼ର ଖୁରା ଓ ମୁହଁରେ ଦେଖାଯାଏ । ଏହି ରୋଗ ଭଲ ହେବା ପରେ ମଧ୍ୟ ଗାଈଙ୍କ ଦୁଗ୍ଧ ଦେବା ଓ ବଳଦମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଏ । ବର୍ତ୍ତମାନ ଫାଟୁଆରୋଗ ନିର୍ଦ୍ଦିଷ୍ଟ ଋତୁରେ ନ ହୋଇ ବର୍ଷତମାମ ବିଭିନ୍ନ ସ୍ଥାନରେ ଦେଖାଯାଉଛି । ଏହି ରୋଗରେ ଗୋରୁଙ୍କ ଶାରୀରିକ ଉତ୍ତାପ ୧୦୪–୧୦୬ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ବୃଦ୍ଧିପାଏ । ହଠାତ୍ ଗାଈଙ୍କର କ୍ଷୀର ଦେବା ବନ୍ଦ ହୋଇଯାଏ । ଖୁରା ସନ୍ଧି, ପାଟି ମଧ୍ୟରେ ବିଭିନ୍ନ ଆକୃତିର ଫୋଟକାମାନ ହୋଇ ୨–୩ଦିନ ମଧ୍ୟରେ ଫାଟିଯାଏ ଓ ଘା'ରେ ପରିଣତ ହୁଏ । ବେଳେବେଳେ ଜିଭର ଉପର ଅଂଶ ଘା' ହୋଇ ଛିଡ଼ି ବାହାରି ଆସେ । ଗୋରୁ କିଛି ଖାଆନ୍ତି ନାହିଁ । ପାଟିରୁ ଅତିମାତ୍ରରେ ଲାଳ ବାହାରେ । ଖୁରାର ଉପର ଅଂଶ ଫୁଲିଯାଏ, ଗରମ ଲାଗେ ଓ ଯନ୍ତ୍ରଣାଦାୟକ ହୁଏ । ପ୍ରାଣୀ ଛୋଟାଏ । ବାଛୁରୀକୁ ରୋଗ ହେଲେ ହୃତ୍‌ପିଣ୍ଡରେ କ୍ଷତ ବା ପ୍ରଦାହ ସୃଷ୍ଟି ହେବା ଯୋଗୁ ମୃତ୍ୟୁବରଣ କରନ୍ତି । ଆକ୍ରାନ୍ତ ଗୋରୁର ଘା' ସୃଷ୍ଟି ହୋଇଥିବା ଖୁରା ଓ ପାଟିକୁ ୫–୧୦% ଖାଇବା ସୋଡ଼ା କିମ୍ବା ୦.୧% ପୋଟାସିୟମ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ଧୋଇଦେବା ଦରକାର । ଖୁରା ଓ ପାଦକୁ ଧୋଇସାରିବା ପରେ ହିମାକ୍ସ, ଏକ୍ଲୋସେପ୍ ମଲମ କିମ୍ବା ନେବାସଲ୍‌ଫ, ନିଓସ୍ପୋରିନ୍ ପାଉଡର ଲଗାଇ ପାଟି ବାନ୍ଧିଦେବା ଦରକାର । ଗନ୍ଧକର୍ପୂର ନଡ଼ିଆତେଲ ଲଗାଇଲେ ମାଛି ବସି ଘା'ରେ ପୋକ ହେବାର ଭୟ ନ ଥାଏ । ପାଟିରେ ଘା' ହୋଇଥିଲେ ୧–୨% ବୋରୋଗ୍ଲିସେରିନ୍ ତରଳ ପାଟିର ତାଳୁ ଓ ଜିଭ ଆଦି ସ୍ଥାନରେ ଲଗାଇବା ଦରକାର। ଗୋଡ଼ ଖୁରା ଉପରେ ଫୁଲିଥିଲେ କିମ୍ବା ପାଟି ବା ଜିଭରେ ଘା' ସୃଷ୍ଟି ହୋଇଥିଲେ ଆଣ୍ଟିବାଓଟିକ୍ସ ଇଞ୍ଜେକଶନ ଅତିକମ୍‌ରେ ୩ ଦିନ ପର୍ଯ୍ୟନ୍ତ ଦିଆଯିବା ଦରକାର।



ପ୍ରତ୍ୟେକ ପ୍ରାଣୀକୁ ବର୍ଷରେ ୨ଥର ପ୍ରତିଷେଧକ ଏଫ୍‌ଏମ୍‌ଡି ଟିକା ଦିଆଯିବା ଦରକାର । ଗୋରୁଙ୍କୁ ଫାଟୁଆ ହେଲେ ସୁସ୍ଥ ଗୋରୁଠାରୁ ଦୂରେଇ ରଖନ୍ତୁ ଏବଂ ଗୋରୁଙ୍କୁ ଡାକ୍ତରଖାନା ଆଣି ଚିକିତ୍ସା କରିବା ପରିବର୍ତ୍ତେ ଘରୋଇ ଭାବେ ଚିକିତ୍ସା କରନ୍ତୁ।

**ଗାଈଙ୍କ ବସନ୍ତ :** ଏହା ଏକ ଭୂତାଣୁଜନିତ ରୋଗ ଓ ଦୁଧିଆଳୀ ଗାଈଙ୍କଠାରେ ଅଧିକାଂଶ ଭାବରେ ଦେଖାଦେଇଥାଏ। ଏହି ରୋଗର ଭୂତାଣୁ ବସନ୍ତ ରୋଗ ଭଳି ଗୋରୁଙ୍କଠାରେ କେବଳ ପହ୍ନାର ଚମଡ଼ାରେ ଓ ଚିରର ଉପର ଅଂଶରେ ବ୍ରଣ ପରି ଲାଲ ଫୋଟକା ସୃଷ୍ଟି କରନ୍ତି ଏବଂ ଏହା ଧୀରେ ଧୀରେ ଘା' ହୋଇ କଳା ପଡ଼ିଯାଏ । ଆକ୍ରାନ୍ତ ଗାଈଙ୍କୁ ଦୁହିଁବା ସମୟରେ ଏହି ରୋଗର ଭୂତାଣୁ ଦୁହାଁଳିଙ୍କ ହାତରେ ଯାଇ ଅନ୍ୟ ସୁସ୍ଥ ଗାଈଙ୍କୁ ଆକ୍ରାନ୍ତ କରିଥାନ୍ତି । ପହ୍ନାର ଚାରିପାଖ, ପହ୍ନା ଓ ଚିରରେ ଛୋଟ ଛୋଟ ଲାଲ ବ୍ରଣ ପରି ଫୋଟକା ଦେଖାଯାଏ । ରୋଗର ପ୍ରଥମାବସ୍ଥାରେ ଏହି ବ୍ରଣରୂପକ ଅଂଶକୁ ଛୁଇଁଲେ ଟାଣ ଓ ଗରମ ଲାଗେ । ପରେ ଏଗୁଡ଼ିକ ଫୋଟକାରେ ପରିଣତ ହୋଇ ଭିନ୍ନ ଭିନ୍ନ ଆକୃତିର ଦେଖାଯାଆନ୍ତି । ତା'ପରେ ଏଗୁଡ଼ିକ ଗାଢ଼ ପିଙ୍ଗଳବର୍ଣ୍ଣ ଧାରଣ କରନ୍ତି ଓ ଶୁଖି ଝଡ଼ି ପଡ଼ନ୍ତି। ବାଛୁରୀମାନେ ଏ ରୋଗ ହେଲେ ସେମାନଙ୍କ ମୁହଁ ଓ ନାକପୁଡ଼ାରେ ଫୋଟକା ଦେଖାଯାଏ । ଗାଈର କ୍ଷୀର ଦେବା ହ୍ରାସ ପାଏ । ୧% ପଟାସିୟମ ପରମାଙ୍ଗାନେଟ୍ ମିଶ୍ରିତ ଉଷୁମ ପାଣିରେ ପହ୍ନାକୁ ଭଲଭାବେ ଧୋଇଦେବା ଦରକାର । ତା'ପରେ ଜିଙ୍କ୍ ଅକ୍‌ସାଇଡ଼୍ କିମ୍ବା ହିମାକ୍ସ ମଲମ ଦୈନିକ ୨ଥର ପହ୍ନାର ଉପରଭାଗରେ ଲଗାଇଲେ ଏହି ରୋଗ ଶୀଘ୍ର ଭଲ ହୁଏ । ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାଓଟିକ୍ସ ଓ ପହ୍ନାର ଯନ୍ତ୍ରଣା କମାଇବାପାଇଁ ଦରଜ ଇଞ୍ଜେକ୍ସନର ସାହାଯ୍ୟ ନିଆଯାଇପାରେ ।

**–ଡା. ବୀରକିଶୋର ପରିଡ଼ା,** ଅତିରିକ୍ତ ନିର୍ଦ୍ଦେଶକ(ପ୍ରାଣୀ ସମ୍ପଦ ବିକାଶ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ। ମୋ – ୯୪୩୭୬୦୭୩୧୨



ଉତ୍ତରାଖଣ୍ଡର ଋଷିକେଶରେ ୩ ଦିନିଆ ଭିତ୍ତିଭୂମି କାର୍ଯ୍ୟକାରୀ ଗୋଷ୍ଠୀ (ଆଇଡବ୍ଲ୍ୟୁଜି)ର ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜି-୨୦ ରାଷ୍ଟ୍ରଗୁଡ଼ିକରୁ ୬୩ ଜଣ ପ୍ରତିନିଧିଙ୍କ ସମେତ ଜାତୀୟ ଓ ଅନ୍ତାର୍ଜତୀୟ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ଯୋଗଦେଇଛନ୍ତି। ଚଳିତ ବର୍ଷ ଭାରତ ଅଧକ୍ଷତା କରୁଥିବା ଜି-୨୦ର ୩ୟ ଆଇଡବ୍ଲ୍ୟୁଜି ବୈଠକ ଋଷିକେଶରେ ଆୟୋଜିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ବିଷୟରେ ବିଶେଷଜ୍ଞ ଓ ଅନ୍ୟମାନେ ନିଜ ନିଜର ମତ ଉପସ୍ଥାପନ କରିଛନ୍ତି।

# ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ୍‌ର ଏନ୍‌ଏଫ୍‌ଓ

ଭୁବନେଶ୍ୱର,୨୭।୬

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ୍‌ର ନୂଆ ଫଣ୍ଡ ଅଫର(ଏନ୍‌ଏଫ୍‌ଓ) 'ଆକ୍ସିସ୍ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ଫଣ୍ଡରେ ସର୍ବନିମ୍ନ ନିବେଶ ପରିମାଣ ୫୦୦୦ ଟଙ୍କା ରହିଛି। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ତଥା ସିଇଓ ବି.ଗୋପ କୁମାର କହିଛନ୍ତି, ଆକ୍ସିସ୍ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ ସହ ଆମେ ଆମର ଉତ୍ପାଦ ଶୃଙ୍ଖଳାକୁ ବିସ୍ତାର କରିଛୁ। ସେହିଭଳି ଆକ୍ସିସ୍ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ ନିଫ୍ଟି ଆଇଟି ଟିଆର୍‌ଆଇକୁ ଟ୍ରାକ୍ କରିବ ଏବଂ ଟ୍ରାକିଂ ତ୍ରୁଟି କ୍ଷେତ୍ରରେ ନିଫ୍ଟି ଆଇଟି ଟିଆର୍‌ଆଇର ମୋଟ ରିଟର୍ନ ସହ ଜଡ଼ିତ ଖର୍ଚ୍ଚ ପୂର୍ବରୁ ରିଟର୍ନ ପ୍ରଦାନ କରିବ। ଏହି ଏନଏଫ୍‌ଓ ୨୦୨୩ ଜୁଲାଇ ୧୧ରେ ବନ୍ଦ ହେବ।

# ଲରେନ୍ସ ଆଣ୍ଡ ମାୟୋର ନୂତନ କଲେକ୍ସନ

ଭୁବନେଶ୍ୱର,୨୭।୬




ଦେଶର ପ୍ରମୁଖ ଅପ୍ଟିକାଲ ବ୍ରାଣ୍ଡ 'ଲରେନ୍ସ ଆଣ୍ଡ ମାୟୋ'ର ନୂତନ କଲେକ୍ସନ 'ଦି ୟୁନାଇଟେଡ୍ କଲର୍ସ ଅଫ୍ ବେନେଟ୍‌ଟନ୍ (ୟୁସିବି) ଆଇୱେର' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ବ୍ରାଣ୍ଡ୍‌ର ଫ୍ରେମ୍ ଏବଂ ସନ୍ ଗ୍ଲାସେସ୍‌ର ବ୍ୟାପକ ସମ୍ଭାର ଲରେନ୍ସ ଆଣ୍ଡ ମାୟୋର ସମସ୍ତ ଷ୍ଟୋରରେ ଉପଲବ୍ଧ। ଏ ସମ୍ପର୍କରେ ବ୍ରାଣ୍ଡ୍‌ର ନିର୍ଦ୍ଦେଶକ ଅମିତାଭ ମେଣ୍ଡୋଜା କହିଥିଲେ, ଗ୍ରାହକଙ୍କ ଚାହିଦା ମୁତାବକ ବିଭିନ୍ନ ବ୍ରାଣ୍ଡ ସହିତ ୟୁସିବି ଆଇୱେରସନ ଫ୍ରେମ୍, ସନ୍‌ଗ୍ଲାସ୍ ଓ ଅନ୍ୟାନ୍ୟ ଡିଜାଇନ ଏବଂ ବ୍ରାଣ୍ଡ୍‌ର ଗ୍ଲାସ୍ ଆଦି ଷ୍ଟୋରରେ ଉପଲବ୍ଧ କରାଉଛୁ। ସେହିଭଳି ବ୍ରାଣ୍ଡ୍‌ର ରିଟେଲ ହେଡ୍ ଇଣ୍ଡିଆ ଶୁବ୍ରମଣ୍ୟମ ହେଗେଡ୍ କହିଛନ୍ତି, ବର୍ତ୍ତମାନ ସମୟର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ଏଭଳି ଏକ ଉତ୍ପାଦର ବଜାର ପ୍ରବେଶ କରାଉଛି। ସେହପରି ବ୍ରାଣ୍ଡ୍‌ର ଭୁବନେଶ୍ୱର ଷ୍ଟୋର ଦ୍ୱୟରେ କାରେରା, ରେବେନ୍, ଟମି ହିଲ୍‌ଫିଗର୍, ସିଲୁଏଟ୍, ଭୋଗ୍, ଏମ୍ପୋରିଓ ଅରମାନି, ଓକ୍ଲି, ଏଲେ, ବୁର୍ବେରି, ମଣ୍ଟ ବ୍ଲାଙ୍କ୍ ଭଳି ୫୦ରୁ ଅଧିକ ବ୍ରାଣ୍ଡ୍‌ର ଡିଜାଇନ ଚଷମା ଉପଲବ୍ଧ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଓଏସ୍‌ଏଲ୍‌ର ଗୁରୁତ୍ୱ

ଭୁବନେଶ୍ୱର,୨୭।୬



ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍) ପକ୍ଷରୁ କଟକ ଶିଖରପୁରସ୍ଥିତ ଆରୋଗ୍ୟ ନୀଳୟ ଫିଜିଓଥେରାପି ସେଣ୍ଟରକୁ ଏକ ଅତ୍ୟାଧୁନିକ ୱିନ୍‌ଲିଜ ଲେଜର ଥେରାପି ମେଶିନ ପ୍ରଦାନ କରାଯାଇଛି। ବିଶେଷକରି ରୋଗୀମାନଙ୍କୁ ଅତ୍ୟାଧୁନିକ ଫିଜିଓଥେରାପି ଚିକିତ୍ସା ସେବା ଯୋଗାଇ ଦେବା ପାଇଁ କମ୍ପାନୀ ପକ୍ଷରୁ ଉକ୍ତ ମେଶିନ ସମ୍ପୃକ୍ତ କେନ୍ଦ୍ରକୁ ଦାନ ଆକାରରେ ଦିଆଯାଇଛି। ଏ ସଂକ୍ରାନ୍ତରେ ଆରୋଗ୍ୟ ନୀଳୟ ପିଜିଓଥେରାପି ସେଣ୍ଟରକୁ ଓଏସ୍‌ଏଲ୍ ପକ୍ଷରୁ ଅବଗତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଏସ୍‌ଏଲ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ମେଶିନ ଆରୋଗ୍ୟ ନୀଳୟ ପିଜିଓଥେରାପି ସେଣ୍ଟରକୁ ଦିଆଯାଇଛି। ଏ ସମ୍ପର୍କରେ ଓଏସ୍‌ଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପି.କେ. ପଣ୍ଡା କହିଛନ୍ତି, ସମ୍ପୃକ୍ତ ସେଣ୍ଟରକୁ ଚିକିତ୍ସା ପାଇଁ ଆସୁଥିବା ବିଭିନ୍ନ ବର୍ଗର ରୋଗୀଙ୍କୁ ତୁରନ୍ତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ କମ୍ପାନୀ ସର୍ବଦା ଅଗ୍ରାଧିକାର ଦେଇ ଆସୁଥିବାବେଳେ ଗୁଣାତ୍ମକ ରୋଗୀ ସେବାକୁ ମଧ୍ୟ ଗୁରୁତ୍ୱ ଦେଉଛି।

# ଖ୍ୱିମ୍‌ଜୀ ହୋଣ୍ଡାରେ ସ୍ୱତନ୍ତ୍ର ଅନାବରଣ ଉତ୍ସବ

ଭୁବନେଶ୍ୱର,୨୭।୬ (ଅଭୟ ଦାଶ)



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ସାଇନ୍-୧୦୦ ସିସି ଏବଂ ହୋଣ୍ଡା ୟୁନିକର୍ନ-୧୬୦ ସିସି ମୋଟରସାଇକେଲକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଏସ୍‌ଆଇର ସ୍ୱୀକୃତିପ୍ରାପ୍ତ ଡିଲର ଖ୍ୱିମ୍‌ଜୀ ହୋଣ୍ଡା ଭୁବନେଶ୍ୱର ପଟିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ହୋଣ୍ଡା ସାଇନ୍-୧୦୦ସିସି ଏବଂ ହୋଣ୍ଡା ୟୁନିକର୍ନ-୧୬୦ ସିସି ମୋଟରସାଇକେଲର ଅନାବରଣ କରାଯାଇଥିଲା। ଏହି ଅବସରରେ ଏଚ୍‌ଏମ୍‌ଏସ୍‌ଆଇର ଜୋନାଲ ମ୍ୟାନେଜର ସେଲ୍‌ସ ରାଜେଶ ଚୌଧୁରୀ,ଜୋନାଲ ମ୍ୟାନେଜର ସର୍ଭିସ୍ ଶିବ୍ ପ୍ରତାପ ସିଂଙ୍କ ସମେତ ଖ୍ୱିମ୍‌ଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ସୁମିତ୍ ଖ୍ୱିମ୍‌ଜୀ ଏବଂ ଖ୍ୱିମ୍‌ଜୀ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୃଷ୍ଣେନ୍ଦୁ ସେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଖ୍ୱିମ୍‌ଜୀ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସେନ୍ କହିଛନ୍ତି, ହୋଣ୍ଡା ସାଇନ୍-୧୦୦ ସିସି ଏବଂ ହୋଣ୍ଡା ୟୁନିକର୍ନ-୧୬୦ ସିସି ମୋଟରସାଇକେଲ ସହିତ ଆମେ ଏକ ନୂତନ ଯାତ୍ରା ଆରମ୍ଭ କରିଛୁ। ଏପରିକି ହୋଣ୍ଡା ସାଇନ୍-୧୦୦ ସିସିର ନିର୍ଭରଯୋଗ୍ୟତା ଏବଂ ସୁଲଭତା ହେତୁ ଉକ୍ତ ମଡେଲର ବଜାର ଚାହିଦା ଅଧିକ ରହିଛି। ବିଶେଷକରି ଖ୍ୱିମ୍‌ଜୀ ହୋଣ୍ଡା ପକ୍ଷରୁ ପ୍ରଦାନ କରାଯାଉଥିବା ସୁନାମୁଦ୍ରା ଆମର ପ୍ରତ୍ୟେକ ଗ୍ରାହକଙ୍କ ପାଇଁ କୃତଜ୍ଞତାର ଏକ ପ୍ରତୀକ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଅନାବରଣ ଉତ୍ସବରେ ଖ୍ୱିମ୍‌ଜୀ ହୋଣ୍ଡାର ୫ଜଣ ଗ୍ରାହକଙ୍କୁ ହୋଣ୍ଡା ସାଇନ୍-୧୦୦ସିସି ବାଇକ୍ ସହ ପ୍ରତ୍ୟେକଙ୍କୁ ସୁନାମୁଦ୍ରା (ଗୋଲ୍‌ଡ କଏନ) ପ୍ରଦାନ କରାଯାଇଥିଲା। ବ୍ରାଣ୍ଡ ସମସ୍ତ ଗ୍ରାହକଙ୍କୁ ବାଇକ୍ କ୍ରୟ ଉପରେ ସୁନା ମୁଦ୍ରା ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅଫର ସହିତ ଖ୍ୱିମ୍‌ଜୀ ହୋଣ୍ଡା ଗ୍ରାହକଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ଏବଂ ନିଜର ବିଶ୍ୱସ୍ତ ଗ୍ରାହକଙ୍କୁ ଅତିରିକ୍ତ ମୂଲ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ,ଖ୍ୱିମ୍‌ଜୀ ହୋଣ୍ଡାର ପଟିଆ,ବାଲୁଗାଁ ଏବଂ ନାରୁଣୀ ଶୋ'ରୁମ୍‌ରେ ହୋଣ୍ଡା ସାଇନ୍-୧୦୦ସିସିର ପ୍ରତ୍ୟେକ କ୍ରୟରେ ଏକ ସୁନା ମୁଦ୍ରା ପ୍ରଦାନ କରୁଛି।

# ଟାଟା ଷ୍ଟିଲ୍ ଭାରତର ଶ୍ରେଷ୍ଠ ନିଯୁକ୍ତିଦାତା

ଭୁବନେଶ୍ୱର,୨୭।୬

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ଟାଟା ଷ୍ଟିଲ୍‌କୁ ନିକଟରେ ଭାରତର ଶ୍ରେଷ୍ଠ ନିଯୁକ୍ତିଦାତାର ମାନ୍ୟତା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଣ୍ଡ୍‌ଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ ରିସର୍ଚ୍ଚ (ଆର୍‌ଇବିଆର୍)-୨୦୨୩ ସୂଚନା ଅନୁସାରେ ଟାଟା ଷ୍ଟିଲ୍ ଭାରତର ଶ୍ରେଷ୍ଠ-୩ କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି, ଯାହା କର୍ମଚାରୀମାନଙ୍କ ବିଶ୍ୱାସ, ଅଭିବୃଦ୍ଧି ଓ ଯତ୍ନର ସଂସ୍କୃତି ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏପରିକି ଆର୍‌ଇବିଆର୍ ୨୦୨୨ ସୂଚୀ ଅନୁସାରେ ଟାଟା ଷ୍ଟିଲ୍ ଶ୍ରେଷ୍ଠ-୧୦ ସବୁଠୁ ଆକର୍ଷଣୀୟ ନିଯୁକ୍ତିଦାତା ମଧ୍ୟରେ ସ୍ଥାନ ପାଇଥିଲା। ଚଳିତ ବର୍ଷର ସର୍ବେକ୍ଷଣରେ ବିଶ୍ୱର ୩୨ବଜାରକୁ ସାମିଲ କରାଯାଇଥିଲା ଓ ଏଥିରେ ୧,୬୩,୦୦୦ଲୋକ ଅଂଶଗ୍ରହଣ କରିଥିଲେ। ବିଶେଷକରି ନିଯୁକ୍ତିଦାତା ଚୟନ ବେଳେ ଭାରତୀୟ କର୍ମଚାରୀମାନେ କର୍ମ-ଜୀବନ ସନ୍ତୁଳନ, ଭଲ ଲୋକପ୍ରିୟତା ଓ ଆକର୍ଷଣୀୟ ବେତନ ଓ ସୁବିଧା ସୁଯୋଗକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଥିଲା।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (ମାନବ ସମ୍ବଳ ପରିଚାଳନା) ଅତ୍ରାୟୀ ସାନ୍ୟାଲ କହିଛନ୍ତି, ରାଣ୍ଡ୍‌ଷ୍ଟାଡ୍ ଏମ୍ପ୍ଲୟର ବ୍ରାଣ୍ଡ ରିସର୍ଚ୍ଚ ୨୦୨୩ ସୂଚନା ଅନୁସାରେ ଭାରତର ୩ ସବୁଠୁ ଆକର୍ଷଣୀୟ ନିଯୁକ୍ତିଦାତାଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଆମେ ବେଶ୍ ଉତ୍ସାହିତ । ଏପରିକି ଟାଟା ଷ୍ଟିଲ୍‌ରେ ଆମେ ଏକ ଆକର୍ଷଣୀୟ କର୍ମଚାରୀ ମୂଲ୍ୟ ଉପସ୍ଥାପନା ସୃଷ୍ଟି କରିବା ଏବଂ ଅଭିବୃଦ୍ଧି ଓ ନବସୃଜନ ଆଗକୁ ବଢ଼ାଉଥିବା ଏକ ଅନ୍ତର୍ଭୁକ୍ତୀକରଣ ବିକାଶ କରିବାକୁ ଗୁରୁତ୍ୱ ଦେଉଛୁ। ଏହି ସମ୍ମାନ ଆମକୁ ଆମ ପ୍ରତିଭାବାନ କର୍ମଚାରୀଙ୍କଠାରେ ନିବେଶ କରିବା ଲାଗି ଅନୁପ୍ରାଣିତ କରିଥିବା ବେଳେ ଏକ ଅଗ୍ରଣୀ ବ୍ରାଣ୍ଡ ଭାବେ ଆମ ସ୍ଥିତିକୁ ସୁଦୃଢ଼ କରିଛି, ଯାହା ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବ। କର୍ମଚାରୀମାନଙ୍କୁ ଏକ ଉଲ୍ଲେଖନୀୟ ପେସାଦାର ଯାତ୍ରା ଓ ଉନ୍ନତ ବ୍ୟକ୍ତିଗତ ଜୀବନ ପ୍ରଦାନ କରିବାକୁ ଟାଟା ଷ୍ଟିଲ୍ ପ୍ରତିବଦ୍ଧ ରହିଛି।

## ଫୁରସତ୍

# ମୁମ୍ବାଇରେ ଡେଉଁଥିବା ବୁଢ଼ିଆଣୀ

ମୁମ୍ବାଇ



ଦୁନିଆରେ ମଣିଷଙ୍କ ଅପେକ୍ଷା ପ୍ରାଣୀଙ୍କ ସଂଖ୍ୟା ଅଧିକ। ବର୍ତ୍ତମାନ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିଥିବା ପ୍ରାଣୀଙ୍କୁ ଛାଡ଼ିଦେଲେ ଆହୁରି ଅନେକ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ବିଷୟରେ ଆମେ କେବେ ଜାଣିନୁ। ନିକଟରେ ଅନୁସନ୍ଧାନକାରୀ ଏକ ନୂଆ ପ୍ରଜାତିର ଡେଉଁଥିବା ବୁଢ଼ିଆଣୀକୁ ମୁମ୍ବାଇରେ ଠାବ କରିଥିବା ଜଣାପଡ଼ିଛି। ଏହାର ନାମ 'ହାସାରିୟସ୍ ମୁମ୍ବାଇ' ରଖାଯାଇଛି। ଏହି ପ୍ରଜାତିର ବୁଢ଼ିଆଣୀକୁ ଗୋରେଗାଓଁ ପୂର୍ବ ବମ୍ବେ ପ୍ରାକୃତିକ ଇତିହାସ ସୋସାଇଟିଜ୍ (ବିଏନ୍‌ଏଚ୍‌ଏସ୍) ସଂରକ୍ଷଣ ଶିକ୍ଷା କେନ୍ଦ୍ର(ସିଇସି)ର ନିକଟବର୍ତ୍ତୀ ପଥରଗୁଡ଼ିକରେ ରହୁଥିବା ଦେଖିବାକୁ ମିଳିଥିଲା। ଏହି ୩୩ ଏକର ରିଜର୍ଭ ହେଉଛି, ଭାରତର ଅଳ୍ପ କିଛି ମିଶ୍ରିତ ଆର୍ଦ୍ର ବୃକ୍ଷଲତା ଜଙ୍ଗଲ ପ୍ରକାରର। ଏହାର ସୀମା ସଞ୍ଜୟ ଗାନ୍ଧୀ ନ୍ୟାଶନାଲ ପାର୍କ ଏବଂ ଆରେ ମିଲ୍କ କଲୋନିର ଫିଲ୍ମ ସିଟିର ଅଂଶ ଅଟେ। ହାସାରିୟସ୍ ପ୍ରଜାତି ଟାକ୍ସୋନୋମିର ଏକ ବର୍ଗ, ଯାହା ପ୍ରଜାତିଠାରୁ ଅଧିକରେ ସ୍ଥାନ ପାଇଛି। ଅନ୍ୟ ଜାତିର ବୁଢ଼ିଆଣୀ ଯେଉଁମାନେ ଜାଲ ବିଛାଇ ଶିକାରକୁ ଶିକାର କରୁଥିବାବେଳେ ଏହି ପ୍ରଜାତିର ବୁଢ଼ିଆଣୀ ଫାଶ ପକାଇବା ପରିବର୍ତ୍ତେ ସିଧାସଳଖ ଶିକାରକୁ ଶିକାର କରିଥାଏ। ୧୮୨୬ ମସିହାରେ ପ୍ରଥମେ ଏହି ବଂଶର ଆବିଷ୍କୃତ ହୋଇଥିଲା। ଏହି ବଂଶ ମୁଖ୍ୟତଃ ଉଷ୍ମ ଜଳବାୟୁରେ ରହିଥାନ୍ତି। କେରଳର ଖ୍ରୀଷ୍ଟ କଲେଜ ଅନୁସନ୍ଧାନକାରୀମାନେ ସ୍କୁଲ ଅଫ ପ୍ରାକୃତିକ ବିଜ୍ଞାନ, ମାକ୍ୱାରି ବିଶ୍ୱବିଦ୍ୟାଳୟ, ସିଡ୍‌ନୀ, ଅଷ୍ଟ୍ରେଲିଆ ଏବଂ ବମ୍ବେ ପ୍ରାକୃତିକ ଇତିହାସ ସୋସାଇଟିରେ କରିଥିବା ତାଙ୍କ ଅନୁସନ୍ଧାନର ସମୀକ୍ଷା ଆର୍ଥ୍ରୋପୋଡ଼ା ସିଲେକ୍ଟାରେ ପ୍ରକାଶ ପାଇଛି। ପ୍ରଥମ ଥର ପାଇଁ ମୁମ୍ବାଇରେ ଏହି ପ୍ରଜାତିର ଠାବ କରାଯାଇଛି। ଏହି ଲୁଣିକାଇଡେ ବଂଶର ୬୦୦ରୁ ଅଧିକ ବିଭିନ୍ନ ଜେନେରା ଏବଂ ୬ ହଜାରରୁ ଅଧିକ ପ୍ରଜାତିର ବୁଢ଼ିଆଣୀ ରହିଛନ୍ତି, ଯାହା ମଧ୍ୟରୁ ଅନେକ ଦେଶରେ ଦେଖିବାକୁ ମିଳେ।

# ପ୍ରଶଂସକଙ୍କ ପାଇଁ ଭାବପ୍ରବଣ ହେଲେ ତମନ୍ନା



**ମୁମ୍ବାଇ:** ଗତ କିଛିଦିନ ହେବ ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଅଭିନେତା ବିଜୟ ବର୍ମାଙ୍କ ସହ ସେ ନିଜ ସମ୍ପର୍କକୁ ଅଫିସିଆଲି ଘୋଷଣା କରିଛନ୍ତି। ତମନ୍ନା ଏବଂ ବିଜୟଙ୍କ ପ୍ରଥମ ପ୍ରୋଜେକ୍ଟ 'ଲଷ୍ଟ ଷ୍ଟୋରିଜ ୨'ର ପ୍ରମୋଶନ ପାଇଁ ଦୁହେଁ ଏବେ ବ୍ୟସ୍ତ ଅଛନ୍ତି। ଏହା ମଧ୍ୟରେ ତମନ୍ନାଙ୍କୁ ସୋମବାର ରାତିରେ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ସେଠାରେ ସେ ଜଣେ ପ୍ରଶଂସକଙ୍କ ପାଇଁ ଭାବପ୍ରବଣ ହୋଇପଡ଼ିଥିଲେ। ଏହାର ଏକ ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି, ଅଭିନେତ୍ରୀଙ୍କ ପ୍ରଶଂସକ ଏକ ଫୁଲତୋଡ଼ା ନେଇ ତାଙ୍କ ନିକଟକୁ ଆସୁଛନ୍ତି ଓ ତାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରୁଛନ୍ତି। କେବଳ ସେତିକି ନୁହେଁ, ପ୍ରଶଂସକଙ୍କ ହାତରେ ନିଜର ଟାଟୁ ଦେଖି ଭାବବିହ୍ୱଳ ହୋଇଯାଇଥିଲେ ଅଭିନେତ୍ରୀ। ଟାଟୁରେ ଉକ୍ତ ପ୍ରଶଂସକ ଲେଖିଥିଲେ, 'ଆଇ ଲଭ ୟୁ ତମନ୍ନା'। ଏହାକୁ ଦେଖି ଅଭିନେତ୍ରୀ ଭାବୁକ ହୋଇଯିବା ସହ ପ୍ରଶଂସକଙ୍କୁ କୁଣ୍ଢାଇ ପକାଇଥିଲେଓ ଧନ୍ୟବାଦ ଦେଇଥିଲେ।

# ଜାପାନର ରୋବୋଟିକ୍ ବାହୁ



ଟୋକିଓ

ଯୁଗ ଯେତେ ଆଗକୁ ବଢୁଛି, ତା' ସହ ବୈଜ୍ଞାନିକ ଯନ୍ତ୍ରପାତିର ସଂଖ୍ୟା ବେଳକୁ ବେଳ ବୃଦ୍ଧି ପାଉଛି। ନିକଟରେ ଜାପାନର ଅନୁସନ୍ଧାନକାରୀ ନିକଟରେ ରୋବୋଟିକ୍ ବାହୁ ତିଆରି କରିଛି; ଯେଉଁଥିରେ କି ମଣିଷ ଗୋଟିଏ ସ୍ଥାନରେ ବସି ବିଭିନ୍ନ ପ୍ରକାରର କାର୍ଯ୍ୟ କରିପାରିବ। ଜାପାନ ଟୋକିଓ ସହରରେ ଥିବା ଟୋକିଓ ୟୁନିଭର୍ସିଟିର ମାସାହିକୋ ଇନାମୀ ଏବଂ ତାଙ୍କ ଟିମ୍ ଏହି ରୋବୋଟିକ୍ ବାହୁର ପ୍ରସ୍ତୁତି କରିଛନ୍ତି। ଏହି ବାହୁକୁ ଦେହରେ ଜ୍ୟାକେଟ୍ ଭଳି ପିନ୍ଧାଯାଇ ପାରିବ। ଏଥିରେ ୪ଟି ବାହୁ ରହିଛି ; ଯାହା ଦ୍ୱାରା ମଣିଷ ଅଧିକ କାର୍ଯ୍ୟ କରିପାରିବ। ଇନାମୀଙ୍କ ଟିମ୍ ଏହି ବାହୁକୁ 'ଜିଜାଇ' ଟେକ୍ନୋଲୋଜି ଅନୁସାରେ ପ୍ରସ୍ତୁତ କରିଛି। ଏହାର ଉଦ୍ଦେଶ୍ୟ ହେଉଛି, ସଙ୍ଗୀତକାର ଏବଂ ବାଦ୍ୟଯନ୍ତ୍ରର ସମ୍ପର୍କ ଭଳି ସମ୍ପର୍କକୁ ବଢ଼ାଇବା ପରି କାର୍ଯ୍ୟ କରିବ। ଯେପରି କି ଯନ୍ତ୍ରପାତି ଶରୀରର ଏକ ଅଂଶ। ଏହା ସମ୍ପୂର୍ଣ୍ଣ ଭାବେ ମଣିଷର ପ୍ରତିଦ୍ୱନ୍ଦ୍ୱୀ ନୁହେଁ। ଏହା ମାଧ୍ୟମରେ ଲୋକେ ସାଇକେଲ କିମ୍ବା ବାଇକ୍ ଚଳାଇବାବେଳେ ନିଜ ଇଚ୍ଛା ଅନୁସାରେ ବିନା ହାତରେ ଚଳାଇପାରିବେ। 'ଜିଜାଇ ବାହୁ'କୁ କିପରି ପିନ୍ଧିବ, ସେ ନେଇ ଇନାମୀ ଏକ ଭିଡିଓ ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ୨ ଜଣ ନୃତ୍ୟଶିଳ୍ପୀ ଏହି ରୋବୋଟିକ୍ ବାହୁକୁ ପିନ୍ଧିଥିବା ଦେଖିବାକୁ ମିଳୁଛନ୍ତି। ଏହି ବାହୁକୁ ବ୍ୟବହାର କରି ମଣିଷ ଅନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରିପାରିବ।

# ସବୁଠୁ ଅସୁନ୍ଦର କୁକୁର 'ସ୍କୁଟର'



**ୱାଶିଂଟନ୍:** ବିଭିନ୍ନ ସମୟରେ ଅନେକ ପ୍ରତିଯୋଗିତା ହେଉଛି। ଯେଉଁଥିରେ ଲୋକଙ୍କୁ ଶ୍ରେଷ୍ଠ ସୁନ୍ଦରୀ ଭାବେ ପୁରସ୍କୃତ କରାଯାଉଛି। ନିକଟରେ ୭ ବର୍ଷୀୟ ଚାଇନା ପ୍ରଜାତିର ଏକ କୁକୁର 'ସ୍କୁଟର'କୁ ସବୁଠୁ ଅସୁନ୍ଦର କୁକୁର ଭାବେ ପୁରସ୍କୃତ କରାଯାଇଛି। ଏଥିରେ 'ସ୍କୁଟର'କୁ ୧୫୦୦ ଡଲାର ଅର୍ଥାତ୍ ୧୨୨ ଲକ୍ଷ ଟଙ୍କା ଏବଂ ଟ୍ରଫି ଦିଆଯାଇଛି। ଏହି ପ୍ରତିଯୋଗିତା ଆମେରିକା କାଲିଫର୍ନିଆର ସୋନୋମା- ମାରିନ୍ ମେଳାରେ ଅନୁଷ୍ଠିତ ହୋଇଥିଲା। ଏହା ଏକ ଏପରି ପ୍ରତିଯୋଗିତା, ଯେଉଁଥିରେ କୁକୁରଙ୍କୁ ପାଳିବାକୁ ପ୍ରୋତ୍ସାହିତ କରାଯାଇଥାଏ। ଏଥିରେ ବିଭିନ୍ନ ପ୍ରଜାତିର କୁକୁରଙ୍କୁ ରଖାଯାଇଥାଏ। ଯେଉଁ କୁକୁର ପାଖରେ କିଛି ସମସ୍ୟା ରହିଥାଏ (ଅର୍ଥାତ୍ ତା' ଦେହରେ ତ୍ରୁଟି ନ ଥିବା, ହାତ ବଙ୍କା ଥିବା ଆଦି ବିଭିନ୍ନ ପ୍ରକାରର ସମସ୍ୟା), ସେମାନଙ୍କୁ ନେଇ ଏହି ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥାଏ। ଯେଉଁଥିପାଇଁ ଲୋକେ ସେମାନଙ୍କୁ ନେବାକୁ ମନା କରି ନ ଥାନ୍ତି। ଏହି ପ୍ରତିଯୋଗିତା ୫୦ ବର୍ଷ ଧରି ହୋଇଆସୁଛି। ଚଳିତବର୍ଷ ଏହି ପୁରସ୍କାର 'ସ୍କୁଟର' ନାମକ କୁକୁରକୁ ମିଳିଛି। ସ୍କୁଟର ତା' ପାଦରେ ଠିକ୍‌ରେ ଚାଲିପାରୁ ନ ଥିବାବେଳେ ତା' ଦେହରେ ତ୍ରୁଟି ନାହିଁ। କୁକୁରକୁ ଉଦ୍ଧାର କରାଯିବା ପରେ ରେସ୍କ୍ୟୁ ଟିମ୍ ୭ ବର୍ଷ ହେବା ତାଙ୍କ ପାଖରେ ରଖିଥିଲା। ଲିଣ୍ଡା ଏଲ୍‌ମ୍‌କ୍ୱିଷ୍ଟ ନାମକ ଜଣେ ମହିଳା ମଝିରେ ମଝିରେ ସ୍କୁଟରକୁ ଦେଖିବାକୁ ଆସିଥାନ୍ତି। କୁକୁରର କିଛି ହେଲେ ତାକୁ ଡାକ୍ତରଙ୍କ ପାଖକୁ ମଧ୍ୟ ନେଇଯା'ନ୍ତି। ଯେତେବେଳେ ରେସ୍କ୍ୟୁ ଟିମ୍ କୁକୁରର ଦେଖାଶୁଣା କରିବା ଖର୍ଚ୍ଚ ଆଉ ଉଠାଇ ପାରିଲେନି, ସେତେବେଳେ ଲିଣ୍ଡା ସ୍କୁଟରକୁ ପାଳିବାକୁ ନିଜ ସହ ନେଇଗଲେ। ସ୍କୁଟର କେବଳ ତା' ଆଗ ଗୋଡ଼ ସାହାଯ୍ୟରେ ଚାଲିପାରୁଛି। ସେଥିପାଇଁ ଲିଣ୍ଡା ଡାକ୍ତରଙ୍କ ସହ ପରାମର୍ଶ କରି ତା' ପାଇଁ ଏକ ଗାଡ଼ିର ବ୍ୟବସ୍ଥା କରିବାକୁ କଥା ହୋଇଥିବା କହିଛନ୍ତି। ଗତବର୍ଷ ଅସୁନ୍ଦର କୁକୁର ପୁରସ୍କାର 'ମିଷ୍ଟର ହେପ୍ପି କେସ' ନାମକ କୁକୁରକୁ ମିଳିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏମ୍‌ପି ବିଦେଶ ଗସ୍ତରେ ଥିବାବେଳେ ବିଜେଡି ଗୁଜବ ସୃଷ୍ଟି କରିବା ହାସ୍ୟାସ୍ପଦ: ଭାଜପା

**ଭୁବନେଶ୍ୱର,୨୭।୬(ଅନିଲଦାସ)**

ଭୁବନେଶ୍ୱର ଏମ୍‌ପି ଗତ ୧୭ ତାରିଖ କରିଥିବା ଖବରଦାତା ସମ୍ମିଳନୀର ୧୦ଦିନ ପରେ ବିଜେଡି ମୁଖପାତ୍ର ମଙ୍ଗଳବାର ଯେଉଁ ତଥ୍ୟ ରଖିଛନ୍ତି ତାହା ତଥ୍ୟ ଆଧାରିତ ନୁହେଁ। ବିର୍ତ୍ତମାନ ଏମ୍‌ପି ଅପରାଜିତା ଷଡଙ୍ଗୀ ଅନ୍ତର୍ଜାତୀୟ ସଂସଦୀୟ ସଂଘ (ଆଇପିୟୁ)ରେ ଯୋଗ ଦେବା ପାଇଁ ୭ଦିନିଆ ବିଦେଶ ଗସ୍ତରେ ଥିବାବେଳେ ଶାସକ ଦଳର ମୁଖପାତ୍ର ଗୁଜବ ସୃଷ୍ଟି କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ନିନ୍ଦନୀୟ ବୋଲି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି।

ମଙ୍ଗଳବାର ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦତା ସମ୍ମିଳନୀରେ ସେ କହିଛନ୍ତି, ଭୁବନେଶ୍ୱର ଜନସାଧାରଣ ଅପରାଜିତାଙ୍କୁ ଭଲ ଭାବରେ ଜାଣିଛନ୍ତି ଓ ବୁଝିଛନ୍ତି। କିଛି ତଥ୍ୟ ନ ଜାଣି ବିଜେଡିର ମୁଖପାତ୍ରମାନେ ଏମ୍‌ପିଙ୍କ ଉପରେ ମନ୍ତବ୍ୟ ରଖିବା ଅତ୍ୟନ୍ତ ହାସ୍ୟାସ୍ପଦ। ଭୁବନେଶ୍ୱରରେ କେବଳ ଇସ୍କନ ମନ୍ଦିରଠାରେ ନୁହେଁ ବଂର ସହରର ସବୁଆଡେ ଜଳ ସମସ୍ୟା ହୁଏ। ଏନେଇ ଷଡ଼ଙ୍ଗୀ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି (ସହରାଞ୍ଚଳ)ରେ ଉପସ୍ଥାପନା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଭୁବନେଶ୍ୱରରେ ୧୪ଟି ଡ୍ରେନ ଗଙ୍ଗୁଆ ନଦୀ ସହ ସଂଯୋଗର ମାଷ୍ଟରପ୍ଲାନ ହେବା ଆବଶ୍ୟକ। ରାଜ୍ୟ ସରକାର ଏଥିପାଇଁ କେବେ ପ୍ଲାନ ଦେବେ ଏବଂ କେତେ ଅର୍ଥ ବ୍ୟବସ୍ଥା କରିଛନ୍ତି ତାହାର ଯବାବ ଦେବା ଦରକାର। ଖୋର୍ଦ୍ଧାରୁ ଭୁବନେଶ୍ୱର ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଛି। ଜନସାଧାରଣଙ୍କ ଆବଶ୍ୟକତା ଏବଂ ଆଗ୍ରହ ନେଇ ବିଭିନ୍ନ ଅତିରିକ୍ତ କାମ ହେଉଛି। ରାଜଧାନୀରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ରାମେଶ୍ୱରଠାରୁ ଟାଙ୍ଗି ପର୍ଯ୍ୟନ୍ତ ୧୦୧କି.ମି. କ୍ୟାପିଟାଲ ରିଜନ୍ ରିଙ୍ଗ୍ ରୋଡ (ସିଆର୍‌ଆର୍‌ଆର୍) ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଓଡ଼ିଶାରେ ନେଟୱାର୍କ ସମସ୍ୟା ପାଇଁ ରାଜ୍ୟ ସରକାର କେବେ କେନ୍ଦ୍ର ସରକାରଙ୍କୁ ଜଣାଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବ୍ୟାଙ୍କିଂ ସେକ୍ଟରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଶେଷ ସମସ୍ୟା ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଅପରାଜିତା କହିଥିବା ତଥ୍ୟ ସତ୍ୟ । ଶ୍ରୀମନ୍ଦିର ସୁରକ୍ଷା ଆମ ପାଇଁ ପ୍ରାଥମିକତା ଥିଲା। ଏମ୍‌ପିଙ୍କ ପ୍ରୟାସ ପରେ ହିଁ ରାଜ୍ୟ ସରକାର ଏଏମଏସଏଆର ଆକ୍ଟ-୧୯୫୮ ଅନୁଯାୟୀ ନିର୍ମାଣ କାର୍ଯ୍ୟ ୧୦୦ମିଟର ବାହାରକୁ ନେଇଛନ୍ତି ଏବଂ ଏନ୍‌ଏମ୍‌ଏ ନୂତନ ଭାବେ ପ୍ରସ୍ତୁତ ହୋଇଥିବା ପ୍ଲାନ ଅନୁମୋଦନ ପରେ ନିର୍ମାଣ କରାଯାଉଛି। ଏମ୍‌ପିଙ୍କ ପ୍ରୟାସରେ ହିଁ ସମସ୍ୟା ଦୂରୀକରଣ ହୋଇ ମନ୍ଦିର ସୁରକ୍ଷାକୁ ପ୍ରାଥମିକତା ନେଇ ନିର୍ମାଣ ପ୍ରକ୍ରିୟା ହେଉଛି। ମିଥ୍ୟା ଆରୋପ ଅଭିଯୋଗ କରି ଲୋକଙ୍କୁ ଭୂଆଁ ବୁଲାଇବା ଗଣତନ୍ତ୍ରରେ ସମିଚିନ ନୁହେଁ। ଏଥିରୁ ନିବୃତ ରହିବାକୁ ବାବୁ ସିଂ କହିଛନ୍ତି।

# ଟାଟା ପାୱାର ଅଫିସ୍ ଉପରକୁ କଂଗ୍ରେସର ଅଣ୍ଡା, ଟମାଟୋ ମାଡ଼


ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଦେୟ ବିରୋଧରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ପାୱାର ହାଉସ୍ ଛକ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭକାରୀ ଓ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି।

**ଭୁବନେଶ୍ୱର, ୨୭।୬(ସୁନିତ୍ ମିଶ୍ର)**

ଟାଟା ପାୱାରର ମନମୁଖି କାର୍ଯ୍ୟକଳାପ ନେଇ ଏବେ ସାଧାରଣରେ ଦିନକୁ ଦିନ ଲୋକଙ୍କ ଭିତରେ ଉତ୍ତେଜନା ପ୍ରକାଶ ପାଉଛି। ବିଜୁଳି ସେବା ଯୋଗାଣରେ ଏହି କମ୍ପାନୀ ଏବେ ଭିନ୍ନଭିନ୍ନ ତରିକାରେ ଓଡ଼ିଶାବାସୀଙ୍କୁ ଠକୁଥିବା ନେଇ ବାରମ୍ବାର ନୂଆ ଅଭିଯୋଗ ସାମ୍ନାକୁ ଆସିବାରେ ଲାଗିଛି। ଫଳରେ ବିରୋଧୀ ଏବେ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି।

ଅଘୋଷିତ ବିଜୁଳିକାଟ୍ ଏବଂ ଲୋକଙ୍କଠାରୁ ଅଧିକ ଟଙ୍କା ଆଦାୟ ଅଭିଯୋଗ ନେଇ ରାଜ୍ୟର ବିଭିନ୍ନ ଜିଲାରେ କଂଗ୍ରେସ ମଙ୍ଗଳବାର ଟାଟା ପାୱାର ଅଫିସ୍ ଘେରାଉ କରିଛି। ଶହ ଶହ କଂଗ୍ରେସ କର୍ମୀ ଜିଲାସ୍ତରରେ ଟାଟା ପାୱାର କାର୍ଯ୍ୟାଳୟକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିବା ଦେଖିବାକୁ ମିଳିଛି। ନୟାଗଡ଼, କେନ୍ଦ୍ରାପଡ଼ା, କୋରାପୁଟ ଆଦି ଜିଲାରେ ଆନ୍ଦୋଳନକୁ ତୀବ୍ର କରାଯାଇଛି।

ସମାନ ଭାବେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ବହୁ ନେତୃବୃନ୍ଦ ତଥା ଦଳୀୟ କର୍ମୀ ପାୱାରହାଉସ ଛକସ୍ଥିତ ଟାଟା ପାୱାର ଅଫିସକୁ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗତ ୩ ବର୍ଷ ଧରି ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପରିବର୍ତ୍ତେ ପ୍ରତିଦିନ ଘନଘନ ବିଦ୍ୟୁତ୍‌କାଟ ହେଉଛି। ବିଦ୍ୟୁତ ବିଲ୍‌ରେ ଜାଣିଶୁଣି ଠକେଇ କରିବା, ସର୍ବନିମ୍ନ ମାସିକ ଦେୟ ଆଦାୟ, ପ୍ରକୃତ ବ୍ୟବହାର ହୋଇଥିବା ବିଦ୍ୟୁତ ୟୁନିଟ୍‌ଠାରୁ ଅଧିକ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ନେଇ ଟାଟା ପାୱାର କାର୍ଯ୍ୟାଳୟକୁ ଜିଲା କଂଗ୍ରେସର ନେତୃବୃନ୍ଦମାନେ ଘେରାଉ କରିଥିଲେ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ନିର୍ଦ୍ଦେଶ ପରେ ମଧ୍ୟ ଟାଟା ପାୱାର ଯେଉଁ ୨,୭୨୭ କୋଟି ଟଙ୍କା ଅଧିକ ବିଦ୍ୟୁତ୍ ଆଦାୟ କରିଛି, ତାହାକୁ ଏ ପର୍ଯ୍ୟନ୍ତ ଉପଭୋକ୍ତାଙ୍କୁ କାହିଁକି ଫେରାଉ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ସେହିପରି ଜାଣିଶୁଣି ପ୍ରତି ମାସରେ ଟାଟା ପାୱାର ଓଡ଼ିଶାରୁ ୩୫ରୁ ୪୦ କୋଟି ଟଙ୍କା ଲୁଟ୍ କରୁଥିଲା ବେଳେ ଓଡ଼ିଶା ସରକାର କମ୍ପାନୀକୁ ଏଥିରେ ସହଯୋଗ କରୁଛନ୍ତି ବୋଲି କଂଗ୍ରେସ କହିଛି। ଜିଲା କଂଗ୍ରେସ ନେତୃବୃନ୍ଦମାନେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ବିଭିନ୍ନ ସ୍ଲୋଗାନ ଦେଇଥିବା ଓ ସ୍ଥଳବିଶେଷରେ ପୋଲିସ ସହିତ ଧସ୍ତାଧସ୍ତି ସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ଜିଲା କଂଗ୍ରେସ ତରଫରୁ ଟାଟା ପାୱାର ସିଇଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ଓ ସେହି କାର୍ଯ୍ୟାଳୟର ଅଧିକାରୀବୃନ୍ଦଙ୍କ ସହିତ ଏହି ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟବ୍ୟାପୀ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ପିସିସି ସଭାପତି ଶରତ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଓଡ଼ିଶାରେ ଦୁର୍ନୀତି ନୀତି ହୋଇଛି: ଧର୍ମେନ୍ଦ୍ର

## ଗଁଦିଆରେ ଗରିବ କଲ୍ୟାଣ ସମାବେଶ

**ଢେଙ୍କାନାଳ, ୨୭।୬ (ରତନ ନାୟାର)**


ଗଁଦିଆରେ ଅନୁଷ୍ଠିତ 'ଗରିବ କଲ୍ୟାଣ ସମାବେଶ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ରାଜ୍ୟ ଆଜି ଓଡ଼ିଆଙ୍କ ଅସ୍ମିତା ଓ ଭାବାବେଗକୁ ବୁଝୁ ନ ଥିବା ଦୁର୍ନୀତିଖୋରଙ୍କ ହାବୁଡ଼ରେ ପଡ଼ିଛି। ଏଠି ବାବୁମାନେ ପ୍ରତିନିଧି। ବାବୁଙ୍କ ଚୌକି ପକାଇବା ପାଇଁ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଠାରେ ଦୁର୍ନୀତି ନୀତି ହୋଇଛି ବୋଲି ମଙ୍ଗଳବାର ଢେଙ୍କାନାଳ ଜିଲା ଗଁଦିଆରେ ଅନୁଷ୍ଠିତ 'ଗରିବ କଲ୍ୟାଣ ସମାବେଶ'ରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଏଭଳି କଡ଼ା ଭାଷାରେ ଟାର୍ଗେଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଲେ, ସବ୍‌କା ସାଥ, ସବ୍‌କା ବିକାଶ, ସବକା ବିଶ୍ୱାସ, ସବ୍‌କା ପ୍ରୟାସ କେନ୍ଦ୍ର ସରକାରଙ୍କ ଶାସନର ମୂଳମନ୍ତ୍ର ହୋଇଛି। ଗରିବ କଲ୍ୟାଣ ଯୋଜନାରେ ଢେଙ୍କାନାଳ ଜିଲାର ୨ ଲକ୍ଷ ୭୦ ହଜାର ୮୭୬ ପରିବାରକୁ ୮ ହଜାର ୮୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ପରିବାର ପିଛା ପ୍ରାୟ ୩ ଲକ୍ଷ ୨୫ ହଜାର ୪୬୭ ଟଙ୍କା ମିଳିଛି। ମୋଦି ସରକାରରେ ଓଡ଼ିଶାରେ ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ହେଲେ କେନ୍ଦ୍ରୀୟ ଅନୁଦାନକୁ ବିଭିନ୍ନ ବାଟରେ ହଡ଼ପ କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କୁ ଏହାର ସୁଫଳରୁ ବଞ୍ଚିତ କରାଯାଉଛି। ଓଡ଼ିଶାରେ ଶାସନ ନୁହେଁ ଭ୍ରଷ୍ଟାଚାର ଚାଲିଛି। କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ହାତଗୁଞ୍ଜା ଦାବି କରାଯାଉଛି। ଯିଏ ଦେଇପାରୁନାହିଁ, ତାହାର ନାମ ୱେଟିଂଲିଷ୍ଟରେ ରହୁଛି। କୋଇଲାରେ ଭରପୂର ଓଡ଼ିଶା ଦୀପତଳ ଭଳି ଅନ୍ଧାର। ନିକଟରେ ଦୁର୍ନୀତିରେ ଲିପ୍ତ ଜଣେ ସହକାରୀ ଉପଜିଲାପାଳଙ୍କ ଘରୁ ଟଙ୍କାର ପାହାଡ଼ ଠାବ ହୋଇଥିଲା। ଏଭଳି ଦୁର୍ନୀତିଗ୍ରସ୍ତ ଅଧିକାରୀ ତୃତୀୟ ମହଲା ଅଧିକାରୀଙ୍କ ଅଧିକ ପ୍ରିୟ। ଏ ବିଷୟରେ ପଚାରିଲେ ଶାସକ କଳର ଭଡ଼ାଟିଆ ଗୁଣ୍ଡା ଚଉଦ ପୁରୁଷ ବଖାଣୁଛନ୍ତି। ଧର୍ମେନ୍ଦ୍ର ଆହୁରି ମଧ୍ୟ କହିଲେ, ସେ ଯୁଆଡ଼େ ଯାଉଛନ୍ତି ରାଜ୍ୟ ସରକାର ଉକ୍ତ ସ୍ଥାନକୁ ତୁରନ୍ତ ଅନୁଦାନ ଦେଉଛନ୍ତି। ଯଦି ଏଭଳି ହେଉଛି, ତେବେ ସେ ସପ୍ତଶଯ୍ୟା, କୁଆଲୋ ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତଶୟନ, ଶହୀଦ ପୀଠ ନୀଳକଣ୍ଠପୁର ଯିବେ। ସେଠାକୁ ମଧ୍ୟ ରାଜ୍ୟ ସରକାର ଅନୁଦାନ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ପ୍ରେମାନନ୍ଦ ଜେନା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

**Classified Everyday**
**0674-2580101, 2549949**


MATRIMONIAL

**BRIDE WANTED**

Handsome Kumhara boy 1981/Professor IIT, Settled Bhubaneswar. Caste no bar. 7008967858. D-71056

**GROOM WANTED**

Beautiful Karan Girl 1988, 5'3" M.A, BE.d Serving Govt. High School Teacher "SUNASANSAR". 9937512659, 8249969649. D-74878


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200 sqft. 3,60,000/-, ଛତାବର 1200 sqft. 3,00,000/-, ନଖରା 300/-. 7978663279. D-74875

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

Demarcated ଘରବାରି ପ୍ଲଟ୍ KEC, ଗୁଡ଼ିଆପୋଖରୀ sqft.- 1000/-ରେ immediate registration, ଅଗ୍ରିମ boundarywall, electricity, 30ft. road ମିଳୁଛି। 7008045582, 9692003948. D-0661

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

Dhenkanalରେ ଜାଗା ବିକିବା କିଣିବା ପାଇଁ ଯୋଗାଯୋଗ କରନ୍ତୁ : 8144302373. D-74074

କଟକ ୪୨ ମୌଜା, ଝାରକଟାଠାରେ ରାସ୍ତାକୁ ଲାଗି ୧୨ ଗୁଣ୍ଠ ସ୍ଥିତିବାନ ଜମି ବିକ୍ରି ହେବ । ଜମିଟି ବିବାହ ମଣ୍ଡପ, ବିଦ୍ୟାଳୟ, କଲେଜ, ନର୍ସିଂହୋମ୍, ସିମ୍ପ୍ଲେକ୍ସ / ଡୁପ୍ଲେକ୍ସ ନିମନ୍ତେ ଉପଯୁକ୍ତ। ମୋବାଇଲ-8917230636 । ମଧ୍ୟସ୍ଥିଙ୍କୁ ସ୍ୱାଗତମ୍ । D-0676


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627


FOR RENT

On Janpath 1450 and 2300 sqft. furnished office space available on 3rd floor with lift. 8598923231. D-71057


Healthcare

Newly open health benefits SPA special offer @ 799 Jaydev Vihar. 8018429809. D-75121

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

Newly open Salon/ SPA with expert therapist (health benefits). 8114322659. D-75123

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

Spa Kerala body massage only best Therapist @699/-Bhubaneswar. 9337672475. D-0678

**AFFIDAVIT**

ଏତଦ୍ୱାରା ପ୍ରକାଶ କରୁଅଛୁ କି ଆମ୍ଭେ ଅଳକା ମଳୀକ, ମାତା ସରସ୍ୱତୀ ମଳୀକ, ପିତା ଗୁଣମଣି ମଳୀକ ବରିପଦା ଆରୁହାବାଡ଼ ବାଲେଶ୍ୱର ଆମ୍ଭର ଜନ୍ମ ଓ ବିଦ୍ୟାଳୟ ପ୍ରମାଣପତ୍ର ଅନୁଯାୟୀ ଜନ୍ମ ତାରିଖ ୦୧।୧୦।୨୦୦୪ ଅଟେ। ମାତ୍ର ତିନିଥର ଚେଷ୍ଟାକରି ମଧ୍ୟ ଆଧାର କାର୍ଡରେ ଉକ୍ତ ତାରିଖ ସଂଶୋଧନ କରିବା ସମ୍ଭବ ହୋଇନାହିଁ। ଏଣୁ ସଂଶୋଧନ ପାଇଁ ସୁଯୋଗ ଦେବାକୁ ଅନୁରୋଧ। ଅଳକା ମଳୀକ
ଧ-୦୬୭୨

By an affidavit Sl. No. 8, sworn before the Executive Magistrate, Puri on 15 February 2022. I, Dhirendra Bhola, At/P.O. Chhaitana, P.S.-Sadar, Dist. Puri have changed my surname from Dhirendra Kumar Bhoi to Dhirendra Bhola. Henceforth, I shall be known as Dhirendra Bhola for all future purposes. D-0673

I, Kuladeep Sahoo, S/o Debendra Kumar Sahoo, resident of Tarini Kothi, Water Works Road, Dist.-Puri, P.S. - Sea Beach, Pin- 725002, Odisha declare by this Affidavit No.- 12AA 172253, Dtd.-12.06.2023 that now onwards I shall be known as Kuldeep Sahoo for all future purposes. D-69087

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ନିର୍ବାଚନମଣ୍ଡଳୀ ସମସ୍ୟା ସମାଧାନରେ ଅପରାଜିତା ବିଫଳ'

**ଭୁବନେଶ୍ୱର,୨୭।୬(ଅନିଲ ଦାସ)**


ଶ୍ରୀମୟୀ ମିଶ୍ର

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ବିଜେଡି ପୁଣି ଟାର୍ଗେଟ କରିଛି। ଗତ ୪ ବର୍ଷ ମଧ୍ୟରେ ଏମ୍‌ପି ଅପରାଜିତା ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ଲୋକଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଛନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶ୍ରୀମୟୀ କହିଛନ୍ତି, ଭୁବନେଶ୍ୱର ଏମ୍‌ପିଙ୍କ ଅପାରଗତା ପଦାରେ ପଡ଼ିଛି। ଯେତେବେଳେ ବର୍ଷା ଆସେ, ଭୁବନେଶ୍ୱରର ଇସ୍କନ୍ ମନ୍ଦିର ନିକଟରେ ଥିବା ଜାତୀୟ ରାଜପଥରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୁଏ। ଏହା ଯାତାୟାତ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଗତ ୪ ବର୍ଷ ଧରି ଏହି ଅଞ୍ଚଳର ଏମ୍‌ପି ହୋଇଥିଲେ ମଧ୍ୟ ସମସ୍ୟା ଦୂର କରିବା ପାଇଁ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଭୁବନେଶ୍ୱରରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଜାତୀୟ ରାଜପଥ କାମ ଗତ ୪ବର୍ଷ ଧରି ଚାଲିଥିବାବେଳେ ଏହା ଶେଷ ହେବାର ନାଁ ନାହିଁ। ଏମ୍ସକୁ ସଂଯୋଗ କରୁଥିବା ରାସ୍ତା, ପାତ୍ରପଡ଼ା, ଯାଆଁଳା ଏବଂ ଭୁବନେଶ୍ୱର-ଖୋର୍ଦ୍ଧା ଜାତୀୟ ରାଜପଥର ଅନେକ ସ୍ଥାନରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଅବ୍ୟବସ୍ଥା ମଧ୍ୟରେ ରହିଛି। ଜାତୀୟ ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲିବା ହେତୁ ଏହି ୨ ସହର ମଧ୍ୟରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହୁଛନ୍ତି। ଏନ୍‌ଏଚ୍‌ଏଆଇ ଦ୍ୱାରା କରାଯିବାକୁ ଥିବା ଭୁବନେଶ୍ୱରର କ୍ୟାପିଟାଲ ରିଜିୟନ ଆଉଟର୍ ରିଙ୍ଗ୍‌ରୋଡ୍ କେବଳ ଫାଇଲ୍‌ରେ ସୀମିତ ଅଛି। ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ବେଗୁନିଆ, ବୋଲଗଡ଼, ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକ ସହିତ ବରିମୁଣ୍ଡା, କଳାରାହାଙ୍ଗ, ବାସୁଆଘାଇ, ଇଟିପୁର, ଟିକରପଡା, ଧଉଳି, ଶିଶୁପାଳ, ଗଡ଼ହଳଦିଆ, କେରଙ୍ଗ, ମାଳିପୁର, ଟାଙ୍ଗିଆପଡ଼ା, ପୁରୁସାହି, ନାଳିପଡା-ଅର୍ଜୁନପୁର ଭଳି ବହୁ ସ୍ଥାନରେ ଟେଲିକମ୍ ସଂଯୋଗ ଦୁର୍ବଳ ରହିଛି। ଗତ ୪ ବର୍ଷରେ ଏହାର ଉନ୍ନତି ପାଇଁ ଏମ୍‌ପି କିଛି କରିନାହାନ୍ତି। ବ୍ୟାଙ୍କିଙ୍ଗ୍ ସେବା ମଧ୍ୟ ଖୋର୍ଦ୍ଧା ଜିଲାର ବିଭିନ୍ନ ପଞ୍ଚାୟତ ଯଥା ଚନ୍ଦକା, ଦାରୁଠେଙ୍ଗ, ଅନ୍ଧାରୁଆ, ପାଇକରାପୁର, ମେଣ୍ଢାଶାଳ,ତମାଣ୍ଡୋ, ନାନପୁଟ, ପାଲତୋଟାପଡ଼ା, ବାଜପୁର, ନିଜିଗଡ଼, ତାପଙ୍ଗ, କାନପୁର, ଧଉଳିମୁହଁ, ବ୍ରଜମୋହନପୁର, ନାରଣଗଡ଼, ଗୋଡ଼ିପଡ଼ା, ଜଙ୍କିଆ, ଗୋଳବାଇଶାସନ, ଓରାବରସିଂହ, କୁରାଢ଼ମଲ, ବଙ୍ଗିଦା ଏବଂ କାଇପଦର ପଞ୍ଚାୟତ ଏବଂ ଟାଙ୍ଗି ବ୍ଲକରେ ମଧ୍ୟ ଅତ୍ୟନ୍ତ ଦୁର୍ବଳ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଐତିହ୍ୟ କରିଡର କାମ ବନ୍ଦ ହେବା ପାଇଁ ଅପରାଜିତା କିଛି ଲୋକଙ୍କ ସହ ଷଡ଼ଯନ୍ତ୍ର ରଚି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରି ପ୍ରକଳ୍ପ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଏପରିକି ସେ ବିଭିନ୍ନ ସ୍ତରର ଲୋକଙ୍କ ସହ ଷଡ଼ଯନ୍ତ୍ର କରି ଏକାମ୍ରକ୍ଷେତ୍ର ଐତିହ୍ୟ ବିକାଶ ପ୍ରକଳ୍ପ କାର୍ଯ୍ୟକୁ ରୋକିବା ପାଇଁ ନିଜ ସ୍ତରରେ ଯଥାସମ୍ଭବ ଚେଷ୍ଟା କରୁଛନ୍ତି। ସେ ମଧ୍ୟ ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶକୁ ମଞ୍ଜୁର ନ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଆମେ ଆଶା କରୁଛୁ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀର ଲୋକମାନେ ଏମ୍‌ପିଙ୍କ ଅସଲ ଚେହେରା ଦେଖନ୍ତୁ। ଗତ ଚାରିବର୍ଷ ମଧ୍ୟରେ ସେ ଲୋକଙ୍କ ପାଇଁ କାମ କରିବା ବଦଳରେ ଆତ୍ମପ୍ରଚାରରେ ସମୟ କାଟିଛନ୍ତି ବୋଲି ଶ୍ରୀମୟୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ମଧୁସ୍ମିତା ନାୟକ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



୯୮ତମ ଜୟନ୍ତୀ
ତା: ୨୮.୦୬.୨୦୨୩
(ବୁଧବାର)

ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞାରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୦୬୭୯

**ଶ୍ରାଦ୍ଧ ଉପଲକ୍ଷେ**



**✓ହେମଲତା ରଥ**
ବୀରରାମଚନ୍ଦ୍ରପୁର, ପୁରୀ
ଚାହୁଁ ଚାହୁଁ ସାତବର୍ଷ ହୋଇଗଲା । ବୋଉ, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ । ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୦୬୬୪

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ପ୍ରମୋଦା କାନୁନଗୋ**
ଶିବାଜୀ ନଗର, ତୁଳସୀପୁର, କଟକ
ଆବିର୍ଭାବ-୦୬-୦୮-୧୯୩୨
ତିରୋଧାନ-୧୯-୦୬-୨୦୨୩
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପ୍ରତି ଚିର ସ୍ମରଣୀୟ ହୋଇ ରହିବ । ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।
ଶୋକ ସନ୍ତପ୍ତ : ତୋର ଭଉଣୀ, ଭାଇ, ପୁଅ, ବୋହୂ, ଝିଅ, ଜୋଇଁ, ନାତୁଣୀ, ନାତି, ଝିଆରୀ, ପୁତୁରା ଓ ପରିବାର ବର୍ଗ ।
ଧ-୦୬୭୧

## ସଂକ୍ଷେପରେ

### ଓଟିଇଟି ପାଇଁ ଭିନ୍ନ କେନ୍ଦ୍ର ଘଟଣା: ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେବେ ପରୀକ୍ଷାର୍ଥୀ

କଟକ,୨୭।୬(ସୁପ୍ରିୟା ପ୍ରିୟଦର୍ଶିନୀ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ଭିନ୍ନ ଭିନ୍ନ କେନ୍ଦ୍ରକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ କରାଯାଇଛି। ଏହି

**ବୋର୍ଡ ପକ୍ଷରୁ ସଂଶୋଧିତ ଆଡ୍‌ମିଟ୍ କାର୍ଡ ଜାରି**

ପରୀକ୍ଷା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିବା ପରୀକ୍ଷାର୍ଥୀମାନେ ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେବେ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଜୁଲାଇ ୧ରେ ଓଟିଇଟି ଅନୁଷ୍ଠିତ ହେବ। ଉକ୍ତ ଦିନ ପରୀକ୍ଷାର୍ଥୀମାନେ ଦୁଇଟି ପେପର ପରୀକ୍ଷା ଦେଇପାରିବେ। କିଛି ପରୀକ୍ଷାର୍ଥୀ ପେପର-୧ ଗୋଟିଏ ସ୍ଥାନରେ ଏବଂ ପେପର-୨ ଆଉ ଏକ ସ୍ଥାନରେ ଦେବା ପାଇଁ ସ୍ଥିର ହୋଇଥିଲା। ଏ ନେଇ ପରୀକ୍ଷାର୍ଥୀମାନେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ସେମାନଙ୍କ ସମସ୍ୟାର ସମାଧାନ କରାଯାଇ ସଂଶୋଧିତ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରାଯାଇଛି। ସେମାନେ ଏହାକୁ ଡାଉନ୍‌ଲୋଡ୍ କରିପାରିବେ। ଯଦି କେହି ପରୀକ୍ଷାର୍ଥୀ ପଞ୍ଜୀକରଣ ନମ୍ବର ଏବଂ ପଞ୍ଜୀକୃତ ମୋବାଇଲ ନମ୍ବର ଦ୍ୱାରା ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ସେମାନେ ନିଜ ନାମ ଏବଂ ବାପାଙ୍କ ନାମ ୱେବ୍‌ସାଇଟ୍‌ରେ ଦାଖଲ କରି ଆଡ୍‌ମିଟ୍ କାର୍ଡ ପାଇପାରିବେ।

### ହାତୀ ଆକ୍ରମଣରେ ବୃଦ୍ଧା ମୃତ

ବିଶ୍ରା,୨୭।୬(ବଟକୃଷ୍ଣ ସ୍ୱାଇଁ): ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଚିତପେଡ଼ି ପଞ୍ଚାୟତ ଚିତିକିଦ୍ରି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୋଲେ ରଣା(୮୦)। ବନପାଳ କେ. ମହାନ୍ତ ଓ ବିଜୟ କଲାର ଗାଁରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ପରିବାର ଲୋକେ ବିଶ୍ରା ଥାନାରେ ଏତଲା ଦେଇଛନ୍ତି। ଶବ ସତ୍କାର ପାଇଁ ବିଭାଗ ପକ୍ଷରୁ ୨୦ହଜାର ଟଙ୍କା ଦିଆଯାଇଛି। ସୂଚନାଯୋଗ୍ୟ, ଚିତିକିଦ୍ରି ଗ୍ରାମର ଦୋଲେ ସୋମବାର ଘରେ ଶୋଇଥିବାବେଳେ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି

**ରହିଛି ୬୦୨ଫୁଟ୍, ୬୧୦ ହେଲେ ଖୋଲିପାରେ ଗେଟ୍**

ସମ୍ବଲପୁର,୨୭।୬ (ଶୁଭାଶିଷ ପାଢ଼ୀ)

ସମଗ୍ର ରାଜ୍ୟରେ ଦୁଇଦିନ ହେଲା ତୁହାକୁ ତୁହା ବର୍ଷା ଲାଗିରହିଛି। ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଫଳରେ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଦୁଇଦିନ ଭିତରେ ଜଳଭଣ୍ଡାରରେ ଜଳସ୍ତର ୨ ଫୁଟ୍ ବଢ଼ିଛି। ଜୁନ ୨୨ରେ ଜଳସ୍ତର ୬୦୦.୩୨ଫୁଟ୍ ରହିଥିଲା। ହେଲେ ଜୁନ ୨୪ଠାରୁ ନିୟମିତ ବର୍ଷା ଯୋଗୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହା ୬୦୨.୩୭ଫୁଟ୍‌ରେ ପହଞ୍ଚିଛି। ଆଗକୁ ବର୍ଷା ହେବା ନେଇ ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇଛି। ଯଦି ଉପରମୁଣ୍ଡ ଛତିଶଗଡରେ ବର୍ଷା ଲାଗିରହେ ଓ ଜଳ ପ୍ରବେଶ ପରିମାଣ ବୃଦ୍ଧିପାଇ ୬୧୦ ଫୁଟ୍‌ରେ ପହଞ୍ଚିଯାଏ ତେବେ ଜୁଲାଇ ମାସରେ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇପାରେ ବୋଲି ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ ସୋମବାର ଉପରମୁଣ୍ଡରେ ୫୩.୫୬ମି.ମି. ଓ ମଙ୍ଗଳବାର ୪୪.୫୬ମି.ମି. ବର୍ଷା ରେକର୍ଡ କରାଯାଇଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩୨ ହଜାର ୮୭୮ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାରଚ୍ୟାନେଲରେ ୧୧,୩୨୮, ଚାଷ ପାଇଁ ୩୦୦, ଶିଳ୍ପ ଲାଗି ୨୬୮ ଏଭଳି ମୋଟ ୧୨ ହଜାର ୫୪୮ କ୍ୟୁସେକ ପାଣି ବ୍ୟବହାର ହେଉଛି। ବଳକା ପାଣି ଡ୍ୟାମ୍‌ରେ ଗଚ୍ଛିତ ହୋଇ ରହୁଛି। ଯଦି ଉପରମୁଣ୍ଡରେ ବର୍ଷା ଲାଗିରହେ ତା'ହେଲେ ଜୁଲାଇ ଶେଷ ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବ। ଜଳ ପରିଚାଳନା ନିୟମ ଅନୁସାରେ ଅଗଷ୍ଟ ପହିଲାରେ ଡ୍ୟାମ୍‌ରେ ଜଳସ୍ତର ୬୧୦ ଫୁଟ୍ ରହିବ। ବର୍ଷା ପରିମାଣ ଓ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣକୁ ନେଇ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ସୂଚନାଯୋଗ୍ୟ, ୨୦୨୨ରେ ପ୍ରଥମ ବନ୍ୟାଜଳ ଜୁଲାଇ ୧୮ରେ ନିଷ୍କାସନ ହୋଇଥିଲା। ସେ ସମୟରେ ଜଳସ୍ତର ୬୧୩.୭୧ ଫୁଟ୍ ରହିଥିଲା। ସେହିପରି ୨୦୨୧ ମସିହାରେ ଜୁଲାଇ ୧୧, ୨୦୨୦ରେ ଜୁନ ୨୫ରେ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।



ହୀରାକୁଦ ଡ୍ୟାମ୍।

# ସ୍ୱାଭାବିକ ହେଲା ବାହାନଗା ରେଳଷ୍ଟେଶନ

- ଅଟକିଲା ୩ ପାସେଞ୍ଜର ଟ୍ରେନ୍
- ଆଜିଠୁ ଖୋଲିବ ଟିକେଟ କାଉଣ୍ଟର

ବାହାନଗା,୨୭।୬(ଅରୂପ କୁମାର ଦାସ)

ଟ୍ରେନ ଦୁର୍ଘଟଣାର ୨୫ ଦିନ ପରେ ସ୍ୱାଭାବିକ ହୋଇଛି ବାହାନଗା ରେଳଷ୍ଟେଶନ। ମଙ୍ଗଳବାର ଏହି ଷ୍ଟେଶନରେ ଅଟକିଛି ୩ ପାସେଞ୍ଜର ଟ୍ରେନ। ଜଳେଶ୍ୱର-ପୁରୀ ମେମୁ, ବାଲେଶ୍ୱର-ଭଦ୍ରକ ପାସେଞ୍ଜର, ଭଦ୍ରକ- ଖଡଗପୁର ମେମୁ ଅଫ୍ ପାସେଞ୍ଜର ରହଣି କରିଛି। ତେବେ ବୁଧବାର ଷ୍ଟେଶନ କାଉଣ୍ଟରରେ ଟିକେଟ ପ୍ରଦାନ କରାଯିବ ବୋଲି ଷ୍ଟେଶନ ମାଷ୍ଟର ଏସ୍.କେ. ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଗତ ୨ ତାରିଖ ସନ୍ଧ୍ୟାରେ ବାହାନଗା ରେଳଷ୍ଟେଶନ ପୂର୍ବରୁ ଟ୍ରେନ ଦୁର୍ଘଟଣା ଘଟିଥିଲା। ଫଳରେ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୯୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାର ତଦନ୍ତ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ଷ୍ଟେଶନ ରିଲେ ରୁମକୁ ସିବିଆଇ ସିଲ୍ କରିବା ସହିତ ବିଭିନ୍ନ କାଗଜପତ୍ର ଜବତ କରିଥିଲା। ପରେ ବାହାନଗା ଷ୍ଟେଶନ ଦାୟିତ୍ୱରେ ଥିବା ୩ କର୍ମଚାରୀଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା। ଷ୍ଟେଶନ ସିଗ୍‌ନାଲ ଜେଇଙ୍କ ଭଡ଼ାଘରକୁ ସିଲ୍ କରିବା ସହିତ ଜେଇ ଅମିର୍ ଖାନଙ୍କୁ ହେପାଜତକୁ ନେଇଥିଲା। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଓ ମୁଖ୍ୟ ଅଭିଯୁକ୍ତ କିଏ ତାହା ଅଦ୍ୟାବଧି ସିବିଆଇ ପ୍ରମାଣ କରିପାରିନାହିଁ। ଦୁର୍ଘଟଣାପରଠାରୁ ବାହାନଗା-ଗୋପାଳପୁର ମୁଖ୍ୟ ରାସ୍ତାରେ ଥିବା ରେଳ ଫାଟକ ଓ ରାସ୍ତା କାମ ହେଉଥିବାରୁ ତାହା ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରାଯାଇଥିଲା। ଏନେଇ ଲୋକେ ଯାତାୟାତ ଲାଗି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ସର୍ବସାଧାରଣଙ୍କ ନିମନ୍ତେ ମୁଖ୍ୟ ରାସ୍ତା ଖୋଲାଯାଇଛି।



ବାହାନଗା ଷ୍ଟେଶନ ସ୍ୱାଭାବିକ ହେବା ପରେ ଅପେକ୍ଷାରତ ଯାତ୍ରୀ।

## ଧରାପଡ଼ିଲେ ୫ ରାଜପଥ ଲୁଟେରା

ଖୋର୍ଦ୍ଧା,୨୭।୬(ପ୍ରଭାତ ପାଣିଗ୍ରାହୀ)

ରାଜପଥରେ ଏକ ଡକାୟତ ଦଳ ମାଲବାହୀ ଗାଡିକୁ ଅଟକାଇ ଲୁଟ୍‌ପାଟ କରୁଥିଲେ। ଏମାନଙ୍କ ଭୟରେ ବିଳମ୍ବିତ ରାତିରେ ଲୋକେ ଯିବାକୁ ଭୟ କରୁଥିଲେ। ଫଳରେ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା। ସୋମବାର ବିଳମ୍ବିତ ରାତିରେ ଜଟଣୀ ବାଇପାସ୍ ଗୋଶାଳା ପଡିଆରେ କେତେଜଣ ଦୁର୍ବୃତ୍ତ ୧୬ ନମ୍ବର ଜାତୀୟ ରାଜପଥରେ ଚଳନ୍ତା ମାଲବାହୀ ଗାଡିରୁ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ମାଡ଼ି ବସିଥିଲା ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ। ଘଟଣାସ୍ଥଳରୁ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କାମନାବର ସାହିର କୁନା ନାୟକ(୨୪), ପୂର୍ଣ୍ଣଚନ୍ଦ୍ର ନାୟକ(୩୫), ଅରାଙ୍ଗର ଲିପୁ ପାଇକରାୟ(୩୬), ମୁକୁନ୍ଦପ୍ରସାଦର ମହମ୍ମଦ ଖାନ ଓରଫ କାଲୁ ଏବଂ ଫାରୁକ ଖାନ। ଏମାନଙ୍କ ଠାରୁ ୨ଟି କାତି ଏବଂ ଲୁହାରଡ୍ ଜବତ ହୋଇଛି। ଏନେଇ ଥାନାରେ ଦଫା ୩୯୯/୪୦୨ଆଇପିସିରେ ଏକ ମାମଲା(ନଂ.୨୯୦/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

# ନକଲି ନୋଟ୍ କାରବାର, ଜଣେ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।

**୧୦୦ଟି ୨୦୦ ଟଙ୍କିଆ ନକଲି ନୋଟ୍ ଜବତ**

ଏମ୍.ରାମପୁର/କର୍ଲାମୁଣ୍ଡା,୨୭।୬ (ଶଶିଭୂଷଣ ପ୍ରହରାଜ/ ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମେଡ଼ିକାଲ ଛକରେ ମ. ରାମପୁର ପୋଲିସ ନକଲି ନୋଟ୍ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ କୁନ୍ଦେଇପାଲି ଗାଁର ବୀରେନ୍ଦ୍ର ସୁନା। ପୋଲିସ ବୀରେନ୍ଦ୍ରଙ୍କୁ ମ. ରାମପୁର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବୀରେନ୍ଦ୍ର ସୋମବାର ସନ୍ଧ୍ୟାରେ ରିଷିଡା ମେଡିକାଲ ନିକଟରେ ଏକ କଳା ରଙ୍ଗର ପଲିଥିନ୍‌ରେ ନକଲି ନୋଟ୍ ଧରି ଠିଆ ହୋଇଥିଲେ। କୌଣସି ସୂତ୍ରରୁ ଖବର ପାଇ ରିଷିଡା ଫାଣ୍ଡି ଅଧିକାରୀ ବିପିନ ବିହାରୀ ମିଶ୍ର ଓ କନଷ୍ଟେବଲ ରାମଲାଲ ମଲ୍ଲିକ ବୀରେନ୍ଦ୍ରଙ୍କୁ କାବୁ କରିଥିଲେ। ପରେ ବୀରେନ୍ଦ୍ରଙ୍କ ଘରୁ ୧୦୦ଟି ୨୦୦ ଟଙ୍କିଆ ନକଲି ନୋଟ୍ ଓ ଏକ ମୋବାଇଲ ଜବତ କରି ତାଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମ. ରାମପୁର ଥାନାଧିକାରୀ ସଚିନ୍ଦ୍ର ପ୍ରଧାନ, ଏସ୍‌ଆଇ ଶ୍ରୀରାଜ ପାଢ଼ୀ ଉପସ୍ଥିତ ଥିଲେ। ନକଲି ନୋଟ୍ କାରବାରର ତଦନ୍ତ କଲେ ଆହୁରି ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଆକାଉଣ୍ଟସ ଅଫିସର ଗିରଫ

**ବିଲ୍‌ରେ ଦସ୍ତଖତ କରିବାକୁ ନେଉଥିଲେ ଲାଞ୍ଚ**

ଦେବଗଡ଼,୨୭।୬ (ଶଶାଙ୍କ ଶେଖର ଝାଙ୍କର)



ରାଜେନ୍ଦ୍ର ଦାଶ

ଏକ ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ ବାବଦ ବିଲ୍ ପ୍ରସ୍ତୁତ ପାଇଁ ଠିକାଦାରଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଦେବଗଡ ଜିଲା ରିଆମାଳ ବ୍ଲକର ଆକାଉଣ୍ଟସ ଅଫିସର ରାଜେନ୍ଦ୍ର ଦାଶ। ସୂଚନା ଅନୁଯାୟୀ ରିଆମାଳ ବ୍ଲକ ଟଙ୍କବିର ପଞ୍ଚାୟତ ଖଳିପୋଷି ସାହି(ଗ) ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ ପାଇଁ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ବସ୍ତିଆଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଟଙ୍କବିର ଗ୍ରାମର ଠିକାଦାର ବିଜୟ ନାୟକ ଏଥିପାଇଁ ୨ଲକ୍ଷ ଟଙ୍କାର ଫ୍ଲୋର୍ ଟାଇଲ, ୱାଲ ପୁଟି, ବିଦ୍ୟୁତ୍ ସରଞ୍ଜାମ ଆଦି ଯୋଗାଇଦେଇଥିଲେ। ରୟାଲ୍‌ଟି ଓ ଅନ୍ୟାନ୍ୟ ଟ୍ୟାକ୍ସକୁ ବାଦ ଦେବା ପରେ ସାମଗ୍ରୀ ଯୋଗାଇ ଦେଇଥିବା ଠିକାଦାର ନାୟକ ମୋଟ ୧ଲକ୍ଷ ୯୧ ହଜାର ୬୫୦ ଟଙ୍କା ପାଇବା କଥା। ନାୟକ ଏଥିପାଇଁ ବାରମ୍ବାର ଆକାଉଣ୍ଟସ ଅଫିସର ରାଜେନ୍ଦ୍ରଙ୍କ ନିକଟକୁ ଯାଇଥିଲେ ମଧ୍ୟ ସେ ଦିନ ପରେ ଦିନ ଗଡ଼ାଇବା ସହ ଅଫିସ ଖର୍ଚ୍ଚ, ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଖର୍ଚ୍ଚ ବା ପିସି ବାବଦକୁ ୩ ପ୍ରତିଶତ ହିସାବରେ ୬ ହଜାର ଟଙ୍କା ଦାବି କରିଥିଲେ। ଫଳରେ ଠିକାଦାର ନାୟକ ଏ ନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ନାୟକ ପିସି ବାବଦକୁ ୬ ହଜାର ଟଙ୍କା ଦେବାକୁ ରାଜି ହେବାସହ ଏଥିପାଇଁ ମଙ୍ଗଳବାର ଦିନ ଧାର୍ଯ୍ୟ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ସେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଆକାଉଣ୍ଟସ ଅଫିସର ରାଜେନ୍ଦ୍ରଙ୍କୁ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ପାଇବା ପରେ ରାଜେନ୍ଦ୍ର ବିଲ୍‌ରେ ଦସ୍ତଖତ କରିଥିଲେ। ଏହି ସମୟରେ ଦେବଗଡ଼ ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପଟେଲ ଓ ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦଙ୍କ ନେତୃତ୍ୱରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ରାଜେନ୍ଦ୍ରଙ୍କୁ ଗିରଫ ପରେ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ପଠାଇ ଦିଆଯାଇଛି। ରାଜେନ୍ଦ୍ରଙ୍କ ଘର ସମ୍ବଲପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ସହଧର୍ମିଣୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଧର୍ମିଣୀ ଯଶୋଦାବେନ ମୋଦି(ମଝି) ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ପୁରୀ,୨୭।୬(ଅଜିତ ମହାନ୍ତି)

ଶ୍ରୀକ୍ଷେତ୍ରରେ ସନ୍ଧ୍ୟା ଦର୍ଶନ ଅବସରରେ ଲକ୍ଷାଧିକ ଭକ୍ତ ଗୁଣ୍ଡିଚା ମନ୍ଦିର ଯାଇ ଚଳିତବର୍ଷ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶେଷ ଦର୍ଶନ କରିଛନ୍ତି। ଆଡ଼ପମଣ୍ଡପରେ ଶେଷ ଦର୍ଶନକୁ କେହି ବି ହାତଛଡ଼ା କରିବାକୁ ଚାହିଁ ନ ଥିଲେ। ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଧର୍ମିଣୀ ଯଶୋଦାବେନ ମୋଦି ସପରିବାର ପୁରୀ ଗସ୍ତରେ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଯଶୋଦାବେନଙ୍କ ସହ ତାଙ୍କ ଭାଇ, ପୁତୁରା ଓ ବାପ ଘରର ପରିବାରବର୍ଗ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଯଶୋଦାବେନଙ୍କ ପରିବାର ସହ ଆସି ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ଯାଇଥିଲେ। ସେଠାରେ ମହପ୍ରଭୁଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ନାକଚଣା ଦେଇ ଗୁଣ୍ଡିଚା ମନ୍ଦିର ଭିତରୁ ପ୍ରସ୍ଥାନ କରିଥିଲେ। ନବମୀ ସନ୍ଧ୍ୟା ଦର୍ଶନରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ବେଶ୍ ଭାବବିହ୍ୱଳ ହୋଇପଡିଥିଲେ। ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ବୁଲିବା ସହ ରଥ ସମ୍ମୁଖରେ ପୂରା ପରିବାର ସହ ଫଟୋ ମଧ୍ୟ ଉଠାଇଥିଲେ।

# ହନୁମାନ ପଇସା ବିକ୍ରି ଯୋଜନା, ୫ ଗିରଫ

**କାର୍ ଓ ମୋବାଇଲ ଜବତ**

ସାକ୍ଷୀଗୋପାଳ,୨୭।୬
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳରେ ହନୁମାନ ପଇସା ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମର କିଶୋର କୁମାର ଗୁରୁ ୩୩(ଗୋପୀ), ଚଉଦମାଣର ଗଦାଧର ସାହୁ (ଗଡ଼), ଅନ୍ଥରପନ୍ତ ଗ୍ରାମର ସମୀର ସ୍ୱାଇଁ(ଡାଙ୍ଗୁ), ପୁରୀ ସଦର ଥାନା ଅଞ୍ଚଳର ଶ୍ୟାମସୁନ୍ଦର ନାୟକ ଏବଂ କେନ୍ଦ୍ରାପଡ଼ା ମହାକାଳପଡ଼ାର ରାଜୁ ମଲ୍ଲିକ(୨୧)। ସେମାନଙ୍କଠାରୁ ଏକ ତମ୍ବା ପଇସା ଯେଉଁଥିରେ ଏକ ପାର୍ଶ୍ୱରେ ହନୁମାନ ମୂର୍ତ୍ତି ଓ ଅନ୍ୟ ପାଖରେ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୮୧୮ମସିହା ଲେଖାଥିବା ଜବତ କରାଯାଇଛି। ଏଥିସହ ସିନ୍ଦୂର, ଅରୁଆ ଚାଉଳ, ପେନ୍‌ସିଲ, ସୂତା ଇତ୍ୟାଦି ସହିତ ୩ଟି ମୋବାଇଲ ଫୋନ ଓ ଏକ ହୋଣ୍ଡା (ନଂ.ଓଡି ୦୫ ଏଜେଡ ୩୮୫୩) କାର୍‌କୁ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୩/୨୩ ) ରୁଜୁ କରି ତଦନ୍ତ ଚଳାଇଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ସତ୍ୟବାଦୀ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସାକ୍ଷୀଗୋପାଳ ନୂଆଗାଁ ଶିଡ଼ିରେ ଥିବା ଏକ ଘରେ କେତେଜଣ ବ୍ୟକ୍ତି ଏକ କାର୍‌ରେ ଆସି ସେଠାରେ ହନୁମାନ ପଇସା କିଣାବିକା ନିମନ୍ତେ ଯୋଜନା କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। ଉକ୍ତ ଖବରକୁ ଗୁରୁତ୍ୱ ଦେଇ ଥାନା ଏସ୍‌ଆଇ ସୁରମା ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୫ଜଣ ଥିବାବେଳେ ନିଜକୁ ହନୁମାନ ପଇସା କିଣାବିକାର ପଞ୍ଜୀକୃତ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ସାଧାରଣ ଲୋକଙ୍କଠାରୁ ହନୁମାନ ପଇସା ନେଇ ସେମାନେ ତାର ଗୁଣବତ୍ତା ପରୀକ୍ଷା କଲାପରେ ଯଦି ତାହା ଠିକ ଥାଏ, ସେମାନଙ୍କୁ ଟଙ୍କା ଦେଇ ପଇସା କିଣୁଥିବା କହିଥିଲେ। ହେଲେ ପୋଲିସ କାଗଜପତ୍ର ଯାଞ୍ଚ ପାଇଁ ମାଗିବାରୁ ସେମାନେ କାଗଜପତ୍ର ନ ଦେଖାଇପାରିବାରୁ ପୋଲିସର ସନ୍ଦେହ ହୋଇଥିଲା। ପରେ ବିଭିନ୍ନ ପ୍ରଶ୍ନ ପଚରାଉଚରା ବେଳେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଶେଷରେ ସେମାନେ ବେଆଇନ ଭାବେ ହନୁମାନ ପଇସା କିଣାବିକା କରୁଥିବା ମାନିବାରୁ ୫ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ମଙ୍ଗଳବାର ଘଟଣାର ଅଧିକ ତଦନ୍ତ ପାଇଁ ଅତିରିକ୍ତଏସ୍‌ପି ସୁଶୀଲ କୁମାର ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।



ଜବତ ହନୁମାନ ପଇସା


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, BALASORE**
**e-Procurement Notice for Building Works**
**Bid Identification No.e-Procurement Notice No.04/EERW-II/BLS/2023-24**

**No.O-266:**1. Name of the Work: Building Works. 2. Total No.of Works: 06 Nos. 3. Estimated Cost: Rs.45.46, 64.23, 64.30, 64.55, 68.70 & 69.52 Lakhs. 4. Class of Contractor: "B" & "A" Class. 5. Time of Completion: 06 (Six Calendar Months). 6. Cost of Tender Paper through online: Rs.6,000 & 10,000. 7. Other details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o. Executive Engineer, R.W.Divn-II, Balasore (Single Cover/ Double Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E-TCN No.04 of 2023-24 | 27.06.2023 at 11.00 A.M. | 06.07.2023 upto 5.00 P.M. | 05.07.2023 upto 4.00 P.M. | 07.07.2023 at 11.00 AM |

Further details can be seen from the website www.tendersodisha.gov.in.

**Sd./- Executive Engineer, R.W.Division-II, Balasore**
**OIPR-25052/11/0006/2324**



**ପୌର ପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା**
**MUNICIPAL OFFICE, JHARSUGUDA**
**No. 3400/JM, Dt. 23.06.23**
**e-Mail: jsgmunicipality@yahoo.com, jharsugudam.hud@nic.in; Fax: 06645-273019, Ph.: 06645-273019**

No.C-651:- Sealed quotations are invited from reputed farm having valid GST and PAN for supplyig of the following materials-

| Sl. No. | Items | Unit | Qty |
|---|---|---|---|
| 1 | Sofa made out of foam and fabric of standard size of 3 seater and 2 seater | 1 | 3 seaters - 2 nos. Single seater - 4 nos. |
| 2 | Computer - HP S01-aF0777 in PC/ Ryzen 3 -3250U/ 4GB/ 1TB HDD/ Intel HD/ 7 ltre/ Jet Black/ Win-10/ 18.5" Monitor/ wired Keyboard mouse | 1 | 12 nos. |

The quotation should reach the undersigned on or before Dt.03.07.2023 upto 3.00 PM and the same will be opened on the same day at 3.30 PM in presence of the bidder or their authorize agents.

The authority reserves the right to reject all the bids without assigning any reason thereof.

**Sd./- Executive Officer,**
**Jharsuguda Municipality**
OIPR-13165/11/0004/2324



**OFFICE OF THE PURI MUNICIPALITY, PURI**
**Letter No.6029, Dated:23.06.2023**
**Mail ID:purim.hud@nic.in, purim.hud@gmail.com**

**EXPRESSION OF INTEREST**

**No.C-652:**The Executive Officer on behalf of Puri Municipality, Puri invites sealed quotation paper from the authorised registered/experience/reputed consultants/ architects having valid Income Tax & GSTIN Registration Certificates for "Conducting of Drone Survey, Hydrographic Survey for "Rejuvenation of Chudanga Pond (Water Bodies) of Puri Municipality". The quotation paper alongwith terms & conditions shall be submitted to the Office of the Executive Officer, Puri Municipality, Puri on or before 10.07.23 at 05 PM through Speed Post/ Regd. Post only. The tender documents should be submitted clearly superscribed on envelope as "BID DOCUMENT FOR CONDUCTING OF DRONE SURVEY FOR CHUDANGA POND". The tenders will be opened at 11 AM on dt.11.07.23 in presence of bidders or their authorized representatives, who may present at the time of opening of the tenders. Puri Municipality will in no way be responsible for any postal delay Tenders received beyond the schedule date shall be rejected. The details of Terms & Conditions and specifications may be downloaded from the website www.purimunicipality.in & www.puri.nic.in.

The authority reserves the right to reject any or all the tenders without assigning any reason thereof.

**Sd./- Executive Officer,**
**Puri Municipality, Puri**
**OIPR-13159/11/0018/2324**



**OFFICE OF THE MUNICIPALITY, NABARANGPUR**
**No.2303** **Dt.22.06.23**

**E-Procurement Notice**
**Bid Identification No.05/NAB- MUN/2023-24**

No.C-658:- Name of the work for which e-Tender invited - Supply of Labour, Vehicles, Machineries & equipments for Sanitation Works including collectin of solid waste from Door to Door, Road Sweeping, Drain Cleaning, Bush Cutting, Bed level de-silting from Ward No. 6, 7, 8, 12, 13, 14, 15 & 16 of Nabarangpur Municipality area for the F.Y. 2023-24.

1. Estimated cost of work (Annually) - **Rs.1,17,44,000/-**.
2. Eligible Intending Registered & Financially Sound Manpower Service Provider Agency / Firms/ Trust/ N.G.O. shaving similiar nature of work experience of at least five years and fulfilling the other criteria as given in the D.T.C.N.
3. The bid documents will be available in the website i.e. **http://www.tendersodisha.gov.in** from **26.06.2023 to 05.07.2023** for online bidding.
4. Bid Identification No. 05/NAB-MUN/2023-24.
5. Last date & time of receipt of bid through online: 05.07.2023.
6. Opening of bid on **06.07.2023 at 11.00 hrs**.
7. The bidder has to participate in online bidding only.

For further detail information any one can visit the-procurement portal of the Govt. of Odisha i.e. **http://www.tendersodisha.gov.in**

**Sd./- Executive Officer, Nabarangpur Municipality**
OIPR-13230/11/0015/2324

## ଦିନିକିଆ ବିଶ୍ୱକପ୍ ମ୍ୟାଚ୍ ତାଲିକା

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ କ୍ୱାଲିଫାୟର-୧ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ କ୍ୱାଲିଫାୟର-୨ | ଦିଲ୍ଲୀ |
| ୮ ଅକ୍ଟୋବର | ଭାରତ ବନାମ ଅଷ୍ଟ୍ରେଲିଆ | ଚେନ୍ନାଇ |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ କ୍ୱାଲିଫାୟର-୧ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| ୧୧ ଅକ୍ଟୋବର | ଭାରତ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୨ ଅକ୍ଟୋବର | ପାକିସ୍ତାନ ବନାମ କ୍ୱାଲିଫାୟର-୨ | ହାଇଦ୍ରାବାଦ |
| ୧୩ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୪ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୪ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| ୧୫ ଅକ୍ଟୋବର | ଭାରତ ବନାମ ପାକିସ୍ତାନ | ଅହମଦାବାଦ |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ କ୍ୱାଲିଫାୟର-୨ | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ କ୍ୱାଲିଫାୟର-୧ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୧୯ ଅକ୍ଟୋବର | ଭାରତ ବନାମ ବାଂଲାଦେଶ | ପୁଣେ |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | କ୍ୱାଲିଫାୟର-୧ ବନାମ କ୍ୱାଲିଫାୟର-୨ | ଲକ୍ଷ୍ନୌ |
| ୨୨ ଅକ୍ଟୋବର | ଭାରତ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ କ୍ୱାଲିଫାୟର-୧ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ କ୍ୱାଲିଫାୟର-୨ | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | କ୍ୱାଲିଫାୟର-୧ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| ୨୯ ଅକ୍ଟୋବର | ଭାରତ ବନାମ ଇଂଲଣ୍ଡ | ଲକ୍ଷ୍ନୌ |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ କ୍ୱାଲିଫାୟର-୨ | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| ୨ ନଭେମ୍ବର | ଭାରତ ବନାମ କ୍ୱାଲିଫାୟର-୨ | ମୁମ୍ବାଇ |
| ୩ ନଭେମ୍ବର | କ୍ୱାଲିଫାୟର-୧ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୫ ନଭେମ୍ବର | ଭାରତ ବନାମ ଦକ୍ଷିଣ ଆଫ୍ରିକା | କୋଲକାତା |
| ୬ ନଭେମ୍ବର | ବାଂଲାଦେଶ ବନାମ କ୍ୱାଲିଫାୟର-୨ | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ କ୍ୱାଲିଫାୟର-୧ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ କ୍ୱାଲିଫାୟର-୨ | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| ୧୧ ନଭେମ୍ବର | ଭାରତ ବନାମ କ୍ୱାଲିଫାୟର-୧ | ବେଙ୍ଗାଲୁରୁ |
| ୧୨ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୨ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| ୧୯ ନଭେମ୍ବର | ଫାଇନାଲ | ଅହମଦାବାଦ |

# ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚ୍

**ମୁମ୍ବାଇ, ୨୭।୬ (ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍-୨୦୨୩କୁ ୧୦୦ ଦିନ ବାକି ରହିଥିବା ବେଳେ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ପକ୍ଷରୁ ପ୍ରକାଶ ପାଇଛି ଚୂଡ଼ାନ୍ତ କାର୍ଯ୍ୟସୂଚୀ। ବିଶ୍ୱର ସର୍ବବୃହତ୍ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରୁ ଅକ୍ଟୋବର ୫ ତାରିଖରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ସହ ଟୁର୍ନାମେଣ୍ଟର ବିଗୁଲ ବାଜିବ। ଏହା ସହିତ ୧ ଲକ୍ଷ ୩୨ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅକ୍ଟୋବର ୧୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ହାଇ ଭୋଲ୍‌ଟେଜ୍ ମ୍ୟାଚ ମଧ୍ୟ ସମାନ ଷ୍ଟାଡିୟମରେ ଖେଳାଯିବ। ଅହମଦାବାଦରୁ ଆରମ୍ଭ ହୋଇ ଅହମଦାବାଦରେ ଏହି ଟୁର୍ନାମେଣ୍ଟ ସମାପିତ ହେବ। ଦୁଇଟି ସେମିଫାଇନାଲ ମୁମ୍ବାଇର ୱାଙ୍ଖଡେ ଓ କୋଲକାତାର ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। ଅହମଦାବାଦ, ହାଇଦ୍ରାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ୧୦ଟି ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ତେବେ ୱାର୍ମଅପ୍ ମ୍ୟାଚ୍‌ଗୁଡିକ ହାଇଦ୍ରାବାଦ, ଥିରୁଭାନନ୍ତପୁରମ୍ ଓ ଗୁଆହାଟୀରେ ଖେଳାଯିବ। ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୩ ତାରିଖ ମଧ୍ୟରେ ସମସ୍ତ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ଘରୋଇ ମାଟିରେ ବିଶ୍ୱକପ ଖେଳୁଥିବା ଭାରତ ଅକ୍ଟୋବର ୮ରେ ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ।

ଚଳିତ ବର୍ଷର ବିଶ୍ୱକପ୍‌ରେ ୧୦ ଦଳ ଅଂଶଗ୍ରହଣ କରୁଛନ୍ତି। ଆୟୋଜକ ଦେଶ ଭାବରେ ଭାରତ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ୨୦୨୦-୨୦୨୩ ବିଶ୍ୱକପ୍ ସୁପର ଲିଗ୍ ମାଧ୍ୟମରେ ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଜିମ୍ବାୱେରେ ଅନୁଷ୍ଠିତ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ବାକି ୩ଟି ଦଳ ଯୋଗ୍ୟତା ଅର୍ଜନ କରିବେ। ଚଳିତ ବିଶ୍ୱକପ୍‌ରେ ସମୁଦାୟ ୪୮ ମ୍ୟାଚ୍ ଖେଳାଯିବ। ଦୁଇଟି ସେମିଫାଇନାଲ ଓ



ମୁମ୍ବାଇଠାରେ ମଙ୍ଗଳବାର ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ କାର୍ଯ୍ୟସୂଚୀ ଘୋଷଣା କାର୍ଯ୍ୟକ୍ରମ ଅବସରରେ ଟ୍ରଫି ସହ ଭାରତର ବୀରେନ୍ଦ୍ର ସେହ୍ୱାଗ ଓ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ।

### ବିଶ୍ୱକପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ
### ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ

ଫାଇନାଲ ମୁକାବିଲାକୁ ବାଦ୍ ଦେଲେ ପ୍ରତ୍ୟେକ ଦଳ ପରସ୍ପର ସହିତ ରାଉଣ୍ଡ ରବିନ୍ ଲିଗ୍ ଅନୁସାରେ ୪୫ଟି ମ୍ୟାଚ୍ ଖେଳିବେ। ଶେଷ ଥର ପାଇଁ ଭାରତରେ ୨୦୧୧ ବିଶ୍ୱକପ୍ ଖେଳା ଯାଇଥିଲା। ଶ୍ରୀଲଙ୍କା ଓ ବାଂଲାଦେଶ ସହିତ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୮ ବର୍ଷ ପରେ ଟ୍ରଫି ଜିତିଥିଲା ଭାରତ।

୯ ଭେନ୍ୟୁରେ ଖେଳିବ ଭାରତ: ଚଳିତ ବିଶ୍ୱକପ୍‌ରେ ସମୁଦାୟ ୧୦ ଭେନ୍ୟୁ ରହିଥିବା ବେଳେ ଭାରତୀୟ ଦଳ ଏହା ମଧ୍ୟରୁ ୯ଟି ଭେନ୍ୟୁରେ ଖେଳିବ । ଅଷ୍ଟ୍ରେଲିଆ, ଆଫଗାନିସ୍ତାନ ଓ ପାକିସ୍ତାନ ବିପକ୍ଷରେ ଦଳ ଏହାର ପ୍ରଥମ ୩ ମ୍ୟାଚ୍ ଖେଳିବ । ୧୨ ବର୍ଷ ଧରି ଆଇସିସି ଇଭେଣ୍ଟରେ ଟାଇଟଲ ଶୂନ୍ୟ ରହିଥିବା ଭାରତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଏହା ଭାଙ୍ଗିବାକୁ ପ୍ରୟାସ କରିବ । ଟାଇବିଶ୍ୱକପରେ ଅଷ୍ଟ୍ରେଲିଆ ଅନ୍ୟତମ ଶକ୍ତିଶାଳୀ ଦଳ ରହିଥିବା ବେଳେ ସର୍ବାଧିକ ଥର ଟାଇଟଲ ମଧ୍ୟ ଜିତିଛି। ଆଫଗାନିସ୍ତାନର ସ୍ପିନ୍ ବିଭାଗ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଆକ୍ରମଣ ହୋଇଥିବା ବେଳେ ପାକିସ୍ତାନ ବିପକ୍ଷରେ ମଧ୍ୟ ଦଳ ଆଉ ଅପରାଜେୟ ନାହିଁ। ଘରୋଇ ମାଟିରେ ପାକିସ୍ତାନ ବିପକ୍ଷରେ ଭାରତକୁ ଏହାର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡିବ ।


ଭାରତୀୟ ଦଳରେ ସାମିଲ ହୋଇ ଅନେକଙ୍କୁ ବିସ୍ମିତ କରିଥିବା ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ଏଚ୍‌ପିସି ଆଥଲେଟ୍ ମାନ୍ୟତା ସିଂ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି।

## ଆନ୍ଦ୍ରିଆ ଗଡେଞ୍ଜି ଚେୟାରମ୍ୟାନ ପୁନଃ ନିର୍ବାଚିତ

**ଲଣ୍ଡନ, ୨୭।୬ (ଏପି):** ଆନ୍ଦ୍ରିଆ ଗଡେଞ୍ଜି କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଟିପି ପୁରୁଷ ଟେନିସ ଟୁର୍‌ର ଚେୟାରମ୍ୟାନ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଏହି ପଦବୀରେ ସେ ୨୦୨୬ ପର୍ଯ୍ୟନ୍ତ ରହିବେ। ଗଡେଞ୍ଜି ହେଉଛନ୍ତି ଜଣେ ପୂର୍ବତନ ପେସାଦାର ଖେଳାଳି। ସେ ୨୦୨୦ ଜାନୁୟାରୀରେ ପ୍ରଥମ ଥର ଏଟିପି ପୁରୁଷ ଟୁର୍ ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଥିଲେ। ଗଡେଞ୍ଜୀଙ୍କ କାର୍ଯ୍ୟକାଳ ସମୟରେ ୫୦-୫୦ ପ୍ରଫିଟ୍ ଶେୟାରିଂ ଫର୍ମୁଲା କାର୍ଯ୍ୟକାରୀ କରାଯାଇଥିଲା। ଏହାଫଳରେ ୨୦୨୩ରେ ଏଟିପି ଟୁର୍ ଓ ଲୋୟର ଟୁର୍‌ରେ ପୁରସ୍କାର ରାଶି ୩୭.୫ ନିୟୁତ ଡଲାର ବୃଦ୍ଧି ଘଟିଥିଲା।

## ଲେନି, ଆମେଙ୍କ ସହ ଓଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୨୭।୬**
**(ସରୋଜ ଜେନା)**

ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି) ପକ୍ଷରୁ ଆସନ୍ତା ସିଜନ ପାଇଁ ମିଡଫିଲ୍ଡର ଲେନି ରୋଡ୍ରିଗ୍ସେଜ ଓ ଡିଫେଣ୍ଡର ଆମେ ରଣାୱଡେଙ୍କ ସହ ଚୁକ୍ତି ସ୍ୱାକ୍ଷର କରାଯାଇଛି। ମଙ୍ଗଳବାର ଲେନିଙ୍କ ସହିତ ଏକବର୍ଷର ଚୁକ୍ତି ସ୍ୱାକ୍ଷର ହୋଇଥିବା ବେଳେ ଏକ ବର୍ଷର ଅପ୍‌ସନ ରହିଛି। ଅନ୍ୟ ପକ୍ଷରେ ଆମେଙ୍କୁ ଏକ ବର୍ଷ ପାଇଁ ମୁମ୍ବାଇ ସିଟି ଏଫ୍‌ସିରୁ ଲୋନ୍‌ରେ ଆଣିଛି ଓଏଫ୍‌ସି।

ଲେନିଏକାଧିକ କ୍ଲବ ପାଇଁ ଖେଳିଥିବା ବେଳେ ଆଇଏସଏଲ୍ ଟାଇଟଲ ମଧ୍ୟ ଜିତି ସାରିଛନ୍ତି। ଭାରତ ପାଇଁ ଖେଳି ସାରିଥିବା ଲେନି ଚର୍ଚ୍ଚିଲ ବ୍ରଦର୍ସରୁ କ୍ୟାରିୟର ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଡେମ୍ପୋ, ବେଙ୍ଗାଲୁରୁ ଏଫ୍‌ସି, ଏଟିକେ ମୋହନ ବାଗାନ ଓ ଏଫ୍‌ସି ଗୋଆ ପାଇଁ ଖେଳିଛନ୍ତି। ଏଫ୍‌ସି ଗୋଆ ପକ୍ଷରୁ ସେ ସୁପର୍ କପ୍ ଜିତିଥିବାବେଳେ ଦୁଇ ଦୁଇ ଥର ଆଇ ଲିଗ୍, ଥରେ ଲେଖାଏ ଆଇଏସ୍‌ଏଲ, ଫେଡେରେଶନ କପ୍ ଓ ଡୁରାଣ୍ଡ କପ୍ ବିଜୟୀ ହୋଇଛନ୍ତି। ଲେନିଙ୍କ ଉପସ୍ଥିତିରେ ଦଳର ମିଡଫିଲ୍ଡ ଆକ୍ରମଣ ଅଧିକ ଶକ୍ତିଶାଳୀ ହେବ। ଅନ୍ୟ ପକ୍ଷରେ ମୁମ୍ବାଇ ସିଟି ଏଫ୍‌ସିର ଆମେ ରଣାୱଡେଙ୍କ ଯୋଗଦାନ ଫଳରେ ଦଳର ଡିଫେନ୍ସ ଆହୁରି ଦୃଢ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ୨୦୨୦-୨୧ରେ ମୁମ୍ବାଇର ଆଇଏସ୍‌ଏଲ ବିଜୟରେ ଆମେଙ୍କ ପ୍ରମୁଖ ଯୋଗଦାନ ରହିଥିଲା।



ଲେନି ରୋଡ୍ରିଗ୍ସେଜ


ଆମେ ରଣାୱଡେ

# ନୂଆ ମିଟ୍ ରେକର୍ଡରେ ରେକର୍ଡ

### ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍

**ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍‌ର ୬୯ତମ ସଂସ୍କରଣ ନିକଟରେ ଶେଷ ହୋଇଛି। ଏଥର ରେକର୍ଡ ସଂଖ୍ୟକ ୪୧ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ୩ ପ୍ରତିଯୋଗୀ ୨ଟି ଲେଖାଏ ଇଭେଣ୍ଟରେ ମିଟ୍ ରେକର୍ଡ କରିବାର ସୌଭାଗ୍ୟ ପାଇଛନ୍ତି। ଏମାନେ ହେଲେ କଟକର ଓଁକାର ପ୍ରସାଦ ନନ୍ଦ, ଭୁବନେଶ୍ୱରର ଲକ୍ଷ୍ମୀପ୍ରୀୟା କିଷାନ ଓ କଳାହାଣ୍ଡିର ଡି. ଏମ. ଜୟରାମ।**

**ଭୁବନେଶ୍ୱର, ୨୭।୬**
**(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ୬୯ତମ ସଂସ୍କରଣ ଗତ ରବିବାର ଶେଷ ହୋଇଛି। କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୭୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥରର ଏହି ମିଟ୍ ଅନେକ ଦୃଷ୍ଟିକୋଣରୁ ସ୍ମରଣୀୟ ହୋଇଛି। ଓଡ଼ିଶା ଆଥ୍‌ଲେଟିକ୍ସ ଇତିହାସରେ ପ୍ରଥମଥର ପାଇଁ ୪୧ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ୩୨ ପଏଣ୍ଟ ପାଇ ଭୁବନେଶ୍ୱର ଗ୍ରୁପ୍ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳକରେ କେନ୍ଦୁଝର ୧୮, ୧୬ ବର୍ଷରୁ କମ୍ ବାଳିକାରେ ଜଗତ୍‌ସିଂହପୁର ୩୫, ୧୬ ବର୍ଷରୁ କମ୍ ବାଳକରେ ଭୁବନେଶ୍ୱର ୩୫, ୧୮ ବର୍ଷରୁ କମ୍ ବାଳିକାରେ ସୁନ୍ଦରଗଡ଼ ୧୦୫, ୧୮ ବର୍ଷରୁ କମ୍ ବାଳକରେ କଟକ ୮୫, ୨୦ ବର୍ଷରୁ କମ୍ ବାଳିକାରେ ସୁନ୍ଦରଗଡ଼ ୬୫, ୨୦ ବର୍ଷରୁ କମ୍ ବାଳକରେ କଟକ ୯୧, ୨୩ ବର୍ଷରୁ କମ୍ ବାଳକରେ କଟକ ୬୯, ୨୩ ବର୍ଷରୁ କମ୍ ବାଳିକାରେ କଟକ ୬୮, ମହିଳାରେ ଓଡ଼ିଶା ପୋଲିସ ୩୨ ଓ ପୁରୁଷରେ କଟକ ୯୦ ପଏଣ୍ଟ ପାଇ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛି। ଓଭରଅଲ୍ ଦେଖିବାକୁ ଗଲେ କଟକ ୬୦୨ ପଏଣ୍ଟ ସହିତ ଦଳଗତ ଚାମ୍ପିୟନ ଏବଂ ସୁନ୍ଦରଗଡ଼ ୪୦୭ ପଏଣ୍ଟ ପାଇ ରନରଅପ୍ ହୋଇଛି।

ଚାରି ଦିନ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରଦର୍ଶନ ଅନୁସାରେ ପ୍ରଥମ ଦିବସରେ ଜଣେ ପ୍ରତିଯୋଗୀ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଥିବାବେଳେ କେବଳ ଦ୍ୱିତୀୟ ଦିବସରେ ୧୯ ଆଥ୍‌ଲେଟ ରେକର୍ଡ ଭାଙ୍ଗିଥିଲେ। ତୃତୀୟ ଦିବସରେ ଏହି ସଂଖ୍ୟା ୯ରେ ସୀମିତ ରହିଥିବାବେଳେ ୪ର୍ଥ ତଥା ଅନ୍ତିମ ଦିବସରେ ୧୨ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଥିଲା। ୩ ପ୍ରତିଯୋଗୀ ୨ଟି ଲେଖାଏ ଇଭେଣ୍ଟରେ ନୂଆ ମିଟ୍ ରେକର୍ଡ କରିବାର ସୌଭାଗ୍ୟପ୍ରାପ୍ତ ହୋଇଥିଲେ। ଏମାନେ ହେଲେ କଟକର ଓଁକାର ପ୍ରସାଦ ନନ୍ଦ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା କିଷାନ ଓ କଳାହାଣ୍ଡିର ଡି. ଜୟରାମ। ଓଁକାର ୧୮ ବର୍ଷରୁ କମ୍ ବାଳକ ବର୍ଗର ଶଟ୍‌ପୁଟ୍ ଓ ହାମର ଥ୍ରୋରେ, ଲକ୍ଷ୍ମୀପ୍ରିୟା ୨୦ ବର୍ଷରୁ କମ୍ ବାଳିକା ୮୦୦ ମିଟର ରେସ୍ ଓ ୧୫୦୦ ମିଟର ରେସ୍ ଏବଂ ଜୟରାମ ୨୦ ବର୍ଷରୁ କମ୍ ବାଳକ ୧୦୦ ମିଟର ଓ ୨୦୦ ମିଟର ରେସ୍‌ରେ ଏହି କୃତିତ୍ୱ ଅର୍ଜନ କରିଥିଲେ।


ଓଁକାର ପ୍ରସାଦ ନନ୍ଦ



ଡି. ଏମ୍. ଜୟରାମ


ଲକ୍ଷ୍ମୀପ୍ରିୟା କିଷାନ

## ପ୍ରତିଯୋଗୀଙ୍କ କୃତିତ୍ୱ

| ଆଥ୍‌ଲେଟଙ୍କ ନାମ | ଇଭେଣ୍ଟ | ଗ୍ରୁପ୍ | ପ୍ରତିନିଧିତ୍ୱ | ପୂର୍ବ ରେକର୍ଡ | ନୂଆ ରେକର୍ଡ |
|---|---|---|---|---|---|
| ଓଁକାର ପ୍ରସାଦ ନନ୍ଦ | ଶଟ୍‌ପୁଟ୍ | -୧୮ବାଳକ | କଟକ | ୧୪.୫୨ମି. | ୧୭.୫୨ମି. |
| ଅଙ୍କିତା ମହାପାତ୍ର | ହାମର ଥ୍ରୋ | -୧୮ବାଳିକା | କଟକ | ୨୮.୩୭ମି. | ୪୪.୮୩ମି. |
| ସବିତା ଟପ୍ପୋ | ୧୦୦ମି. ହର୍ଡଲ୍ସ | -୨୦ବାଳିକା | ସୁନ୍ଦରଗଡ଼ | ୧୪.୮୦ସେ. | ୧୪.୦୬ସେ. |
| ତୁଳସୀ ମାଝି | ୮୦ମି. ହର୍ଡଲ୍ସ | -୧୬ବାଳିକା | ଭୁବନେଶ୍ୱର | ୧୪.୭ସେ. | ୧୩.୦୬ସେ |
| ଚିରଞ୍ଜୀବ ସିଂ | ଶଟ୍‌ପୁଟ୍ | -୨୩ବାଳକ | କଟକ | ୧୨.୭୬ମି. | ୧୩.୭୩ମି. |
| ହରି ବେହେରା | ଶଟ୍‌ପୁଟ୍ | ପୁରୁଷ | କଟକ | ୧୫.୦୭ମି. | ୧୫.୪୪ମି. |
| ମନୀଷା ମେରେଲ | ଲଙ୍ଗଜମ୍ପ | -୨୩ବାଳିକା | ଭୁବନେଶ୍ୱର | ୫.୬୫ମି. | ୫.୮୩ମି. |
| ସ୍ୱାଧୀନ ମାଝି | ହାଇଜମ୍ପ | ପୁରୁଷ | ଅନୁଗୋଳ | ୨.୦୭ମି. | ୨.୧୨ମି. |
| ଲକ୍ଷ୍ମୀପ୍ରିୟା କିଷାନ | ୮୦୦ମି. ରେସ୍ | -୨୦ବାଳିକା | ଭୁବନେଶ୍ୱର | ୨:୧୮.୯ସେ | ୨:୧୮.୪ସେ |
| ସୁସ୍ମିତା ଟିଗା | ୮୦୦ମି. ରେସ୍ | -୨୩ ବାଳିକା | ସୁନ୍ଦରଗଡ଼ | ୨:୩୩.୮ସେ. | ୨:୨୪.୪ସେ. |
| ମଙ୍ଗଲ ସିଙ୍କୁ | ୮୦ମି. ହର୍ଡଲ୍ସ | -୧୬ବାଳକ | ସୁନ୍ଦରଗଡ଼ | ୧୨.୬ସେ. | ୧୧.୧ସେ. |
| ପ୍ରତୀକ ମହାରଣା | ୧୦୦ମି. ରେସ୍ | -୧୮ବାଳକ | ବରଗଡ଼ | ୧୦.୭୫ସେ. | ୧୦.୭୨ସେ. |
| ଅର୍ପିତା ପଣ୍ଡା | ହାମର ଥ୍ରୋ | -୨୩ବାଳିକା | ରାଉରକେଲା | ୨୪.୬୪ମି. | ୩୨.୬୪ମି. |
| ଦିବ୍ୟା ସାଣ୍ଡିଲ୍ୟ | ହାମର ଥ୍ରୋ | ମହିଳା | ପାରାଦୀପ | ୫୦.୮୫ମି. | ୫୫.୬୦ମି. |
| ଓଁକାର ପ୍ରସାଦ ନନ୍ଦ | ହାମର ଥ୍ରୋ | -୧୮ବାଳକ | କଟକ | ୪୮.୪୨ମି. | ୫୫.୬୦ମି. |
| ଡି.ଏମ.ଜୟରାମ | ୧୦୦ମି. ରେସ୍ | -୨୦ବାଳକ | କଳାହାଣ୍ଡି | ୧୦.୬୨ସେ. | ୧୦.୫୦ସେ. |
| ଲାଲୁ ପ୍ରସାଦ ଭୋଇ | ୧୦୦ମି. ରେସ୍ | -୨୩ବାଳକ | କିଟ୍ | ୧୦.୭୦ସେ. | ୧୦.୪୪ସେ. |
| ଅଶୋକ ଦଣ୍ଡସେନା | ୧୫୦୦ମି. ରେସ୍ | ପୁରୁଷ | ଓଡ଼ିଶା ପୋଲିସ | ୩:୫୮.୭ସେ. | ୩:୫୭.୩ସେ. |
| ସୁସ୍ମିତା ଟିଗା | ୧୫୦୦ମି. ରେସ୍ | -୨୩ ବାଳିକା | ସୁନ୍ଦରଗଡ଼ | ୫:୦୦.୯ସେ. | ୪:୫୦.୮ସେ. |
| ଲକ୍ଷ୍ମୀପ୍ରିୟା କିଷାନ | ୧୫୦୦ମି. ରେସ୍ | -୨୦ବାଳିକା | ଭୁବନେଶ୍ୱର | ୪:୫୦.୨ସେ. | ୪:୪୮.୬ସେ. |
| ଦୁର୍ଗା ଚରଣ କିସ୍କୋ | ପୋଲଭଲ୍ଟ | -୨୦ବାଳକ | ଅନୁଗୋଳ | ୩.୨୦ମି. | ୩.୭୦ମି. |
| ସନାତନ ପୁର୍ତ୍ତି | ହେକ୍ସାଥଲନ | -୧୬ବାଳକ | କଟକ | ୨୭୧୦ପ. | ୩୪୧୫ପ. |
| ମେରୀ ମୁକ୍ତା ସୋରେଙ୍ଗ | ଟ୍ରିପଲ ଜମ୍ପ | -୨୦ବାଳିକା | ସୁନ୍ଦରଗଡ଼ | ୧୧.୪୯ମି. | ୧୧.୯୨ମି. |
| ସୁରସ୍ମିତା ବାଗର | ଟ୍ରିପଲ ଜମ୍ପ | ମହିଳା | ବରଗଡ଼ | ୧୧.୭୯ମି. | ୧୧.୮୧ମି. |
| ଦେବରାଜ ସିଂ | ପୋଲଭଲ୍ଟ | -୨୩ବାଳକ | କେନ୍ଦ୍ରାପଡ଼ା | ୨.୯୦ମି. | ୨.୯୬ମି. |
| ଜିତା ପାତ୍ର | ୪୦୦ମି. ହର୍ଡଲ୍ସ | -୨୩ବାଳିକା | ସୋନପୁର | ୧:୧୯.୭ସେ | ୧:୧୨.୬ସେ. |
| କବିତା ମହନ୍ତ | ୬୦ମି. ରେସ୍ | -୧୪ବାଳିକା | ରାଉରକେଲା | ୮.୬୦ସେ. | ୮.୧୦ସେ. |
| ସୁରେଶ କୃଷିକା | ୬୦ମି. ରେସ୍ | -୧୪ବାଳକ | କୋରାପୁଟ | ୭.୬୦ସେ. | ୭.୫୦ସେ. |
| ତୁଳସୀ ବାଗ୍ | ୩୦୦ମି. ରେସ୍ | -୧୬ବାଳିକା | ସୁନ୍ଦରଗଡ଼ | ୪୬.୨୦ସେ. | ୪୫.୭୦ସେ. |
| ଅନ୍‌ମୋଲ କେର୍କେଟା | ୪୦୦ମି. ରେସ୍ | -୨୩ବାଳକ | ସୁନ୍ଦରଗଡ଼ | ୫୧.୬ସେ. | ୫୦.୦ସେ |
| ଟିକନ ନାୟକ | ୧୦୦୦୦ମି. ରେସ୍ | -୨୩ ବାଳକ | ନୟାଗଡ଼ | ୩୪:୫୨.୫ସେ. | ୩୪:୩୪.୮ସେ. |
| ଭୀମ ସର୍ଦ୍ଦାର | ୪୦୦ମି. ହର୍ଡଲ୍ସ | -୨୩ବାଳକ | ଯାଜପୁର | ୧:୦୦.୩ସେ. | ୫୫.୫ସେ. |
| ଅମନ ପାଣ୍ଡେ | ଡିସ୍‌କସ୍ | -୨୩ ବାଳକ | ଭୁବନେଶ୍ୱର | ୩୪.୨୦ମି. | ୩୪.୬୫ମି. |
| ଦୋଳମଣି ଚିରଗୁନ୍ | ଷ୍ଟିପଲଚେଜ୍ | -୧୮ବାଳକ | ଯାଜପୁର | ୬:୨୧.୧ସେ. | ୬:୧୮.୨୩ସେ. |
| ଅଶୋକ ଦଣ୍ଡସେନା | ଷ୍ଟିପଲଚେଜ୍ | ପୁରୁଷ | ଓଡ଼ିଶା ପୋଲିସ | ୯:୨୭.୯ସେ. | ୯:୨୭.୭ସେ. |
| ଆଂଶିକା ରାଉତରାୟ | ଶଟ୍‌ପୁଟ୍ | -୨୦ବାଳିକା | କିଟ୍ | ୧୦.୮୫ମି. | ୧୧.୮୩ମି. |
| ଆର୍ଯ୍ୟନ ଏକ୍କା | ୨୦୦ମି. ରେସ୍ | -୨୩ବାଳକ | ସୁନ୍ଦରଗଡ଼ | ୨୨.୩ସେ. | ୨୧.୬ସେ. |
| ସୁଖୀ ବାସ୍କେ | ୨୦୦ମି.ରେସ୍ | -୨୩ବାଳିକା | ଭୁବନେଶ୍ୱର | ୨୫.୭ସେ. | ୨୫.୩ସେ. |
| ଡି.ଏମ୍.ଜୟରାମ | ୨୦୦ମି. ରେସ୍ | -୨୦ବାଳକ | କଳାହାଣ୍ଡି | ୨୨.୦ସେ. | ୨୧.୪ସେ. |
| ସୁନାରାମ ମୁର୍ମୁ | ଜାଭେଲିନ ଥ୍ରୋ | -୨୩ବାଳକ | ମୟୂରଭଞ୍ଜ | ୫୬.୩୨ମି. | ୬୯.୬୫ମି. |
| ଲିପ୍‌ତି କଡ୍ରାକା | ଶଟ୍‌ପୁଟ୍ | -୨୩ବାଳିକା | କିଟ୍ | ୮.୭୫ମି. | ୯.୮୧ମି. |

## ସଂକ୍ଷେପରେ

### ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ



**କୋକସରା,୨୭।୬ (ଦୁଷ୍ମନ୍ତ କୁମାର ପାଢଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ମାଝିଗୁଡା ଗ୍ରାମର ଭିକାରୀ ବାଗ (୩୨)। ବ୍ଲକରେ ଗତ ୫ ମାସ ମଧ୍ୟରେ ୬ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତଦେହ ଭିଟାମାଟିକୁ ପଠାଇବାକୁ ପରିବାର ପକ୍ଷରୁ ଗୁହାରି କରାଯାଇଛି। ସୂଚନା ଅନୁସାରେ କୋକସରା ବ୍ଲକ ମାଝିଗୁଡା ଗ୍ରାମର ମାଟୁ ବାଗଙ୍କ ପୁଅ ଭିକାରୀ ୧୫ ଦିନ ତଳେ ବଡ଼ଘୁମେର ଗ୍ରାମର ନିଜ ଶଳାଙ୍କ ସହ ମିଶି ଦାଦନ ଖଟିବାକୁ ହାଇଦ୍ରାବାଦକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଭିକାରୀଙ୍କ ଭାଇ ଗଣ୍ଡାରାମ ବାଗଙ୍କୁ ଖବର ମିଳିଲା ଯେ, ଭିକାରୀଙ୍କ ଦେହ ଅସୁସ୍ଥ ହେବାରୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ମିଳିବା ପରେ ସେଠାରେ ଥିବା ଲୋକଙ୍କ ସହ ସମ୍ପର୍କ କରାଯାଇଥିବା ବେଳେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ହାଇଦ୍ରାବାଦର କୌଣସି ଏକ ଘରୋଇ ଡାକ୍ତରଖାନାରେ ମୃତଦେହ ରହିଥିବା ଜଣାପଡିଛି। ତେବେ ମୃତ୍ୟୁର କାରଣ ମଧ ଅସ୍ପଷ୍ଟ ରହିଛି। ମୃତଦେହ ଗାଁକୁ ପଠାଇବାକୁ ପରିବାର ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିବା ଜଣାପଡିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ଖବର ପରେ ସ୍ତ୍ରୀ ଓ ୩ ନାବାଳିକା ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ମୃତଦେହ ଭିଟାମାଟିକୁ ଫେରାଇ ଆଣିବାକୁ ସ୍ଥାନୀୟ ପୋଲିସକୁ ଗୁହାରି କରାଯାଇଛି।

### ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶିତ

**ଟିଟିଲାଗଡ଼,୨୭।୬(ଡି.ଏନ.ଏ.):** ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷା ପୁସ୍ତିକାକୁ ଅଧକ୍ଷ ମେଜର ଡ଼ ମଧୁସୂଦନ ମିଶ୍ର ଓ ପରୀକ୍ଷା ନିୟନ୍ତ୍ରକ ଡ଼ ଉମେଶ ଚନ୍ଦ୍ର ସାହୁ ଉନ୍ମୋଚିତ କରିଛନ୍ତି। ସ୍ନାତକ କଳାରେ ୮୧.୧୬, ବିଜ୍ଞାନରେ ୮୩.୫୭ ଓ ବାଣିଜ୍ୟରେ ୭୬.୨୭ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କଳା ଅର୍ଥନୀତି ବିଭାଗରେ ମନୋଜ ସାହୁ, ପଦାର୍ଥ ବିଜ୍ଞାନରେ ଅଲିସା ସାହୁ ଓ ବାଣିଜ୍ୟରେ ଅମନ ଗୋଏଲ ଶୀର୍ଷ ସ୍ଥାନ ଲାଭ କରିଛନ୍ତି। ସେହିପରି ସ୍ନାତକୋତ୍ତର ବିଭାଗରେ ଶତପ୍ରତିଶତ ଛାତ୍ରୀ ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଓଡ଼ିଆ ବିଭାଗରେ ଅମନ କୁମ୍ଭାର ୭୨. ୨୦, ରାଜନୀତି ବିଜ୍ଞାନରେ ଜନ ଅଲିସ ସାହୁ ୭୨. ୨୦ ଓ ରସାୟନ ବିଜ୍ଞାନରେ ଇତୁସ୍ମା ଜେନା ୭୮. ୯୦ନମ୍ବର ରଖି ଶୀର୍ଷ ସ୍ଥାନ ଲାଭ କରିଛନ୍ତି।

### କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ଏନ୍‌ସିସି କ୍ୟାମ୍ପ ଉଦ୍‌ଘାଟିତ

**ଭବାନୀପାଟଣା,୨୭।୬(ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ମାଣିକ୍ୟ ବିହାର ପରିସରରେ ୨(ଓଡ଼ିଶା) ଏୟାର ଝାରସୁଗୁଡ଼ା ସ୍କ୍ୱାଡ୍ରନ ଫ୍ଲାଇଂ ଏନସିସି ପକ୍ଷରୁ ୧୦ ଦିନିକିଆ ପ୍ରଥମ ବାର୍ଷିକ ଟ୍ରେନିଂ କ୍ୟାମ୍ପ ଉଦ୍‌ଘାଟିତ ହୋଇଯାଇଛି। ଉଇଙ୍ଗ କମାଣ୍ଡର ତାପସ ଓଝାଙ୍କ ମାର୍ଗ ଦର୍ଶନରେ କ୍ୟାମ୍ପରେ ଓଡ଼ିଶାର ୧୫ଟି ସ୍କୁଲରୁ ମୋଟ ୪୦୯ଜଣ କ୍ୟାଡେ଼ଟ ଯୋଗଦେଇଛନ୍ତି। ରେଜିଷ୍ଟ୍ରିକରଣ ପ୍ରକ୍ରିୟା ସମୟରେ କ୍ୟାଡେ଼ଟଙ୍କ ମଧ୍ୟରେ ଏନସିସି ଟ୍ରେନିଂକୁ ନେଇ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହାପରେ ଏନ୍‌ସିସିର ଆଭିମୁଖ୍ୟ ବିଷୟରେ ଅବଗତ କରାଯାଇଥିଲା। ପ୍ରଥମ ଦିବସର ଅନ୍ତିମ ଅଧିବେଶନରେ ମାଦକ ଦ୍ରବ ଅପବ୍ୟବହାର ବିଷୟରେ ଏକ ଡ୍ରଇଂ ଓ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିତୀୟ ଦିବସର ଉଇଙ୍ଗ କମାଣ୍ଡର ତାପସ ଓଝା ସମସ୍ତ କ୍ୟାଡେ଼ଟଙ୍କୁ ଉଦବୋଧନ ଦେଇ ୧୦ ଦିନିଆ କ୍ୟାମ୍ପର କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ସେହିପରି ବେଆଇନ ଔଷଧ ଓ କାରବାର ସଚେତନତା ଉପରେ ପ୍ରବନ୍ଧ ଲିଖନ ଓ ବାକପଟୁତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାନ୍ଧ୍ୟ ଅଧିବେଶନରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ନିହାରେନ୍ଦ୍ର ପଣ୍ଡା ଡେଙ୍ଗୁ, ମ୍ୟାଲେରିଆ ଓ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ କ୍ୟାଡେ଼ଟମାନଙ୍କୁ ସଚେତନ କରାଇଥିଲେ।

# ବୈଠକକୁ ଛେଳି ଧରି ଗଲେ ସମିତି ସଭ୍ୟ

**ଦେଓଗାଁ,୨୭।୬(ଡି.ଏନ.ଏ)**



ଛେଳି ଧରି ପ୍ରତିବାଦ ପାଇଁ ଗୃହରେ ପ୍ରବେଶ କରୁଛନ୍ତି ହାତିସରା ସମିତି ସଭ୍ୟ।

**ଦେଓଗାଁ ପଞ୍ଚାୟତ ସମିତି**

- ଅଧକ୍ଷ, ସମିତି ସଭ୍ୟ କଥା କଟାକଟି
- ୨ ଘଣ୍ଟା ପରେ ସ୍ୱାଭାବିକ ହେଲା ଗୃହ

ବଲାଙ୍ଗୀରର ଜିଲା ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ସୁରେନ୍ଦ୍ର କୁମାର ମେହେର, ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ଅସିତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ଗ୍ରାମ ପଞ୍ଚାୟତ ଅଧିକାରୀ ବୀଣା ପଧାନ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏହାପରେ ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଏକ ଛେଳି ଧରି ଗୃହରେ ପ୍ରବେଶ କରି ଅଭିନବ ପ୍ରତିବାଦ କରିଥିଲେ । ଏହାକୁ ନେଇ ସମିତି ଅଧ୍ୟକ୍ଷ ଖମାରୀ ଓ ସମିତି ସଭ୍ୟ ବିଶ୍ୱଜିତ ପାତ୍ରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଦୀର୍ଘ ଦୁଇବର୍ଷ ଧରି ଗାଇ ଗୁହାଳ ଓ ଛେଳି ଗୁହାଳର କାର୍ଯ୍ୟାଦେଶ ଦେବା ପରେ ଦେବା ପରେ ମଧ ବର୍ଷାଧିକ କାଳ ଗୁହାଳଗୁଡିକର ବିଲ ହୋଇ ନ ପାରିବାରୁ ଗୃହରେ ସମିତି ସଭ୍ୟ ପାତ୍ର ଏହିଭଳି ପ୍ରତିବାଦ କରିଥିଲେ । ପରେ ଅଧ୍ୟକ୍ଷ ଖମାରୀ ଏଭଳି ପ୍ରତିବାଦକୁ ଦେଖି ବିରକ୍ତି ପ୍ରକାଶ କରି ଗେଟଆଉଟ ବୋଲି କହିବାରୁ ଦୀର୍ଘ ଦୁଇଘଣ୍ଟା ଧରି ବୈଠକ ବନ୍ଦ ହୋଇପଡିଥିଲା । ପରେ ଉଭୟ ସଦସ୍ୟ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ପରେ ଗୃହ ସ୍ୱାଭାବିକ ଭାବେ ଚାଲିଥିଲା ।

ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକକୁ ଆସିଥିବା ପଞ୍ଚଦଶ ଅର୍ଥ କମିଶନର ୫୨ଲକ୍ଷ ୫୨ହଜାର ୯୮୮ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅନୁଦାନ ପାଣ୍ଠିର ୫୩ଲକ୍ଷ ୪୮ହଜାର ୪୭୯ ଟଙ୍କାର ବଜେଟ ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ଏଦିଗରେ ସରକାରୀ ନିୟମାନୁସାରେ ସ୍କ୍ରିନିଂ କମିଟିକରି ଉକ୍ତ କାର୍ଯ୍ୟର ତଦାରଖ କରିବା ଓ ପଞ୍ଚାୟତ ସମିତିର ଆଇନ ଅନୁସାରେ କାର୍ଯ୍ୟ କରିବା ପାଇଁ ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବ୍ଲକର ଉନ୍ନୟନ ବିଭାଗର ଆଲୋଚନା ସମୟରେ ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଓ ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନଙ୍କ ମଧ୍ୟରେ ଟଣାଓଟରା ଚର୍ଚ୍ଚାର ବିଷୟ ହୋଇଥିଲା । ବନ୍ଧପଡା ପଞ୍ଚାୟତର ବୁଡାବାହାଲଠାରୁ ଟେପ୍ରେନ ରାସ୍ତାରେ ହୋଇଥିବା ମେଟାଲ ମୋରମ କାମକୁ ନେଇ ବେଆଇନ କାମ ହୋଇଥିବା ଅଭିଯୋଗ କରି ତାର ତଦନ୍ତ କରିବାପାଇଁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଦେଓଗାଁ ବ୍ଲକରେ ପିଇବା ପାଣି ସମସ୍ୟା ନେଇ ପ୍ରାୟତଃ ସରପଞ୍ଚ ଅଭିଯୋଗ କରି ବ୍ଲକରେ କାର୍ଯ୍ୟରତ ଥିବା ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ ମନଇଚ୍ଛା ଏବଂ ଜଣେ ରାଜନୈତିକ ଦଳର ନେତାଙ୍କ ଛତ୍ରଛାୟା ତଳେ ରହି ଦୀର୍ଘବର୍ଷ ହେଲା କାମକରୁଥିବା ନେଇ ଅଭିଯୋଗ ଉଠିବାସହ ସମସ୍ତ ଜନପ୍ରତିନିଧି ଅସନ୍ତୋଷବ୍ୟକ୍ତ କରି ତାଙ୍କ ଅନ୍ୟତ୍ର ବଦଳି ଦାବି ଉଠାଇଥିଲେ। ଗତ ୬ମାସ ତଳେ ତାଙ୍କ ବଦଳି ହୋଇଥିବା ବେଳେ ଜଣେ ରାଜନେତାଙ୍କ ଚାପରେ ବଦଳି ସ୍ଥଗିତ ରହିଥିବା ଗୃହରେ ଅଭିଯୋଗ ହେବାପରେ ଏହାର ଉତ୍ତର କେହି ଦେଇପାରି ନ ଥିଲେ। ଏ ଦିଗରେ ଜିଲାପାଳଙ୍କୁ ସର୍ବଦଳୀୟ ଏକ କମିଟି ସାକ୍ଷାତ୍ କରି ସମସ୍ୟା ସମାଧାନ ଦିଗରେ ଖୁବଶୀଘ୍ର ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିପିଓ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଓଡିଶା ଜୀବିକା ମିଶନ, ମିଶନ ଶକ୍ତି, କୃଷି ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଗଲପୁର ମଣ୍ଡଳର ମହାଜନସମ୍ପର୍କ ଅଭିଯାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ସାଧାରଣ ସମ୍ପାଦକ ଓ ଦଳୀୟ ନେତା।

**ଲୋଇସିଂହା.୨୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ମଣ୍ଡଳ ପକ୍ଷରୁ ଆଗଲପୁର କଲ୍ୟାଣ ମଣ୍ଡପରେ ସଂଯୁକ୍ତ ମୋର୍ଚ୍ଚା ସମାବେଶ ଓ ମହାଜନ ସମ୍ପର୍କ ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଞ୍ଜୟ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଉମେଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ଯୋଗଦେଇଥିଲେ । ମୁଖ୍ୟ ଅତିଥି ବେହେରା କେନ୍ଦ୍ର ସରକାରଙ୍କ ୯ବର୍ଷରେ ମୋଦି ସରକାରଙ୍କ ଉପଲବ୍ଧି ଓ ଗ୍ରାମାଞ୍ଚଳରେ ପରିଚାଳିତ ବିଭିନ୍ନ ଜନହିତକର ଯୋଜନା ସହ ସୁଶାସନ ଓ ବିକାଶମୁଖୀ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାବାଦ ତୃଣମୂଳସ୍ତରରେ ଦଳ କିପରି ସଂଗଠିତ ହୋଇ ପାରିବ ତାହା ଉପରେ ମତ ରଖିଥିଲେ। ସଭା ପରେ ଦଳୀୟ ନେତୃବର୍ଗ ଫେରି ଯାଇଥିଲେ। ଏହାପରେ କେତେକ ଯୁବକ ସଭାସ୍ଥଳରେ ପହଞ୍ଚି ସେଠାରେ ପୂର୍ବରୁ ଉପସ୍ଥିତ କର୍ମୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏନେଇ ମଣ୍ଡଳ ସଭାପତି ପଟେଲଙ୍କୁ ପଚାରିବାରୁ ପାରିବାରିକ କାରଣକୁ ନେଇ ଗଣ୍ଡଗୋଳ ହୋଇଥିବା ସେ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରର ସରକାରର ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା ପକ୍ଷରୁ ମହାଜନ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହେଉଛି । ମଙ୍ଗଳବାର ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୁର୍ଡାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ ।

# ପ୍ରାପ୍ୟ ନ ଦେଇ ମଗାଯାଉଛି ଭାଉଚର

**ଲାଠୋର,୨୭।୬(ଭୁବନେଶର ବାରିକ)**

**ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ରହିଥିବା ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରମାନଙ୍କୁ ଶତପ୍ରତିଶତ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଅପରପକ୍ଷରେ ଶତ ପ୍ରତିଶତ ପ୍ରାପ୍ୟର ଭାଉଚର ପ୍ରଦାନ କଲେ ବଳକା ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଉଥିବା ନେଇ ଅଭିଯୋଗ ହେଉଛି। ଏପରିକି ଜିଲା ଅତିରିକ୍ତ ଜିଲାପାଳଙ୍କୁ ଏ ନେଇ ଜଣାଇଲେ ମଧ କୌଣସି ଉପକାର ମିଳୁ ନ ଥିବା କୁହାଯାଉଛି । ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ଅଧିକାଂଶ ପାରିବାର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ତାଙ୍କର ୬ରୁ ୧୪ ବର୍ଷର ପିଲାଙ୍କ ପାଇଁ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ମାନ ଖୋଲି ୬ ମାସ ପାଇଁ ପିଲା ପିଛା ୧୦ ହଜାର ଟଙ୍କା ଲେଖାଏ ଖାଦ୍ୟପେୟ ବାବଦକୁ ପ୍ରଦାନ କରାଯାଏ। ସେହିକ୍ରମରେ ଲାଠୋର ଅଞ୍ଚଳର ମସିଣା, ସାନଗୁର୍ଜିଭଟା, ଚାଉଳଡିଆ, ଚୋରମୁଣ୍ଡା, ପତ୍ରାପାଲି, ସୁନାମୁଦି, ଭରୁଆମୁଣ୍ଡା ଏବଂ ସିନ୍ଦବାହାଲି ଆଦି ଗ୍ରାମର ସରକାରୀ ବିଦ୍ୟାଳୟମାନଙ୍କୁ ୮ଟି ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ଗତ ନଭେମ୍ବର ମାସରେ ଖୋଲି ଅଞ୍ଚଳର ୩୭୬ ଛାତ୍ରୀଛାତ୍ରଙ୍କୁ ରଖାଯାଇଥିଲା। ଖର୍ଚ୍ଚ ବାବଦକୁ ୫୦ପ୍ରତିଶତ ଟଙ୍କା ପ୍ରଦାନ କଲା ପରେ ବଳକା ଟଙ୍କା ପ୍ରଦାନ କରାଯାଉନାହିଁ। କେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକମାନେ ପ୍ରାପ୍ୟ ପ୍ରଦାନ ପାଇଁ କହିଥିଲେ। ଶେଷରେ ଚଳିତ ଜୁନ ମାସରେ ସମ୍ପୃକ୍ତ କେନ୍ଦ୍ରର ଶିକ୍ଷକମାନେ ଜିଲାପାଳଙ୍କୁ ସାକ୍ଷାତ୍ କରିବା ପାଇଁ ଯାଇଥିଲେ। ଜିଲାପାଳଙ୍କୁ ସାକ୍ଷାତ୍ କରି ନ ପାରି ଅତିରିକ୍ତ ଜିଲାପାଳ ଲମ୍ବୋଧର ଧାରୁଆଙ୍କୁ ସାକ୍ଷାତ୍ କରି ଘଟଣା ବିଷୟରେ ଅବଗତ କରିଥିଲେ ମଧ କୌଣସି ଉପକାର ମିଳିନାହିଁ। ପରେ ବିଭାଗୀୟ ଜିଲା ଯୋଜନା ପ୍ରସ୍ତୁତ ସଂଯୋଜକଙ୍କୁ ସାକ୍ଷାତ କରିବାରୁ ବଳକା ୫୦ ପ୍ରତିଶତ ପ୍ରାପ୍ୟ ପ୍ରଦାନ କରିବା ବଦଳରେ ଶତ ପ୍ରତିଶତ ଭାଉଚର ପ୍ରଦାନ କଲେ ବଳକା ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ ବୋଲି ଅଭିଯୋଗ ହେଉଛି। ଫଳରେ କେନ୍ଦ୍ର ପରିଚାଳନା କରିଥିବା ଶିକ୍ଷକମାନେ ଅଡୁଆରେ ପଡ଼ି ଯାଇଛନ୍ତି। ଯେଉଁ ଦୋକାନମାନଙ୍କରୁ ଧାରରେ ସାମଗ୍ରୀ ଆଣି କେନ୍ଦ୍ର ଚଳାଇଥିଲେ ସେମାନେ ଏବେ ଶିକ୍ଷକମାନଙ୍କୁ ଧାର ଟଙ୍କା ମାଗୁଛନ୍ତି। ଏନେଇ ଜିଲା ଯୋଜନା ପ୍ରସ୍ତୁତ ସଂଯୋଜକ ପ୍ରଶାନ୍ତ କୁମାର ସରାଫଙ୍କୁ ପଚାରିବାରୁ ଘଟଣାକୁ ଅସ୍ୱୀକାର କରି କେଉଁ କେନ୍ଦ୍ର କେବେ କ୍ଲୋଜିଂ କରିଛନ୍ତି ସେ ତଥ୍ୟ ମଗିଛୁ ବୋଲି କହିଥିଲେ । ହେଲେ ସାନଗୁର୍ଜିଭଟା ଏବଂ ଚାଉଳଡିଆରେ କେନ୍ଦ୍ର ବିଳମ୍ବରେ ଖୋଲିଥିବା ଯୋଗୁଁ ସେମାନେ ଜୁନ ଶେଷ ସୁଦ୍ଧା କ୍ଲୋଜିଂ ତଥ୍ୟ ଦେବେ। ବାକି କେନ୍ଦ୍ରଗୁଡିକ ମେ ୧୭ ତାରିଖରୁ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତଥ୍ୟ ଦାଖଲ କରିଥିବା ଶିକ୍ଷକମାନେ କହିଛନ୍ତି।

# ଓଷ୍ଟାର ଚତୁର୍ଥ ସାମ୍ବିଧାନିକ ସମ୍ମିଳନୀ

**ଖଡ଼ିଆଳ,୨୭।୬(ସୁଜିତ୍ ପ୍ରଧାନ)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ମହାତ୍ମା ଗାନ୍ଧୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନୂଆପଡ଼ା ଜିଲା ଶାଖାର ଚତୁର୍ଥ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୩ବର୍ଷ ପାଇଁ ନୂଆପଡ଼ା ଜିଲା ଓଷ୍ଟା ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବନବିହାରୀ ମେହେର ସଭାପତି ଓ ରବୀନ୍ଦ୍ରନାଥ ଯୋଷୀ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ସୁଶାନ୍ତ କୁମାର ବିଶି କାର୍ଯ୍ୟକାରୀ ସଭାପତି, ଭରତ ଚନ୍ଦ୍ର ବେହେରା, ମମତା ପତି ଓ ପଞ୍ଚାନନ ମଟାରୀ ଉପସଭାପତି, ଛବି ପୋଢ଼, ଦିଲୀପ କୁମାର ନାଏକ, ପ୍ରୀୟମଞ୍ଜରୀ ବେହେରା ଯୁଗ୍ମ ସମ୍ପାଦକ ଭାବେ ଓ ଆଦାମ କୁମାର ପାଣ୍ଡେ, ରାଜ କୁମାର ତାଣ୍ଡି, ଅନିରୁଦ୍ଧ ପଣ୍ଡା, ଉପେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ବନ ବିହାରୀ ମେହେରଙ୍କ ସଭାପତିତ୍ୱରେ ସାମ୍ବିଧାନିକ ସଭାରେ ଓଷ୍ଟର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ରାଜ୍ୟ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ସହ ସମ୍ପାଦକ ଆଶୁତୋଷ ରଥ, ପ୍ରାକ୍ତନ ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ବରଗଡ ଜିଲା ସମ୍ପାଦକ ସଞ୍ଜୟ କୁମାର ସିଂ, ପ୍ରାକ୍ତନ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ ଯୋଷୀ, ଜିଲା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଏ ୱାନ ପାଇ ଥିବା କୃତୀ ଛାତ୍ରୀଛାତ୍ରୀଙ୍କୁ ଉପଢୌକନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

# ତଦନ୍ତ କଲେ ଜିଲା ଯୋଗାଣ ଅଧିକାରୀ

**ଖପ୍ରାଖୋଲ,୨୭।୬ (ଅଭୟ କୁମାର ତ୍ରିପାଠୀ)**

**ହିତାଧିକାରୀଙ୍କୁ ଚାଉଳ ମିଳି ନ ଥିବା ଅଭିଯୋଗ ଘଟଣା**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ସଦର ମହକୁମା ଗାଁର ହିତାଧିକାରୀଙ୍କୁ ପାଞ୍ଚ ମାସ ହେଲା ଚାଉଳ ମିଳିନାହିଁ। ଏ ନେଇ ଗଣମାଧ୍ୟମରେ ଖବର ପରିବେଷଣ ପରେ ଯୋଗାଣ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଅଭିଯୋଗର ତଦନ୍ତ ପାଇଁ ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ଭାନପୁର ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ହିତାଧିକାରୀଙ୍କୁ ପଚାରି ବୁଝିବା ସହ ଯୋଗାଣ ସହାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ ଓ ବ୍ଲକ ଯୋଗାଣ ଅଧିକାରୀ ବିକାଶ ବାର୍ଲା ଉପସ୍ଥିତ ଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ବିଜୟ କୁମାର ହୋତାଙ୍କ ସହ ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ବିଡ଼ିଓ ହୋତାଙ୍କୁ ପଚାରିବାରୁ ହିତାଧିକାରୀଙ୍କୁ ଦୁଇଦିନ ମଧ୍ୟରେ ଚାଉଳ ପ୍ରଦାନ କରାଯିବ ବୋଲି କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Required**
Experienced Female Therapist for Saikrupa Panchakarma Spa, Bhubaneswar. Attractive Salary. Interested candidates Please Contact : 7328880289, 8984068077

"Arrise BPO Solutions Pvt. Ltd. is hiring Field Collection Executives and Field Team Leaders across locations pan-India for one of its leading NBFC Client. Walk In Interview – 26th June 23 to 30th June 23. Call : Sanjay Kamble 8080678029 / Gulam Husain 9326724966".

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଚୁକ୍ତିଭିତ୍ତିକ (ସମାନ ଗ୍ରେଡ୍ / ସ୍କେଲ୍) | ଖାଲି ପଦବୀ | ବିଜ୍ଞାପନ ସଂ. |
|---|---|---|---|---|
| 1 | ଆଡଭାଇଜର (ଫ୍ରଡ୍ ରିସ୍କ ମ୍ୟାନେଜମେଣ୍ଟ) | ଟିଇଜିଏସ୍-VII ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/08 |
| 2 | ଭାଇସ୍ ପ୍ରେସିଡେଣ୍ଟ ଷ୍ଟ୍ରେସ୍‌ସେଡ ଏସେଟ୍‌ସ ମାର୍କେଟିଂ) | ଟିଇଜିଏସ୍-VI ଡେପୁଟି ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/06 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.06.2023 ରୁ 10.07.2023 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 17.06.2023
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**



Fancy Market, Saheed Nagar, Bhubaneswar || Mob: +91-9438016696

# ବ୍ୟାଙ୍କଋଣ ଓ ରିହାତି ସଚେତନତା କର୍ମଶାଳା

**ଲୋଇସିଂହା,୨୭।୬(ସୁଶାନ୍ତ ବାରିକ)**



ବଲାଙ୍ଗୀର ଜିଲା ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ବ୍ୟାଙ୍କ ଋଣ ଓ ସୁଧ ରିହାତି ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋଇସିଂହା, ବୁର୍ଡା, ବୁଢୀପଦର, ଯୋଗୀସର୍ଡା, ବାଦିବାହାଲ, କୁଟେନପାଲି ଓ କନ୍ଦାଜୁରୀ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏଥିରେ ସିଡିପିଓ ଗାୟତ୍ରୀ ବାରିକ ଓ ମିଶନ ଶକ୍ତି ବିପିଏମ ମଧୁସ୍ମିତା ବିଶ୍ୱାଳ ବ୍ୟାଙ୍କଋଣର ସୁପରିଚାଳନା ଏବଂ କିପରି ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରି ଲାଭାନ୍ୱିତ ହେବେ ସେ ଦିଗରେ ସ୍ୱୟଂସହାୟିକ ଗୋଷ୍ଠୀ ସଦସ୍ୟାଙ୍କୁ ବୁଝାଇଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର,୨୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

- ମାତ୍ରାଧିକ ଦେୟ, ବିଜୁଳି କାଟର ପ୍ରତିବାଦ୍ କଲେ
- ପରିସ୍ଥିତି ନ ସୁଧୁରିଲେ ଜୋର୍‌ଦାର ଆନ୍ଦୋଳନ ଚେତାବନୀ

ବଲାଙ୍ଗୀର ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭ ସମାବେଶରେ ବିଜୁଳି ଯୋଗାଣରେ ଟାଟା ପାୱାରର ମନମୁଖୀ କାର୍ଯ୍ୟକୁ ସମାଲୋଚନା କରାଯାଇଥିଲା। ବିଦ୍ୟୁତ୍ ବଣ୍ଟନରେ ଅନିୟମିତତା ଦେଖାଦେଉଛି। ସାଧାରଣ ଉପଭୋକ୍ତାଙ୍କଠାରୁ ଅତି ଉଚ୍ଚଦରରେ ଦେୟ ଆଦାୟ କରାଯାଉଛି। ଚଳିତବର୍ଷ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ସମୟରେ ଅଘୋଷିତ ଘନଘନ ବିଜୁଳି କାଟ, ଲୋ ଭୋଲଟେଜ ସମସ୍ୟା ଲୋକଙ୍କୁ ଅତିଷ୍ଠ କରି ପକାଇଥିଲା। କଂଗ୍ରେସ ସରକାର ଅମଳରେ ବିଦ୍ୟୁତ ଦେୟ ଯାହା ଥିଲା ବିଜେଡି ସରକାର ସମୟରେ ୨୨୫ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରାଯାଇଥିଲା। ଏଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ କଷ୍ଟଲବ୍ଧ ଧନକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରରୋଚନାରେ କମ୍ପାନୀ ଲୁଟି ନେଉଛନ୍ତି । ଭିତ୍ତିଭୂମି ବିକାଶ କରିବା ନାଁରେ ଅଘୋଷିତ ବିଜୁଳି କାଟକୁ ସମ୍ପୂର୍ଣ୍ଣ ବନ୍ଦ କରୁ ବୋଲି ଜିଲା କଂଗ୍ରେସ କମିଟି ସଦସ୍ୟମାନେ ଚେତାବନୀ ଦେଇଥିଲେ। ଏକ ଦାବିପତ୍ର ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ସୁବ୍ରତ ସେଠ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ପ୍ରଭାରୀ ହରଦୀପ ସି, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଲୁଲୁ ପଟ୍ଟନାୟକ, ଅଜୟ ବାଲୀ, ସଞ୍ଜୟ ମିଶ୍ର, ଉମାଶଙ୍କର ସାହୁ, ରାମପ୍ରସାଦ ମିଶ୍ର, ଅରବିନ୍ଦ ସାହୁ, ଅଙ୍କିତ ସାହୁ, ଲୋପନ ମିଶ୍ର, ବବିତା ସାହୁ, ସାଇନା ବେଗମ, ସମୀର କୁମ୍ଭାର, ଅକବର ଖାନ, ପବିତ୍ର ବେହେରା ବେଟୁନ ସ୍ୱାଇଁ, ଜୟନାରାୟଣ ବହିଦାର, ରାଜେଶ ହୋତା, ବିକିପଣ୍ଡା, ଶିବୁ ପଟ୍ଟନାୟକ, ଗଦା ସୁନା, ଟିଟୁ ମହାନ୍ତି, ବର୍ଜ ସେଠୀ, ନାସିର ଖାନ, ଅଜିତ ମହାନନ୍ଦ, ଅଞ୍ଚଳ ପଣ୍ଡା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପୋତି ଦେଲେ ଡ୍ରେନ, ଗାଁ ଦାଣ୍ଡରେ ଜମିରହୁଛି ପାଣି



**ଅମରପାଲି,୨୭।୬(ପୀତାମ୍ବର ସାହୁ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣି ପଞ୍ଚାୟତ ଚୌକାର ଗାଁ ଦାଣ୍ଡରେ ଜମି ରହୁଛି ବର୍ଷାପାଣି। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଚୌକା ଗ୍ରାମ ଦେଇ ଯାଇଥିବା ରାସ୍ତା ମୁର୍ଷୁଣୀ-ଖଣ୍ଡହତା-ସୁବଳୟାକୁ ସଂଯୋଗ କରୁଛି। ଗତବର୍ଷ ଉକ୍ତ ରାସ୍ତା ଆରଡି ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇ ନୂତନ କାମ ହୋଇଥିଲା। ରାସ୍ତାର ପିଚୁ ନୂତନ ଭାବେ ହୋଇଛି। ଅନେକ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଜବରଦଖଲ ହୋଇଥିଲା। ପ୍ରଶାସନ କେବଳ ଖଣ୍ଡହତା ଗ୍ରାମରେ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ଓସାର କରିଥିଲା। ଅନ୍ୟ କୌଣସି ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇ ନ ଥିଲା। ଚୌକା ଗ୍ରାମର ରାସ୍ତା ଅଣଓସାରିଆ ହୋଇଥିବାରୁ ପୂର୍ବରୁ ଯିବା ଆସିବାରେ ସମସ୍ୟା ହେଉଥିଲା। କୌଣସି କାରଣକୁ ନେଇ ଉକ୍ତ ଗ୍ରାମର ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ହୋଇ ନ ଥିଲା କି ରାସ୍ତା କାମ ହୋଇ ପାରି ନ ଥିଲା। ଏବେ ଅସରାଏ ବର୍ଷା ହେଲେ ଉକ୍ତ ରାସ୍ତାରେ ପାଣି ଜମି ରହୁଛି। ପୂର୍ବରୁ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନକୁ କେତେକ ଦୁର୍ବୃତ୍ତ ଜୋର ଜବରଦସ୍ତ ପୋତି ଦେଇଛନ୍ତି। ଫଳରେ ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ। ରାସ୍ତାରେ ପ୍ରାୟ ଦୁଇ ଫୁଟ ଉଚ୍ଚର ପାଣି ଜମି ରହୁଛି। ଉକ୍ତ ରାସ୍ତା ଦେଇ ଦୈନିକ ଖଣ୍ଡହତା, ସାହାଜଲଥା, ବଡକିରାସିରା, ଯୁବରାଜପୁର,ଚୌକାଦାଦର,ସାନକିରାସିରା, ଜନକପୁର, ରାଜନପାଲି,ବରପଦର, ରାମ୍ପିପାଲି, ଗୁଡିପାଲି, ବୁରୁବୁଡା, ଅଡାଲ, ସୀତାପୁର ,ମୁର୍ଷୁଣି, ବରଘାଟ, ଭୁଡିଆପାଲି, ବଙ୍କିଆ, ବଡବର୍ଡାକଥା, ରିଜୁମୁଣ୍ଡା ସମେତ ବହଲପଦର ପଞ୍ଚାୟତ, ସଂଗ୍ରାମପୁର ପଞ୍ଚାୟତ ଏବଂ ସୀମାନ୍ତ ରେଢାଖୋଲ ବ୍ଲକର ଲୋକେ ବିଭିନ୍ନ କାମରେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଏପରି କି ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଏନେଇ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ କେହି ଦୃଷ୍ଟି ଦେଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

### ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା

**ବୌଦ୍ଧ,୨୭।୬(ଅଜିତ କୁମାର ବାରିକ):** ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଦୁଇଦିନିଆ ବୌଦ୍ଧ ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଗତ ସୋମବାର ଦିନ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାରେ ମହିଳା,ଶିଶୁ ବିକାଶ ଓ ମିଶନ ଶକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାଷ ଚନ୍ଦ୍ର ସାମଲ, ତିନି ବ୍ଲକର ସିଡିପିଓ, ମମତା ସଂଯୋଜକ ଆଶିଷ ମହାନ୍ତି, ମିଶନ ଶକ୍ତି ସଂଯୋଜକ ରଶ୍ମିରଞ୍ଜନ ସେଠୀ ଏବଂ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ହେମ୍ବ୍ରମ ଆଦର୍ଶ କୃଷକ ବଜାର ମଧରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ମିଶନ ଶକ୍ତି କାଫେ ଓ ମିଲେଟ ମିଶନ କାଫେ ପରିଦର୍ଶନ କରି ସେମାନଙ୍କ ବ୍ୟବସାୟ ସଂପର୍କରେ ପଚାରି ବୁଝିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ମନ୍ତ୍ରୀ ହେମ୍ବ୍ରମ ବୌଦ୍ଧ ବ୍ଲକ ଜଗତୀଠାରେ ଅବସ୍ଥିତ ଐତିହାସିକ ଗନ୍ଧରାଡ଼ୀ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରର ପୂଜକ ଓ ଅନ୍ୟ ସେବାୟତମାନଙ୍କ ସହିତ ମନ୍ଦିର ପରିଚାଳନା ଓ ଏହାର ପରିସରର ବିକାଶ ନେଇ ଆଲୋଚନା କରିଥିଲେ। ଅପରାହ୍ନରେ ସେ କନ୍ଧମାଳ ବ୍ଲକରେ ପହଞ୍ଚି ବ୍ଲକ ସମ୍ମିଳନୀ କକ୍ଷଠାରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ କନ୍ଧମାଳ ବିଧାୟକ ମହାଧର ରଣା, ୧ ନମ୍ବର ଜିଲାପରିଷଦ ସଭ୍ୟା ସୁମିତ୍ରା ସାହୁ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଳାକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର କଚ୍ଛପ ଗତି

ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)



ବିନିକା ବ୍ଲକ ବିଶାଳପାଲିରେ ଓଭର ହେଡ ଟାଙ୍କି ନିର୍ମାଣ କାମ ସରିନି।

**ସୁବର୍ଣ୍ଣପୁର ଜିଲା**

- ବିଳମ୍ବ ହେଉଛି ସବୁ ପରିବାରକୁ ଟ୍ୟାପ୍ ପାଣି ଯୋଗାଣ
- ସମୟ ଅବଧି ସରିଲାଣି, କାମ ସରୁନି
- ମୋଟ ୮୫୬ ଗାଁରୁ ୩୫୫ ଗାଁକୁ ହୋଇଛି ପାଇପ ଜଳ ଯୋଗାଣ

ଦେଶର ସମସ୍ତ ପରିବାରକୁ ୨୦୨୪ ସୁଦ୍ଧା ଟ୍ୟାପ୍ ପାଣି ଯୋଗାଇବା ପାଇଁ କେନ୍ଦ୍ର ସରକାର ଜଳଜୀବନ ମିଶନ ପରିକଳ୍ପନା କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନା ପ୍ରଣୟନ କରାଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ପାଇପ ଜଳ ଯୋଗାଣ ପ୍ରକଳ୍ପ ଓ ନଳକୂପ ସ୍ଥାପନ କରାଯାଉଛି। କିନ୍ତୁ ଏହି କାର୍ଯ୍ୟ ଖୁବ୍ ମନ୍ଥର ଗତିରେ ଚାଲିଛି। ସୁବର୍ଣ୍ଣପୁର ଜିଲା ଗଠନର ୩୦ ବର୍ଷ ବିତି ଯାଇଛି । ତେବେ ଏବେ ବି ଜିଲାର ୫୦୧ ଗାଁକୁ ପାଇପ ଯୋଗେ ପାନୀୟ ଜଳଯୋଗାଣର ବ୍ୟବସ୍ଥା ହୋଇପାରିନି। ଜିଲାରେ ମୋଟ ୮୫୬ ଗାଁ ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୩୫୫ଟି ଗାଁକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସୁବର୍ଣ୍ଣପୁର ଜିଲାର ୬ଟି ଯାକ ବ୍ଲକରେ ମେଗା ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହେଉଛି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ୧୧୯ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୧୧୯ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ କାମ ଚାଲିଛି। ଗତ ୨୦୧୯ ମସିହା ଡିସେମ୍ବର ମାସରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଜୁଭେରି ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ପାଇଭେଟ୍ ଲିମିଟେଡ ନାମକ ସଂସ୍ଥା ଏହି କାର୍ଯ୍ୟ କରୁଛି। ଚୁକ୍ତିନାମା ଅନୁଯାୟୀ ୨୦୨୧ ଡିସେମ୍ବର ୧୬ ତାରିଖ ସୁଦ୍ଧା କାମ ସରିବା କଥା। କିନ୍ତୁ ଠିକା ସଂସ୍ଥା ନିର୍ମାଣ ଅବଧିକୁ ବାରମ୍ବାର ବୃଦ୍ଧି କରି ଚାଲିଛି। ୨୦୨୩ ଜୁନ୍ ୩୦ ତାରିଖ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ମାତ୍ର ୭୦ % କାମ ସରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧ଲକ୍ଷ ୫୯ହଜାର ଲୋକ ଉପକୃତ ହେବେ। ତରଭା ବ୍ଲକର ୩ଟି ପଞ୍ଚାୟତର ୨୭ଟି ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୧୯ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ କାମ ଚାଲିଛି। ୨୦୨୧ ଜୁଲାଇରୁ କାମ ଆରମ୍ଭ ହୋଇଥିବା ବେଳେ ଏଯାଏ ୯୦ ପ୍ରତିଶତ କାମ ସରିଛି। ବିନିକା ବ୍ଲକର ୬ଟି ପଞ୍ଚାୟତ ୨୬ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୪୪ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପ୍ରକଳ୍ପ ୨୦୨୩ ଅଗଷ୍ଟରେ ସମ୍ପୂର୍ଣ୍ଣ ହେବା କଥା । ମାତ୍ର ଏପର୍ଯ୍ୟନ୍ତ ୬୫ ପ୍ରତିଶତ କାମ ସରିଛି। ସେହିପରି ତରଭା ଓ ସୋନପୁର ବ୍ଲକର ୨୬୫ ଗ୍ରାମକୁ ପାଇପ ଯୋଗେ ଜଳଯୋଗାଣ ପାଇଁ ୨୮୪ କୋଟି ୭୫ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଚାଲିଛି। ବୀରମହାରାଜପୁର ବ୍ଲକର ୧୬୩ଟି ଗ୍ରାମକୁ ମେଗା ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୧୬୦ କୋଟି ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଉଲୁଣ୍ଡା ବ୍ଲକର ୧୯୮ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୨୩୫ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଚାଲିଛି। ମେଘା ଇଞ୍ଜିନିୟରିଂ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ ନାମକ ଦକ୍ଷିଣ ଭାରତର ଠିକା ସଂସ୍ଥା ତରଭା, ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର କାମ ପାଇଛି। ତେବେ କାମ ବିଳମ୍ବ ହେବା ସହ ଠିକ୍ ଭାବେ ହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲାର ସୋନପୁର, ବୀରମହାରାଜପୁର ଓ ତରଭା ଅଞ୍ଚଳରେ ପାଣିରେ ଆଇରନ ଓ ଫ୍ଲୋରାଇଡ ଭାଗ ରହୁଛି। ଏଥିଯୋଗୁଁ କିଛି ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପୁଛି। ମେଗା ପ୍ରକଳ୍ପରୁ ନଦୀ ଜଳ ଟ୍ୟାପ୍ ଯୋଗେ ମିଳିଲେ ସ୍ୱାସ୍ଥ୍ୟ ଠିକ୍ ରୁହନ୍ତା। କିନ୍ତୁ ବିଳମ୍ବିତ କାର୍ଯ୍ୟ ଯୋଗୁ ଲୋକେ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ



ସଖୀ ୱାନଷ୍ଟପ୍ ସେଣ୍ଟର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟ ଅଧିକାରୀ।

ବୌଦ୍ଧ,୨୭।୬ (ଅଜିତ କୁମାର ବାରିକ)

ମଙ୍ଗଳବାର ଅପରାହ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ମର୍ଜାକୁଦଠାରେ ଜିଲାପରିଷଦ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହାଛଡା ବିଜୁ ପଟ୍ଟନାୟକ ଆଦର୍ଶ କୃଷକ ବଜାର ମଧରେ ଏକ ଡାଲି ପ୍ରକ୍ରିୟାକରଣ କେନ୍ଦ୍ରର ଉଦ୍‌ଘାଟନ, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ସଖୀ ୱାନଷ୍ଟପ୍ ସେଣ୍ଟରର ଉଦ୍‌ଘାଟନ କରିଥିଲେ। ପରେ ଇରିଗେଶନ କଲୋନୀ ୱାର୍ଡ ନମ୍ବର ୧ର ଗାଇଗୋଠ ପଡିଆଠାରେ ବିଜୁ ଆଦର୍ଶ କଲୋନୀସ୍ଥିତ ବୁଦ୍ଧଦେବ ସାହି (ନୂତନ ବାସସ୍ଥାନ)ର ଉଦ୍‌ଘାଟନ କରିଥିଲେ । ଏଥିସହିତ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ବିଦ୍ୟୁତ, ପାନୀୟଜଳ ଓ ରାସ୍ତା ଆଦି ସୁବିଧା ଯୋଗାଇ ଦିଆଯାଇଥିବାରୁ ବସ୍ତିବାସିନ୍ଦାମାନେ ନିଜେ ରହୁଥିବା ପରିବେଶ ପରଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପଧକ୍ଷା ସୁଭାଷିନୀ ସେଠୀ,ସମସ୍ତ କାଉନସିଲର, ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଭାତ କୁମାର ଦାସ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ,ସିଡିପିଓ ମିନତୀ ଦେଓ ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଯୁବ ସମାଜ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ଯୁବ ଉତ୍ସବ**

ମଙ୍ଗଳବାର ସୁବର୍ଣ୍ଣପୁର ନେହେରୁ ଯୁବକେନ୍ଦ୍ର ସଂଗଠନ ତରଫରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ସମାଜ ସକରାତ୍ମକ ମାନସିକତାର ସହ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ଜିଲା ଯୁବ ଅଧିକାରୀ ଏ.ଭି. ନରସିଂହା କୁମାର ଉତ୍ସବ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ବକ୍ତା ଭାବେ ଡ. ଜ୍ୟୋତି ରଞ୍ଜନ ବହିଦାର ଏବଂ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଯୁବସମାଜକୁ ସବୁ ସମୟରେ ସଠିକ ମାର୍ଗଦର୍ଶନ ଦେଇଥାଏ ବୋଲି କହିଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ କୁମାର ସାହୁ, ଚୌଧୁରୀ ବିଭାର, ଡ. ଜ୍ୟୋତି ରଞ୍ଜନ ବହିଦାର, ଶ୍ରୀଧର ବାଗ, ଡ. ସୌରଭ ରଞ୍ଜନ ଖମାରୀ, ରଞ୍ଜିତା ପଣ୍ଡା, ଦୀନେଶ ରଞ୍ଜନ ମିଶ୍ର, ଜ୍ୟୋତିରାଦିତ୍ୟ ପୀନାକୀ ପଣ୍ଡା, ଶ୍ୟାମ ସୁନ୍ଦର ମେହେର, ରଶ୍ମି ରଞ୍ଜନ ବିଶି ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିପିନ ବିହାରୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ସୋନପୁର ମିଲେଟ ମିଶନ ଏବଂ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ତରଫରୁ ପ୍ରଦର୍ଶନୀ ଷ୍ଟଲ ଲଗାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର କୃପାସିନ୍ଧୁ ସା, ହୃଷୀକେଶ ଦେହୁରୀ, ଧ୍ରୁବଳେଶର ଭୁକ୍ତା, ମନୋରଞ୍ଜନ ଜଗଦଲା, ସୁଦର୍ଶନ ଭରାସାଗର, ଅଜିତ ଭୋଇ ଓ ଜଗତ ଖମାରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ୪ରେ ୫-ଟି ସଚିବଙ୍କ ସୁବର୍ଣ୍ଣପୁର ଗସ୍ତ

ସୋନପୁର,୨୭।୬(ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ ପାଣ୍ଡିଆନ ଆସନ୍ତା ୪ ତାରିଖ ଦିନ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିବେ। ଏହି ଦିନିକିଆ ଗସ୍ତ କାଳରେ ପାଣ୍ଡିଆନ ସକାଳେ ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ, ଇଷ୍ଟଦେବତା ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପରେ ସୋନପୁର ବ୍ଲକ ଛକସ୍ଥିତ ମିଲେଟ୍ କାଫେ ଓ ହିକୁଡି ଛକସ୍ଥିତ ଏସଏଚଜି କାଫେ ପରିଦର୍ଶନ କରିବେ। ସଚିବ ସୋନପୁର ବ୍ଲକର ସାଗରପାଲି ଓ ଉଲୁଣ୍ଡା ବ୍ଲକ ବିଶିପଡା ୫-ଟି ହାଇସ୍କୁଲ ପରିଦର୍ଶନ କରିବେ। ସେହିପରି ଖଲିଆପାଲିସ୍ଥିତ ଭୀମଭୋଇଙ୍କ ସିଦ୍ଧି ଓ ସମାଧି ପୀଠ, ବିନିକା ପାପକ୍ଷୟ ଘାଟ ଓ ଉଲୁଣ୍ଡା ବ୍ଲକର କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଡୁଙ୍ଗୁରିପାଲି ବ୍ଲକର ସହଲା ପଡିଆ ଓ ଉଲୁଣ୍ଡାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିବେ। ଏହି ଅବସରରେ ପାଣ୍ଡିଆନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ବିଭିନ୍ନ ସଂଗଠନର ଦାବିପତ୍ର ଗ୍ରହଣ କରିବେ ବୋଲି ଜଣାପଡିଛି। ଜିଲାକୁ ୫-ଟି ସଚିବଙ୍କ ପ୍ରଥମ ଗସ୍ତ ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଚଳଚଞ୍ଚଳ ହୋଇଉଠିଛି। ଲୋକ ପ୍ରତିନିଧି ଓ ପ୍ରଶାସନ ସଚିବଙ୍କ ସମସ୍ତ ଗସ୍ତ କାର୍ଯ୍ୟକ୍ରମର ସୂଚୀ ଚୂଡାନ୍ତ କରିବା ପାଇଁ ମଙ୍ଗଳବାର ଏକ ବୈଠକ କରିଥିବା ଜଣାପଡିଛି। ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତ ପରେ ଦେବାଦେବୀଙ୍କ ମନ୍ଦିର ଉନ୍ନତି ପାଇଁ ପର୍ଯ୍ୟାପ୍ତ ଅନୁଦାନ ମିଳୁ ଥିବାରୁ ସୁବର୍ଣ୍ଣପୁର ଜିଲାବାସୀ ତାଙ୍କ ଗସ୍ତକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଅବହେଳିତ ଅବସ୍ଥାରେ ଥିବା ପାତାଳି ଶ୍ରୀକ୍ଷେତ୍ର, ସୁରେଶ୍ୱରୀ ମନ୍ଦିର ଓ ପାପକ୍ଷୟଘାଟ ଭଳି ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ହେବ ବୋଲି ଜନସାଧାରଣ ଆଶା ବାନ୍ଧିଛନ୍ତି।

## ଫାଇଲେରିଆ ନିରାକରଣ ପାଇଁ ବୈଠକ



ବୈଠକରେ ଯୋଗ ଦେଇଥିବା ଅଧିକାରୀବୃନ୍ଦ।

ବିନିକା,୨୭।୬(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ମଙ୍ଗଳବାର ଫାଇଲେରିଆ ନିରାକରଣ ପାଇଁ ଏକ ସମନ୍ୱୟ ବୈଠକ ବିଡିଓ ବ୍ୟାସଦେବ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବନ ଅଧିକାରୀ ଡମ୍ବରୁଧର ପଧାନ, ସତ୍ୟ ନାରାୟଣ ପାଣିଗ୍ରାହୀ, ସିଦ୍ଧାର୍ଥ ଜୁନିୟର କଲେଜ ଅଧକ୍ଷା ରେଖା ପଧାନ, ଅତିରିକ୍ତ ଶିକ୍ଷା ଅଧିକାରୀ ହେମସାଗର କଲାସେ, ଭାରପ୍ରାପ୍ତ ସିଡିପିଓ ଦୀପାନ୍ତରୀ ବାଘ, ମନୋଜ କୁମାର ବେହେରା, ଜୟକୃଷ୍ଣ ପଧାନ, ସୁଶାନ୍ତ ଭୋଇ, ଅଜିତ କୁମାର ହୋତା ଯୋଗଦେଇ ଫାଇଲେରିଆ କିପରି ଲୋପ ପାଇବ ଓ ସମସ୍ତଙ୍କ ନିକଟରେ କିପରି ସଚେତନତାର ବାର୍ତ୍ତା କିପରି ପହଞ୍ଚିବ ସେ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବନବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଆୟୋଜକ ତଥା ପିଏଚଇଓ ବିନ୍ଦୁ ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Required
Experienced Female Therapist for Saikrupa Panchakarma Spa, Bhubaneswar. Attractive Salary. Interested candidates Please Contact : 7328880289, 8984068077

"Arrise BPO Solutions Pvt. Ltd. is hiring Field Collection Executives and Field Team Leaders across locations pan-India for one of its leading NBFC Client.
Walk In Interview – 26th June 23 to 30th June 23.
Call : Sanjay Kamble 8080678029 / Gulam Husain 9326724966".

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଚୁକ୍ତିଭିତ୍ତିକ (ସମାନ ଗ୍ରେଡ୍ / ସ୍କେଲ୍) | ଖାଲି ପଦବୀ | ବିଜ୍ଞାପନ ସଂ. |
|---|---|---|---|---|
| 1 | ଆଡଭାଇଜର (ଫ୍ରଡ୍ ରିସ୍କ ମ୍ୟାନେଜମେନ୍ଟ) | ଟିଇଜିଏସ୍-VII ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/08 |
| 2 | ଭାଇସ୍ ପ୍ରେସିଡେଣ୍ଟ (ଷ୍ଟ୍ରେସ୍‌ଡ ଏସେଟ୍‌ସ ମାର୍କେଟିଂ) | ଟିଇଜିଏସ୍-VI ଡେପୁଟି ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/06 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ ।
- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.06.2023 ରୁ 10.07.2023 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ।
ସ୍ଥାନ: ମୁମ୍ବାଇ
ତାରିଖ: 17.06.2023
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ବାହୁଡ଼ା ଯାତ୍ରାର ଦିନକ ପୂର୍ବରୁ ଛୁଟି ଘୋଷଣା କରିଦେଲେ

ଅମରପାଲି,୨୭।୬(ପୀତାମ୍ବର ସାହୁ)



ରାମ୍ପିପାଲି ସ୍କୁଲ ଫାଟକରେ ତାଲା ପଡ଼ିଛି।

**ରାଇପାଲି ପ୍ରାଥମିକ ବିଦ୍ୟାଳୟ**

- ସ୍କୁଲକୁ ଆସିଲେନି ଶିକ୍ଷକ, ଛାତ୍ରୀଛାତ୍ର
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ:ବିଇଓ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ବୁଠିପଦର କ୍ଲଷ୍ଟରର ରାମ୍ପିପାଲି ୟୁପି ସ୍କୁଲକୁ ମଙ୍ଗଳବାର ଦିନ ନିର୍ଦ୍ଧାରିତ ସମୟରେ କୌଣସି ଶିକ୍ଷକ କିମ୍ବା ଛାତ୍ରୀଛାତ୍ର ନ ଆସିବା ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବାହୁଡାଯାତ୍ରା ଛୁଟି ବୋଲି ଘୋଷଣା କରାଯାଇଥିବାରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରଧାନଶିକ୍ଷକ ରବି ନାରାୟଣ ଭୋଇ ଓ ସହକାରୀ ଶିକ୍ଷକ ପ୍ରଦୀପ ନାଏକ ସ୍କୁଲକୁ ଆସି ନ ଥିଲେ। ଫଳରେ ସ୍କୁଲକୁ କୌଣସି ଛାତ୍ରୀଛାତ୍ର ମଧ ଆସି ନ ଥିଲେ। ପ୍ରକାଶ ଯେ, ବୀରମହାରାଜପୁର ଅଞ୍ଚଳର ସବୁ ସ୍କୁଲ ଖୋଲା ରହିଥିବା ବେଳେ ରାମ୍ପିପାଲି ପ୍ରାଥମିକ ସ୍କୁଲ ବନ୍ଦ ରହିଥିବା ଦେଖି କେତେଜଣ ଅଭିଭାବକ ବୁଠିପଦର କ୍ଲଷ୍ଟର ସିଆରସିସି ଅଜିତ ନାଏକଙ୍କୁ ଜଣାଇଥିଲେ। ଏନେଇ ସିଆରସିସି ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ଅବଗତ କରିଥିଲେ। ବିଇଓଙ୍କ ନିର୍ଦ୍ଦେଶ କ୍ରମେ ନିକଟସ୍ଥ ଗୁଡିପାଲି ସ୍କୁଲରୁ ଜଣେ ଶିକ୍ଷକ କ୍ଷେତ୍ରବାସୀ ମେହେରଙ୍କୁ ଡେପୁଟେଶନରେ ପଠାଯିବା ପରେ ପୂର୍ବାହ୍ନ ସାଢେ ୧୧ଟାରେ ସ୍କୁଲ ଖୋଲାଯାଇଥିଲା।

ରାମ୍ପିପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ୫ଟି ଶ୍ରେଣୀରେ ସମୁଦାୟ ୨୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବାହୁଡାଯାତ୍ରା ଛୁଟି ଘୋଷଣା କରାଯାଇଥିଲା। ସ୍କୁଲ ବନ୍ଦ ରହିବାରୁ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୁଡିପାଲି ସ୍କୁଲର ଶିକ୍ଷକ ଜଣକ ସ୍କୁଲକୁ ଆସିବା ପରେ ଘର ଘର ଯାଇ ପିଲାଙ୍କୁ ଡକାଯାଇଥିଲା। ପରେ ୧୯ଜଣ ଛାତ୍ରୀଛାତ୍ର ସ୍କୁଲକୁ ଆସିଥିଲେ। ମାତ୍ର ସ୍କୁଲର ଚାବି ନ ଥିବାରୁ ସ୍କୁଲ ବାରଣ୍ଡାରେ ପିଲାମାନେ ବସିଥିଲେ। ନିକଟସ୍ଥ ଗୁଡିପାଲି ସ୍କୁଲରୁ ମଧ୍ୟାହ୍ନ ଭୋଜନ ଆଣି ଦିଆଯାଇଥିଲା। ଏନେଇ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ରବିନାରାୟଣ ଭୋଇଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରି ନ ଥିଲା। ବୁଠିପଦର ସିଆରସିସି ଅଜିତ ନାଏକଙ୍କୁ ପଚାରିବାରୁ ଖବର ପାଇବା ପରେ ବିଇଓଙ୍କୁ ସୁଚନା ଦେଇ ସ୍କୁଲ ଖୋଲିବାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ଏନେଇ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରୁ ସ୍କୁଲର ଉଭୟ ଶିକ୍ଷକ ଅନୁପସ୍ଥିତ ଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି।



## କାରଖାନାରୁ ଚୋରି: ଜଣେ ଗିରଫ

ରାଉରକେଲା (ଦିନେଶ ମିଶ୍ର): ରଘୁନାଥପାଲି ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳରେ ଚୋରି କରି ଫେରାର ଥିବା ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୋପବନ୍ଧୁପାଲୀର ଶମ୍ଭୁ ବାରିକ(୨୮)। ଶିଳ୍ପାଞ୍ଚଳ ବି-୮ରେ ଥିବା ଏକ କାର୍ଯ୍ୟାଳୟରେ ଶମ୍ଭୁ ଗତ ୨୬ ତାରିଖ ସନ୍ଧ୍ୟାରେ ଝରକା କାଚଭାଙ୍ଗି ପଶିଥିଲା। ପରେ କାର୍ଯ୍ୟାଳୟରେ ଥିବା ଏକ ଆଲମିରା ଲକ୍‌ର ଭାଙ୍ଗି ସେଥିରୁ ୧୭ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଗୋପବନ୍ଧୁପାଲୀରୁ ଶମ୍ଭୁକୁ ଗିରଫ କରିଥିଲା। ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି।

### ସଂକ୍ଷେପରେ

## ସାପ କାମୁଡ଼ାରେ ଯୁବକ ମୃତ

ରାଉରକେଲା,୨୭।୬(ଦିନେଶ ମିଶ୍ର): ସେକ୍ଟର-୧୫ ଥାନା ଅନ୍ତର୍ଗତ ଡୁମକେଲା ବସ୍ତିରେ ବାସ କରୁଥିବା ଜଣେ ଯୁବକଙ୍କୁ ସାପ କାମୁଡିବାରୁ ମୃତ୍ୟୁ ବରଣ କରିଛି। ମୃତ ଯୁବକ ହେଲେ ମଦନ ମୁଣ୍ଡାରୀ(୪୦)। ସୂଚନାଯୋଗ୍ୟ, ଡୁମକେଲା ବସ୍ତିରେ ମଦନ ପରିବାର ସହ ବାସ କରେ। ସୋମବାର ରାତିରେ ଘର ପାଖ ବଗିଚାରେ ମଦନ ଶୋଇବାକୁ ଯାଇଥିଲା। ବିଳମ୍ବିତ ରାତିରେ ଏକ ସାପ କାମୁଡି ଦେଇଥିବା ଜାଣି ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲା। ଏନେଇ ପୋଲିସ(୧୧।୨୩)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ନିଶା ବିରୋଧରେ ଶପଥ ନେଲେ ଛାତ୍ରୀଛାତ୍ର

ସୁନ୍ଦରଗଡ଼,୨୭।୬(ଜୟନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ନିଶା ଔଷଧର ଦୁରୁପଯୋଗ ଓ ଅବୈଧ ଚାଲାଣ ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ନିଶା ବିରୋଧରେ ଶପଥ ନେଇଥିଲେ। ନିଶାମୁକ୍ତ ଔଷଧ ବ୍ୟବହାର ସମ୍ବନ୍ଧରେ ଅଧକ୍ଷ ଡ.ସାହୁ ଛାତ୍ରୀଛାତ୍ର ତଥା ସମସ୍ତଙ୍କୁ ସଚେତନ କରିଥିଲେ। ଅଧାପକ ଆର୍ଯ୍ୟା ବିଭାସ କୁମାର, ସରୋଜ କୁମାର ପୂଜାରୀ, ସତ୍ୟ ଶୋଭନ ସୋରେନ, ଅଧାପିକା ରୂପମା ତନ୍ତୀ,ମୋ କଲେଜ ଅଭିଯାନର ସଂଯୋଜିକା ଆଞ୍ଜେଲିନ୍ କିଣ୍ଡୋ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଅଧାପକ ନୂତନ ଖମାରୀ ଧନ୍ୟବାଦ ଦେଇଥିଲେ।

# ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ପୁରାତନ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୨୭।୬(ଜୟନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ଘୋଷଣା ଦାବିରେ ପୁରାତନ ଛାତ୍ର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ପୂର୍ବାହ୍ନ ସାଢ଼େ ୯ଟାରେ ମହାବିଦ୍ୟାଳୟ ପରିସରରୁ ପୁରାତନ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ହାତରେ ବ୍ୟାନର ଧରି ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଦର୍ଶାଯାଇଛି,୧୯୫୮ରେ ପ୍ରତିଷ୍ଠିତ ଏହି ପୁରାତନ ମହାବିଦ୍ୟାଳୟ ଆଦିବାସୀ ବହୁଳ ଉପାନ୍ତ ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟ ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ଆଲୋକବର୍ତ୍ତିକା ସଦୃଶ୍ୟ। ବର୍ତ୍ତମାନ ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ର ସଂଖ୍ୟା ୨୫୦୦୦ରୁ ଊର୍ଦ୍ଧ୍ୱ। ଏଠାରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ରହିଛି। ସ୍ନାତକୋତ୍ତ ରେ ଉପକୂଳ ଓଡ଼ିଶାରୁ ମଧ୍ୟ ଛାତ୍ରୀଛାତ୍ରମାନେ ଆସି ଶିକ୍ଷା ଗ୍ରହଣ କରୁଛନ୍ତି। ଏହାସହିତ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧ୍ୟୟନ କେନ୍ଦ୍ର ଓ ବିଇଡି ପାଠ୍ୟକ୍ରମ ମଧ୍ୟ କିଛି ବର୍ଷ ହେବ ଚାଲୁଛି। ମହାବିଦ୍ୟାଳୟର ୨ ଛାତ୍ରୀନିବାସ ଓ ୩ ଛାତ୍ର ବାସରେ ୧୦୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହୁଛନ୍ତି। ମହାବିଦ୍ୟାଳୟର ୧୫୪ଏକର ପରିମିତ ଜମି, ସୁଦୃଢ଼ ଭିତ୍ତିଭୂମି, ପାଠାଗାର, ଗବେଷଣାଗାର ରହିଥିବା ଯୋଗୁଁ ଏହାକୁ ଯଥାଶୀଘ୍ର ଆଦିବାସୀ ବିଶ୍ୱବିଦ୍ୟାଳୟଭାବେ ଘୋଷଣା କରାଯିବାକୁ ଦାବି କରାଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଡ.ଚିରବ୍ରତ ଦତ୍ତଙ୍କ ନେତୃତ୍ୱରେ ଗୋବିନ୍ଦ ଚନ୍ଦ୍ର ସୁଆର, ହରିଶଚନ୍ଦ୍ର ପଟେଲ, ବିଶ୍ୱରଞ୍ଜନ ହୋତା, ବିଭୁଦେନ୍ଦ୍ର ଠାକୁର, ଡ.କୁମୁଦିନୀ ରାଉତରାୟ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ ଭୋଳ, ପ୍ରଣବ ସିଂହ, ଶରତେନ୍ଦୁ ମହାପାତ୍ର, ପଞ୍ଚା ବାର୍ଲା, ପ୍ରଦୀପ ବହିଦାର, ସଚିନ ବିଶ୍ୱକର୍ମା, ଆଦର୍ଶ ମେହେର, ସୁସ୍ମିତା ଯୋଶୀ, ବାଲଗୋପାଲ ମିଶ୍ର ପ୍ରମୁଖ ପ୍ରତିନିଧି ମଣ୍ଡଳୀ ସ୍ମାରକ ପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ଅବହେଳିତ ଅବସ୍ଥାରେ ଉଦ୍ୟାନ



ଲାଠିକଟା,୨୭।୬(ରାମେଶ୍ୱର ଖାଡ଼ଙ୍ଗା)

ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ହେବା ପରେ ଗଢ଼ି ଉଠିଥିଲା ସାର ନଗରୀ। ନଗରୀ ବାସୀଙ୍କ ବୁଲାବୁଲି ଏବଂ ପିଲାମାନଙ୍କ ମନୋରଞ୍ଜନ ପାଇଁ ଏଠାରେ ଏକ ଉଦ୍ୟାନ ମଧ୍ୟ ସ୍ଥାପନା କରାଗଲା। ଏହାର ନାମ ରଖାଗଲା ସୋନା ଉଦ୍ୟାନ। ପିଲାଙ୍କ ଖେଳ କୁଦ ପାଇଁ ଦୋଳି, ଖସଡ଼ା ସହିତ ଅନେକ ସାମଗ୍ରୀ ଲାଗି ଥିଲା। ଏହାର ରକ୍ଷଣବେକ୍ଷଣ ପାଇଁ ସିଆଇଏସ୍‌ଏଫ୍ ମୁତୟନ ହୋଇଥିଲେ। ଶୀତଦିନେ ମଧ୍ୟ ଏଠାରେ ବଣଭୋଜି ପାଇଁ ଲୋକଙ୍କ ଭିଡ଼ ଜମେ। ହେଲେ ଏବେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଉଦ୍ୟାନ ଏବେ ମଦୁଆଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଉଦ୍ୟାନର ମେନ୍ ଗେଟ୍, ଦୋଳି ଏବଂ ଅନ୍ୟ ସାମଗ୍ରୀ ସବୁ ଚୋରି ହୋଇଗଲାଣି। ଯଦି ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦିଅନ୍ତି ତେବେ ପୁଣି ଥରେ ଉଦ୍ୟାନ ମର୍ଯ୍ୟାଦା ଫେରି ପାଆନ୍ତା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ନବମୀ ସନ୍ଧ୍ୟାରେ ଶ୍ରୀଜୀଉ ମାନଙ୍କର କଳକୀ ଅବତାର ବେଶ


ସୁନ୍ଦରଗଡ ରାଜବାଟୀ ଜଗନ୍ନାଥ ମନ୍ଦିର ଆଡପ ମଣ୍ଡପ।


ରଙ୍ଗାଡିପା ମାଉସୀ ମା’ ମଣ୍ଡପ।

## ନବନିଯୁକ୍ତ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୨୭।୬(ଜୟନାରାୟଣ ମେଣ୍ଟୁଲି)

ସ୍ଥାନୀୟ ରାଣୀବଗିଚାସ୍ଥିତ କଂଗ୍ରେସ ଭବନଠାରେ ନବନିଯୁକ୍ତ ଜିଲା କଂଗ୍ରେସ ସଭାପତି ଏବଂ ପିସିସିର ଅନ୍ୟ ପଦାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦାୟୀ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦେଶ କଂଗ୍ରେସ କମିଟି ତରଫରୁ ନବନିଯୁକ୍ତ ଜିଲା ସଭାପତି ଜନାର୍ଦ୍ଦନ ଦେହୁରୀ, ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡ଼ଙ୍ଗୀ, ପିସିସି ଉପସଭାପତି ଡ.ସିଏସ୍ ରାଜେନ ଏକ୍କା, ପିସିସି ସାଧାରଣ ସମ୍ପାଦକ ନିର୍ମଳ ନାଏକ ଓ ଅମିତା ବିଶ୍ୱାଳ ତଥା ସମ୍ପାଦିକା ଭୂଲକି ସେଠ ଓ ସାବିତ୍ରୀ କିଷାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କଂଗ୍ରେସ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଦାୟୀ ଜିଲା ସଭାପତି ତ୍ରିପାଠୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଦଳ ଜିଲାର ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ ଓ ଲଢ଼େଇ ଜାରି ରଖିବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ଏହି ସଭାରେ ଜିଲାର ସମସ୍ତ ବ୍ଲକର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ, ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ସୁନ୍ଦରଗଡ଼,୨୭।୬(ଜୟନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଅଘୋଷିତ ବିଦ୍ୟୁତ୍‌କାଟ ଓ ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ସ୍ଥାନୀୟ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଡିଭିଜନ ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟି ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ସଭାପତିତ୍ୱରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଜଗାଙ୍ଗପୁର ବିଧାୟକ ତଥା ପିସିସି ଉପସଭାପତି ଡ.ସିଏସ୍ ରାଜେନ ଏକ୍କା, ପିସିସି ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପିସିସି ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ଉପସଭାପତି ଅଜିତ ପ୍ରସାଦ, ସାଧାରଣ ସମ୍ପାଦକ କାଳୀପଦ ସାମଲ, ପର୍ଶୁରାମ ସରାଫ, ବରିଷ୍ଠ ନେତା ଅରୁଣ ପୃଷେଠ, ଦେବାଶିଷ ଦାସ, ଗୋବିନ୍ଦ ଭୋଇ, ମୁନୁ ସରାଫ ଉପସ୍ଥିତ ରହି ବିଦ୍ୟୁତ୍ କାଟ ବନ୍ଦ ଓ ଦେୟ ବୃଦ୍ଧି କମ କରିବାକୁ ଦାବି କରିଥିଲେ। ଏଥିସହିତ ଓଡ଼ିଶା ବଳକା ବଦ୍ୟୁତ୍ ରାଜ୍ୟଭାବେ ସରକାର ଘୋଷଣା କରୁଥିବା ବେଳେ ଗ୍ରାହକଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ୍ ପଟ୍ଟନାୟକ, ବିନିତା ନାଏକ, କଳ୍ପନା ଆପଟଭୀମସେନ ତନ୍ତୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଅତିରିକ୍ତ ଶାସନ ସଚିବ ତଥା ଗ୍ରୀଡକୋ ଅଧକ୍ଷ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।


ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଡିଭିଜନ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ।

# କାଦୁଅ ରାସ୍ତାରେ ଯା’ଆସ କରୁଛନ୍ତି ଗ୍ରାମବାସୀ


କାଦୁଅରେ ଯା’ଆସ କରୁଛନ୍ତି ଗ୍ରାମବାସୀ।

କୁତ୍ରା,୨୭।୬(ଦେବାଶିଷ ସାହୁ)

### ମନ୍ଥର ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ

ଅସରାଏ ବର୍ଷାରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଡୁନମୁରା ପଞ୍ଚାୟତ ସିଆଲଜୋର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିଆଲଜୋରରୁ ଫଟାଟାଙ୍ଗରକୁ ସଂଯୋଗ କରୁଥିବା ରାସ୍ତା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ଆମ୍ବାଡସି ପକ୍ଷରୁ ୮୮. ୬୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ସମାପ୍ତିର ଶେଷ ତାରିଖ ଫେବୃୟାରୀ ୨୩ ଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ସମୟ ଅବଧିଠାରୁ ୪ ମାସ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନାଁ ଧରୁନାହିଁ। ଫଳରେ ଲୋକେ ଏକ ବିଲ ମଧ ଦେଇ ଯା’ଆସ କରନ୍ତି। ହେଲେ ବର୍ତ୍ତମାନ ମୌସୁମୀ ବର୍ଷା ଆରମ୍ଭ ହୋଇଥିବାରୁ ଲୋକେ କାଦୁଅ ପଚପଚ ରେ ଯିବା ଆସିବା କରୁଛନ୍ତି। ଏଭଳି ରାସ୍ତାରେ ସ୍କୁଲ ଯିବାକୁ ପିଲା ରାଜି ହେଉନାହାଁନ୍ତି। ଏଦିଗରେ ଜିଲାପାଳ ଦୃଷ୍ଟିଦେଇ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଜନସାଧାରଣ ଦାବି କରିଛନ୍ତି। ନଚେତ୍ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଡୁନମୁରା ସରପଞ୍ଚ ତରଣୀସେନ ବରିହାଙ୍କୁ ପଚାରିବାରୁ, ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ ଏ ବିଷୟରେ ଅବଗତ କରାଇଛି। ଯାଥାଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ ବରିହା କହିଛନ୍ତି।

## ଜେଏସ୍‌ଡବ୍ଲ୍ୟୁ ଖଣି ସମ୍ମୁଖରେ ବିକ୍ଷୋଭ

ଟେନ୍‌ସା,୨୭।୬ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ସେକ୍ଟରର ଜେଏସ୍‌ଡବ୍ଲ୍ୟୁ ଗଣୁଆଁ ଆଇରନ ଖଣି ସମ୍ମୁଖରେ ଗଣଧାରଣା ମଙ୍ଗଳବାର ୮ମ ଦିନରେ ପହଞ୍ଚିଛି। ୯ ଦଫା ଦାବି ନେଇ ସରପଞ୍ଚ ଓ ଗ୍ରାମବାସୀ ଗତ ୨୧ରୁ ଖଣି ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଖଣି ପରିବହନ ସେବାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରିଦେଇଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Required
Experienced Female Therapist for Saikrupa Panchakarma Spa, Bhubaneswar. Attractive Salary. Interested candidates Please Contact : 7328880289, 8984068077

"Arrise BPO Solutions Pvt. Ltd. is hiring Field Collection Executives and Field Team Leaders across locations pan-India for one of its leading NBFC Client.
Walk In Interview – 26th June 23 to 30th June 23.
Call : Sanjay Kamble 8080678029 / Gulam Husain 9326724966".

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଚୁକ୍ତିଭିତ୍ତିକ (ସମାନ ଗ୍ରେଡ୍ / ସ୍କେଲ୍) | ଖାଲି ପଦବୀ | ବିଜ୍ଞାପନ ସଂ. |
|---|---|---|---|---|
| 1 | ଆଡଭାଇଜର (ଫ୍ରଡ୍ ରିସ୍କ ମ୍ୟାନେଜମେନ୍ଟ) | ଟିଇଜିଏସ୍-VII ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/08 |
| 2 | ଭାଇସ୍ ପ୍ରେସିଡେଣ୍ଟ ସ୍ଟ୍ରେସ୍‌ସେଡ ଏସେଟ୍‌ସ ମାର୍କେଟିଂ) | ଟିଇଜିଏସ୍-VI ଡେପୁଟି ଜେନେରାଲ୍ ମ୍ୟାନେଜର | 01 | CRPD/SCO/ 2023-24/06 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 17.06.2023 ରୁ 10.07.2023 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ ।

ସ୍ଥାନ: ମୁମ୍ବାଇ
ତାରିଖ: 17.06.2023
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)



SMILE GOLD
Rath Yatra Offers
Exchange your Old Gold and take New HUID HallMark Ornaments with Zero Making Charges.
This Offers Valid From
RathYatra to Sunabesa (Only at Old Gold )
Fancy Market, Saheed Nagar, Bhubaneswar || Mob: +91-9438019696


# ଭୂତକୋଠି ପାଲଟିଛି ସ୍କୁଲଗୃହ

ଲାଠିକଟା,୨୭।୬(ରାମେଶ୍ୱର ଖାଡ଼ଙ୍ଗା)

ସାଗରନଗରୀ ଇସ୍ପାତ ହାଇ ସ୍କୁଲ ଏବେ ପାଲଟିଛି ଭୂତକୋଠି। ସନ୍ଧ୍ୟା ହେଲେ ଏଠାରେ ଦେହ ବେପାରଠାରୁ ଆରମ୍ଭ କରି ସବୁ ପ୍ରକାର ନିଶା କାରବାର ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସ୍କୁଲ ପଡ଼ିଆକୁ ମଧ ଜମି ମାଫିଆମାନେ ନିଜ ଅଧୀନକୁ ନେଇ ବିକ୍ରି କରିବାକୁ ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ୬ଏକରରୁ ଊର୍ଦ୍ଧ୍ୱ ଜାଗାରେ ଗଢ଼ି ଉଠିଥିବା ଏହି ସ୍କୁଲରେ ଅନେକ ପିଲା ପାଠପଢ଼ି ଦେଶରେ ସୁନାମ ଅର୍ଜନ କରିଛନ୍ତି। ହେଲେ ଏବେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଝରକା, କବାଟ, ଲାଇନ ତାର, ପାଣି ପାଇପ୍ ଦୁର୍ବୃତ୍ତ ତାଡ଼ି ନେଇଯାଇଛନ୍ତି। ଏଠାକାର ଅବସରପ୍ରାପ୍ତ ଶିକ୍ଷକ କହନ୍ତି, ଆମେ କେବେହେଲେ ଭାବି ନ ଥିଲୁ ଏ ସ୍କୁଲର ଅବସ୍ଥା ଏଭଳି ହେବ। ବାହାର ଦେଶରେ ଚାକିରି କରିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସମାନ ଅଭିଯୋଗ କରିଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

ଲହୁଣୀପଡ଼ା,୨୭।୬(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସମରଦରୀ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ରକ୍ସି ଅଞ୍ଚଳର ମଙ୍ଗଳ ମୁଣ୍ଡାରୀ। ଲହୁଣୀପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। ଉଲ୍ଲେଖଯୋଗ୍ୟ, ସେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦାବିରେ ଧାରଣା

ଲହୁଣୀପଡ଼ା,୨୭।୬(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ୩ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ବେଳେ ପ୍ରାୟ ୨୨୮ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଶ୍ରେଣୀ ଗୃହ ଅଭାବରୁ ଏବଂ ସ୍କୁଲ ରୂପାନ୍ତରଣ ହେଉଥିବାରୁ ଗୋଟିଏ ଶ୍ରେଣୀ ଗୃହ ଓ ବାରଣ୍ଡାରେ ଶିକ୍ଷା ପ୍ରଦାନ କରାଯାଉ ଥିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।


ଅଭିଭାବକମାନେ ବିଦ୍ୟାଳୟରେ ଧାରଣା ଦେଇଛନ୍ତି।

ଠିକାଦାରଙ୍କ ମନ୍ଥର ଗତି କାମକୁ ନେଇ ଅଭିଭାବକ ଓ ଏସଏମ୍‌ସି ମେମ୍ବରମାନେ କୋଇଡାରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ଅଭିଯୋଗ କରିବା ସହ ବଣେଇ ଉପଜିଲାପାଳଙ୍କୁ ପାଖରେ ମଧ୍ୟ ଅଭିଯୋଗ କରିଥିଲେ। ଶୀଘ୍ର କାମ ସାରିବା ପାଇଁ ଉପଜିଲାପାଳ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ସ୍କୁଲ ଖୋଲିବା ପୂର୍ବରୁ କାମ ସମ୍ପୂର୍ଣ୍ଣ ନ ହେବାରୁ ମଙ୍ଗଳବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ଧାରଣା ଦେଇଥିଲେ। ଖବରପାଇ ଭାରପ୍ରାପ୍ତ ବିଇଓ, ସିଆର୍‌ସିସି, କନିଷ୍ଠ ଯନ୍ତ୍ରୀ ପହଞ୍ଚି ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଅଭିଭାବକମାନେ କାମ ସମ୍ପୂର୍ଣ୍ଣ କରିବା ଦାବିରେ ଅଟଳ ରହିଥିଲେ। ଶେଷରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପହଞ୍ଚି ପ୍ରଶାସନ ଓ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଠିକା ସଂସ୍ଥା ପକ୍ଷରୁ ଜୁଲାଇ ୧୦ ସୁଦ୍ଧା ସ୍କୁଲ ଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଧାରଣାରୁ ଉଠିଥିବା ଜଣାପଡ଼ିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୨୮/୨୦୨୩ Bhubaneswar, Wednesday, June 28/ 2023




# ଆଜିଠାରୁ ଦୁଲୀପ ଟ୍ରଫି

**ବେଙ୍ଗାଲୁରୁ, ୨୭।୬ (ପି.ଟି.)**

ବୁଧବାର ଦୁଲିପ ଟ୍ରଫି ସହ ଭାରତର ଘରୋଇ କ୍ରିକେଟ ସିଜନ ଆରମ୍ଭ ହେବ। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ୱାର୍ଟରଫାଇନାଲ ମ୍ୟାଚ ଖେଳାଯିବ। ଆଲୁରଠାରେ କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ମ୍ୟାଚ ଖେଳାଯିବାକୁ ଥିବାବେଳେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଉତ୍ତରାଞ୍ଚଳକୁ ଭେଟିବ ଉତ୍ତରପୂର୍ବାଞ୍ଚଳ। ଆସନ୍ତା ମାସରେ ଏହି ଦୁଇଟି ମ୍ୟାଚର ବିଜେତା ସେମିଫାଇନାଲରେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳକୁ ଭେଟିବେ। ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ଗତ ସିଜନର ଚାମ୍ପିୟନ ଓ ଫାଇନାଲିଷ୍ଟ ଭାବେ ସିଧାସଳଖ ସେମିଫାଇନାଲ ଖେଳିବେ। ଭାରତୀୟ ଦଳ ପାଇଁ ଚୟନକର୍ତ୍ତାଙ୍କର ଏହି ଟୁର୍ନାମେଣ୍ଟ ଉପରେ ପୂରା ନଜର ରହିବ। ଆଇପିଏଲ୍‌ରେ କୋଲକାତା ନାଇଟ ରାଇଡର୍ସ ତରଫରୁ ଜବରଦସ୍ତ ପ୍ରଦର୍ଶନ ପରେ ରିଙ୍କୁ ସିଂ କ୍ରିକେଟ ମହଲରେ ବେଶ୍ ପରିଚୟ ସୃଷ୍ଟି କରିପାରିଛନ୍ତି। ରେଡ୍‌ବଲ କ୍ରିକେଟରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ରହିଥିଲେ ମଧ୍ୟ ସେ ତୁଳନାରେ ସେ ସେତେଟା ନାମ କମାଇପାରିନାହାନ୍ତି। ଗତ ସିଜନରେ ୭ଟି ରଣଜୀ ଟ୍ରଫି ମ୍ୟାଚ ଖେଳି ୬୨ରନ ଆଭରେଜରେ ୪୪୨ ରନ ସଂଗ୍ରହ କରିଥିଲେ। ତେଣୁ ତାଙ୍କୁ କେନ୍ଦ୍ରାଞ୍ଚଳ ଦଳରେ ଦେଖିବାକୁ ମିଳିବ। ବର୍ତ୍ତମାନ ସମୟରେ ପ୍ରଥମଶ୍ରେଣୀ କ୍ରିକେଟରେ ମୋଟ ଉପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ୟାଟରମାନଙ୍କ ମଧ୍ୟରେ ସେ ଅନ୍ୟତମ। ସେ ୪୦ଟି ମ୍ୟାଚରେ ୫୯.୮୯ ଆଭରେଜରେ ୭ ଶତକ ଓ ୧୯ ଅର୍ଦ୍ଧଶତକ ସମେତ ୨୮୭୫ ରନ କରିଛନ୍ତି। ରିଙ୍କୁ ଯଦି ତାଙ୍କ ପ୍ରଦର୍ଶନକୁ ଦୋହରାନ୍ତି ତେବେ ଭବିଷ୍ୟତରେ ତାଙ୍କ ନାମ ଭାରତୀୟ ଦଳ ପାଇଁ ବିଚାରକୁ ନିଆଯାଇପାରେ।

**କାର୍ଯ୍ୟସୂଚୀ:** ଜୁନ୍ ୨୮ରୁ ଜୁଲାଇ ୧: ଉତ୍ତରାଞ୍ଚଳ ବନାମ ଉତ୍ତର ପୂର୍ବାଞ୍ଚଳ, ଚିନ୍ନାସ୍ୱାମୀ ଷ୍ଟାଡିୟମ; କେନ୍ଦ୍ରାଞ୍ଚଳ ବନାମ ପୂର୍ବାଞ୍ଚଳ, ଅଲୁର। ମ୍ୟାଚ ଆରମ୍ଭ ସକାଳ ୯ଟା ୩୦।

# ଖାଣ୍ଡକର ଜୁନିୟର ମହିଳା ହକି ଦଳର ନୂଆ କୋଚ୍

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ହକି ଇଣ୍ଡିଆ ମଙ୍ଗଳବାର ପୂର୍ବତନ ଅଧିନାୟକ ତୁଷାର ଖାଣ୍ଡକରଙ୍କୁ ଜୁନିୟର ମହିଳା ହକି ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଛି। ଏହି ଦଳ ବର୍ତ୍ତମାନ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ହେଉଛି। ଏହା ନଭେମ୍ବର ୨୯ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ସାଣ୍ଟିଆଗୋଠାରେ ଖେଳାଯିବ। ଖାଣ୍ଡକରଙ୍କୁ ହରବିନ୍ଦର ସିଂଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଜାନୁୟାରୀରେ ଏରିକ୍ ଓନିଙ୍କ ପଦତ୍ୟାଗ କରି ଚାଲିଯିବା ପରେ ହରବିନ୍ଦରଙ୍କୁ ତାଙ୍କ ସ୍ଥାନରେ ଜଣେ କାମଚଳା କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ସୂଚନାଯୋଗ୍ୟ, ଉଭୟ ଜୁନିୟର ଓ ସିନିୟର ଦଳ ଦାୟିତ୍ୱରେ ରହିଥିବା ମହିଳା ମୁଖ୍ୟକୋଚ୍ ବର୍ତ୍ତମାନ ଏସିଆନ ଗେମ୍ସ ପ୍ରସ୍ତୁତି କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ଖାଣ୍ଡକରଙ୍କୁ ଜୁନିୟର ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ମିଳିଛି। ଖାଣ୍ଡକର ପୂର୍ବରୁ ୨୦୧୪ ଓ ୨୦୧୬ ମଧ୍ୟରେ ଜଣେ କୋଚ୍ ହିସାବରେ ଭାରତୀୟ ପୁରୁଷ ଦଳର ଅଂଶବିଶେଷ ଥିଲେ।


ତୁଷାର ଖାଣ୍ଡକର

ତାଙ୍କ ସମୟରେ ଭାରତୀୟ ଦଳ ଅନେକ ସଫଳତା ହାସଲ କରିଥିଲା। ତନ୍ମଧ୍ୟରେ ଲଣ୍ଡନରେ ଐତିହାସିକ ଚାମ୍ପିୟନ୍ସ ଟ୍ରଫି ୨୦୧୬ରେ ରୌପ୍ୟ, ଏସିଆନ ଚାମ୍ପିୟନଶିପ୍ ଟ୍ରଫିରେ ଏକ ସ୍ୱର୍ଣ୍ଣ ଏବଂ ରାୟପୁରରେ ବିଶ୍ୱ ହକି ଲିଗ୍‌୨୦୧୫ରେ ଏକ ବ୍ରୋଞ୍ଜ ଅନ୍ୟତମ।







## ADMISSION NOTICE - 2023-24

## GANGADHAR MEHER UNIVERSITY, AMRUTA VIHAR, SAMBALPUR

Gangadhar Meher University, Sambalpur offers popular Self-financing programs for the academic session 2023-24. Candidates seeking admission to MBA & MCA programs may apply through OJEE. Candidates interested for 4 year Int. B.Ed (Arts / Science) and 3 year BBA & B.Sc. IST programs are required to visit university website: **www.gmuniversity.ac.in** and **http://eadmission.gmuniversity.ac.in** for application form and other details.

| Programs | Duration | Annual fee | Eligibility & Admission Procedures |
|---|---|---|---|
| **MBA** (Subject to availability of seats after applicants of OJEE admission) | 2 Years | Rs.50,000/- | ⇨ Through OJEE<br>⇨ For remaining vacant seats, applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET may apply directly to the university. |
| **MBA-FM** (Financial Management) *(Subject to availability of seats after applicants of CPET admission) | 2 Years | Rs.40,000/- | ⇨ Applicants having 50% aggregate marks in degree and score cards of OJEE/CAT/MAT/XAT/ATMA/CPET or University's own test* may apply directly for the vacant seats after CPET admission. |
| **BBA** | 3 Years | Rs.35,000/- | ⇨ +2 Pass or equivalent, (Students are advised to apply after the notification of self-financing UG programs for academic session 2023-24 |
| **B. Sc.IST** (Information Science & Telecommunication) | 3 Years | Rs.35,000/- | ⇨ +2 Science or equivalent with Mathematics/Physics, (Students are advised to apply after the notification of self-financing UG programs for academic session 2023-24 |
| **Int. B.Ed** (Arts & Science) | 4 Years | BA B.ED. Rs.40,000/- & B. Sc. B.Ed. Rs.45,000/- | ⇨ For B.A B.ED.: +2 Pass or Equivalent<br>⇨ For B.Sc. B.Ed.: +2 Science Pass or Equivalent., (Students are advised to apply after the notification of self-financing UG programs for academic session 2023-24 |

** University own test: After the list of eligible candidates from the above entrance tests is exhausted, University will conduct an entrance test for the remaining seats, if any, for other applicants.*

**Last date for submission of application forms online has been extended up to 04.07.2023, 11.59 PM** (For BBA, B.Sc. IST and Integrated B.Ed. program). **Last date for submission of application forms is 15.07.2023 , 11.59 PM** (For MBA and MBA-FM program)

**For admission-related queries may contact – 8658313268, 9861283124, 8984161471** **Sd./- Registrar**



# ତନିଷ୍କ ଭେଟିଦେଉଛି 'ଦିବ୍ୟାନି'

## 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଗୁଣଗାନ'



ଟାଟା ଅଧୀନ ଭାରତର ସର୍ବବୃହତ୍ ପାଇକାରୀ ଗହଣା ବ୍ରାଣ୍ଡ ତନିଷ୍କ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐଶ୍ୱରୀୟ ଶକ୍ତିକୁ ସ୍ମରଣ କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ବିଶେଷ ଗହଣାର ସମ୍ଭାର 'ଦିବ୍ୟାନି'ର ଶୁଭାରମ୍ଭ କରିଛି । ଏହାକୁ ଉନ୍ମୋଚନ କରିଛନ୍ତି ତନିଷ୍କର ପୂର୍ବାଂଚଳ କ୍ଷେତ୍ରିୟ ବ୍ୟବସାୟ ପ୍ରବନ୍ଧକ ଶ୍ରୀ ଅଲୋକ ରଞ୍ଜନ ।



ରଥଯାତ୍ରାକୁ ଆହୁରି ଉତ୍ସବମୁଖର କରିବାକୁ ତନିଷ୍କ ଏକ ବିଶେଷ ଅଫରର ଘୋଷଣା କରିଛି । ତନିଷ୍କ ହୀରା ଗହଣା ମୂଲ୍ୟ ଏବଂ ସୁନା ଗହଣାର ଗଢ଼ା ମଜୁରି ଉପରେ ୨୦%* ପର୍ଯ୍ୟନ୍ତ ରିହାତିର ଘୋଷଣା କରିଛି । ଓଡ଼ିଶାରେ ତନିଷ୍କର ସମସ୍ତ ଷ୍ଟୋରରେ ଏହି ଅଫର ସୀମିତ ସମୟ ପାଇଁ ଉପଲବ୍ଧ ହେବ ।

ତନିଷ୍କର ସଦ୍ୟତମ ରଥଯାତ୍ରା ସମାହାର ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଦ୍ୱାରା ଅନୁପ୍ରେରିତ ଓ ଏହାର ହାତତିଆରି ଗହଣା ଓଡ଼ିଆ ନାରୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ ଏଥିରେ ତିଳେମାତ୍ର ଦ୍ୱିରୁକ୍ତି ନାହିଁ । କୋଣାର୍କର ବିଶ୍ୱବିଦିତ ସୂର୍ଯ୍ୟ ମନ୍ଦିର ଠାରୁ ଆରମ୍ଭ କରି ଭୁବନେଶ୍ୱର ଲିଙ୍ଗରାଜ ଓ ମୁକ୍ତେଶ୍ୱର ମନ୍ଦିରର ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭବ୍ୟ ନିର୍ମାଣଶୈଳୀ ପର୍ଯ୍ୟନ୍ତ ଏହି ସମାହାର ଏଠାକାର ସମୃଦ୍ଧ ସାଂସ୍କୃତିକ ଏବଂ ସ୍ଥାପତ୍ୟ କଳାର ଗୁଣଗାନ କରୁଛି । ଏହି ସମାହାର ଆହୁରି ମଧ୍ୟ ପାରମ୍ପରିକ ଲୋକକଥା, ପ୍ରଥା ଏବଂ କାହାଣୀ ଦ୍ୱାରା ପ୍ରଭାବିତ ଇକତ ଏବଂ ପଟ୍ଟଚିତ୍ର ଭଳି ସ୍ଥାନୀୟ କଳା ଓ ହସ୍ତକଳାର ମହିମାଗାନ କରୁଛି । ଏହି ଗହଣା ସମ୍ଭାରରେ ଆହୁରି ମଧ୍ୟ ରଥଯାତ୍ରାର ବିଭିନ୍ନ ଡିଜାଇନ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଯଥାସମ୍ଭବ ଚେଷ୍ଟା କରାଯାଇଛି । ଭାରତର ସ୍ଥାପତ୍ୟ ଏବଂ କଳାତ୍ମକ ପ୍ରବୃତ୍ତି ର ଏହି ଚମତ୍କାର ଉଦାହରଣଗୁଡ଼ିକ ଜଟିଳ ତାରକାସି, ଲେଜର କଟିଂ ଏବଂ ୩-ଡାଇମେନସନାଲ ଷ୍ଟେପିଂ-ଇନ୍ ୟୁନିଟ୍ ମାଧ୍ୟମରେ ବିସ୍ତୃତ ଷ୍ଟାମ୍ପ ଏବଂ ତାର କାରୁକାର୍ଯ୍ୟ ଦ୍ୱାରା ହାସଲ କରାଯାଇଛି ।



ନୂତନ ସମାହାରର ଶୁଭାରମ୍ଭ ବିଷୟରେ ସୂଚନା ଦେଇ ତନିଷ୍କ ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ଶ୍ରୀ ଅଲୋକ ରଞ୍ଜନ କହିଛନ୍ତି, "ଏପରି ଏକ ଦୁନିଆକୁ ଯାଅ, ଯେଉଁଠାରେ ପ୍ରାଚୀନ ମନ୍ଦିର ଏବଂ କାଳଜୟୀ କାରିଗରି ଏକତ୍ରିତ ହୁଅନ୍ତି - ଆମେ ଗର୍ବର ସହ ଆମର ରଥଯାତ୍ରା ସମାହାର 'ଦିବ୍ୟାନି' ଉନ୍ମୋଚନ କରୁଛୁ । ତନିଷ୍କ ହେଉଛି ଓଡ଼ିଆ ନାରୀଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବାକୁ ହାତତିଆରି ଅଳଙ୍କାର ସମାହାର । ଓଡ଼ିଶାର ପରମ୍ପରା ଏବଂ ସଂସ୍କୃତି ଦ୍ୱାରା ଅନୁପ୍ରେରିତ ଆମର ସମାହାର, ଏହାର ଚମତ୍କାର ମନ୍ଦିର ଏବଂ ହସ୍ତଶିଳ୍ପ ସମେତ ଓଡ଼ିଶାର ସମୃଦ୍ଧ ଆତ୍ମା ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ହୃଦୟରୁ ଶ୍ରଦ୍ଧାଞ୍ଜଳି । ତନିଷ୍କର ପ୍ରତ୍ୟେକ ଗହଣା ଗୋଟିଏ ଗୋଟିଏ ଚମତ୍କାର କୃତି, ଯାହା ଓଡ଼ିଶାର ଭବ୍ୟ ମନ୍ଦିର ଏବଂ ରଥଯାତ୍ରାର ପ୍ରତ୍ୟେକ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିଦେଇଥାଏ । ଏହି ମୂଲ୍ୟବାନ ଗହଣାକୁ ଧାରଣ କରିବା ସମୟରେ ତୁମର ହୃଦୟ ସଗର୍ବେ ଫୁଲିଉଠୁ ଏବଂ ତନିଷ୍କର ଅଂଶ ହୋଇ ତୁମେ ସବୁ ସୀମାକୁ ଉଲ୍ଲଂଘନ କରିଯାଅ । ଆମ ରଥଯାତ୍ରା ସମାହାରର ଯାଦୁକୁ ଅନୁଭବ କରି ଓଡ଼ିଶାର ଏକତା ଏବଂ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତୁ । ତନିଷ୍କ ତରଫରୁ ସମସ୍ତଙ୍କୁ ରଥଯାତ୍ରାରେ ହାର୍ଦ୍ଦିକ ଶୁଭକାମନା ।"

TANISHQ

### ତନିଷ୍କ ବିଷୟରେ ଦୁଇପଦ

ଟାଟା ଗ୍ରୁପର ଭାରତର ସବୁଠାରୁ ପ୍ରିୟ ଅଳଙ୍କାର ବ୍ରାଣ୍ଡ ତନିଷ୍କ ଦୁଇ ଦଶନ୍ଧି ଧରି ଉନ୍ନତ କାରିଗରି, ସ୍ୱତନ୍ତ୍ର ଡିଜାଇନ ଏବଂ ଗ୍ୟାରେଣ୍ଟିଯୁକ୍ତ ଏବଂ ଗୁଣବତ୍ତା। ଉତ୍ପାଦ ପ୍ରସ୍ତୁତ କରିଆସୁଛି । ଏହା ଦେଶର ଏକମାତ୍ର ଅଳଙ୍କାର ବ୍ରାଣ୍ଡ ଯାହା ଭାରତୀୟ ମହିଳାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରି ପାରମ୍ପରିକ ଏବଂ ସମସାମୟିକ ଗହଣା ପ୍ରସ୍ତୁତ କରିବାର ଭରସା ଜିତିପାରିଛି । ତନିଷ୍କର ବର୍ତ୍ତମାନ ୨୦୦ରୁ ଅଧିକ ସହରରେ ୪୦୦ରୁ ଅଧିକ ପାଇକାରୀ ଷ୍ଟୋର ରହିଛି ।

*ନିୟମ ଓ ସର୍ତ୍ତାବଳୀ ଲାଗୁ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ